



- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-246 ◆TUESDAY ◆03 MARCH 2026 ◆PAGE-12 ◆₹ 7.00 | JEYPORE | ◆ବର୍ଷ-୪୩ ◆ସଂଖ୍ୟା-୨୪୬ ◆ମଙ୍ଗଳବାର ◆୦୩ ମାର୍ଚ୍ଚ ୨୦୨୬ ◆ପୃଷ୍ଠା-୧୨ ◆ଟ.୭.୦୦


**'ସକାଳ'ର ଛୁଟି**

ପବିତ୍ର ଦୋଳ ପୂର୍ଣ୍ଣିମା ଓ ହୋଲି ଉପଲକ୍ଷେ ମାର୍ଚ୍ଚ ୩ ଓ ୪ ତାରିଖ ଛୁଟି ରହୁଥିବାରୁ 'ସକାଳ'ର ମାର୍ଚ୍ଚ ୪ ଓ ୫ ତାରିଖ ସଂସ୍କରଣ ବନ୍ଦ ରହିବ । ପରବର୍ତ୍ତୀ ସଂସ୍କରଣ ୬ ତାରିଖ (ଶୁକ୍ରବାର) ପ୍ରକାଶ ପାଇବ ।

- ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ

# ଭୟଙ୍କର ଯୁଦ୍ଧ

## ୧୭ ଦେଶ ଉପରେ ଇରାନର ଆକ୍ରମଣ ■ ଥରୁଛି ଦୁବାଇ, ଦୋହା, ଆବୁଧାବୀ



### ଆୟାତୁଲ୍ଲା ଅଲିରେଜା ମୃତ!

ନୂଆଦିଲ୍ଲୀ, ୨।୩(ଏଜେନ୍ସି): ଇରାନ ସର୍ବୋଚ୍ଚ ନେତା ଆୟାତୁଲ୍ଲା ଅଲି ଖାମନେଇଙ୍କ ମୃତ୍ୟୁ ପରେ ତାଙ୍କ ସ୍ଥାନ ନେଇଥିବା ଅନ୍ତରୀଣ ସର୍ବୋଚ୍ଚ ନେତା ଆୟାତୁଲ୍ଲା ଅଲିରେଜା ଆରାଫିଙ୍କୁ ନେଇ ସସ୍ପେନ୍ସ ଜାରି ରହିଛି । ଆମେରିକା-ଇସ୍ରାଏଲ ଏୟାର ଷ୍ଟ୍ରାଇକ୍‌ରେ ସେ ପ୍ରାଣ ହରାଇଥିବା ନେଇ ଚର୍ଚ୍ଚା ଜୋର ଧରିଛି । ତେବେ ଏହି ଖବରକୁ ନେଇ ଏପର୍ଯ୍ୟନ୍ତ କୌଣସି ସ୍ପଷ୍ଟୀକରଣ ମିଳିନାହିଁ ।



ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏକ ସାକ୍ଷାତକାରରେ କହିଛନ୍ତି ଯେ, ଶନିବାର ହୋଇଥିବା ଆକ୍ରମଣ ଏତେ ସଫଳ ଥିଲା ଯେ ଏଥିରେ ଇରାନର ସର୍ବୋଚ୍ଚ ନେତା ହେବାକୁ ଥିବା ପ୍ରାୟ ସମସ୍ତ ସମ୍ଭାବ୍ୟ ପ୍ରାର୍ଥୀ ପ୍ରାଣ ହରାଇଛନ୍ତି । ଆମେ ଯେଉଁମାନଙ୍କ କଥା ଭାବୁଥିଲୁ, ସେମାନେ ▶ପୃଷ୍ଠା-୭

■ ଇସ୍ରାଏଲ ପ୍ରଧାନମନ୍ତ୍ରୀଙ୍କ ଅଫିସ ଉପରେ କ୍ଷେପଣାସ୍ତ୍ର ମାଡ଼
■ ସାଉଦିର ତନୁରା ତୈଳ ବିଶୋଧନାଗାରକୁ ନିଶାଣ
■ ଇରାନରେ ୩ ହଜାର ବୋମା ମାଡ଼; ୫୫୫ ମୃତ, ୭୦୦ ଆହତ

■ ତେହରାନ, ୨।୩ (ଏଜେନ୍ସି): ଇରାନ, ଇସ୍ରାଏଲ ଏବଂ ଆମେରିକା ମଧ୍ୟରେ ଚାଲିଥିବା ଯୁଦ୍ଧ ତୃତୀୟ ଦିନରେ ଆହୁରି ଭୟଙ୍କର ରୂପ ଧାରଣ କରିଛି । ଇରାନ ରକ୍ତମୁଖା ହୋଇ ସମ୍ପୂର୍ଣ୍ଣ ମଧ୍ୟପ୍ରାଚ୍ୟ ଉପରେ ଆକ୍ରମଣ ଚଳାଇଛି । ଏହି ଆକ୍ରମଣରେ ଇରାନକୁ ଆତଙ୍କବାଦୀ ଗୋଷ୍ଠୀ ମଧ୍ୟ ସମର୍ଥନ ଦେଇଛନ୍ତି । ଏହା ଯୁଦ୍ଧର ପରିସରକୁ ବଢ଼ାଇ ଦେଇଛି । କୁଏତ ଘାଟୀରୁ ଉଡ଼ାଣ ଆରମ୍ଭ କରୁଥିବା ଆମେରିକାର ଅନେକ ଯୁଦ୍ଧ ବିମାନକୁ ଇରାନ ଡ୍ରୋନ ଏବଂ କ୍ଷେପଣାସ୍ତ୍ର ମାଡ଼ କରି ଧ୍ୱଂସ କରିଦେଇଛି । ପରେ ସାଉଦି ଆରବର ତୈଳ ଠିକଣାରେ ଆକ୍ରମଣ କରିଛି । ଏହି ଆକ୍ରମଣରେ ସାଉଦିର ତନୁରା ରିଫାଇନାରିକୁ ନିଶାଣ କରାଯାଇଛି । ଏଠାରୁ ହିଁ ଆରାମକୋ କମ୍ପାନୀ ପରିଚାଳିତ ହୋଇଥାଏ । ଏହି ଆକ୍ରମଣ ବିଶ୍ୱର ତୈଳ ବଜାରକୁ ଅସ୍ଥିର କରିଦେଇଛି । ତୁର୍କୀ, କାତାର ଭଳି ଦେଶରେ ଥିବା ଆମେରିକା ଠିକଣାକୁ ମଧ୍ୟ ଇରାନ ଛାଡ଼ି ନାହିଁ । ସବୁ ଦେଶ ଉପରେ ଡ୍ରୋନ/କ୍ଷେପଣାସ୍ତ୍ର ମାଡ଼ କରି ଭୟଙ୍କର ସ୍ଥିତି ସୃଷ୍ଟି କରିଛି । ଆଜି ମୋଟ ୧୭ ଦେଶ ଏବଂ ଠିକଣାରେ ଇରାନ ଆକ୍ରମଣ କରିଛି । ଆକ୍ରମଣରେ ଅବୁଧାବି, ଦୋହା, ଦୁବାଇ ଥରହର । ସେହିପରି ଇରାନ ସମର୍ଥିତ ଆତଙ୍କବାଦୀ ଗୋଷ୍ଠୀ ହିଜବୁଲ୍ଲା ଇସ୍ରାଏଲରେ ଆକ୍ରମଣ କରି ଆତଙ୍କ ସୃଷ୍ଟି କରିଛି । ପାକିସ୍ତାନ ଉପରେ ଆକ୍ରମଣ କରିବାକୁ ଧମକ ଦେଇଥିବା ଇରାନ ଆଜି ଇସ୍ରାଏଲ ପ୍ରଧାନମନ୍ତ୍ରୀ ନେତନ୍ୟାହୁଙ୍କ ତେଲ ଆଭିଭ ଅଫିସ ଉପରେ ଭୀଷଣ ଆକ୍ରମଣ କରିଛି । ଏହାର ଜବାବ ଦେଇ ଇସ୍ରାଏଲ ବେରୁଟର ସଦର୍ଣ୍ଣ ସୁବୁର୍ବ୍ସ ଏବଂ ଦକ୍ଷିଣ ଲେବାନନରେ ବୋମା ମାଡ଼ କରିଛି । ଏଥିରେ ହିଜବୁଲ୍ଲାର ଗୁଇନ୍ଦା ମୁଖ୍ୟଙ୍କ ସମେତ ୩୧ ଜଣ ପ୍ରାଣ ହରାଇଛନ୍ତି । ଯୁଦ୍ଧର ▶ପୃଷ୍ଠା-୭

## ବୈଦେଶିକ ବ୍ୟାପାର ମନ୍ତ୍ରୀଙ୍କୁ ଅନୁରୋଧ କଲେ ନବୀନ

# ଓଡ଼ିଆଙ୍କ ସୁରକ୍ଷିତ ପ୍ରତ୍ୟାବର୍ତ୍ତନ ପାଇଁ ପଦକ୍ଷେପ ନିଅନ୍ତୁ

■ ଭୁବନେଶ୍ୱର,୨।୩(ସମିସ): ମଧ୍ୟପ୍ରାଚ୍ୟରେ ଯୁଦ୍ଧ ବ୍ୟାପକ ହେଉଥିବା ବେଳେ ବିଭିନ୍ନ ଦେଶରେ ବହୁ ସଂଖ୍ୟାରେ ଓଡ଼ିଆ ଫସି ରହିଛନ୍ତି । ଏହାକୁ ନେଇ ଚିନ୍ତା ପ୍ରକଟ କରିଛନ୍ତି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ । ଯୁଦ୍ଧ କ୍ଷେତ୍ର ଅଞ୍ଚଳରେ ଫସି ରହିଥିବା ଓଡ଼ିଆଙ୍କ ତୁରନ୍ତ ଉଦ୍ଧାର ସହ ସୁରକ୍ଷିତ ପ୍ରତ୍ୟାବର୍ତ୍ତନ ପାଇଁ ନବୀନ କେନ୍ଦ୍ର ସରକାର ତଥା ବୈଦେଶିକ



ବ୍ୟାପାର ମନ୍ତ୍ରୀ ଡ. ଏସ୍ ଜୟଶଙ୍କରଙ୍କୁ ଅନୁରୋଧ କରିଛନ୍ତି ।

ସାମାଜିକ ଗଣମାଧ୍ୟମ ଏକ୍ସରେ କରି ନବୀନ କହିଛନ୍ତି ଯେ ମଧ୍ୟପ୍ରାଚ୍ୟରେ କ୍ରମାଗତ ଭାବେ ବଢ଼ୁଥିବା ସଂଘର୍ଷ ଯୋଗୁଁ ଓଡ଼ିଶାର ଅନେକ ନାଗରିକ ବର୍ତ୍ତମାନ ସେଠାରେ ଅଟକି ରହିଛନ୍ତି । ଏଥିରେ ପ୍ରବାସୀ ଶ୍ରମିକ, ବୃତ୍ତିଜୀବୀ, ଛାତ୍ରଛାତ୍ରୀ ଏବଂ ପର୍ଯ୍ୟଟକମାନେ ଅନ୍ତର୍ଭୁକ୍ତ । ବିମାନ ଯାତାୟତରେ ବ୍ୟାପକ ବ୍ୟାଘାତ ସୃଷ୍ଟି ▶ପୃଷ୍ଠା-୭


Admission Going on
TETRAHEDRON GROUP OF INSTITUTIONS
TANGI, CUTTACK -754022
Best Wishes Class 10th Champions !
: 8093064500, 8093064522, 8093064525
ONE YEAR NEET & JEE COURSE STARTS FROM 30TH MARCH
CHSE SUMMER COURSE STARTS FROM 30TH MARCH
2025 : 127 MBBS ADMISSIONS
2024 : 71 MBBS ADMISSIONS
2023 : 54 MBBS ADMISSIONS
Mentor Mr. Tridib Behera
CHAT WITH US ON WHATSAPP : 7008222977
OUR CHSE RESULTS - 2025
100% RESULT
Above 95% 14 STUDENTS | Above 560 51 STUDENTS | Above 90% 199 STUDENTS | Above 89% 236 STUDENTS
581 ABINASH PANDA R. NO. : 312CZ142 MOB. : 8926374475
580 ANANYA ANUPRITA R.NO. : 321CZ001 M. : 6372522094
Above 88% 285 STUDENTS | Above 500 536 STUDENTS | Above 80% 714 STUDENTS
Above 75% 902 STUDENTS | Above 70% 1023 STUDENTS | Above 60% 1120 STUDENTS
MBBS RESULTS
127 MBBS ADMISSIONS IN 2025: AIIMS 5 STUDENTS | SCB, CUTTACK 11 STUDENTS | MKCG, BERHAMPUR 17 STUDENTS | VIMSAR, BURLA 6 STUDENTS | PRM, BARIPADA 10 STUDENTS | FM, BALASORE 7 STUDENTS
71 MBBS ADMISSIONS IN 2024: AIIMS 5 STUDENTS | SCB, CUTTACK 8 STUDENTS | MKCG, BERHAMPUR 9 STUDENTS | VIMSAR, BURLA 6 STUDENTS
54 MBBS ADMISSIONS IN 2023: AIIMS 2 STUDENTS | SCB, CUTTACK 9 STUDENTS | MKCG, BERHAMPUR 13 STUDENTS | VIMSAR, BURLA 5 STUDENTS
Visit our Website :
CHSE : www.tetrahedrontangi.com
NEET & JEE : www.tetrahedroncoaching.com
TETRAHEDRON HIGHER SECONDARY SCHOOL
TETRAHEDRON WOMEN'S HIGHER SECONDARY SCHOOL
TETRAHEDRON RESIDENTIAL COACHING FOR NEET, JEE & CBSE (XI)
TETRAHEDRON KIND INTERNATIONAL SCHOOL
: 8093064525, 9040363480, 81444 59343, 8093064522



ସତ୍ୟମେବ ଜୟତେ

ପବିତ୍ର ହୋଲି ଅବସରରେ ଓଡ଼ିଶାର ମାନ୍ୟବର ରାଜ୍ୟପାଳଙ୍କ ବାର୍ତ୍ତା
ଆନନ୍ଦ, ହର୍ଷ ଓ ଉଲ୍ଲାସର ପର୍ବ ପବିତ୍ର ହୋଲି ଅବସରରେ ମୁଁ ରାଜ୍ୟବାସୀ ଭାଇଭଉଣୀମାନଙ୍କୁ ମୋର ଆନ୍ତରିକ ଶୁଭେଚ୍ଛା ଓ ହାର୍ଦ୍ଦିକ ଅଭିନନ୍ଦନ ଜଣାଉଛି । ଏହି ପର୍ବ ରାଜ୍ୟ ତଥା ରାଜ୍ୟ ବାହାରେ ରହୁଥିବା ସମସ୍ତ ଓଡ଼ିଆଙ୍କର ଜୀବନରେ ସୁଖ, ଶାନ୍ତି ଓ ଆନନ୍ଦ ଭରିଦେଉ, ଏତିକି କାମନା କରୁଛି ।
(ହରି ବାବୁ କମ୍ଭମପାଟି)
OIPR-15001/15001/2/25-26/0005



15001/5/2526

ହୋଲି ଅବସରରେ ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା
ରଙ୍ଗ ଓ ଆନନ୍ଦର ଉତ୍ସବ ହୋଲି ଅବସରରେ ରାଜ୍ୟବାସୀ ଭାଇ ଓ ଭଉଣୀମାନଙ୍କୁ ମୋର ଆନ୍ତରିକ ଶୁଭେଚ୍ଛା ଓ ଶୁଭକାମନା ଜଣାଉଛି । ରଙ୍ଗର ପର୍ବ ହୋଲି ସମସ୍ତଙ୍କ ଜୀବନରେ ସୁଖ, ଶାନ୍ତି ଓ ସମୃଦ୍ଧି ଭରିଦେଉ ଏବଂ ଭାଇଚାରା ଓ ସାମାଜିକ ସଦ୍‌ଭାବକୁ ଆହୁରି ସୁଦୃଢ଼ କରୁ, ଏହା ହିଁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ମୋର ପ୍ରାର୍ଥନା ।
(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା

ସକାଳ THE SAKALA
www.sakalaepaper.com






# ଧ୍ୱଂସର ତାଣ୍ଡବ



# କୂଟନୀତି ଠପ୍, ବ୍ୟାପୁଛି ମହାଯୁଦ୍ଧ

# ଆମେରିକାର ଅନେକ ଯୁଦ୍ଧ ବିମାନ ଧ୍ୱଂସ

ତେହେରାନ, ୨।୩: ମଧ୍ୟପ୍ରାଚ୍ୟରେ ଯୁଦ୍ଧ ବିଭୀଷିକା ବଢ଼ି ଚାଲିଛି। ଏହି ଯୁଦ୍ଧର ଆଁରେ କେବଳ ଇରାନ ନୁହେଁ, ଇସ୍ରାଏଲ ଏବଂ ଆମରିକାର ମଧ୍ୟ କ୍ଷତି ହୋଇଛି। ଆମେରିକାର ଅନେକ ଲଢୁଆ ବିମାନ ଏବଂ ଯୁଦ୍ଧ ଜାହାଜ ଧ୍ୱଂସ ହୋଇଯାଇଛି । କୁଏତରୁ ଏହାର ଜ୍ୱଳନ୍ତ ଉଦାହରଣ ସାମ୍ନାକୁ ଆସିଛି। ଆମେରିକାର ତିନୋଟି ଏଫ-୧୫ଇ ଯୁଦ୍ଧ ବିମାନ ଦୁର୍ଘଟଣାର ଶିକାର ହୋଇ ତଳକୁ ଖସି ପଡ଼ିଛି। ଏକ ବିମାନ ଆକାଶ ମାର୍ଗରୁ ଖସୁଥିବାର ଭିଡିଓ ଭାଇରାଲ ହେବାରେ ଲାଗିଛି। ତେବେ ଭୁଲରେ ଦେଶର ତିନି ଯୁଦ୍ଧ ବିମାନକୁ କୁଏତ ଏୟାର ଡିଫେନ୍ସ ଖସାଇ ଦେଇଛି ବୋଲି ଆମେରିକା ପକ୍ଷରୁ କୁହାଯାଇଛି। ମାତ୍ର ସମସ୍ତ ୬ ଜଣ କ୍ର୍ୟୁ ସଦସ୍ୟ ସୁରକ୍ଷିତ ଅଛନ୍ତି। ଯୁଦ୍ଧ ବିମାନ ତଳେ ପଡ଼ିବା ପୂର୍ବରୁ ସେମାନେ ବାହାରି ଆସିଥିଲେ। ବର୍ତ୍ତମାନ ସମସ୍ତଙ୍କ ଚିକିତ୍ସା ଜାରି ରହିଛି। କୁଏତ ମଧ୍ୟ ଏହା ସ୍ୱୀକାର କରିଛି। ମାତ୍ର କୁଏତର ଏହି ପଦକ୍ଷେପକୁ ଆମେରିକା ପ୍ରଶଂସା କରିଛି। ଇରାନ ଅଭିଯାନରେ ସମର୍ଥନ ଦେଇଥିବାରୁ ଧନ୍ୟବାଦ ଦେଇଛି। ଏହା ପୂର୍ବରୁ କୁଏତ ପ୍ରତିରକ୍ଷା ମନ୍ତ୍ରଣାଳୟର ଜଣେ ପ୍ରବକ୍ତା କହିଥିଲେ ଯେ ସୋମବାର ସକାଳେ ଆମେରିକା ସେନାର ଏକାଧିକ ବିମାନ ଦୁର୍ଘଟଣାଗ୍ରସ୍ତ ହୋଇଛି। ମାତ୍ର ସମସ୍ତ କ୍ରୁ ସଦସ୍ୟ ସୁରକ୍ଷିତ ଅଛନ୍ତି। ଏହି ଘଟଣାକୁ ନେଇ ଆମେରିକୀୟ ସେନା ସହିତ ପ୍ରତ୍ୟକ୍ଷ ସମନ୍ୱୟ ରକ୍ଷା କରାଯାଉଛି। ମିଳିତ ଭାବେ ବୈଷୟିକ ପଦକ୍ଷେପ ଗ୍ରହଣ କରାଯାଇଛି। ଦୁର୍ଘଟଣାର ପ୍ରକୃତ କାରଣ ଜାଣିବା ପାଇଁ ଅଧିକ ତଦନ୍ତ ଜାରି ରହିଛି।



କୌଣସି ଗୁଜବରେ ବିଶ୍ୱାସ ନ କରି କେବଳ ସରକାରୀ ସୂତ୍ର ଉପରେ ଭରସା କରିବାକୁ ଜନସାଧାରଣଙ୍କୁ ଅନୁରୋଧ କରାଯାଇଥିଲା।

ସକାଳେ ଭାଇରାଲ ହୋଇଥିବା ଭିଡିଓରେ ଥିବା ବିମାନଟି 'ପାଟ୍ରିଅଟ୍ ଏୟାର ଡିଫେନ୍ସ ବ୍ୟବସ୍ଥା ଦ୍ୱାରା ଭୁଲ୍ ବଶତଃ ଆକ୍ରମଣର ଶିକାର ହୋଇଥିବା ସନ୍ଦେହ କରାଯାଇଥିଲା। ମାତ୍ର ଏକାଧିକ ବିମାନ ଦୁର୍ଘଟଣାଗ୍ରସ୍ତ ହୋଇଥିବାରୁ ଏହି ଦାବି ଭରସାଯୋଗ୍ୟ ନୁହେଁ ବୋଲି କୁହାଯାଉଥିଲା। ପାଟ୍ରିଅଟ୍ ଭଳି ଆଧୁନିକ ପ୍ରତିରକ୍ଷା ପ୍ରଣାଳୀରେ ଶତ୍ରୁ କିମ୍ବା ମିତ୍ର ବିମାନକୁ ଚିହ୍ନଟ କରିବା ପାଇଁ ଉନ୍ନତ ରାଡାର ଏବଂ ଏନକ୍ରିପ୍ଟେଡ୍ ଯୋଗାଯୋଗ ବ୍ୟବସ୍ଥା ରହିଛି। କିନ୍ତୁ ଯୁଦ୍ଧ ସମୟରେ ଏଭଳି ଆକ୍ରମଣରେ ନିଜ ବିମାନ ଦୁର୍ଘଟଣାଗ୍ରସ୍ତ ହେବାର ଅନେକ ନଜିର ମଧ୍ୟ ରହିଛି। ତଦନ୍ତ ପରେ କୁଏତ ଏୟାର ଡିଫେନ୍ସ ସିଷ୍ଟମ ଆମେରିକା ବିମାନକୁ ଖସାଇ ଥିବା ସ୍ପଷ୍ଟ ହୋଇଥିଲା।

## ଆମେରିକାକୁ ଅନୁମତି ଦେଲା ବ୍ରିଟେନ, ସ୍ପେନ୍ କିନ୍ତୁ ମନାକରିଦେଲା

ଲଣ୍ଡନ, ୨।୩ (ଏଜେନ୍ସି): ଇରାନ ସଂଘର୍ଷ ମଧ୍ୟରେ ବ୍ରିଟେନ ନିଜ ଆଭିମୁଖ୍ୟ ପରିବର୍ତ୍ତନ କରିଛି। ଆମେରିକାର ଅନୁରୋଧକୁ ବ୍ରିଟେନ ପ୍ରଧାନମନ୍ତ୍ରୀ କିର୍ ଷ୍ଟାର୍ମର ଗ୍ରହଣ କରିଛନ୍ତି। ଦେଶର ସାମରିକ ଘାଟୀ ବ୍ୟବହାର ପାଇଁ ଆମେରିକାକୁ ଅନୁମତି ଦେଇଛନ୍ତି। ନିର୍ଦ୍ଦିଷ୍ଟ ଏବଂ ସୀମିତ ପ୍ରତିରକ୍ଷା ଉଦ୍ଦେଶ୍ୟରେ ବ୍ୟବହାର ପାଇଁ ଅନୁମତି ଦିଆଯାଇଛି। ବ୍ରିଟେନ ପ୍ରଧାନମନ୍ତ୍ରୀ କିର୍ ଷ୍ଟାର୍ମର କହିଛନ୍ତି ଯେ, କ୍ଷେତ୍ରୀୟ ସ୍ତରରେ ଇରାନର ସମ୍ଭାବ୍ୟ ଆକ୍ରମଣକୁ ରୋକିବା ପାଇଁ ଆମେରିକାକୁ ବ୍ରିଟିଶ ସାମରିକ ବେସ୍ ବ୍ୟବହାର କରିବାକୁ ଅନୁମତି ଦିଆଯିବ। ଇରାନର କ୍ଷେପଣାସ୍ତ୍ର ଘାଟିଗୁଡ଼ିକୁ ଟାର୍ଗେଟ କରିବା ପାଇଁ ଏହି ପଦକ୍ଷେପ ନିଆଯାଇଛି। ଇରାନ ଉପରେ ଆମେରିକା-ଇସ୍ରାଏଲର ପ୍ରାରମ୍ଭିକ ଆକ୍ରମଣରେ ବ୍ରିଟେନ ସାମିଲ ନ ଥିଲା। ବର୍ତ୍ତମାନ ମଧ୍ୟ କୌଣସି ଆକ୍ରମଣାତ୍ମକ କାର୍ଯ୍ୟାନୁଷ୍ଠାନରେ ଦେଶ ଯୋଗ ଦେବ ନାହିଁ। ଇରାନକୁ କ୍ଷେପଣାସ୍ତ୍ର ମାଡ଼ରୁ ରୋକିବା, ନିରୀହ ନାଗରିକଙ୍କୁ ରକ୍ଷା କରିବା ଏବଂ ବ୍ରିଟିଶ ନାଗରିକଙ୍କ ଜୀବନ ବଞ୍ଚାଇବା ପାଇଁ ଏହି ଅନୁରୋଧକୁ ଗ୍ରହଣ କରାଯାଇଛି। ଏହି ନିଷ୍ପତ୍ତି ସାମୂହିକ ଆତ୍ମରକ୍ଷା ନୀତି ଏବଂ ଆନ୍ତର୍ଜାତୀୟ ନିୟମ ଅନୁଯାୟୀ ନିଆଯାଇଛି। ଇରାନର କ୍ଷେପଣାସ୍ତ୍ର ସାଇଟରେ ଆକ୍ରମଣ ପାଇଁ ସାଇପ୍ରସର ଆକ୍ରୋଟାରୀ ଘାଟୀ ବ୍ୟବହାର କରିବାକୁ ଅନୁମତି ଦେଇଥିଲା। ଏବେ ଇରାନ ଏହାର ପ୍ରତିଶୋଧ ନେଇଛି। ସାଇପ୍ରସ ସ୍ଥିତ ବ୍ରିଟିଶ ରୟାଲ ଏୟାର ଫୋର୍ସ (ଆରଏଏଫ)ର ଏହି ଘାଟୀ ଉପରେ ଡ୍ରୋନ ଆକ୍ରମଣ କରିଛି। ରବିବାର ବିଳମ୍ବିତ ରାତିରେ ହୋଇଥିବା ଏହି ଆକ୍ରମଣରେ ଘାଟୀ ସାମାନ୍ୟ କ୍ଷତିଗ୍ରସ୍ତ ହୋଇଥିବା ବେଳେ କେହି ମୃତାହତ ହୋଇ ନ ଥିବା ଜଣାପଡ଼ିଛି। ଅନ୍ୟପକ୍ଷରେ ଇରାନର ସୁପ୍ରିମ ନେତା ଖାମନେଇଙ୍କ ମୃତ୍ୟୁକୁ ଫ୍ରାନ୍ସ ରାଷ୍ଟ୍ରପତି ସ୍ୱାଗତ କରିଥିବା ବେଳେ ଏହି ଯୁଦ୍ଧରେ ସାମିଲ ହେବାକୁ ମନା କରିଦେଇଛନ୍ତି। ସେହିଭଳି ଇଟାଲି ମଧ୍ୟ ଇରାନ ଉପରେ ଆକ୍ରମଣକୁ ବିରୋଧ କରିଛି। ଇଟାଲି ପକ୍ଷରୁ କୁହାଯାଇଛି ଯେ କୌଣସି ସାର୍ବଭୌମ ଦେଶ ଉପରେ ଆକ୍ରମଣ ଗ୍ରହଣୀୟ ନୁହେଁ।

ଆଉ ଏକ ଗୁରୁତ୍ୱପୂର୍ଣ୍ଣ ଘଟଣାକ୍ରମେ ଆମେରିକାର ଅନ୍ୟତମ ସହଯୋଗୀ ସ୍ପେନ୍ ଯୁଦ୍ଧରେ କୌଣସି ପ୍ରକାର ସାମିଲ ହେବାକୁ ମନାକରିଦେଇଛି। କେବଳ ଏତିକି ନୁହେଁ, ଇରାନ ଉପରେ ଆକ୍ରମଣ ପାଇଁ ଏହାର ସାମରିକ ଘାଟୀ ବ୍ୟବହାର କରିବା ଲାଗି ଆମେରିକାକୁ ଅନୁମତି ଦେଇନାହିଁ। ସାମରିକ ଘାଟୀରେ ମୁତୟନ ପାଇଁ ଆମେରିକାର ଏହାର ଯୁଦ୍ଧ ବିମାନ ପଠାଇଥିଲା। ମାତ୍ର ସେହି ଯୁଦ୍ଧ ବିମାନକୁ ଫେରିଯିବା ଲାଗି ବାଧ କରିଛି।

## ବାହାରିନ ରାଜା, ସାଉଦି ରାଜକୁମାରଙ୍କ ସହ କଥା ହେଲେ ମୋଦୀ

ନୂଆଦିଲ୍ଲୀ, ୨।୩ (ଏଜେନ୍ସି): ମଧ୍ୟପ୍ରାଚ୍ୟରେ ଉତ୍ତେଜନାକୁ ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଭାରତର ସ୍ଥିତି ସ୍ପଷ୍ଟ କରିଛନ୍ତି। ଶାନ୍ତି ଏବଂ ସ୍ଥିରତା ସପକ୍ଷରେ ନୂଆଦିଲ୍ଲୀ ସବୁବେଳେ ରହିଛି ବୋଲି ମୋଦୀ କହିଛନ୍ତି। ଦିଲ୍ଲୀରେ କାନାଡ଼ା ପ୍ରଧାନମନ୍ତ୍ରୀ ମାର୍କ କାର୍ଣ୍ଣିଙ୍କୁ ଭେଟିବା ପରେ ପ୍ରଧାନମନ୍ତ୍ରୀ ଏହି ଟିପ୍ପଣୀ ଦେଇଛନ୍ତି। ସେ କହିଛନ୍ତି ଯେ ଦୁଇ ଗଣତନ୍ତ୍ର ଏକାଠି ହେଲେ ମିଳିତ ସ୍ୱର ଅଧିକ ଦୃଢ଼ ହୋଇଥାଏ। ପଶ୍ଚିମ ଏସିଆର ସ୍ଥିତି ଏବେ ଚିନ୍ତା ଜନକ ରହିଛି। ନିଜ ନାଗରିକଙ୍କ ସୁରକ୍ଷା ପାଇଁ ଭାରତ ସବୁ ଦେଶଙ୍କ ସହ ମିଶି କାମ କରିବ। ଆଲୋଚନା ମାଧ୍ୟମରେ ସମସ୍ୟାର ସମାଧାନ ବାହାର କରିବା ସପକ୍ଷରେ ଭାରତ ରହିଛି ବୋଲି ମୋଦୀ କହିଛନ୍ତି। ସେହିପରି ପ୍ରଧାନମନ୍ତ୍ରୀ ଆଜି ବାହାରିନ ରାଜା ହମାଦ ବିନ ଇସା ଏଲ ଖଲିଫା, ସାଉଦି ରାଜକୁମାର ମହମ୍ମଦ ବିନ ସଲମାନଙ୍କ ସହ ଫୋନରେ କଥା ହୋଇଛନ୍ତି। ସେଠାରେ ରହୁଥିବା ଭାରତୀୟଙ୍କ ସୁରକ୍ଷା ବିଷୟରେ ଚର୍ଚ୍ଚା କରିଛନ୍ତି। ଏହା ପୂର୍ବରୁ ପ୍ରଧାନମନ୍ତ୍ରୀ ରବିବାର ରାତିରେ ସିସିଏସ ବୈଠକରେ ଅଧକ୍ଷତା କରିଥିଲେ। ଏଥିରେ ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂହ, ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା, ସିଡିଏସ ଅନିଲ ଚୌହାନ, ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ପ୍ରମୁଖ ସାମିଲ ରହିଥିଲେ। ସେଠାରେ ରହୁଥିବା ଭାରତୀୟ ଏବଂ ଫସି ରହିଥିବା ଲୋକଙ୍କ ସୁରକ୍ଷା ସମ୍ପର୍କରେ ବିସ୍ତୃତ ଆଲୋଚନା ହୋଇଥିଲା। ଯଦି ଆଗକୁ ପରିସ୍ଥିତି ଅଧିକ ବିଗିଡ଼ିଯାଏ, ତେବେ ତାହାକୁ କିଭଳି ମୁକାବିଲା କରାଯିବ ସେ ନେଇ ରଣନୀତି ପ୍ରସ୍ତୁତ କରାଯାଇଥିଲା। ମୋଦୀ ସାମାଜିକ ଗଣମାଧ୍ୟମରେ କହିଥିଲେ ଯେ ସେ ୟୁଏଇ ରାଷ୍ଟ୍ରପତି ଶେଖ ମହମ୍ମଦ ବିନ୍ ଜାୟଦ ଅଲ୍ ନାହୟାନ ଏବଂ ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତାନ୍ୟାହୁଙ୍କ ସହ ଫୋନରେ କଥା ହୋଇଛନ୍ତି। ୟୁଏଇ ଉପରେ ହୋଇଥିବା ଆକ୍ରମଣକୁ ଭାରତ ନିନ୍ଦା କରିଛି।



## ଆକ୍ରମଣ ପାଇଁ ପାକିସ୍ତାନକୁ ଧମକ ଦେଲା ଇରାନ

ଦୁବାଇ, ୨।୩: ଯୁଦ୍ଧ ମଧ୍ୟରେ ପାକିସ୍ତାନକୁ ଇରାନ ଚେତାବନୀ ଦେଇଛି। ଏହି ଦେଶ ଆକ୍ରମଣରେ ଆମେରିକାକୁ ସହଯୋଗ କରିଥିଲା ବୋଲି ତେହରାନ ଅଭିଯୋଗ କରିଛନ୍ତି। ଇରାନରେ ଆକ୍ରମଣ ପାଇଁ ଆମେରିକାକୁ ନିଜ ବାୟୁସୀମା ବ୍ୟବହାର କରିବାକୁ ପାକିସ୍ତାନ ଅନୁମତି ଦେଇଥିଲା। ଯଦି ପାକିସ୍ତାନ ଏଭଳି କାର୍ଯ୍ୟକଳାପ ଜାରି ରଖେ ତେବେ ସୁରକ୍ଷିତ ରହିବ ନାହିଁ। ପାକିସ୍ତାନକୁ ଏହାର ବହୁମୂଲ୍ୟ ଦେବାକୁ ପଡ଼ିବ ବୋଲି ଇରାନ ରିଭୋଲ୍ୟୁସନାରୀ ଗାର୍ଡ (ଆଇଆରଜିସି)ର ବରିଷ୍ଠ କମାଣ୍ଡର ଧମକ ଦେଇଛନ୍ତି।

## ଆଇରନ ବିମ୍ ବ୍ୟବହାର କଲା ଇସ୍ରାଏଲ

ତେଲଆଭିଭ, ୨।୩: ଇସ୍ରାଏଲ ସେନା (ଆଇଡିଏଫ) ପ୍ରଥମ ଥର ପାଇଁ ନିଜର ଅତ୍ୟାଧୁନିକ ଲେଜର ଡିଫେନ୍ସ ସିଷ୍ଟମ ଆଇରନ ବିମ୍ ବ୍ୟବହାର କରିଛି। ଏହାରି ସହାୟତାରେ ଆତଙ୍କବାଦୀ ସଂଗଠନ ହିଜବୁଲ୍ଲାକୁ ଆଇଡିଏଫ ଦୃଢ଼ ଜବାବ ଦେଇଛି। ହିଜବୁଲ୍ଲା ମାଡ଼ କରିଥିବା ରକେଟକୁ ଆକାଶରେ ଧ୍ୱଂସ କରିଦେଇଛି। ଆଇରନ ବିମ୍ ଏଭଳି ଏକ ଜ୍ଞାନକୌଶଳ, ଯେଉଁଥିରୁ ଲେଜର ରଶ୍ମି ବାହାରି ଥାଏ। ଏହା ଡ୍ରୋନ ଏବଂ ରକେଟ ଆଦିକୁ ଧ୍ୱଂସ କରିଦେଇଥାଏ।

## ଖାମନେଇଙ୍କ ପତ୍ନୀ ବି ମୃତ

ତେହେରାନ/ଜେରୁଜେଲମ, ୨।୩ (ଏଜେନ୍ସି): ଇସ୍ରାଏଲ- ଆମେରିକା ଓ ଇରାନ ମଧ୍ୟରେ ଚାଲିଥିବା ସଂଘର୍ଷ ଆଜି ତୃତୀୟ ଦିନରେ ପହଞ୍ଚିଛି। ଏହି ଯୁଦ୍ଧ ଏବେ ସମଗ୍ର ଅଞ୍ଚଳକୁ ବ୍ୟାପିବାରେ ଲାଗିଛି। ସଦ୍ୟତମ ସୂଚନା ଅନୁଯାୟୀ, ଇରାନର ପୂର୍ବତନ ସର୍ବୋଚ୍ଚ ନେତା ଆୟାତୁଲ୍ଲା ଖାମନେଇଙ୍କ ପତ୍ନୀ ମନସୁରେହ ଖୋଜାସ୍ତେହଙ୍କର ସୋମାବାର ମୃତ୍ୟୁ ହୋଇଛି। ଆମେରିକା- ଇସ୍ରାଏଲ ଆକ୍ରମଣରେ ସେ ଗୁରୁତର ଭାବେ ଆହତ ହୋଇଥିଲେ। ପୁଣି ଇସ୍ରାଏଲ ବାୟୁସେନା ଦାବି କରିଛି ଯେ ଲେବାନନର ବେରୁଟ୍ ହୋଇଥିବା ଆକ୍ରମଣରେ ହିଜବୁଲ୍ଲା ଗୁପ୍ତଚର ମୁଖ୍ୟ ହସନ ମକଲାଦ ନିହତ ହୋଇଛନ୍ତି। ଏହାର ପ୍ରତବାଦରେ ହିଜବୁଲ୍ଲା ମଧ୍ୟ ଇସ୍ରାଏଲ ଉପରେ ରକେଟ ମାଡ଼ କରିଛି।



## ଭୟରେ ଭାରତୀୟ: କାମ ପାଇଁ ଆସିଥିଲୁ; ଏବେ ବଙ୍କର ଖୋଜୁଛୁ

- ସହାୟତା ପାଇଁ ପ୍ରଧାନମନ୍ତ୍ରୀଙ୍କୁ ଆକୁଳ ନିବେଦନ
- ମଧ୍ୟପ୍ରାଚ୍ୟରେ ରହୁଛନ୍ତି ୯୦ ଲକ୍ଷ ଭାରତୀୟ

ଦୁବାଇ, ୨।୩: ଇରାନ ଉପରେ ଆମେରିକା-ଇସ୍ରାଏଲର ମିଳିତ ଆକ୍ରମଣ ପରେ ମଧ୍ୟପ୍ରାଚ୍ୟ ଏବେ ଯୁଦ୍ଧ ନିଆଁରେ ଜଳୁଛି। ଏହି ସଂଘର୍ଷ ପାଇଁ ଆକାଶମାର୍ଗକୁ ବନ୍ଦ କରିଦିଆ ଯାଇଛି। ବିମାନ ଚଳାଚଳ ବନ୍ଦ ହୋଇଯାଇଥିବାରୁ ମଧ୍ୟାପ୍ରାଚ୍ୟକୁ କାମ ଏବଂ ବୁଲିବାକୁ ଯାଇଥିବା ହଜାର ହଜାର ଭାରତୀୟ ପର୍ଯ୍ୟଟକ, ଛାତ୍ର ଏବଂ ଶ୍ରମିକଙ୍କ ଫସି ରହିଛନ୍ତି। ଖାଲି ଇରାନ ନୁହେଁ, ସାଉଦି ଆରବ, ୟୁଏଇ, ସେମାନେ ଜୀବନ ଏବଂ ମୃତ୍ୟୁ ମଧ୍ୟରେ ଫସି ରହିଛନ୍ତି। ସେମାନେ ବଙ୍କରରେ ଆଶ୍ରୟ ନେଇଛନ୍ତି। ସାମାଜିକ ଗଣମାଧ୍ୟମରେ ଭାରତ ସରକାରଙ୍କୁ ଆକୁଳ ନିବେଦନର କରୁଛନ୍ତି। ଯୁଦ୍ଧ ରତ ଇରାନରୁ ଉଦ୍ଧାର କରିବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟକୁ ଅନୁରୋଧ କରିଛନ୍ତି। ଅନ୍ୟପଟେ ବୈଦେଶିକ ମନ୍ତ୍ରଣାଳୟ ପକ୍ଷରୁ ପ୍ରଭାବିତ ଦେଶଗୁଡ଼ିକରେ ଥିବା ଭାରତୀୟଙ୍କ ପାଇଁ ଜରୁରୀକାଳୀନ ସହାୟତା ନମ୍ବର ଜାରି କରାଯାଇଛି।

ଦୁବାଇରେ ଥିବା ଜଣେ ଶ୍ରମିକ କହୁଛନ୍ତି ଯେ ଏଠାକୁ ଜୀବିକା ପାଇଁ ଆସିଥିଲି, କିନ୍ତୁ ଏବେ ବୋମା ଆକ୍ରମଣରୁ ବଞ୍ଚିବା ପାଇଁ ଆଶ୍ରୟ ଖୋଜୁଛି। ଏଠାରୁ ଉଦ୍ଧାର କରନ୍ତୁ। କେବଳ ଶ୍ରମିକ ନୁହନ୍ତି, ଦୁବାଇ ଏବଂ ଆବୁଧାବିରେ ଅନେକ ପର୍ଯ୍ୟଟକ ମଧ୍ୟ ଅଟକି ରହିଛନ୍ତି। ଏଥିସହ ଏମବିଏ ଏବଂ ମେଡିକାଲ୍ ପଢୁଥିବା ଭାରତୀୟ ଛାତ୍ରଛାତ୍ରୀମାନେ ମଧ୍ୟ ଭିଡିଓ ପୋଷ୍ଟ କରି ସରକାରଙ୍କ ସାହାଯ୍ୟ ମାଗୁଛନ୍ତି। ସୂଚନାଯୋଗ୍ୟ ଯେ ମଧ୍ୟପ୍ରାଚ୍ୟରେ ପ୍ରାୟ ୯୦ ଲକ୍ଷରୁ ଅଧିକ ଭାରତୀୟ ରହୁଛନ୍ତି। ଏମାନଙ୍କ ମଧ୍ୟରୁ ଅଧିକାଂଶ ଶ୍ରମିକ। କେବଳ ଇରାନରେ ୧୦ ହଜାର ଭାରତୀୟ ରହୁଛନ୍ତି। ଏୟାର ଇଣ୍ଡିଆ, ଇଣ୍ଡିଗୋ ଭଳି ଏୟାରଲାଇନ ଏହି ଦେଶକୁ ବିମାନ ବନ୍ଦ କରିଦେଇଛନ୍ତି।



ଯୁଦ୍ଧର ନିଆଁ ଉପସାଗରୀୟ ଦେଶଗୁଡ଼ିକୁ କବଳିତ କରୁଥିବାରୁ ଭାରତୀୟଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି ହୋଇଛି। ଦୁବାଇ ଭଳି ବିଶ୍ୱର ପ୍ରମୁଖ ପର୍ଯ୍ୟଟନ ସ୍ଥଳୀରେ ମଧ୍ୟ ଏବେ କ୍ଷେପଣାସ୍ତ୍ର ମାଡ଼ ହେଉଛି। ବାହାରିନ, ଇରାକ, ଜୋର୍ଡାନ, କୁଏତ, ଓମାନ, କାତାର, ସାଉଦି ଆରବ ଏବଂ ୟୁଏଇରେ ସାଇରନ୍‌ର ଶବ୍ଦ ପ୍ରବାସୀ ଭାରତୀୟଙ୍କ ମନରେ ଭୟ ସୃଷ୍ଟି କରିଛି। ଇରାନରେ ଥିବା ଭାରତୀୟ ଛାତ୍ରଛାତ୍ରୀ, ବିଶେଷ କରି ତେହେରାନରେ ପଢୁଥିବା ମେଡିକାଲ୍ ଛାତ୍ରୀମାନେ ଭାବୁକ ଭିଡିଓ ସେୟାର କରିଛନ୍ତି। ଜଣେ ଛାତ୍ରୀ କହିଛନ୍ତି, ଏଠାରେ ସ୍ଥିତି ଅତ୍ୟନ୍ତ ଖରାପ ଏବଂ ଅନିଶ୍ଚିତତା ମଧ୍ୟରେ ରହିଛି। ଆଗକୁ କ'ଣ ହେବ ଆମେ ଜାଣିନାହୁଁ। ଭାରତ ସରକାର ଆମ ସୁରକ୍ଷା ପାଇଁ ଆଲୋଚନା କରୁଥିବାରୁ ଆମେ କୃତଜ୍ଞ, କିନ୍ତୁ ଏଭଳି ସମୟରେ ଶୀଘ୍ର ପଦକ୍ଷେପ ନେବା ଜରୁରୀ। ଏୟାର ଷ୍ଟ୍ରାଇକ୍ ଯୋଗୁଁ ପରିସ୍ଥିତି ଜଟିଳ ହେବାରେ ଲାଗିଛି। ତେଣୁ ଶୀଘ୍ର ଏଠାରୁ ଉଦ୍ଧାର କରିବାକୁ ଦାବି କରିଛନ୍ତି। ଅନ୍ୟ ଜଣେ ଛାତ୍ର କହିଛନ୍ତି ଯେ ତେହେରାନରେ ଏବେ କ୍ଷେପଣାସ୍ତ୍ର ବର୍ଷା ହେଉଛି। ଯଥାଶୀଘ୍ର ଏଠାରୁ ବାହାର କରିବାକୁ ସେ ଭାରତୀୟଙ୍କ ପକ୍ଷରୁ ସରକାରଙ୍କୁ ନିବେଦନ କରିଛନ୍ତି। ଏବେ ଇରାନରେ ପ୍ରାୟ ୨,୦୦୦ କାଶ୍ମୀରୀ ଛାତ୍ରଛାତ୍ରୀ ଫସିଛନ୍ତି। ସେମାନଙ୍କୁ ଉଦ୍ଧାର କରିବା ପାଇଁ ଜମ୍ମୁ-କଶ୍ମୀର ଛାତ୍ର ସଂଘ ପ୍ରଧାନମନ୍ତ୍ରୀଙ୍କୁ ଚିଠି ଲେଖିଛି ଏବଂ କୂଟନୈତିକ ହସ୍ତକ୍ଷେପ ଲୋଡ଼ିଛି। ଏହା ମଧ୍ୟରେ ଭାରତୀୟ ଦୂତାବାସ ଏହି ସବୁ ଦେଶର ସରକାରଙ୍କ ସହ ଯୋଗାଯୋଗରେ ରହିଛି। କୁଏତ, ଓମାନ, ଅଷ୍ଟ୍ରିଆ, ଲେବାନନର ଭାରତୀୟ ଦୂତାବାସ ନାଗରିକଙ୍କ ପାଇଁ ମାର୍ଗଦର୍ଶିକା ଜାରି କରିଛି।

## ଟ୍ରମ୍ପଙ୍କ ପାଗଳାମି: ୧୨ ମାସରେ ୭ ଦେଶ ଉପରେ ଆକ୍ରମଣ

ୱାସିଂଟନ, ୨।୩ (ଏଜେନ୍ସି):ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ବିଶ୍ୱରେ ଅସ୍ଥିରତାର କାରଣ ପାଲଟି ଯାଇଛନ୍ତି। ଗୋଟିଏ ପରେ ଗୋଟିଏ ଆଶା ପୂରଣ ନ ହେବା ପରେ ଟ୍ରମ୍ପ ପାଗଳପ୍ରାୟ ହୋଇଯାଇଛନ୍ତି। ନୋବେଲ ଶାନ୍ତି ନ ପାଇ ଟ୍ରମ୍ପ ଅଶାନ୍ତ ହୋଇ ଯାଇଛନ୍ତି। ତାଙ୍କର ଏହି ଅଶାନ୍ତି ବିଶ୍ୱର ଶାନ୍ତିକୁ ଭଙ୍ଗ କରିଦେଇଛି। ସେ ଯାହା କହୁଛନ୍ତି ତାହାର ବିପରୀତ କରୁଛନ୍ତି। ନିଜ ପ୍ରତିଶ୍ରୁତି ବି ପାଳନ କରୁନାହାନ୍ତି। ମାତ୍ର କ୍ଷମତା ଦଖଲ ନିଶା ତାଙ୍କୁ ଘାରିଛି।ଶାନ୍ତି ନ ପାଇଁ ଏବେ କ୍ରୁର ଶାସକ ହୋଇ ଯାଇଛନ୍ତି। ସେ ୧୨ ମାସ ମଧ୍ୟରେ ୭ ଦେଶ ଉପରେ ଆକ୍ରମଣ କଲେଣି।

ଟ୍ରମ୍ପ ଯାହା କରିଛନ୍ତି ତାହା ଆଧୁନିକ ଆମେରିକାର ଇତିହାସରେ ଅନ୍ୟ କୌଣସି ରାଷ୍ଟ୍ରପତି କରି ନ ଥିଲେ। ଏତେ ସଂଖ୍ୟକ ଦେଶ ଉପରେ ସାମରିକ ଆକ୍ରମଣ କରି ନ ଥିଲେ। ନିଜକୁ ଜଣେ ଯୁଦ୍ଧ ବିରୋଧୀ ନେତା ଭାବେ ଉପସ୍ଥାପିତ କରି ନିର୍ବାଚନ ଜିତିଥିବା ଟ୍ରମ୍ପ ୨୦୨୫ରେ ଆମେରିକାର ସାମରିକ ରଣନୀତିକୁ ସମ୍ପୂର୍ଣ୍ଣ ବଦଳାଇ ଦେଇଥିଲେ। ଟ୍ରମ୍ପଙ୍କ ନିର୍ଦ୍ଦେଶରେ ୭ଟି ଦେଶ ଉପରେ ସାମରିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ସବୁଠାରୁ ଆଶ୍ଚର୍ଯ୍ୟଜନକ କଥା ହେଉଛି, ଏଥିମଧ୍ୟରୁ ଇରାନ, ନାଇଜେରିଆ ଏବଂ ଭେନେଜୁଏଲା ଭଳି ତିନୋଟି ଦେଶ ସାମିଲ ରହିଛି। ଏହି ସବୁ ଦେଶରେ ଆମେରିକା ପୂର୍ବରୁ କେବେ ବି ସାମରିକ ଆକ୍ରମଣ କରି ନ ଥିଲା। ପୂର୍ବତନ ରାଷ୍ଟ୍ରପତି ବାଇଡେନ ନିଜର ଚାରି ବର୍ଷର କାର୍ଯ୍ୟକାଳ ମଧ୍ୟରେ ଯେତିକି ଏୟାର ଷ୍ଟ୍ରାଇକ ପାଇଁ ଅନୁମତି ଦେଇ ନଥିଲେ, ତା'ଠାରୁ ଅଧିକ ଆକ୍ରମଣ ପାଇଁ ଟ୍ରମ୍ପ କେବଳ ୨୦୨୫ ରେ କରିଥିଲେ।



ନିର୍ବାଚନ ପ୍ରଚାର ସମୟରେ ଆମେରିକାକୁ କୌଣସି ନୂଆ ଯୁଦ୍ଧରେ ଜଡ଼ିତ କରିବେ ନାହିଁ ବୋଲି ଟ୍ରମ୍ପ କହିଥିଲେ। ହେଲେ ତାର ଓଲଟା କରିଥିଲେ। ହ୍ୱାଇଟ୍ ହାଉସ ଏହି ସାମରିକ କାର୍ଯ୍ୟାନୁଷ୍ଠାନକୁ ଯଥାର୍ଥ ଦର୍ଶାଇ କହିଛି ଯେ ଟ୍ରମ୍ପ ପ୍ରଥମେ କୂଟନୈତିକ ସ୍ତରରେ ସମସ୍ୟାର ସମାଧାନ ପାଇଁ ଚେଷ୍ଟା କରନ୍ତି। ଶାନ୍ତିର ମାର୍ଗ ବନ୍ଦ ହେବା ପରେ ଶକ୍ତି ପ୍ରୟୋଗ କରନ୍ତି। ପ୍ରଚଣ୍ଡ ଶକ୍ତି ପ୍ରଦର୍ଶନ ହିଁ ସ୍ଥାୟୀ ଶାନ୍ତି ପ୍ରତିଷ୍ଠାର ଏକମାତ୍ର ରାସ୍ତା।

# ରାଜ୍ୟସଭା ନିର୍ବାଚନ: ତିନି ଜଣଙ୍କୁ ପ୍ରାର୍ଥୀ କରିବ ବିଜେପି

ଭୁବନେଶ୍ୱର,୨।୩(ସମିସ): ଆସନ୍ତା ରାଜ୍ୟସଭା ନିର୍ବାଚନରେ ବିଜେପି କେତେଜଣ ପ୍ରାର୍ଥୀ ଦେବ ଓ କାହାକୁ ପ୍ରାର୍ଥୀ କରିବ ତାହା ଏଯାଏ ଛିଡ଼ୁନାହିଁ। ଦଳ ନିକଟରେ ୨ଟି ଆସନରେ ଜିତିବାର କ୍ଷମତା ରହିଛି, ଏହାବ୍ୟତୀତ ଆଉ୨୦ଟି ପ୍ରଥମ ପ୍ରସନ୍ଦ ଭୋଟ ବଳକା ରହିଛି। ମୁଖ୍ୟମନ୍ତ୍ରୀଙ୍କ ବାସଭବନରେ ଅନୁଷ୍ଠିତ ଦଳୀୟ ବୈଠକରେ ଦଳ ୩ ଜଣ ପ୍ରାର୍ଥୀ ଦେବାକୁ ନିଷ୍ପତ୍ତି ହୋଇଥିବା କୁହାଯାଉଛି। ତେବେ ରାଜନୈତିକ ହଟଚମଟ ପାଇଁ ୪ର୍ଥ ଆସନରେ ବଳିବୋଦା ହେବାକୁ ଜଣେ ବ୍ୟକ୍ତିଙ୍କୁ ଦଳ ଖୋଜୁଥିବା ମଧ୍ୟ ଆଲୋଚନା ହେଉଛି।

ସୋମବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସରକାରୀ ବାସଭବନରେ ରାଜ୍ୟ ବିଜେପି ସଭାପତି ମନମୋହନ ସାମଲଙ୍କ ଅଧ୍ୟକ୍ଷତାରେ ଦଳର ବିଧାୟକମାନଙ୍କ ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ ଦଳର ସମସ୍ତ ବିଧାୟକମାନେ ଉପସ୍ଥିତ ଥିଲେ ଓ ସେମାନଙ୍କଠାରୁ ନାମାଙ୍କନ ଫର୍ମରେ ପ୍ରସ୍ତାବକ ଓ ସମର୍ଥକ ରୂପେ ଆଗୁଆ ଦସ୍ତଖତ ସଂଗ୍ରହ କରାଯାଇଛି। ଦଳର ସଂସଦୀୟ ବୋର୍ଡ ଯାହା ନିଷ୍ପତ୍ତି ନେବ, ତାହାକୁ ସାଦରେ ଗ୍ରହଣ କରାଯିବ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଛି। ଆସନ୍ତା ୫ ତାରିଖରେ ବିଜେପିର ପ୍ରାର୍ଥୀମାନେ ନାମାଙ୍କନ

**■ ନାମାଙ୍କନ ଫର୍ମରେ ସ୍ୱାକ୍ଷର କଲେ ପ୍ରସ୍ତାବକ ଓ ସମର୍ଥକ ବିଧାୟକ**
**■ ୫ରେ ପ୍ରାର୍ଥୀ କରିବେ ନାମାଙ୍କନ, ଉପସ୍ଥିତ ରହିବେ ସବୁ ବିଧାୟକ**

କରିବାକୁ ଥିବାବେଳେ ସମସ୍ତ ବିଧାୟକ ଏହି ଅବସରରେ ଉପସ୍ଥିତ ରହିବାକୁ ବୈଠକରେ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି।

ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ରାଜ୍ୟ ମନ୍ତ୍ରିମଣ୍ଡଳର ସଦସ୍ୟଏବଂ ବିଧାୟକମାନେ ଉପସ୍ଥିତ ଥିଲେ। ଆଗାମୀ ରାଜ୍ୟସଭା ନିର୍ବାଚନ ଏବଂ ଦଳୀୟ ରଣନୀତି ବିଷୟରେ ବିସ୍ତୃତ ଆଲୋଚନା ହୋଇଥିଲା ଏଯାବତ୍ ଦଳ ପକ୍ଷରୁ ପ୍ରାର୍ଥୀ ଘୋଷଣା ହୋଇ ନ ଥିଲେ ହେଁ ସଂସଦୀୟ ବୋର୍ଡର ନିଷ୍ପତ୍ତି ସର୍ବମାନ୍ୟ ବୋଲି ବୈଠକରେ ମତପ୍ରକାଶ ପାଇଥିଲା। ତେବେ ଉଭୟ ବିଜେଡି ଓ କଂଗ୍ରେସ ପକ୍ଷରୁ ଡାକ୍ତର ଦଣ୍ଡେଶ୍ୱର ହୋତାଙ୍କୁ ଚତୁର୍ଥ ଆସନ ପାଇଁ କମନ କ୍ୟାଣ୍ଡିଡେଟ ଭାବରେ ଘୋଷଣା କରାଯାଇଥିବାରୁ ବିଜେପି ଚତୁର୍ଥ ଆସନରେ ପ୍ରାର୍ଥୀ ଦେବ କି ନାହିଁ, ସେନେଇ ଦଳର ନେତାମାନେ ଏଯାଏ ସନ୍ଦେହରେ ଅଛନ୍ତି। ଏହା ସତ୍ତ୍ୱେ ଦଳ ୩ଟି ଆସନରେ ପ୍ରାର୍ଥୀ ଦେବ ଓ ଆବଶ୍ୟକ ପଡ଼ିଲେ ଦଳ ସବୁ ୪ଟି ଆସନରେ ପ୍ରାର୍ଥୀ ଦେଇପାରେ ବୋଲି କୁହାଯାଉଛି। ଯଦି ଏହା ବାସ୍ତବ ରୂପ ନିଏ, ତେବେ ଆଗାମୀ ଦିନରେ ରାଜ୍ୟସଭା ଲଢ଼େଇ ରୋଚକ ହେବା ନେଇ ନିଶ୍ଚିତ ହୋଇଯାଇଛି।

## ୫ ବିଜେପି ବିଧାୟକ ନେଲେ ୧୬ ସେଟ୍ ନାମାଙ୍କନପତ୍ର

ଭୁବନେଶ୍ୱର,୨।୩(ସମିସ): ଆସନ୍ତା ରାଜ୍ୟସଭା ନିର୍ବାଚନ ପାଇଁ ସୋମବାର ନାମାଙ୍କନ ପତ୍ର ଗ୍ରହଣ କରିଛି ବିଜେପି। ବିଜେପିର ୫ ଜଣ ବିଧାୟକ ଆଜି ନିର୍ବାଚନ ପାଇଁ ନିଯୁକ୍ତ ରିଟର୍ଣ୍ଣିଂ ଅଧିକାରୀଙ୍କ ନିକଟରୁ ୧୬ ସେଟ୍ ଫର୍ମ ଗ୍ରହଣ କରିଛନ୍ତି। ସରକାରୀ ଦଳ ମୁଖ୍ୟ ସଚେତକ ସରୋଜ ପ୍ରଧାନ, ବିଧାୟକ ଆଶ୍ରିତ ପଟ୍ଟନାୟକ, ରଘୁନାଥ ଜଗଦଲା, ପ୍ରତାପ ଚନ୍ଦ୍ର ନାୟକ ଓ ଦୁଷ୍ମନ୍ତ ସ୍ୱାଇଁ ପ୍ରମୁଖ ଏହି ନାମାଙ୍କନ ପତ୍ର ଗ୍ରହଣ କରିଛନ୍ତି । ଦଳ ତରଫରୁ ରାଜ୍ୟ ସଭାପତି ମନମୋହନ ସାମଲ ଓ ସୁନ୍ଦରଗଡ଼ ଜିଲ୍ଲାର ବିଜେପି ନେତ୍ରୀ ପୂର୍ଣ୍ଣିମା କେର୍କେଟାଙ୍କ ପ୍ରାର୍ଥିତ୍ୱ ପ୍ରାୟ ଚୂଡ଼ାନ୍ତ ବୋଲି କୁହାଯାଉଛି। ତେବେ ତୃତୀୟ ଆସନରେ ସୁଜିତ କୁମାର ବା ସମୀର ମହାନ୍ତିଙ୍କୁ ପ୍ରାର୍ଥୀ କରାଯିବା ନେଇ ଚର୍ଚ୍ଚା ଚାଲିଛି। ସେହିପରି ଜାତୀୟସ୍ତରରୁ ଜଣେ ବିଜେପି ନେତାଙ୍କୁ ସୁଯୋଗ ମିଳିପାରେ ବୋଲି କୁହାଯାଉଛି।

### କଂଗ୍ରେସ ବିଧାୟକ ଦଳ ବୈଠକ

## ଦଣ୍ଡେଶ୍ୱର ଲୋଡ଼ିଲେ ସମର୍ଥନ

ଭୁବନେଶ୍ୱର,୨।୩(ସମିସ): ଆସନ୍ତା ରାଜ୍ୟସଭା ନିର୍ବାଚନ ପ୍ରରିପେକ୍ଷୀରେ କଂଗ୍ରେସର ବିଧାୟକ ଦଳ ବୈଠକ ସୋମବାର ଅନୁଷ୍ଠିତ ହୋଇଛି। ଭୁବନେଶ୍ୱରସ୍ଥିତ ହୋଟେଲ ସ୍ୱସ୍ତିରେ ପିସିସି ସଭାପତି ଭକ୍ତଚରଣ ଦାସଙ୍କ ଅଧ୍ୟକ୍ଷତାରେ ଏହି ବୈଠକ ଅନୁଷ୍ଠିତ ହୋଇଥିବା ବେଳେ ବିଜେଡି ଦ୍ୱାରା ଘୋଷିତ 'କମନ୍ କ୍ୟାଣ୍ଡିଡେଟ୍' ଡାକ୍ତର ଦଣ୍ଡେଶ୍ୱର ହୋତା ବୈଠକରେ ଉପସ୍ଥିତ ରହି ତାଙ୍କ ପ୍ରାର୍ଥିତ୍ୱକୁ ସମର୍ଥନ ଜଣାଇଥିବାରୁ କଂଗ୍ରେସ ବିଧାୟକ ସମେତ ହାଇକମାଣ୍ଡ ଓ ରାଜ୍ୟ ନେତୃବୃନ୍ଦଙ୍କୁ କୃତଜ୍ଞତା ଜଣାଇଛନ୍ତି।

**ବୈଠକରେ ପହଞ୍ଚିପାରିଲେନି ୨ ବିଧାୟକ**

ସୂଚନାଯୋଗ୍ୟ ଯେ ସୋମବାର ପ୍ରଥମେ କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମଙ୍କ ଘରେ ବୈଠକ ଅନୁଷ୍ଠିତ ହେବା ନେଇ ଧାର୍ଯ୍ୟ ହୋଇଥିଲା। ତେବେ କିଛି ନିର୍ଦ୍ଦିଷ୍ଟ କାରଣରୁ ବୈଠକ ସ୍ୱସ୍ତି ପ୍ରିମିୟମରେ ରଖାଯାଇଥିଲା। ନିର୍ଦ୍ଧାରିତ ସମୟ ସୁଦ୍ଧା କଂଗ୍ରେସର ୧୨ ଜଣ ବିଧାକ ଉପସ୍ଥିତ ଥିଲେ ହେଁ ବିଧାୟକ ରମେଶ ଜେନା ଓ ବିଧାୟିକା ସୋଫିଆ ଫିର୍ଦ୍ଦୋଶ ବୈଠକରେ ପହଞ୍ଚି ପାରି ନ ଥିଲେ। ବୈଠକ ପରେ ଡାକ୍ତର ହୋତା କହିଥିଲେ ଯେ ଆଜିର ବୈଠକରେ ମୁଁ କଂଗ୍ରେସର ସଦସ୍ୟମାନଙ୍କୁ ଭେଟିବାର ସୁଯୋଗ ପାଇଲି। ମୋତେ ସୁଯୋଗ ଦେଇଥିବାରୁ କଂଗ୍ରେସର ପ୍ରଭାରୀ, ସହପ୍ରଭାରୀ, ପିସିସି ସଭାପତି, କଂଗ୍ରେସ ବିଧାୟକ ଦଳ ନେତା ଓ ବିଧାୟକମାନଙ୍କୁ କୃତଜ୍ଞତା ଜଣାଉଛି। ମୁଁ ପେସାରେ ଜଣେ ଡାକ୍ତର, ସେବା କରିବା ମୋ ଧର୍ମ ହୋଇଥିବା ବେଳେ ମୋତେ ସୁଯୋଗ ଦେଲେ ରାଜ୍ୟର ସେବା କରିବି। ଜଣେ କମନ କ୍ୟାଣ୍ଡିଡେଟ ଭାବରେ ମୁଁ ସମସ୍ତଙ୍କର ସାହାଯ୍ୟ ଭିକ୍ଷା କରିଛି। ସେହିପରି ଆଜିର ବୈଠକରେ ଅନୁପସ୍ଥିତ ଥିବା କଂଗ୍ରେସର ଅନ୍ୟ ୨ ବିଧାୟକଙ୍କୁ ଭେଟିବି ବୋଲି ସେ କହିଛନ୍ତି। ବୈଠକରେ ପିସିସି ପ୍ରଭାରୀ ଅଜୟ କୁମାର ଲଲ୍ଲୁ ମଧ୍ୟ ଉପସ୍ଥିତ ଥିଲେ।

## ମାର୍ଚ୍ଚ ୫ ତାରିଖରେ ରାଜ୍ୟବ୍ୟାପୀ ବିଜୁ ଜୟନ୍ତୀ



ଭୁବନେଶ୍ୱର,୨।୩(ସମିସ): ପ୍ରତିବର୍ଷ ପରି ଚଳିତ ବର୍ଷ ମାର୍ଚ୍ଚ ୫ ତାରିଖରେ ରାଜ୍ୟବ୍ୟାପୀ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ ପାଳନ କରାଯିବ। ଦଳର ସଭାପତି ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ବିଜୁ ଜୟନ୍ତୀ ପାଇଁ ମାର୍ଚ୍ଚ ୫ ତାରିଖରେ ସ୍ଥିରୀକୃତ ହୋଇଥିବା କାର୍ଯ୍ୟକ୍ରମ ଗୁଡ଼ିକ ବିଷୟରେ

**■ ଆୟୋଜନ ହେବ ରକ୍ତଦାନ ଶିବିର, ସବୁ ଅଞ୍ଚଳରେ ଦିଆଯିବ ଶ୍ରଦ୍ଧା ସୁମନ**
**■ ସମୃଦ୍ଧ ଓଡ଼ିଶା ଗଠନରେ ବିଜୁ ବାବୁଙ୍କ ଭୂମିକା ପ୍ରସଙ୍ଗରେ ହେବ ଆଲୋଚନା**

ରାଜ୍ୟର ସମସ୍ତ ଜିଲ୍ଲା ସଭାପତି ଓ ସମସ୍ତ ନିର୍ବାଚନ ମଣ୍ଡଳୀର ନେତାଙ୍କୁ ବିଜେଡି ପକ୍ଷରୁ ଅବଗତ କରାଯାଇଛି।

ଶଙ୍ଖ ଭବନ ଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ବରିଷ୍ଠ ଉପସଭାପତି ଦେବୀ ପ୍ରସାଦ ମିଶ୍ର, ଭୁବନେଶ୍ୱର ଜିଲ୍ଲା ସଭାପତି ଅଶୋକ ଚନ୍ଦ୍ର ପଣ୍ଡା ବିଜୁ ଜୟନ୍ତୀ ଅବସରରେ ହେବାକୁ ଥିବା କାର୍ଯ୍ୟକ୍ରମ ବିଷୟରେ ସୂଚନା ଦେଇଛନ୍ତି।

ଶ୍ରୀ ମିଶ୍ରଙ୍କ ସୂଚନା ଅନୁସାରେ ୫ ତାରିଖରେ ପ୍ରବାଦ ପୁରୁଷ ବିଜୁ ବାବୁଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧା ସୁମନ ଅର୍ପଣ, ଦେଶାତ୍ମବୋଧ ସଙ୍ଗୀତ ଗାନ କରିବା ସହିତ ସମୃଦ୍ଧ ଓଡ଼ିଶା ଗଠନରେ ପ୍ରବାଦ ପୁରୁଷ ବିଜୁ ବାବୁଙ୍କ ଭୂମିକା ଉପରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହେବ। ଏହାଛଡ଼ା ବିଭିନ୍ନ ସ୍ଥାନରେ ରକ୍ତଦାନ ଶିବିର ଆୟୋଜିତ ହେବ। ବିଜେଡି ମୁଖ୍ୟାଳୟରେ ମଧ୍ୟ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ, ଯେଉଁଥିରେ ବିଜେଡି ସଭାପତି ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଯୋଗ ଦେବେ। ଅଶୋକ ଚନ୍ଦ୍ର ପଣ୍ଡା କହିଛନ୍ତି ଯେ ପ୍ରତିବର୍ଷ ରାଜ୍ୟବ୍ୟାପୀ ବିଜୁ ଜୟନ୍ତୀ ଆନନ୍ଦ ଉଲ୍ଲାସରେ ପାଳନ କରାଯାଏ। ପ୍ରବାଦପୁରୁଷ ବିଜୁ ବାବୁଙ୍କ ନୀତି ଆଦର୍ଶକୁ ପାଥେୟ କରି ଗଠନ ହୋଇଥିବା ବିଜୁ ଜନତା ଦଳ ସବୁବେଳେ ସେବା କାର୍ଯ୍ୟକ୍ରମରେ ବିଶ୍ୱାସ ରଖେ । ବିଜେଡି ପକ୍ଷରୁ ଆୟୋଜିତ ହେବାକୁ ଥିବା ବିଜୁ ଜୟନ୍ତୀ ଅବସରରେ ପ୍ରବାଦ ପୁରୁଷ ବିଜୁ ବାବୁଙ୍କ କୀର୍ତ୍ତିକୁ ସ୍ମରଣ କରିବା ସହିତ ବିଜେଡିର ନେତା ଓ କର୍ମୀମାନେ ସେବାରେ ବ୍ରତୀ ହେବେ ବୋଲି ସଂକଳ୍ପ ନେବେ ବୋଲି ସେ କହିଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ବିଧାୟକ ସୁଶାନ୍ତ କୁମାର ରାଉତ, ବିଧାୟକ ଅନନ୍ତ ନାରାୟଣ ଜେନା, ଯୁବ ବିଜେଡି ସଭାପତି ଚିନ୍ମୟ ସାହୁ ଓ ଛାତ୍ର ବିଜେଡି ସଭାନେତ୍ରୀ ଇପ୍ସିତା ସାହୁ ଉପସ୍ଥିତ ଥିଲେ।

## ୨୫ରୁ ରତ୍ନଭଣ୍ଡାର ଅଳଙ୍କାର ଗଣତିମଣତି

ପୁରୀ, ୨।୩ (ସମିସ): ଆସନ୍ତା ୨୫ ତାରିଖରେ ମହାପ୍ରଭୁଙ୍କ ରତ୍ନ ଅଳଙ୍କାର ଗଣତିମଣତି ଆରମ୍ଭ ହେବ। ଏହି ଦିନ ମଧ୍ୟାହ୍ନ ୧୨ଟାରୁ ଅପରାହ୍ଣ ୧ଟା ୪୫ ମଧ୍ୟରେ ଗଣତିମଣତି ଆରମ୍ଭ କରାଯିବାର ଶୁଭ ମୁହୂର୍ତ୍ତ ରହିଛି। ସୋମବାର ଶ୍ରୀମନ୍ଦିର କାର୍ଯ୍ୟାଳୟରେ ଅନୁଷ୍ଠିତ ପରିଚାଳନା କମିଟି ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି ବୋଲି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ କୁମାର ପାଢ଼ୀ ସୂଚନା ଦେଇଛନ୍ତି।

ଗଜପତି ମହାରାଜା ଦିବ୍ୟସିଂହ ଦେବଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକ ପ୍ରାୟ ୩ଘଣ୍ଟା ଧରି ଚାଲିଥିଲା। ବୈଠକ ପରେ ମୁଖ୍ୟ ପ୍ରଶାସକ ଡ. ପାଢୀ କହିଥିଲେ ଯେ ସମସ୍ତଙ୍କ ସହମତିକ୍ରମେ ଗଣତି ମଣତି କିପରି ଶୃଙ୍ଖଳିତ ହେବ, ତା' ଉପରେ ନିଷ୍ପତ୍ତି ନିଆଯାଇଛି। ମାର୍ଚ୍ଚ ୨୫ ତାରିଖ ଚୈତ୍ର ଶୁକ୍ଳପକ୍ଷ ସପ୍ତମୀ ତିଥିର ଶୁଭ ମୁହୂର୍ତ୍ତ ମଧ୍ୟାହ୍ନ ୧୨ଟାରୁ ଅପରାହ୍ଣ ୧ଟା ୪୫ ମଧ୍ୟରେ ରତ୍ନ ଅଳଙ୍କାର ଗଣତି ମଣତି ଆରମ୍ଭ କରାଯିବ। ଇତିମଧ୍ୟରେ ଏଥିପାଇଁ ଯାହା ଆନୁସଙ୍ଗିକ ବ୍ୟବସ୍ଥା କରିବା କଥା, ପ୍ରଶାସନ ତରଫରୁ କରଯିବ। ସେହିପରି ବୈଠକରେ ଗଣତି ମଣତିର ଏସ୍‌ଓପି ବା ମାର୍ଗଦର୍ଶିକା ବିଷୟରେ ମଧ୍ୟ ଆଲୋଚନା କରାଯାଇଛି। ଏଥିଲାଗି ବିଭିନ୍ନ ଦାୟିତ୍ୱ ବଣ୍ଟନ କରାଯାଇଛି। ଗଣତିମଣତି ଲାଗି ଦୁଇଟି ଟିମ୍ ଗୋଟିଏ ତତ୍ତ୍ୱାବଧାରକ ବା ସୁପରଭାଇଜିଂ ଏବଂ ଅନ୍ୟଟି କାର୍ଯ୍ୟବାହୀ ବା ହ୍ୟାଣ୍ଡଲିଂ ଟିମ୍ ଗଠନ କରାଯାଇଛି।

ତତ୍ତ୍ୱାବଧାରକ ଟିମ୍‌ରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଦଳପତି ଏବଂ ୩ ଜଣ ସଦସ୍ୟ ରହିବେ। ସେହିପରି କାର୍ଯ୍ୟବାହୀ ଦଳରେ ୧୦ ଜଣ ସଦସ୍ୟ ରହିବେ। ଏହି ଦଳରେ ଶ୍ରୀମନ୍ଦିର ପାଟଯୋଶୀ ମହାପାତ୍ର, ଭଣ୍ଡାର ମେକାପ, ତଢ଼ଉକରଣ, ଦେଉଳକରଣ, ଶ୍ରୀମନ୍ଦିର ବଣିଆ ସେବକ ରହିବେ।

### ଆଜି କେତୁଗ୍ରସ୍ତ ଚନ୍ଦ୍ରଗ୍ରହଣ

## ସୂର୍ଯ୍ୟୋଦୟରୁ ପାକତ୍ୟାଗ, ଦେବନୀତି ନିଷେଧ

ପୁରୀ, ୨।୩ (ସମିସ): ଫାଲଗୁନ ପୂର୍ଣ୍ଣିମା ତଥା ଦୋଳ ପୂର୍ଣ୍ଣିମାରେ ସଂଘଟିତ ହେବ କେତୁଗ୍ରସ୍ତ ଚନ୍ଦ୍ରଗ୍ରହଣ। ଏହା ଭାରତରେ ଦୃଶ୍ୟମାନ ହେବ। ତେଣୁ ଦୃଶ୍ୟ ହେଉଥିବା ଓଡ଼ିଶା ସମେତ ଅନ୍ୟ ଅଞ୍ଚଳରେ ଏହା ପାଳନୀୟ। ଅପରାହ୍ଣ ୩ଟା ୨୦ ମିନିଟ୍ ୧୭ ସେକେଣ୍ଡରେ ଗ୍ରହଣ ସ୍ପର୍ଶ ହୋଇ ସନ୍ଧ୍ୟା ୬ଟା ୪୭ ମିନିଟ୍ ୧୩ ସେକେଣ୍ଡରେ ସର୍ବମୋକ୍ଷ ହେବ। ଅପରାହ୍ଣ ୩ଟା ୨୦ ମିନିଟ୍ ୧୭ ସେକେଣ୍ଡରେ ଗ୍ରହଣ ସ୍ପର୍ଶ, ଅପରାହ୍ଣ ୫ଟା ୩୩ ମିନିଟ୍ ୨୭ ସେକେଣ୍ଡରୁ ମୋକ୍ଷାରମ୍ଭ ହୋଇ ସନ୍ଧ୍ୟା ୬ଟା ୪୭ ମିନିଟ୍ ୧୩ ସେକେଣ୍ଡରେ ସର୍ବମୋକ୍ଷ ହେବ। ଗ୍ରହଣର ଆଦ୍ୟନ୍ତକାଳ ୩ ଘଣ୍ଟା ୨୭ ମିନିଟ୍ ରହିଥିବା ବେଳେ ଏହାର ଦୃଶ୍ୟମାନ ମାତ୍ର ୫୭ ମିନିଟ୍।

ପୁରୀକୁ ଗ୍ରହଣ ୩ଟା ୨୦ ମିନିଟ ୧୭ ସେକେଣ୍ଡରେ ସ୍ପର୍ଶ କରିବ। ଗ୍ରାସ ଥାଇ ଚନ୍ଦ୍ର ଉଦୟ ହେବ। ସନ୍ଧ୍ୟା ୬ଟା ୪୭ ମିନିଟ ୧୩ ସେକେଣ୍ଡରେ ସର୍ବମୋକ୍ଷ ରହିଛି। ତେଣୁ ଗ୍ରହଣ ଗ୍ରସ୍ତୋଦୟ ହେଉଥିବାରୁ ସୂର୍ଯ୍ୟ ଉଦୟରୁ ସନ୍ଧ୍ୟା ୬ଟା ୪୭ ମିନିଟ ପର୍ଯ୍ୟନ୍ତ ପାକକର୍ମ, ଅନ୍ନଭୋଗ ଓ ଦେବନୀତି ନିଷେଧ। ବାଳକ, ବୃଦ୍ଧ, ରୋଗୀମାନଙ୍କ ପକ୍ଷେ ନିୟମ ଲଂଘନୀୟ।

**ଶ୍ରୀମନ୍ଦିରରେ ହେବ ସ୍ୱତନ୍ତ୍ର ନୀତିକାନ୍ତି**

ତେଣୁ ଦେବନୀତି ସୂର୍ଯ୍ୟ ଉଦୟ ପୂର୍ବରୁ ସାରିବାକୁ ପଡ଼ିବ। ସର୍ବମୋକ୍ଷ ପରେ ସ୍ନାନପୂର୍ବକ ଦେବନୀତି ଓ ଅନ୍ନଭୋଜନ କରାଯାଇପାରିବ।

ଚନ୍ଦ୍ରଗ୍ରହଣ ପାଇଁ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କର ସ୍ୱତନ୍ତ୍ର ନୀତିକାନ୍ତି ଅନୁଷ୍ଠିତ ହେବ। ଏଥିଲାଗି ଛତିଶାନିଯୋଗ ବୈଠକରେ ନୀତିନିର୍ଘଣ୍ଟ କରାଯାଇଛି। ସୋମବାର ମେଣ୍ଢାପୋଡ଼ି ନୀତି ସଅଳ ସାରି ରାତି ୧୦ଟାରେ ରାତ୍ର ପହୁଡ଼ କରାଯିବ। ରାତ୍ର ୧ଟାରେ ଦ୍ୱାର ଫିଟାଯାଇ ଅନ୍ୟାନ୍ୟ ନୀତି ଚାଲିବ। ମଙ୍ଗଳବାର ସକାଳ ୬ଟାରେ ଶ୍ରୀଦୋଳଗୋବିନ୍ଦ, ଶ୍ରୀଦେବୀ, ଭୂଦେବୀ ବିମାନକୁ ବିଜେ କରିବେ। ବିମାନ ବେଢ଼ା ପରେ ଏହି ସମୟରୁ ଦେବନୀତି ବନ୍ଦ ରହିବ। ଭକ୍ତମାନେ ମହାପ୍ରଭୁଙ୍କୁ ରତ୍ନସିଂହାସନରେ ଦର୍ଶନ କରିପାରିବେ।

ଗ୍ରହଣ ଲାଗିବା ପରେ ମହାପ୍ରଭୁଙ୍କ ମଇଲମ ଓ ଗ୍ରହଣ ମହାସ୍ନାନ ନୀତି କରାଯିବ। ପରେ ଅନ୍ୟାନ୍ୟ ନୀତି ଯେପରିକି, ସାଧାବେଶ, ରୋଷହୋମ, ସୂର୍ଯ୍ୟପୂଜା, ଦ୍ୱାରପାଳ ପୂଜା ପରେ ସନ୍ଧ୍ୟା ସାଢ଼େ ୬ଟାରେ ଗ୍ରହଣ ଭୋଗ ହେବ। ୭ଟାରେ ମଇଲମ ପରେ ରାତି ୮ରୁ ସାଢ଼େ ୯ଟା ମଧ୍ୟରେ ମହାପ୍ରଭୁଙ୍କ ସୁନାବେଶ ବା ରାଜାଧିରାଜ ବେଶ ଅନୁଷ୍ଠିତ କରାଯିବାକୁ ଲକ୍ଷ୍ୟ ରଖାଯାଇଛି। ତେବେ ସଅଳ ନୀତିକାନ୍ତି ହୋଇନପାରିଲେ, ବିଧି ଅନୁସାରେ ଗ୍ରହଣ ମୋକ୍ଷ ନୀତି ପରେ ସମସ୍ତ ନୀତି କରାଯିବା ନେଇ ବୈଠକରେ ନିଷ୍ପତ୍ତି ହୋଇଛି।

## ମେ' ଦ୍ୱିତୀୟ ସପ୍ତାହରେ ମାଟ୍ରିକ୍ ପରୀକ୍ଷା ଫଳ

କଟକ, ୨।୩ (ସମିସ): ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ଦ୍ୱାରା ପରିଚାଳିତ ଚଳିତ ୨୦୨୬ ବାର୍ଷିକ ହାଇସ୍କୁଲ ସାର୍ଟିଫିକେଟ୍ ପରୀକ୍ଷା ସୋମବାର ସାରା ରାଜ୍ୟରେ ଶାନ୍ତିଶୃଙ୍ଖଳାର ସହ ଶେଷ ହୋଇଛି। ରାଜ୍ୟର ମୋଟ ୩,୦୮୨ଟି କେନ୍ଦ୍ରରେ ଏହି ପରୀକ୍ଷା ଅନୁଷ୍ଠିତ ହୋଇଥିଲା। ଚଳିତବର୍ଷ ଫେବୃଆରୀ ୧୯ରୁ ପରୀକ୍ଷା ଆରମ୍ଭ ହୋଇ ମାର୍ଚ୍ଚ ୨ଯାଏଁ ଚାଲିଥିଲା। ବୋର୍ଡ ସଭାପତି ଶ୍ରୀକାନ୍ତ ତରାଇଙ୍କ ସୂଚନା ଅନୁସାରେ, କେତେକ ସାମାନ୍ୟ ଘଟଣାକୁ ବାଦ୍ ଦେଲେ ପରୀକ୍ଷା ସମ୍ପୂର୍ଣ୍ଣ ସୁରୁଖୁରୁରେ ଶେଷ ହୋଇଛି। ଏଥର ପରୀକ୍ଷାରେ କୌଣସି ପରୀକ୍ଷାର୍ଥୀ କପିବା ଅସାଧୁ ଉପାୟ ଅବଲମ୍ବନ କରିନଥିବା ଜଣାପଡ଼ିଛି। ବର୍ତ୍ତମାନ ଓଏମ୍ଆର୍ ସିଟ୍ ମୂଲ୍ୟାୟନ ଜାରି ରହିଥିବା ବେଳେ ଆସନ୍ତା ୧୯ ତାରିଖରୁ ସବଜେକ୍ଟିଭ ପେପର୍ ମୂଲ୍ୟାଙ୍କନ କରାଯିବ। ଏଥିପାଇଁ ୫୨ଟି ମୂଲ୍ୟାୟନ କେନ୍ଦ୍ର କରାଯାଇଛି। ମୂଲ୍ୟାୟନ ପ୍ରକ୍ରିୟାରେ ପ୍ରାୟ ୧୫ ହଜାର ଶିକ୍ଷକଙ୍କୁ ନିୟୋଜିତ କରାଯିବ। ସେହିଭଳି ମେ' ମାସ ଦ୍ୱିତୀୟ ସପ୍ତାହ ସୁଦ୍ଧା ପରୀକ୍ଷା ଫଳ ପ୍ରକାଶ ପାଇବ ବୋଲି ବୋର୍ଡ ପକ୍ଷରୁ କୁହାଯାଇଛି। ଚଳିତବର୍ଷ ରେକର୍ଡ ସଂଖ୍ୟକ ୩୯୯୯ ଜଣ ଭିନ୍ନକ୍ଷମ ପରୀକ୍ଷାର୍ଥୀ ମାଟ୍ରିକ୍ ପରୀକ୍ଷା ଦେଇଥିଲେ।

### ଅଢ଼େଇ ମାସ ହେଲା ମିଳିନି 'ମନରେଗା' ମଜୁରି

## ହନ୍ତସନ୍ତ ୨୭ ଲକ୍ଷ ଶ୍ରମିକ

ଭୁବନେଶ୍ୱର, ୨।୩(ସମିସ): ମନରେଗା ଯୋଜନାର ନାମ ପରିବର୍ତ୍ତନ ପରେ ଶ୍ରମିକଙ୍କୁ ପାରିଶ୍ରମିକ ମିଳୁନି। କାମ କରିଥିବା ଶ୍ରମିକମାନେ ଦୀର୍ଘ ଅଢ଼େଇ ମାସ ହେବ ପାଉଣା ଅପେକ୍ଷାରେ ରହିଛନ୍ତି। ଅଧିକାରୀଙ୍କ ଠାରୁ ଆରମ୍ଭ କରି ଜନ ପ୍ରତିନିଧିଙ୍କୁ ଗୁହାରି କରୁଥିଲେ ମଧ୍ୟ ସମସ୍ତେ ହାତ ଟେକି ଦେଉଛନ୍ତି। ଫଳରେ ଶ୍ରମିକମାନେ ଆନ୍ଦୋଳନ ମୁହାଁ ହୋଇଛନ୍ତି।

ତଥ୍ୟ ଅନୁଯାୟୀ, ଚଳିତ ଆର୍ଥିକ ବର୍ଷରେ ରାଜ୍ୟର ପ୍ରାୟ ୧ କୋଟି ୮୯ ଲକ୍ଷ ୨୯ ହଜାରରୁ ଅଧିକ ଶ୍ରମିକ ମନରେଗା ଯୋଜନାରେ କାର୍ଯ୍ୟ କରିଛନ୍ତି। ତନ୍ମଧ୍ୟରୁ ୧ କୋଟି ୬୧ ଲକ୍ଷ ୬୭ ହଜାର ୩୫୮ ଶ୍ରମିକଙ୍କୁ ପାଉଣା ପ୍ରଦାନ କରାଯାଇଛି। ମାତ୍ର ଆହୁରି ୨୭ ଲକ୍ଷ ୬୨ ହଜାର ୨୯୧ ଜଣ ଶ୍ରମିକଙ୍କୁ ଏବେଯାଏଁ ପାରିଶ୍ରମିକ ମିଳିନାହିଁ। ଏଫ୍‌ଟିଓ ଜେନେରେଟ୍ ହୋଇ ନଥିବା ଆହୁରି ଅନେକ ଶ୍ରମିକ ପାଉଣା ଅପେକ୍ଷାରେ ରହିଛନ୍ତି। ଗତ ଡିସେମ୍ବର ୧୫ ତାରିଖ ଠାରୁ କାମ କରିଥିବା ଶ୍ରମିକଙ୍କୁ ଆଉ ମଜୁରି ମିଳିନାହିଁ। କେବେ ମିଳିବ ସେ ନେଇ ମଧ୍ୟ ପଞ୍ଚାୟତ ଠାରୁ ବ୍ଲକ୍ ସ୍ତରୀୟ ଅଧିକାରୀମାନେ କୌଣସି ସ୍ପଷ୍ଟ ଉତ୍ତର ଦେଇପାରୁ ନାହାନ୍ତି। ଫଳରେ ଶ୍ରମିକଙ୍କ ମୁଣ୍ଡରେ ଚଡ଼କ ପଡ଼ିଛି। ଦିନରେ କାମକଲେ ସଞ୍ଜରେ ଚୁଲି ଜଳୁଥିବା ପରିବାର ଏବେ ମନରେଗାରେ କାମ କରି ନିଜ ଭାଗ୍ୟକୁ ନିନ୍ଦୁଛନ୍ତି। ସରକାର ସେମାନଙ୍କୁ କାମ ଦେବ କହି ସଠିକ୍ ସମୟରେ ପ୍ରାପ୍ୟ ପ୍ରଦାନ କରୁନଥିବାରୁ ହିନସ୍ତା ହେଉଛନ୍ତି। ଦୁଇଓଳି ଖାଇବା ପାଇଁ ଅନ୍ୟ ପାଖରେ ହାତ ପତାଉଥିବା ଅଭିଯୋଗ ହୋଇଛି।


ରାଜ୍ୟରେ ଦାଦନ ସମସ୍ୟା ଉତ୍କଟ ରୂପ ଧାରଣ କରୁଥିବାବେଳେ ମନରେଗା ଯୋଜନାକୁ ସରକାର ଅଧିକ ବ୍ୟାପକ କରିଥିଲେ। ଘର ଛାଡ଼ି ବାହାରେ ଦାଦନ ଖଟିବାକୁ ଯାଉଥିବା ଶ୍ରମିକ ପରିବାରକୁ ନିଜ ପଞ୍ଚାୟତରେ ମାସିକ ଶହେ ଦିନ କାମ ଯୋଗାଇ ଦେଉଛନ୍ତି। ମନରେଗା ଯୋଜନାର ନାମ ପରିବର୍ତ୍ତନ କରି ବିକଶିତ ଭାରତ ନିଶ୍ଚିତ ରୋଜଗାର ଓ ଆଜୀବିକା ମିସନ (ଗ୍ରାମୀଣ) ବା 'ଭିବି-ଜି ରାମ ଜି' କରି କର୍ମ ନିୟୋଜନ ଦିବସକୁ ଆଉ ୨୫ ଦିନ ବଢ଼ାଇଛନ୍ତି।

ମାତ୍ର କାମ କରୁଥିବା ଶ୍ରମିକମାନଙ୍କୁ ସଠିକ୍ ସମୟରେ ପାରିଶ୍ରମିକ ମିଳୁ ନଥିବାରୁ ବହୁ ଶ୍ରମିକ ଏହି ଯୋଜନାରୁ ମୁହଁ ଫେରାଉଛନ୍ତି। କାମ କରି ପ୍ରାପ୍ୟ ନ ପାଇବା ଠାରୁ ଦାଦନ ଯିବାକୁ ଶ୍ରେୟ ମଣୁଛନ୍ତି। ଫଳରେ ସରକାରଙ୍କ ଏହି ଯୋଜନା ଏକପ୍ରକାର ବାଟବଣା ହୋଇଛି। ଦୁଇ ଦଶନ୍ଧି ଧରି ଦେଶର ଗ୍ରାମୀଣ ପରିବାର ଲାଗି ରୋଜଗାରର ମାଧ୍ୟମ ପାଲଟିଥିବା ଏହି ଯୋଜନା ଲୋକଙ୍କ ପାଇଁ କାଳ ହେଉଛି।




## ୨୦୦ ଜୀବନ୍ତ କଇଁଛ ସହ ବୋଲେରୋ ଗାଡ଼ି ଜବତ

କାଳିମେଲା, ୨।୩(ସମିସ): ମାଲକାନଗିରି ଜିଲ୍ଲା କାଳିମେଲା ବ୍ଲକ୍‌ର କାଳିମେଲା, ଏମ୍‌ଭି-୭୯ ଓ ମୋଟୁ ବନ ବିଭାଗ ମିଳିତ ଚଢ଼ଉ କରି ୨୦୦ଟି ଜୀବନ୍ତ କଇଁଛ ଜବତ କରିଛନ୍ତି। କୁର୍ତ୍ତି ସେକ୍ସନ୍ ଅନ୍ତର୍ଗତ ଏମଭି-୬୨ ଗ୍ରାମ ନିକଟ ଜଙ୍ଗଲରେ ଅଭିଯୁକ୍ତମାନେ ଏକ ବଲେରୋ ଭିତରେ କଇଁଛଗୁଡ଼ିକୁ ଲୁଚାଇ ରଖିଥିଲେ। ତେବେ, ବନବିଭାଗ ଉକ୍ତ ଗାଡ଼ିକୁ ଜବତ କରିଥିଲେ ମଧ୍ୟ ମାଫିଆମାନେ ଗାଡ଼ି ଛାଡ଼ି ଘଟଣାସ୍ଥଳରୁ ଫେରାର୍ ହୋଇଯାଇଥିଲେ। ଏହି ସବୁ କଇଁଛ ଆନ୍ଧ୍ରପ୍ରଦେଶରୁ କୁର୍ତ୍ତି ଅଞ୍ଚଳକୁ ଆସୁଥିଲା।



## କେମିକାଲ୍ ନୁହେଁ, ହର୍ବାଲ ହୋଲି

# ପନିପରିବାରୁ ଫଗୁ ପ୍ରସ୍ତୁତ କରୁଛନ୍ତି ଏସ୍ଏଚ୍ଜି ମହିଳା




କୋରାପୁଟ,୨।୩(ସମିସ): ଆସୁଛି ରଙ୍ଗର ପର୍ବ ହୋଲି। ମାର୍କେଟରେ ବିକ୍ରି ହେଲାଣି ରଙ୍ଗ ବେରଙ୍ଗର ଫଗୁ। ଉଡିବ ଫଗୁ, ଅବିରରେ ରଙ୍ଗୀନ ହେବେ ପିଲାଠୁ ବୃଦ୍ଧ। ବଜାରରେ ରାସାୟନିକ ପଦାର୍ଥ ମିଶ୍ରିତ ରଙ୍ଗ ବିକ୍ରି ହେଉଥିବା ବେଳେ ଏହାକୁ ମୁହାଁ ଫେରାଉଛନ୍ତି ଲୋକେ। ତେଣୁ ଡୁମୁରିପୁଟର ତୁଳସୀ ମହିଳା ମା ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା ମାନେ ଅଭିନବ ପ୍ରୟାସ କରିଛନ୍ତି। ପନିପରିବାରୁ ପ୍ରସ୍ତୁତ କରିଛନ୍ତି ହର୍ବାଲ ହୋଲି। ପ୍ରାକୃତିକ ରଙ୍ଗକୁ ବ୍ୟବହାର କରି ବିଭିନ୍ନ ପନିପରିବାକୁ ନେଇ ସେଥିରୁ ରଙ୍ଗ ବାହାର କରି ଉଲିକି ଭଲି ରଙ୍ଗର ଫଗୁ ପ୍ରସ୍ତୁତ କରୁଛନ୍ତି ଡୁମୁରିପୁଟର ତୁଳସୀ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା। ସୁରକ୍ଷିତ ହୋଲି ପାଳିବାକୁ ମହିଳାଙ୍କ ଏହି ପ୍ରୟାସକୁ ଚାରିଆଡେ ପ୍ରଶଂସା କରାଯାଇଛି। ଡୁମୁରିପୁଟର ଏକ ଛୋଟ ଘରେ ବାଡିରୁ ବାହାରୁ ଥିବା ଫଳ ଯଥା ଗାଜର, ବିଟ୍ ରୁଟ, ଶାଗ ଏବଂ ଗେଣ୍ଡୁ ଫୁଲ ଆଦିକୁ ଗ୍ରାଇଣ୍ଡିଂ କରି ସେଥିରୁ ପ୍ରାକୃତିକ ରଙ୍ଗ ବାହାର କରି, ଚାଉଳ ଗୁଣ୍ଡ କିମ୍ବା ମଇଦା ମିଶାଇ ପ୍ରସ୍ତୁତ କରାଯାଉଛି ପ୍ରାକୃତିକ ରଙ୍ଗର ଫଗୁ। ଏହାପରେ ତାହାକୁ ଖରାରେ ଶୁଖେଇ ଛୋଟ ଛୋଟ ପ୍ୟାକେଟ୍ କରି ଓରମାସ ସହାୟତାରେ ବିକ୍ରି କରୁଛନ୍ତି ଉକ୍ତ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ। ତୁଳସୀ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଭାପତି ସିପ୍ରା ରାଉତ କହିଛନ୍ତି ଯେ ବର୍ତ୍ତମାନ ଆମ ଏସଏଚଜିରେ ଦଶ ଜଣ ସଭ୍ୟା ରହିଛନ୍ତି। ଆଗକୁ ହୋଲି ଆସୁଥିବାରୁ ମାଆଙ୍କ ଚିନ୍ତାଧାରା ଟିକିଏ ବଦଳିଲା। ଆମେ ସମସ୍ତେ ହର୍ବାଲ ହୋଲି ପ୍ରସ୍ତୁତ କରିବା ପାଇଁ ନିଷ୍ପତ୍ତି ନେଇଥିଲୁ। ଏବେ ସମସ୍ତେ କେମିକାଲ ହୋଲି ବ୍ୟବହାର କରୁଛନ୍ତି, ଯାହା ଛୋଟ ଛୋଟ ଛୁଆଙ୍କ ଆଖି, ନାକ ଏବଂ ପାଟିରେ ପଶି ଯାଉଛି। ତେଣୁ ମାଆମାନେ ଚିନ୍ତା କରିଲେ ଯଦି ପ୍ରାକୃତିକ ରଙ୍ଗରୁ ହୋଲି ପ୍ରସ୍ତୁତ କରାଯାଏ, ତେବେ ସମସ୍ତେ ସୁରକ୍ଷିତ ହୋଲି ଖେଳି ପାରିବେ।ସେ ଆହୁରି ମଧ୍ୟ କହିଛନ୍ତି ବିଟ୍, ଗାଜର ଏବଂ ପାଳଙ୍ଗ ସାଗ ଭଳି ଅନେକ ପନିପରିବା ରସକୁ ବାହାର କରି ଆମେ ସେଥିରେ ଚାଉଳ ଗୁଣ୍ଡ, ମଇଦା, ହଳଦିଗୁଣ୍ଡ, ବେସନ ଏବଂ ଲେମନ୍ ଗ୍ରାସ୍ ତେଲକୁ ବ୍ୟବହାର କରି ଏକ ମିଶ୍ରଣ ପ୍ରସ୍ତୁତ କରୁଛୁ। ଲେମନ୍ ଗ୍ରାସ୍ ତେଲ ବ୍ୟବହାର କରିବା ଦ୍ୱାରା ଏହାର ବାସ୍ନା ଭଲ ଆସୁଛି। ଏହି ହର୍ବାଲ ରଙ୍ଗ ଆମେ ଗତ ତିନି ବର୍ଷ ହେଲା ପ୍ରସ୍ତୁତ କରୁଛୁ। ଏଥିପାଇଁ ଆମ ଏସଏଚଜିର ଦୁଇ ଜଣ ସଦସ୍ୟ ସ୍ୱତନ୍ତ୍ର ତାଲିମ ମଧ୍ୟ ପାଇଛନ୍ତି। ଓଡ଼ିଶା ଜୀବିକା ମିଶନର ସହାୟତାରେ ଗତ ଦୁଇ ବର୍ଷ ପୂର୍ବେ ତୁଳସୀ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ଦୁଇ ଜଣ ସଦସ୍ୟା ଭୁବନେଶ୍ୱର ଯାଇ ସେଠାରେ ତାଲିମ ନେବା ପରେ ଏହି ବ୍ୟବସାୟ ଆରମ୍ଭ କରିଥିଲେ। ଏହି ରଙ୍ଗ କୋରାପୁଟ ଜିଲ୍ଲାର ବିଭିନ୍ନ ସ୍ଥାନରେ ବିକ୍ରି ହେଉଥିବା ବେଳେ ଭୁବନେଶ୍ୱରକୁ ମଧ୍ୟ ପଠାଇବାର ଯୋଜନା ଥିବା ଜଣେ ମହିଳା କହିଛନ୍ତି। ଲାଭ କ୍ଷତିର ବିଚାର ନ କରି ଲୋକଙ୍କୁ ଏକ ସୁରକ୍ଷିତ ଫଗୁରେ ହୋଲି ଖେଳିବାର ସୁଯୋଗ ଦେଉଥିବାରୁ ବେଶ୍ ଖୁସି ଅଛନ୍ତି ଉକ୍ତ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ। ତୁଳସୀ ଏସଏଚଜିର ତାଲିମ୍ ପ୍ରାପ୍ତ ଜଣେ ସଦସ୍ୟା ଜସ୍ମିନ ବେନ୍ୟା କହିଛନ୍ତି ଏହି ହର୍ବାଲ୍ ହୋଲିକୁ ଦେହରେ ଲଗାଇଲେ କୌଣସି ପାଶ୍ୱର୍ ପ୍ରତିକ୍ରିୟା ହେବ ନାହିଁ। କେମିକାଲ୍ ହୋଲି ସ୍ୱାସ୍ଥ୍ୟ ପ୍ରତି କ୍ଷତିକାରକ ଅଟେ। ଆମେ ମଧ୍ୟ ଏହି ଫଗୁକୁ ଘରେ ବ୍ୟବହାର କରୁ। ଏହି ରଙ୍ଗକୁ ପ୍ରସ୍ତୁତ କରିବା ପାଇଁ ଅଧିକ ଖର୍ଚ୍ଚ ଲାଗିଥାଏ ବୋଲି ସେ କହିଛନ୍ତି।

# ୭ ହୋଟେଲ,ବେକେରୀ ଉପରେ ଚଢ଼ଉ



ଜୟପୁର ୨।୩, (ସମିସ): କୋରାପୁଟ ଜିଲ୍ଲା ଜୟପୁର ସହରର ୭ଟି ହୋଟେଲ ଏବଂ ବେକେରୀ ଉପରେ ଜିଲ୍ଲା ଖାଦ୍ୟ ସୁରକ୍ଷା ବିଭାଗ ଏବଂ ପୌରସଂସ୍ଥା ପକ୍ଷରୁ ମିଳିତ ଚଢ଼ଉ କରାଯାଇଥିଲା। ଏହି ଅବସରରେ ପ୍ରିନସେସ୍ସ ବେକେରୀ, ହୋଟେଲ ଗାଙ୍ଗୁରାମ, ଦୁଇଟି ବାଙ୍ଗାଲୋର ବେକେରୀ, ପ୍ରେସ ବ୍ୟାକ୍ସ ବେକେରୀ, ସାହୁ ହୋଟେଲ ଏବଂ ବସଷ୍ଟାଣ୍ଡ ନିକଟରେ ଅନ୍ୟ ଏକ ହୋଟେଲ ଉପରେ ଚଢଉ କରାଯାଇ। ଖାଦ୍ୟର ନମୁନା, ଖାଦ୍ୟର ଅବଧି ଏବଂ ରେଫ୍ରିଜେଟର ରଖାଯାଇଥିବା ଦୀର୍ଘଦିନରେ ଖାଦ୍ୟର ଯାଞ୍ଚ କରାଯାଇଥିଲେ। ଏହି ଅବସରରେ ସମସ୍ତ ୭ଟି ଦୋକାନରେ ବିଭିନ୍ନ ଖାଦ୍ୟ ବିକ୍ରିର

### ୯ ହଜାର ୫ଶହ ଟଙ୍କା ଜରିମାନା ଆଦାୟ

ବିଭିନ୍ନ ଅନିୟମତା ରହିଥିବା ନେଇ ଜଣା ପଡିବା ପରେ ସମସ୍ତ ଦୋକାନୀଙ୍କ ଠାରୁ ସମୁଦାୟ ୯ ହଜାର ୫ ଶହ ଟଙ୍କା ଜରିମାନା ବାବଦକୁ ଆଦାୟ କରାଯାଇଥିଲା। ଏହିପରି ଚଢଉ ହୋଇଥିବା ଦୋକାନ ଓ ବେକେରୀ ମାଲିକଙ୍କୁ ତାଗିଦ କରାଯାଇ ଛଡାଯାଇଛି ଆଗାମୀ ଦିନରେ ଏହିପରି ଅନିୟମତା ଜାରୀ ରହିଲେ ଦୋକାନକୁ ସିଲ୍ କରାଯିବ ବୋଲି ଚେତାବନୀ ଦେଇଛନ୍ତି। ଏହି ଚଢଉରେ ଜିଲ୍ଲା ଖାଦ୍ୟ ସୁରକ୍ଷା ଅଧିକାରୀ ପଙ୍କଜୀନି ଦେହୁରୀ, ପୌର ସ୍ୱାସ୍ଥ୍ୟ ନିରୀକ୍ଷକ ଭୁବନୀ ହାଲବା, ପରିମଳ ବିଶେଷଜ୍ଞ୍ୟ ସତ୍ୟନାରାୟଣ ପାତ୍ର, କର୍ମଚାରୀ ଜଗଦିଶ ରାଓ ପ୍ରମୁଖ ଉପସ୍ଥିତ ଥିଲେ। ସୂଚନା ଯୋଗ୍ୟ, ଗତକାଲି ଜୟପୁର ସହରର ବାସିନ୍ଦା ରାଜା ସାନା ହୋଟେଲ ପ୍ରିନ୍ସସର ବେକେରୀରେ ଖାଦ୍ୟ ଖାଉଥିବା ବେଳେ ଏହା ଦୀର୍ଘଦିନରେ ହୋଇଥିବା ବେଳେ ଫଗସ୍ ହୋଇଥିବା ନେଇ ଉପଜିଲ୍ଲାପାଳଙ୍କୁ ନିକଟରେ ଅଭିଯୋଗ କରିଥିଲେ। ଏଥିନେଇ ଉପଜିଲ୍ଲାପାଳ ତଥା ପୌର ନିର୍ବାହୀ ଅଧିକାରୀ ଏ.ଶଶ୍ୟା ରେଡ୍ଡିଙ୍କୁ ନିର୍ଦ୍ଦେଶକ୍ରମେ ଚଢଉ କରାଯାଇଥିବା ନେଇ ଚର୍ଚ୍ଚା ଧରିଛି।

# ଗଞ୍ଜେଇ ଜବତ, ଦୁଇ ଗିରଫ




ବୈପାରିଗୁଡ଼ା,୨।୩(ସମିସ): ବୈପାରୀଗୁଡା ପୋଲିସକୁ ମିଳୁଛି ସଫଳତା କ୍ଷ ଗଞ୍ଜେଇ ବୋଝେଇ ପିକ୍ଅପ୍ ଭ୍ୟାନ ସହ ଗଞ୍ଜେଇ ଜବତ ଓ ଦୁଇ ଗିରଫ କ୍ଷ ପୋଲିସ ସୂଚନା ଅନୁଯାଇ, (ଓଡି୩୦ ୮୪୦) ନମ୍ବର ବିଶିଷ୍ଟ ଏକ ପିକ୍ଅପ୍ ଭ୍ୟାନରେ ଗଞ୍ଜେଇ ବୋଝେଇ ହୋଇ ମାଲକାନଗିରି ଜିଲ୍ଲା ଗୋବିନ୍ଦପାଲ୍ଲୀ ଆଡୁ ବୈପାରିଗୁଡା ପଟେ ଆସୁଥିବା ଖବର ପାଇଥିଲା ବୈପାରିଗୁଡା ପୁଲିସ। ଖବର ପାଇବା ପରେ ବୈପାରିଗୁଡା ଥାନା ଓଆଇସି ଡମ୍ବରୁଧର ବାତ୍ରିଆଙ୍କ ନିର୍ଦ୍ଦେଶକ୍ରମେ ଧିରେନ୍ଦ୍ର ବାରିକଙ୍କ ନେତୃତ୍ୱରେ ଏକ ଟିମ୍ ଗଠନ କରି ପେଟ୍ରୋଲିଂ ପାଇଁ ବାହାରିଥିଲେ। କାମିଡିପଦର ଛକ ନିକଟରେ ଉକ୍ତ ପିକ୍ଅପ୍ ଭ୍ୟାନକୁ ସନ୍ଦେହରେ ଅଟକାଇ ତଲାସି କରାଯାଇଥିଲା। ଆଗକୁ ପରିବା ବୋଝେଇ ଖାଲି ଟ୍ରେ ଭିତରେ ଗଞ୍ଜେଇ ଥିବା ଜଣାପଡିଥିଲା। ଚାଲାଣକାରୀ ମାଲକାନଗିରି ଜିଲ୍ଲା କାଲିମେଲା ଥାନା ଅନ୍ତର୍ଗତ ଏମଭି ୯୦ ଗ୍ରାମର ଡାନେଲ୍ ହରିଜନ ଏବଂ ମାଲକାନଗିରି ଆଶିର୍ବାଦ କୋଲନୀର ରମେଶ ବାଗ୍ ଦୁଇଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି ବୈପାରିଗୁଡା ପୋଲିସ। ପିକ୍ଅପ୍ ଭ୍ୟାନକୁ ଥାନାକୁ ଆଣି ଜବତ ଗଞ୍ଜେଇ ଓଜନ କରିବାରୁ ସେଥିରେ ୭ କୁଇଣ୍ଟାଲ ୬୩ କିଲୋ ୪ ଶହ ଗ୍ରାମ ଥିବା ଜଣାପଡ଼ିଛି। ଜବତ ଗଞ୍ଜେଇର ଆନୁମାନିକ ମୂଲ୍ୟ ୫ କୋଟି ଟଙ୍କାରୁ ଉର୍ଦ୍ଧ୍ୱ ହେବ ବୋଲି ଜଣାପଡ଼ିଛି। ଗଞ୍ଜେଇ ଆନ୍ଧ୍ରପ୍ରଦେଶକୁ ଚାଲାଣ କରାଯିବାର ଯୋଜନା ଥିଲା। ଏସଆଇ ସଞ୍ଜୀବ କୁମାର ବେହେରାଙ୍କୁ ଅଧିକ ତଦନ୍ତ ପାଇଁ ଦାୟିତ୍ୱ ଦିଆଯାଇଥିବା ଓଆଇସି ଡମ୍ବରୁଧର ବାତ୍ରିଆ ସୂଚନା ଦେଇଛନ୍ତି।

# ଜିଲ୍ଲା ଚିକିତ୍ସାଳୟରେ ସିଟିସ୍କାନ୍ ସ୍ଥାପନ ଓ କାର୍ଯ୍ୟକାରୀ ଦାବି

ଜୟପୁର,୨।୩(ସମିସ): ଜୟପୁର ଜିଲ୍ଲା ଚିକିତ୍ସାଳୟରେ ସିଟିସ୍କାନ ସ୍ଥାପନ ଏବଂ କାର୍ଯ୍ୟକାରୀ ନେଇ ଏକ ଦାବିପତ୍ର ଜିଲ୍ଲା ଚିକିତ୍ସାଳୟର



ଅଧିକ୍ଷକଙ୍କୁ ପ୍ରଦାନ କରାଯାଇଛି। ଜୟପୁର ପୌର ସଂସ୍ଥାର ୫ ନମ୍ବର ୱାର୍ଡ କାଉନସିଲର ପ୍ରଣବ କିଶୋର ନାୟକଙ୍କ ନେତୃତ୍ୱରେ ଯୁବକ ମାନେ ଚିକିତ୍ସାଳୟ ଅଧିକ୍ଷକଙ୍କୁ ଘେରାଉ କରିବା ସହିତ ଅକ୍ଷୟ କୁମାର ରଥଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। କୋରାପୁଟ ଠାରେ ଏକ ନୂତନ ସିଟିସ୍କାନ ମେସିନ ରହିଥିଲେ ସୁଦ୍ଧା ଏହାକୁ ଅବ୍ୟବହୃତ ଭାବେ ପକାଇ ରଖାଯାଇଛି। ତେଣୁ ତୁରନ୍ତ ଉକ୍ତ ସିଟିସ୍କାନ ମେସିନକୁ ଜୟପୁର ଚିକିତ୍ସାଳୟରେ ଅଣାଯାଇ ରୋହି ଓ ସାଧାରଣ ଲୋକଙ୍କ ସେବାରେ କାର୍ଯ୍ୟକାରୀ କରିବାକୁ ଦାବି କରାଯାଇଛି। ଏହିପରି ସରକାରଙ୍କ ପକ୍ଷରୁ ମାଗଣା ସିଟିସ୍କାନ ମ୍ୟାସନ ସେବା ଯୋଗାଇ ଦେବାପାଇଁ ନିୟମ ଥିବା ବେଳେ ଜିଲ୍ଲା ଚିକିତ୍ସାଳୟରେଏହାର ଅଭାବ ରହିଛି। ତେଣୁ ଗରିବ ଓ ସାଧାରଣ ଲୋକମାନେ ଘରୋଇ କ୍ଲିନିକ ଏବଂ ଚିକିତ୍ସାଳୟକୁ ଯାଇ ହଜାର ହଜାର ଟଙ୍କା ଖର୍ଚ୍ଚ କରିବା ସହି ସିଟସ୍କାନ କରୁଛନ୍ତି। ଏହିପରି ସମସ୍ୟାର ସମାଧାନ କରା ନଗଲେ ଆଇନକୁ ହାତକୁ ନେବେ ଏବଂ ଚିକିତ୍ସାଳୟର ମୁଖ୍ୟଫାଟକରେ ତାଲା ଦିଆଯିବ ବୋଲି କାଉନସିଲର ଶ୍ରୀ ନାୟକ ବିଭାଗକୁ ଚେତାବନୀ ଦେଇଛନ୍ତି। ସୂଚନାଯୋଗ୍ୟ, ଜିଲ୍ଲା ଚିକିତ୍ସାଳୟର ଅବ୍ୟବସ୍ଥାକୁ ନେଇ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପାଉଛି। ଗତ ୨୭ ତାରିଖରେ ସକାଳ ଖବରକାଗଜରେ ପ୍ରସୁତି ଓ ନବାଜାତ ଶିଶୁ ମାନେ ବେଡର ଅଭାବ ଯୋଗୁଁ ଚିକିତ୍ସାଳୟ ବିଭାଗର ୱାର୍ଡର ତଳେ ଶୋଉଥିବା ନେଇ ଖବର ପ୍ରକାଶିତ ହୋଇଥିଲା। ଏଥିନେଇ ଜିଲ୍ଲାପାଳ ଜିଲ୍ଲା ଚିକିତ୍ସାଳୟର ଅଧିକାରୀ ଓ କର୍ମଚାରୀ ମାନଙ୍କୁ ଏକ ଜରୁରୀକାଳୀନ ବୈଠକ ମାଧ୍ୟମରେ ସମସ୍ୟାର ସମାଧାନ ନେଇ ତାଗିଦ କରିଥିଲେ।

# ହନୁମାନ ମନ୍ଦିର ପ୍ରତିଷ୍ଠା ଉତ୍ସବ

ବୈପାରୀଗୁଡ଼ା,୨।୩(ସମିସ): ବୈପାରୀଗୁଡା ସଦର ମହକୁମା ସ୍ଥିତ ବିରଖମ୍ବ ସାହି ହନୁମାନ ମନ୍ଦିର ଏବଂ ବିଗ୍ରହ ପ୍ରତିଷ୍ଠା ନିମନ୍ତେ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ପ୍ରତିଷ୍ଠା ଉତ୍ସବ ନିମନ୍ତେ ଉତ୍ସବମୁଖର ହୋଇ ଉଠିଛି ପୁରା ବୈପାରୀଗୁଡା ସହର। ପୂଜାମଣ୍ଡପ ସାଜଶଯ୍ୟା ଶେଷ ପର୍ଯ୍ୟୟରେ। ମନ୍ଦିର ମରାମତି କାର୍ଯ୍ୟ ଶେଷ ହୋଇଥିବା ବେଳେ ରଙ୍ଗ ମରା କାମ ଚାଲିଛି । ବିଗ୍ରହ ପହଞ୍ଚି ସାରିଥିବା ବେଳେ ସହରର ପ୍ରତିଟି ଘର ଏବଂ ଦୋକାନ ସମ୍ମୁଖରେ ପତିତପବନ ବାନା ଉଡୁଛି । ଆଜି ତଥା ମଙ୍ଗଳବାର ଠାରୁ ରବିବାର ପର୍ଯ୍ୟନ୍ତ ସାତ ଦିନ ଧରି ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଆଜି ସନ୍ଧ୍ୟା ସାତୋଟାରେ ଅଙ୍କୁରା ରୋପଣ କାର୍ଯ୍ୟକ୍ରମ ରହିଥିବା ବେଳେ ବୁଧୁବାର ପୂଜା ମଣ୍ଡପରେ ଶାଳା ସଂସ୍କାର, ମଣ୍ଡଳ କରଣ, କଳସ ସ୍ଥାପନ ଆଦି କାର୍ଯ୍ୟକ୍ରମ ରହିଛି । ସେହିପରି ଗୁରୁବାର ଦିନ କଳସ ପୂଜା, ଷୋଡ଼ଶ ସ୍ତମ୍ଭ ପୂଜନ, ମଣ୍ଡପ ଦେବତା ପୂଜନ, ସୂର୍ଯ୍ୟ ପୂଜା, ପାଶ୍ୱର୍ ଦେବତା ପୂଜନ ଏବଂ ଶୁକ୍ରବାର ଦିନ ରତ୍ନମୁଦ, ୧୦୮ ହନୁମାନ ଚଳିଶା ପାଠ ଅନୁଷ୍ଠିତ ହେବ। ଏଥିସହ ଶନିବାର ଅଷ୍ଟପ୍ରହରୀ ନାମ ଯଜ୍ଞ ଆରମ୍ଭ, ବିଗ୍ରହ ମହାସ୍ନାନ, ବିଗ୍ରହ ଜୀବନନ୍ୟାସ, ହୋମ ଅରୋତୀ ଏବଂ ଶେଷ ଦିନ ରବିବାର ନବଯୌବନ ଦର୍ଶନ, ସିଂହାସନ ପ୍ରତିଷ୍ଠା, ପୂର୍ଣ୍ଣାହୂତି, ପୁଷ୍ପାଜଳି, ସାମହିକ ପ୍ରସାଦ ସେବନ ଓ ବୌଷ୍ଣବବିଦାୟ ହେବ ବୋଲି ସୂଚନା ରହିଛ।

# କୁନ୍ଦୁରାରେ ଆରମ୍ଭ ହେଲା ଏଚ୍‌ପିଭି ଟୀକାକରଣ



କୁନ୍ଦୁରା,୨।୩ (ସମିସ): କୁନ୍ଦୁରା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଠାରେ ଏଚପିଭି ଜରାୟୁ ଗ୍ରୀବା କର୍କଟ ଟୀକାକରଣର ଶୁଭାରମ୍ଭ ହୋଇଛି । ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ଗଣେଶ ପ୍ରସାଦ ଦାସଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଆଜି କୁନ୍ଦୁରା ଠାରେ ବ୍ଲକ ସ୍ତରୀୟ ଟୀକାକରଣ ଆରମ୍ଭ କରାଯାଇଛି । ଏହି କାଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବ୍ଲକ ଅଧକ୍ଷା ବନିତା କାନ୍ଦଲିଆ, ଉପାଧ୍ୟକ୍ଷ ତରୁଣୀସେନ ବିଶୋୟୀ,ଜିଲ୍ଲା ପରିଷଦ ସଭ୍ୟା କନକଲତା ପେଣ୍ଠିଆ,ସରପଞ୍ଚ ଲବ ପରଜା, ସମିତିସଭ୍ୟ ଦାମୋଦର ଗଣ୍ଡା,ସାଂସଦ ପ୍ରତିନିଧି ଅମ୍ବୁ ପାତ୍ର,ବିଧାୟକ ପ୍ରତିନିଧି ବଦ୍ରିନାରାୟଣ ଆଚାର୍ଯ୍ୟ, ଭାରପ୍ରାପ୍ତ ସିଡିପିଓ ରଞ୍ଜିତା ପଟ୍ଟନାୟକ,ବିପିଏମଓ ଦୀପାନ୍ୱିତା ପଟ୍ଟନାୟକ,ବିଏଏମ କାଜଲ କୁମାର ତରାସିଆ, ଆଇସିଡିଏସ ସୁପରଭାଇଜର ଲକ୍ଷ୍ମୀ ପ୍ରଧାନୀ ଏବଂ ବିଭାଗୀୟ କର୍ମଚାରୀ ମାନଙ୍କ ଉପସ୍ଥିତିରେ ଶୁଭ ଉଦ୍ଘାଟନ କରାଯାଇଥିଲା। ଉଦ୍ଘାଟନ ପରେ ପ୍ରଥମ ଦିନରେ କୁନ୍ଦୁରା ଏବଂ ପଖନାଗୁଡ଼ା ପଞ୍ଚାୟତରୁ ପାଞ୍ଚ ପାଞ୍ଚ କରି ଦଶ ଜଣ ୧୪ ବର୍ଷର ବାଳିକାଙ୍କୁ ଟୀକାକରଣ କରାଯାଇଛି । ସର୍ବେକ୍ଷଣ ତଥ୍ୟ ପ୍ରକାରେ ପର୍ଯ୍ୟାୟ କ୍ରମେ ଏହି ଦୁଇ ମାସରେ ପ୍ରାୟ ୮ଶହ ଯୁବତୀଙ୍କୁ ଟୀକାକରଣ କରାଯିବ ବୋଲି କହିଛନ୍ତି ବିପିଏମଓ ଶ୍ରୀମତୀ ପଟ୍ଟନାୟକ ଓ ଏଏନ୍ଏମ୍ ସ୍ୱର୍ଣ୍ଣଲତା ବେଉରିଆ ଏବଂ ସରସ୍ୱତୀ ନାୟକ।

# ଈଶାନେଶ୍ୱର ମନ୍ଦିର କମିଟି ପକ୍ଷରୁ ବାହାରିଲା ବିମାନ

ଉମରକୋଟ,୨।୩ (ସମିସ) "ଉମରକୋଟ ସହର ଡିଏନକେ ଈଶାନେଶ୍?ର ମନ୍ଦିର କମିଟି ପକ୍ଷରୁ ଈଶାନେଶ୍ୱର ମନ୍ଦିର ଠାରୁ ବିମାନ ବାହାରି ଡିଏନକେର ପ୍ରତ୍ୟେକ ଘରେ ଘରେ ବୁଲିଥିଲେ। ଫାଲଗୁନ ପୂର୍ଣ୍ଣିମା ତିଥିରେ ଦୋଳ ପୂର୍ଣ୍ଣିମା ପାଳିତ ହୋଇଥାଏ। ଏହା ହେଉଛି ରଙ୍ଗର ପର୍ବ ହୋଲି। ସଂସ୍କୃତି ଓ ପରମ୍ପରାର ଓଡିଶାରେ ୧୨ ମାସରେ ୧୩ ପର୍ବ ପାଳନ କରା ଯାଇଥାଏ। ଏହା ମଧ୍ୟରୁ ହୋଲି ଏକ ପ୍ରମୁଖ ପର୍ବ ଅଟେ। ନବରଙ୍ଗପୁର ଜିଲ୍ଲା ଉମରକୋଟ ସହର ଠାରେ ମଧ୍ୟ ଦୋଳ ପୂର୍ଣ୍ଣିମାରେ ରାଧାକୃଷ୍ଣଙ୍କୁ ଅବିର ଅର୍ପଣ କରାଯାଇ ରାଧା କୃଷ୍ଣଙ୍କ ଯୁଗଳ ମୂର୍ତ୍ତିକୁ ବିମାନରେ ସଜାଇ ଆମ୍ବକଷି ଲଗାଇ ଡିଏନକେର ପ୍ରତ୍ୟେକ ଘରେ ଘରେ ବୁଲାଯାଇଥିଲା। ଦୋଳ ପୂର୍ଣ୍ଣିମାର ଠିକ୍ ପରଦିନ ହିଁ ହୋଲି ଖେଳ ଅନୁଷ୍ଠିତ ହୁଏ। ଭିନ୍ନ ଭିନ୍ନ ରଙ୍ଗକୁ ଲୋକମାନେ ପରସ୍ପରକୁ ଲଗାଇ ଖେଳ ଖେଳିଥିଲେ। ପୂର୍ଣ୍ଣିମା ରେ ଗ୍ରହଣ ପଡୁଥିବାରୁ ରବିବାର ସନ୍ଧ୍ୟାରେ ଈଶାନେଶ୍ୱର ମନ୍ଦିର କମିଟି ପକ୍ଷରୁ ଦଳ ବିମାନ ବାହାରିଥିଲା। ପ୍ରଥମ ଦିନରେ ଦୋଳ ଓ ଦ୍ୱିତୀୟ ଦିନରେ ହୋଲି ପର୍ବ ପାଳନ କରାଯାଇଥିଲା।

# ଜିଲ୍ଲାସ୍ତରୀୟ ମିଳିତ ଅଭିଯୋଗ ଶୁଣାଣି ଶିବିର



ସେମିଳିଗୁଡ଼ା, ୨।୩ (ସମିସ): କୋରାପୁଟ ଜିଲ୍ଲାର ସେମିଳିଗୁଡା ବ୍ଲକ କାର୍ଯ୍ୟାଳୟ ସଭାଗୃହ ଠାରେ ଜିଲ୍ଲାସ୍ତରୀୟ ମିଳିତ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। କୋରାପୁଟ ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନ ଏବଂ କୋରାପୁଟ ଏସପି ରୋହିତ ବର୍ମା ଉପସ୍ଥିତ ରହି ସମୁଦାୟ ୬୦ ଗୋଟି ଅଭିଯୋଗ ଶୁଣାଣୀ କରିଥିଲେ। ସେଥି ମଧ୍ୟରୁ ବ୍ୟକ୍ତିଗତ ୨୦ ଏବଂ ଗୋଷ୍ଠୀଗତ ୪୦ ଟି ଅଭିଯୋଗ ଆସିଥିଲା ବୋଲି ଜିଲ୍ଲାପାଳ ଶ୍ରୀ ମହାଜନ କହିଛନ୍ତି। ଯେଉଁ ଯେଉଁ ଗ୍ରାମରେ ନଳକୂପ ଖରାପ ରହିଛି ସେଗୁଡିକୁ ତୁରନ୍ତ ମରାମତି କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଜିଲ୍ଲା ଖଣିଜ ପାଣ୍ଠି ଏବଂ ବିକଶିତ ଗାଁ ବିକଶିତ ଓଡ଼ିଶା ଯୋଜନାରୁ ରାସ୍ତା ନିର୍ମାଣ କରାଯିବ। ଯେଉଁଠି ମରାମତି ଦରକାର ଅଛି ସେଗୁଡିକ ମରାମତି କରିବାକୁ ସଂପୃକ୍ତ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ସେ କହିଛନ୍ତି। ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ବେଣୁଧର ଶବର, କୋରାପୁଟ ବନଖଣ୍ଡ ଅଧିକାରୀ କେ ଭି ଭାସ୍କର ରାଓ,ବ୍ଲକ ଅଧକ୍ଷା ଲିଲି ଅଣ୍ଟାବିରିଆ, ଉପାଧକ୍ଷ ଶିବା ବାଙ୍ଗାରୀ,ଡାକ୍ତର ଶିବ ସାଇ ସ୍ୱରୂପ, କୋରାପୁଟ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ପ୍ରଶାସକ ସ୍ନେହପ୍ରଭା ମାଝୀ,ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସାଧିକାରୀ ଡାକ୍ତର ଲକ୍ଷ୍ମୀଧର ବେହେରାଙ୍କ ସହ ଅନ୍ୟ ଜିଲ୍ଲାସ୍ତରୀୟ ଅଧିକାରୀ ମାନେ ଉପସ୍ଥିତ ଥିଲେ। ଜିଲ୍ଲାପାଳଙ୍କ ଦ୍ୱାରା ତିନି ଜଣ ଦିବ୍ୟାଙ୍ଗଙ୍କୁ ହୁଇଲ୍ ଚେୟାର ପ୍ରଦାନ କରାଯାଇଛି।

# ମାରୱାଡି ଯୁବ ମଞ୍ଚର କୃତ୍ରିମ ଅଙ୍ଗ ବଣ୍ଟନ ଶିବିର

ଜୟପୁର୨।୩, (ସମିସ): କୋରାପୁଟ ଜିଲ୍ଲା ଜୟପୁର ଠାରେ ମାରୱାଡି ଯୁବ ମଞ୍ଚ ପକ୍ଷରୁ ମାଗଣା କୃତ୍ରିମ ଅଙ୍ଗ ବଣ୍ଟନ କାର୍ଯ୍ୟକ୍ରମ ଗତ ରବିବାର ଠାରୁ ମଙ୍ଗଳବାର ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଛି। ରାଞ୍ଚିର ଶ୍ରୀ ଭଗବାନ ମହାବୀର ବିକଲାଙ୍ଗ ସହାୟତା ସମିତିର ସହଯୋଗରେ ଯୁବ ମଞ୍ଚ ଦ୍ୱାରା ମାଗଣା କୃତ୍ରିମ ଅଙ୍ଗ ଶିବିର ପାଇଁ ପ୍ରାକ୍-ପଞ୍ଜିକରଣ ଗତ ୨୫ ତାରିଖରେ ଅନୁଷ୍ଠିତ ହୋଇଥିଲା। ଏଥିରେ ୧୦୦ ଜଣ ହିତାଧିକାରୀ ପଞ୍ଜିକୃତ କରିଥିବା ବେଳେ ଶିବିରରେ ୨୦ ଜଣ ହିତାଧିକାରୀ ଘଟଣାସ୍ଥଳରେ କରାଯାଇଥିଲା। ତିନିଦିନିଆ ଶିବିରରେ, ହିତାଧିକାରୀମାନଙ୍କୁ ୮୦ଟି କୃତ୍ରିମ ଅଙ୍ଗ, ୪୦ଟି ଶ୍ରବଣ ଯନ୍ତ୍ର ୫୦ଟି କନି ବାଡି, ୫୦ଟି ବୈଶାଖୀ, ୨୦ଟି ବଣ୍ଟନ କରାଯାଇଛି। ଶିବିର ଆୟୋଜନରେ ସଭାପତି କାହ୍ନା ଅଗ୍ରୱାଲ, ସମ୍ପାଦକ ଭିକି ଅଗ୍ରୱାଲ କାର୍ଯ୍ୟକ୍ରମ ଅଧକ୍ଷ ମୟଙ୍କ ଅଗ୍ରୱାଲ ସଂଯୋଜକ ବରୁଣ ଜୈନ, ଅଙ୍କୁର ସୋନି, ପ୍ରଭାତ ଗୋୟଲ, ବିବେକ ଜୈନ ଏବଂ ସମସ୍ତ ଯୁବ ସଦସ୍ୟ ମାନେ ଉପସ୍ଥିତ ସହିତ ସହାୟତା କରିଥିଲେ। ଏହିପରି ଆଗାମୀ ଦିନରେ ଅନ୍ୟାନ୍ୟ ଜନହୀତକର କାର୍ଯ୍ୟ କରାଯିବ ବୋଲି ମଞ୍ଚ ପକ୍ଷରୁ ସୂଚନା ଦିଆଯାଇଛି।

# ଇରାନ ଉପରେ ଆକ୍ରମଣ ବିରୋଧରେ ପ୍ରତିବାଦ ସଭା

ବୈପାରିଗୁଡ଼ା,୨।୩(ସମିସ): ଇରାନ ଉପରେ ଇସ୍ରାଏଲର ବର୍ବର ଆକ୍ରମଣ ବିରୋଧରେ ଏସୟୁସିଆଇ (କମ୍ୟୁନିଷ୍ଟ)ର ପ୍ରତିବାଦ ସଭା ଅନୁଷ୍ଠିତ ହୋଇଯାଇଛି। ସାମ୍ରାଜ୍ୟବାଦି ଆମେରିକାର ମଦତ୍ ପୃଷ୍ଟ ଇସ୍ରାଏଲ ଦ୍ୱାରା ନିଜର ପ୍ରତିରକ୍ଷା ମୂଳକ ଆକ୍ରମଣ ନାମରେ ଇରାନ ଉପରେ ବର୍ବର୍ ଆକ୍ରମଣ କରି ହଜାର ହଜାର ଇରାନ ବାସୀଙ୍କୁ ହତ୍ୟା କରିବା ବିରୋଧରେ ଆଜି ସାରା ଦେଶରେ ଏସୟୁସିଆଇ (କମ୍ୟୁନିଷ୍ଟ) କେନ୍ଦ୍ରୀୟ କମିଟି ଡାକରାରେ ପାଳିତ ହେଉଥିବା ପ୍ରତିବାଦ ଦିବସ ପରିପ୍ରେକ୍ଷୀରେ କୋରାପୁଟ ଜିଲ୍ଲା ବୈପାରିଗୁଡାର ସହିଦ ଲକ୍ଷ୍ମଣ ନାୟକ ଛକ ଠାରେ ବ୍ଲକ ସମ୍ପାଦକ ସୂର୍ଯ୍ୟ ନାରାୟଣ ବିଷୋୟୀଙ୍କ ନେତୃତ୍ୱରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଯାଇଛି। ଏହି ସଭାରେ ସାମ୍ରାଜ୍ୟ ବାଦି ଆମେରିକା ଓ ନରହନ୍ତା ଇସ୍ରାଏଲ ଇରାନ ଉପରେ ଆକ୍ରମଣକୁ ଦୃଢ଼ ନିନ୍ଦା କରିବା ସହ ଇରାନ ଉପରେ ଆକ୍ରମଣକୁ ତୁରନ୍ତ ବନ୍ଦ ପାଇଁ ଦାବି କରାଯାଇଥିଲା। ଏଥିସହ ଭାରତ ସରକାରଙ୍କୁ ଆମେରିକା ଓ ଇସ୍ରାଏଲ ସହ କୁଟନୈତିକ ସମ୍ପର୍କ ଉଚ୍ଛେଦ ପାଇଁ ଆହ୍ୱାନ ଦେଇଥିଲେ। ଏହି ସଭାରେ ଜିଲ୍ଲା ସମ୍ପାଦକ କାହ୍ନୁ ବିଶ୍ୱାଳ ଓ ରାମ ବାରିକ ମଧ୍ୟ ବକ୍ତବ୍ୟ ରଖିଥିଲେ।

# କେଏମ୍ଆରଏସ୍ ପ୍ରବେଶିକା ପରୀକ୍ଷାରେ ଚନ୍ଦାହାଣ୍ଡି ଆଶ୍ରମରୁ ୪ ଉତ୍ତୀର୍ଣ୍ଣ



ଚନ୍ଦାହାଣ୍ଡି,୨।୩(ସମିସ): ନବରଙ୍ଗପୁର ଜିଲ୍ଲା ଚନ୍ଦାହାଣ୍ଡି ବ୍ଲକ ସଦର ସ୍ଥିତ ଆଶ୍ରମ ବିଦ୍ୟାଳୟର ଛାତ୍ର ଛାତ୍ରୀ ଜିଲ୍ଲା ମଙ୍ଗଳ ବିଭାଗର ଅଧିନସ୍ତ ଜିଲ୍ଲାର ଗୋଟିଏ ମାତ୍ର କଳିଙ୍ଗ ମଡେଲ ରେସିଡେନ୍ସିଆଲ ସ୍କୁଲରେ ମୋଟ ସିଟ ୬୦ ପାଇଁ ପ୍ରବେଶିକା ପରୀକ୍ଷା ଅନୁଷ୍ଠିତ ହୋଇଥିଲା । କେଏମଆରଏସ ପ୍ରବେଶିକା ପରୀକ୍ଷା ପାଇଁ ମୋଟ ୪୫୭ ଛାତ୍ରଛାତ୍ରୀଙ୍କ ପ୍ରବେଶିକା ପରୀକ୍ଷା ହୋଇଥିବା ବେଳେ ଚନ୍ଦାହାଣ୍ଡି ଆଶ୍ରମରୁ ମୋଟ ୪ ଜଣ ଛାତ୍ର ଛାତ୍ରୀ ଉତୀର୍ଣ୍ଣ ହୋଇଥିବା ଜଣାପଡିଛି । ବିଦ୍ୟାଳୟ ପ୍ରଧାନ ଶିକ୍ଷକ ବିଜୟ କୁମାର ସାହୁଙ୍କ ତତ୍ତ୍ୱାବଧାନରେ ସହକାରୀ ଶିକ୍ଷକ ହୃଦାନନ୍ଦ ଗହୀର, ହରଲାଲ ନାୟକ ଏବଂ ଶିକ୍ଷୟିତ୍ରୀ ବବିତା ମାଝୀଙ୍କ ସହଯୋଗ କ୍ରମେ ଏହି କେଏମଆରଏସ ପାଇଁ ୪ ଜଣ ଜିତେନ୍ଦ୍ର ଗଣ୍ଡ ରେଙ୍କ-୩, ଜଗତସିଂ ଗଣ୍ଡ ରେଙ୍କ-୧୧,ଡିଲେଶ୍ୱର ପୂଜାରୀ ରେଙ୍କ -୧୯,ଗାୟତ୍ରୀ ପୂଜାରୀ ରେଙ୍କ-୨୨ରେ ଏହି ଛାତ୍ର ଛାତ୍ରୀ କୃତ କାର୍ଯ୍ୟ ହୋଇଛନ୍ତି।

# ମା' ଭଣ୍ଡାରୁଣୀ କ୍ରିକେଟ୍ ପ୍ରତିଯୋଗିତା ଉଦ୍‌ଯାପିତ; ଫଟାମୁଣ୍ଡା ଦଳ ଚାମ୍ପିଅନ୍




ଚନ୍ଦାହାଣ୍ଡି,୨।୩(ସମିସ), ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକ ଅନ୍ତର୍ଗତ ସନ୍ଧିମୁଣ୍ଡା ଠାରେ ମା ଭଣ୍ଡାରୁଣୀ କ୍ରିକେଟ ସମିତି ଆନୁକୂଲ୍ୟରେ ଚାଲିଥିବା ମା ଭଣ୍ଡାରୁଣୀ କ୍ରିକେଟ ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ପୂର୍ବତନ ମନ୍ତ୍ରୀ ତଥା ପୂର୍ବତନ ସାଂସଦ ରମେଶ ଚନ୍ଦ୍ର ମାଝୀ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ସମିତିସଭ୍ୟା ଗୌରୀ ନାଗ,ବରିଷ୍ଠ ନେତା ଗୌରହରି ନାୟକ,ପୂର୍ବତନ ସରପଞ୍ଚ ହର ପୂଜାରୀ,ସମାଜସେବୀ ଯୁଗେଶ୍ୱର ନାଗ, ପୁରୁନ ସିଂ ସିହ୍ନା, ଦୀନବନ୍ଧୁ ମାଝୀ,ନିର୍ଭୟ ସିଂ ଠାକୁର,ସମବାରୁ ନାଗେଶ, ପବିତ୍ର କଟିମ, ଅଶେଶ୍ୱର ଗଣ୍ଡା ପ୍ରମୁଖ ଯୋଗଦେଇଥିଲେ। ଫାଇନାଲ ମ୍ୟାଚ ଫଟାମୁଣ୍ଡା ବନାମ ଅନକାବେଡା ଦଳ ମଧ୍ୟରେ ଖେଳା ଯାଇଥିଲା। ଅନକାବେଡା ଦଳ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୦ ଓଭରରେ ୮୦ ରନ ସଂଗ୍ରହ କରିଥିଲା। ଏହାର ଜବାବରେ ଫଟାମୁଣ୍ଡା ଦଳ ୭ ଓଭୋରରେ ୨ ଉଇକେଟ ବିନିମୟରେ ଆବଶ୍ୟକୀୟ ରନ ପୁରା କରି ବିଜୟୀ ଲାଭ କରିଥିଲା। ବିଜେତା ଦଳକୁ ୩୦ ହଜାର ଟଙ୍କା ସହ ଟ୍ରଫି ଓ ଉପବିଜେତା ଦଳକୁ ୨୦ ହଜାର ସହ ଟ୍ରଫି, ମ୍ୟାନ ଅଫ ଦି ସିରିଜ ଭାବେ ବବଲୁ ଓ ମ୍ୟାନ ଅଫ ଦି ମ୍ୟାଚ ଭାବେ ଶ୍ୟାମଙ୍କୁ ଅତିଥି ମାନେ ପୁରସ୍କାର ପ୍ରଦାନ କରିଥିଲେ। ଏହି ପ୍ରତିଯୋଗିତାରେ ସମୁଦାୟ ୨୮ ଗୋଟି ଦଳ ଅଂଶଗ୍ରହଣ କରିଥିଲେ। ଆଜିର ମ୍ୟାଚରେ ଭଅଁର ସିଂ ମନହିରା ଓ ନରେଶ ସିହ୍ନା ଅମ୍ପାୟାର ଭାବେ କାମିନୀ ପାଣ୍ଡେ ସ୍କୋରର ଭାବେ ଓ ନରୋତ୍ତମ ସିହ୍ନା,କୁଲେସ ଶ୍ରୀବାସ୍ତବ,ଉମାଶଙ୍କର ନାଗେଶ ଭାଷ୍ୟକାର ଭାବେ ଦାୟିତ୍ୱ ତୁଲାଇ ଥିଲେ। କ୍ରିକେଟ କମିଟି ସଭାପତି ହେମନ୍ତ ସିହ୍ନା,ସମ୍ପାଦକ କୁଞ୍ଜ ବିହାରୀ ମନହିରା, ବିଜୟ ନାଗ, କାର୍ତ୍ତିକ ମର୍କାମ, ପପୁ ସିହ୍ନା, ଜଗନ୍ନାଥ ମନହିରା,ବଇଦ ନାଗ,ନେପାଳ ମନହିରା ସମେତ ଗ୍ରାମବାସୀ ପରିଚାଳନାରେ ସହଯୋଗ କରିଥିଲେ।

## ଗଞ୍ଜେଇ ଚାଲାଣକାରୀଙ୍କ ସହିତ ସମ୍ପର୍କ ମାମଲା

# ନିଲମ୍ବିତ ପୂର୍ବତନ ଅନ୍ତରଙ୍ଗ ଥାନା ଅଧିକାରୀଙ୍କୁ ହାଇକୋର୍ଟର ଜାମିନ



ଜୟପୁର ୨।୩, (ସମିସ): କୋରାପୁଟ ଜିଲ୍ଲା ଜୟପୁର ଟାଉନଥାନା ପୁଲିସ ପକ୍ଷରୁ ଏକ ଗଞ୍ଜେଇ ଚାଲାଣ ମାମଲାରେ ଚାଲାଣକାରୀଙ୍କ ସହିତ ପୁରୀ ଜିଲ୍ଲା ଅନ୍ତରଙ୍ଗ ଥାନାର ତତ୍କାଳୀନ ଥାନା ଅଧିକାରୀ ସଂପୃକ୍ତି ନେଇ ତଦନ୍ତ ଜାରି ରହିଥିଲା। ଟାଉନଥାନା ପୁଲିସ ଆନ୍ତଃରାଜ୍ୟ ଗଞ୍ଜେଇ ଚାଲାଣକାରୀଙ୍କ କାରକୁ ପିଛା କରିବା ସହିତ ଭୁବନେଶ୍ୱର ଠାରେ ଠାବ କରିଥିଲେ। କିନ୍ତୁ ଉକ୍ତ କାର ଡ୍ରାଇଭିଂ କରୁଥିବା ଅବସ୍ଥାରେ ତତ୍କାଳୀନ ଅନ୍ତରଙ୍ଗ ଥାନାର ଅଧିକାରୀ ରାଜେଶ ବଳିଆରସିଂଙ୍କୁ ଜୟପୁର ଟାଉନଥାନା ପୁଲିସ ଦେଖିବା ପରେ ଭୁବନେଶ୍ୱର ସ୍ଥିତ ତାଙ୍କ ବାସ ଭବନକୁ ଯାଇ ଯାଞ୍ଚ କରୁଥିବା ବେଳେ ପୁଲିସକୁ ଚକମା ଦେଖାଇ ଥାନା ଅଧିକାରୀ ଶ୍ରୀ ବଳିଆରସିଂ ଫେରାର ହୋଇଯାଇଥିଲେ। ଏଥିନେଇ ରାଜ୍ୟ ପୁଲିସ ମହାନିର୍ଦ୍ଦେଶକ ତାଙ୍କ ଚାକିରୀରୁ ନିଲମ୍ବିତ କରିଥିଲେ।

ଏଥିନେଇ ଜୟପୁର ଜିଲ୍ଲା କୋର୍ଟର ସ୍ୱତନ୍ତ୍ର ତଥା ଦୌରା ଜଜ୍ କୋର୍ଟରେ ଏକ ମାମଲା (୩୨/୨୦୨୫) ଅନୁଯାୟୀ ହାଇକୋର୍ଟର ଅଗ୍ରୀମ ଜାମିନ ନେଇ ଆଜି ଜୟପୁର ସ୍ୱତନ୍ତ୍ର ତଥା ଦୌରାଜଜ କୋର୍ଟରେ ତାଙ୍କ ଓକିଲଙ୍କ ସହିତ ଉପସ୍ଥିତ ରହିବା ସହିତ ହାଇକୋର୍ଟର ନିର୍ଦ୍ଦେଶଅନୁଯାୟୀ ୫୦ ହଜାର ଟଙ୍କା ବ୍ୟକ୍ତିଗତ ମୁଚାଲିକା ଏବଂ ଜଣେ ଜାମିନଦାରଙ୍କ ଉପସ୍ଥିତିରେ ସ୍ୱତନ୍ତ୍ର କୋର୍ଟ ଜାମିନ ପ୍ରଦାନ କରିଥିବା ବେଳେ ସର୍ତ୍ତମୂଳକ ଭାବେ କୌଣସି ଗଞ୍ଜେଇ ଚାଲାଣକାରୀ କିମ୍ବା ଅପରାଧିଙ୍କ ସହିତ ସମ୍ପର୍କ ରଖିବେ ନାହିଁ। ତଦନ୍ତରେ ପୁଲିସକୁ ସହାୟତା କରିବା, କୋର୍ଟର ଧାର୍ଯ୍ୟ ତାରିଖରେ ଉପସ୍ଥିତ ରହିବାକୁ ନିର୍ଦ୍ଦେଶ ଦେଇଛନ୍ତି।

୪ଜଣ ସମୁଦାୟ ୬ ଜଣଙ୍କୁ ପୁଲିସ ଗିରଫ କରିବା ସହିତ କୋର୍ଟ ଚାଲାଣ କରିଥିଲେ। କିନ୍ତୁ ଏହି ଆନ୍ତଃରାଜ୍ୟ ଗଞ୍ଜେଇ ଚାଲାଣ କରୁଥିବା ମୁଖ୍ୟ ଓ କୁଖ୍ୟାତ ଅପରାଧି ତଥା ଗଞ୍ଜେଇ ମାଫିଆ କାର୍ତ୍ତିକ ଲାମାକୁ ପୁଲିସ ସହିତ ଅଭିଯୁକ୍ତ ନିଲମ୍ବିତ ତତ୍କାଳିନ ଥାନା ଅଧିକାରୀ ଶ୍ରୀ ବଳିଆରସିଂଙ୍କ ନିକଟରୁ କାରକୁ ଜବତ କରିଥିଲେ। କିନ୍ତୁ ପୁଲିସକ ଚକମା ଦେଖାଇ ନିଲମ୍ବିତ ଥାନା ଅଧିକାରୀ ଘଟଣାସ୍ଥଳରୁ ଚମ୍ପଟ ମାରିଥିଲେ। ଏଥିନେଇ

### ଜୟପୁର କୋର୍ଟରେ ହାଜିର ହେଲେ ନିଲମ୍ବିତ ଥାନା ଅଧିକାରୀ

ପ୍ରକାଶ ଯେ, ଜୟପୁର ଟାଉନଥାନା ପୁଲିସ ପକ୍ଷରୁ ଗତ ମେ ୨୯ ତାରିଖରେ ସହରର ଗାନ୍ଧୀଛକ ନିକଟରେ ଏକ ପୁରୁଣା ଗୋଦାମ ଠାରେ କୁଣ୍ଡା ଏବଂ ଧାନଚସୁ ବୋଝେଇ ହୋଇଥିବା ଦୁଇଟି ଟ୍ରକ୍ ଏଚ.ଆର-୬୧-ଇ-୩୩୩୦) ଏବଂ ଏପି-୩୯-ୟୁଡି-୬୬୨୫ ଭିତରୁକ ବହୁମାତ୍ରା ପ୍ୟାକେଟରେ ରହିଥିବା ଲକ୍ଷାଧିକ ଟଙ୍କା ୧୩ କୁଇଣ୍ଟାଲ ୧୮ କିଲୋଗ୍ରାମ ଗଞ୍ଜେଇ ଜବତ କରିଥିଲେ। ଏହି ମାମଲାରେ ଘଟଣାସ୍ଥଳରେ ଦୁଇଜଣ ଏବଂ ଏହାପରେ ଗିରଫ କରିବା ନେଇ ଜାଲ ବିଛାଇଥିଲେ। କିନ୍ତୁ ଗଞ୍ଜେଇ ମାଫିଆ କାର୍ତ୍ତିକ ନିଜ କାର ଯୋଗେ ଭୁବନେଶ୍ୱର ଚାଲିଯାଇଥିବା ନେଇ ତାକୁ ଟାଉନଥାନା ପୁଲିସ ପିଛା କରିଥିଲେ। ଏହିପରି ଗଞ୍ଜେଇ ମାଫିଆ କାର୍ତ୍ତିକ ନିଜ କାରକୁ ପୂର୍ବତନ ଜୟପୁର ଟାଉନଥାନା ଏସ.ଆଇ ତଥା ଅନ୍ତରଙ୍ଗ ଥାନା ଅଧିକାରୀ ଶ୍ରୀ ବଳିଆରସିଂଙ୍କୁ ନିଜ ପାଖରେ କିଛି ଦିନ କାର ରଖିବାକୁ କହି ରାଜ୍ୟ ବାହାରକୁ ଚାଲିଯାଇଥିଲା। ଏହିପରି ଟାଉନଥାନା ପୁଲିସ କାରର ପିଛା କରିବା ଟାଉନଥାନା ପୁଲିସ ନିଲମ୍ବିତ ଅନ୍ତରଙ୍ଗ ଥାନା ଅଧିକାରୀ ଶ୍ରୀ ବଳିଆରସିଂ ଗଞ୍ଜେଇ ଚାଲାଣକାରୀ ଓ ମାଫିଆଙ୍କ ସହିତ ସଂପୃକ୍ତି ନେଇ ମାମଲାରେ ଯୋଡିତ କରିବା ସହିତ ମାମଲା ରୁଜୁ କରିଥିଲେ। ଏହିପରି ଗତ ୨୦୧୪ ମସିହା ପ୍ରାୟ ୫ରୁ ୬ ବର୍ଷ ପର୍ଯ୍ୟନ୍ତ ଜୟପୁର ଟାଉନ ଏବଂ କୋରାପୁଟ ଟାଉନ ଥାନାରେ ଏସ.ଆଇ ଭାବେ କାର୍ଯ୍ୟରତ ରହିଥିବା ବେଳେ ନିଲମ୍ବିତ ଥାନା ଅଧିକାରୀ ଶ୍ରୀ ବଳିଆରସିଂଙ୍କ ସହିତ ସମ୍ପର୍କ ଗଢି ଉଠିଥିଲା।

## ■ ଫ୍ଲାଇଂ ସ୍କ୍ୱାର୍ଡ ହାତରେ ଧରାପଡିଲେ ତିନି ଶିକ୍ଷକ

# ଚାନ୍ଦିଲି ଥାନାରେ ଜିଲ୍ଲା ଶିକ୍ଷା ବିଭାଗର ଏତଲା

ରାୟଗଡ଼ା,୨।୩(ସମିସ): ରାୟଗଡ଼ା ଜିଲ୍ଲା କୋଲନରା ବ୍ଲକ କୈଳାସପୁର ସରକାରୀ ହାଇସ୍କୁଲ (ଏସେସଡି)ରେ ଦଶମ ଶ୍ରେଣୀ ମାଟ୍ରିକ୍ ପରୀକ୍ଷା ଅନୁଚିତ ଉପାୟରେ ପରୀକ୍ଷାର୍ଥୀଙ୍କୁ ପ୍ରଶ୍ନର ଉତ୍ତର ଡାକୁଥିବା ବେଳେ ଫ୍ଲାୟିଙ୍ଗ ସ୍କ୍ୱାର୍ଡ ହାତରେ ଧରା ପଡିଛନ୍ତି ୩ ଶିକ୍ଷକ। ଏଥିରେ ଜଣେ ପରୀକ୍ଷା କେନ୍ଦ୍ର ପରିଚାଳକ ଏବଂ ଦୁଇ ଜଣ ଶିକ୍ଷକ ଥିବା ଜଣାପଡିଛି । ଉକ୍ତ ପରୀକ୍ଷା କେନ୍ଦ୍ରରେ ବାହାର ସ୍କୁଲର ୨ ଜଣ ଶିକ୍ଷକଙ୍କୁ କପି ଦେଉଥିବା ଅଭିଯୋଗରେ ଧରିଛି ଫ୍ଲାଇଁ ସ୍କ୍ୱର୍ଡ। ରାୟଗଡ଼ା ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଶାନ୍ତିଲତା ମୁନିଙ୍କ ନେତୃତ୍ୱରେ ଫ୍ଲାଇଂ ସ୍କ୍ୱାର୍ଡ ଯାଞ୍ଚ ପାଇଁ କୈଳାସପୁର ସରକାରୀ ହାଇସ୍କୁଲ ଗସ୍ତ ବେଳେ ସେଠାରେ ବାହାର ସ୍କୁଲର ୨ ଜଣ ଶିକ୍ଷକ ପରୀକ୍ଷା ଦେଉଥିବା ପିଲାଙ୍କୁ କପି ଦେଉଥିବା ଜାଣିବାକୁ ପାଇଥିଲେ। ଏହାପରେ ଉକ୍ତ ୨ ଜଣ ଶିକ୍ଷକଙ୍କ ସମେତ କେନ୍ଦ୍ର ପରିଚାଳକଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଜିଲ୍ଲା ଶିକ୍ଷାଧିକାରୀଙ୍କୁ ଜଣାଇଥିଲେ। ଏନେଇ ଚାନ୍ଦିଲି ଥାନାରେ ଜିଲ୍ଲା ଶିକ୍ଷା ବିଭାଗ ପକ୍ଷରୁ ଏକ ମାମଲା ରୁଜୁ କରାଯାଇଛି। ଏହି ମାମଲାରେ କୈଳାସପୁର ଏସଏସଡି ହାଇସ୍କୁଲ ର ପ୍ରଧାନ ଶିକ୍ଷକ ତଥା ପରୀକ୍ଷା କେନ୍ଦ୍ର ପରିଚାଳକ ବିଶିକେଶନ ବାଗ, ବଡଖିଲାପଦର ହାଇସ୍କୁଲ ର ଶିକ୍ଷକ ସ୍ୱରାଜ ବେହେରା, ଭୋଇମଡା ଉନ୍ନୀତ ଉଚ୍ଚ ବିଦ୍ୟାଳୟ ର ଶିକ୍ଷକ ସୈଳେନ୍ଦ୍ର ସ୍ୱାଇଁଙ୍କ ନାମରେ ଥାନାରେ ଏତଲା ଦିଆଯାଇଛି ବୋଲି ଜିଲ୍ଲା ଶିକ୍ଷାଧିକାରୀ ରାମଚନ୍ଦ୍ର ନାହାକ ସୂଚନା ଦେଇଛନ୍ତି। ଏହି ଦୁଇ ଶିକ୍ଷକ ପିଲାଙ୍କୁ ସ୍କୁଲରେ ପରୀକ୍ଷାରେ ପଡିଥିବା ପ୍ରଶ୍ନର ଉତ୍ତର ଶ୍ରୁତଲିଖନ କରୁଥିବା ଦେଖିଥିଲେ। ଏହି ଘଟଣା ବାବଦରେ ପ୍ରମାଣ ସ୍ୱରୂପ ସ୍କୁଲର ସିସି ଟିଭି ଫୁଟେଜ ମଧ୍ୟ ପ୍ରଦାନ କରାଯାଇଥିବା ଜଣାପଡିଛି।

# ଜିଲ୍ଲାପାଳ, ଆରକ୍ଷୀ ଅଧିକ୍ଷକଙ୍କ ଯୁଗ୍ମ ଜନଶୁଣାଣି

ନବରଙ୍ଗପୁର,୨।୩(ସମିସ): ସୋମବାର ନବରଙ୍ଗପୁର ପୌର ପରିଷଦ ପରିସର ସ୍ଥିତ ସମ୍ମିଳନୀ ଗୃହରେ ଜିଲ୍ଲାପାଳ ଡ.ମହେଶ୍ୱର ସ୍ୱାଇଁ ଏବଂ ଆରକ୍ଷୀ ଅଧିକ୍ଷକ ମଡକର ସନ୍ଦୀପ ସମ୍ପଦଙ୍କ ଯୁଗ୍ମ ଅଧ୍ୟକ୍ଷତାରେ ଏକ ଜନ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଜନ ଶୁଣାଣି ଶିବିରରେ ମୁଖ୍ୟ ଉନ୍ନୟନ ଅଧିକାରୀ ଜିଲ୍ଲା ପରିଷଦ ବିରଞ୍ଚି ନାରାୟଣ ଦରୱାନ,ଉପ ଜିଲ୍ଲାପାଳ ପ୍ରକାଶ କୁମାର ମିଶ୍ରଙ୍କ ସମେତ ସମସ୍ତ ଜିଲ୍ଲା ସ୍ତରୀୟ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ଏହି ଜନ ଶୁଣାଣି ଶିବିରରେ ମୋଟ ୫୫ଜଣ ଆବେଦନକାରୀ ନିଜର ଅଭିଯୋଗ ପତ୍ର ଦାଖଲ କରିଥିବା ବେଳେ ସେଥିମଧ୍ୟରୁ ୪୬ଟି ବ୍ୟକ୍ତିଗତ ସମସ୍ୟା ଅଭିଯୋଗ ଓ ୦୯ଟି ଗ୍ରାମ୍ୟ ତଥା ସାମୁହିକ ସମସ୍ୟା ସମ୍ମିଳିତ ଥିଲା। ୪ ଟି ଅଭିଯୋଗ ର ସମାଧାନ ତତ୍କ୍ଷଣାତ୍ କରାଯାଇଥିବା ଜିଲ୍ଲା ସୂଚନା ଓ ଲୋକସଂପର୍କ ବିଭାଗ ଅଧିକାରୀ ମନୋଜ କୁମାର ବେହେରା ସୂଚନା ଦେଇଛନ୍ତି।

# ନନ୍ଦପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଏଚପିଭି ଟୀକାର ଶୁଭାରମ୍ଭ



ନନ୍ଦପୁର,୨।୩(ସମିସ):ନନ୍ଦପୁର,ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ନନ୍ଦପୁର ଅନୁକୁଲ୍ୟ ରେ ଏଚ ପି ଭି ଟୀକା ର ଶୁଭାରମ୍ଭ ହୋଇଯାଇଛି। ସୋମବାର ଏହି ଟୀକା କରଣ କାର୍ଯ୍ୟକ୍ରମ ରେ ନନ୍ଦପୁର ଗୋଷ୍ଠୀ ଉନ୍ନୟନ ଅଧିକାରୀ ଦୁର୍ଗା ପ୍ରସାଦ ଦୋରା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଟୀକାକରଣ କାର୍ଯ୍ୟକ୍ରମ କୁ ଉଦଘାଟନ କରିଥିଲେ। ଏହି ଟୀକା ମୁଖ୍ୟତଃ ୧୪ ବର୍ଷ ରୁ୧୫ବର୍ଷ ବୟସ ପ୍ରାପ୍ତ କିଶୋରୀ ମାନଙ୍କୁ ଜରାୟୁ କ୍ରିବା କର୍କଟ ତଥା ସର୍ଭାଇ କ୍ୟାନ୍ସର ର ପ୍ରତିଷେଧକ ଟୀକା ଭାବେ ଦିଆଯାଏ। ଆଜି ଏହି ଟୀକା କରଣ କାର୍ଯ୍ୟକ୍ରମ ରେ ୧୪ ଜଣ କିଶୋରୀ ଙ୍କୁ ପ୍ରଥମ ଦିନ ରେ ଟୀକା କରଣ କରାଯାଇଥିଲା। ଆଗାମୀ ଦିନରେ ନନ୍ଦପୁର ବ୍ଲକ ର ଉକ୍ତବର୍ଗ ର ସମସ୍ତ କିଶୋରୀ ମାନଙ୍କୁ ଟୀକାକରଣ ର ଲକ୍ଷ୍ୟ ରଖାଯାଇଛି। ଆଜିର ଏହି କାର୍ଯ୍ୟ କ୍ରମ ରେ ଡଃ ସନ୍ଦୀପ ପଣ୍ଡା , ବିପିମ୍ ନୂତନ କୁମାରୀ, ବାମ ପ୍ରକାଶ ପତି , ବିଡି ଏମ୍ ମାନସ ଦାସ , ଲୋକନାଥ ଚୌଧୁରୀ ସମେତ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

# ୪୮ ଜଣ ବାଳିକାଙ୍କୁ ଏଚ୍‌ପିଭି ଟୀକା ପ୍ରଦାନ

ବୋରିଗୁମ୍ମା, ୨।୩(ସମିସ): ଭାରତର ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଜରାୟୁ କ୍ୟାନ୍ସର ପ୍ରତିଷେଧକ ଟୀକାକରଣର ଶୁଭାରମ୍ଭ କରିଥିଲେ। ଆଜି ସ୍ଥାନୀୟ ବୋରିଗୁମ୍ମା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଏହି ଏଚପିଭି ଟୀକାକରଣର ଶୁଭାରମ୍ଭ ହୋଇ ଯାଇଅଛି। ଏହି ଟୀକା ଜରାୟୁ କ୍ୟାନ୍ସରର ପ୍ରତିଷେଧକ ରୂପେ କାର୍ଯ୍ୟ କରିବ। ଏହି ଟୀକାକରଣ କାର୍ଯ୍ୟକ୍ରମ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ସ୍ତ୍ରୀ ଓ ପ୍ରସୂତି ବିଭାଗର ଡାକ୍ତର ପ୍ରବୀଣ କୁମାର ଦାଶଙ୍କ ଦ୍ୱାରା ଶୁଭାରମ୍ଭ ହୋଇଥିଲା। ସମୁଦାୟ ୪୮ ଜଣ ଚଉଦ ବର୍ଷର ବାଳିକାମାନେ ଆଜି ଏହି ଏଚପିଭି ଟୀକା ନେଇଥିଲେ। ଆଜିର ଏହି ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଭାରପ୍ରାପ୍ତ ଚିକିତ୍ସା ଅଧିକାରୀ ଡାକ୍ତର ଶ୍ରୀକାନ୍ତ କୁମାର ଶତପଥୀ, ବିପିଏମ୍ ସସ୍ମିତା ତ୍ରିପାଠୀ, ଦମୟନ୍ତୀ ମୁଦୁଲି, ଭାସ୍କର ଚନ୍ଦ୍ର ପାଣିଗ୍ରାହୀ ଏବଂ ଶ୍ରୀନିବାସ ରାଓ ଉପସ୍ଥିତ ଥିଲେ। ସ୍ୱାସ୍ଥ୍ୟକେନ୍ଦ୍ରର ମହିଳା ସ୍ୱାସ୍ଥ୍ୟ କର୍ମୀ ଗୀତାଞ୍ଜଳି ଚୌଧୁରୀ, ପଦ୍ମିନୀ ବାଘ, ରିନା ବେହେରା ଓ ସରୋଜିନୀ ଦାଶ ଟୀକାକରଣ ପ୍ରଦାନ କରିବାରେ ନିୟୋଜିତ ଥିଲେ। ଆଗାମୀ ଦିନରେ ଅନ୍ୟାନ୍ୟ ଉପଯୁକ୍ତ ୧୪ ବର୍ଷୀୟା ବାଳିକା ମାନଙ୍କୁ ନିକଟସ୍ଥ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଏବଂ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ରେ ପ୍ରଦାନ କରାଯିବ ବୋଲି ଭାରପ୍ରାପ୍ତ ଚିକିତ୍ସା ଅଧିକାରୀ ଡାକ୍ତର ଶ୍ରୀକାନ୍ତ ଶତପଥୀ ସୂଚନା ପ୍ରଦାନ କରିଛନ୍ତି।

# ସରିଲା ଦଳେଇଗୁଡ ରାଧାକୃଷ୍ଣ ମନ୍ଦିର ପ୍ରତିଷ୍ଠା ଉତ୍ସବ



ନବରଙ୍ଗପୁର,୨।୩(ସମିସ): ନବରଙ୍ଗପୁର ଜିଲ୍ଲା ନନ୍ଦା ହାଣ୍ଡି ବ୍ଲକ୍ ଅନ୍ତର୍ଗତ ଦଳେଇ ଗୁଡା ଠାରେ ଶ୍ରୀ ରାଧା କୃଷ୍ଣ ମନ୍ଦିରର ୫ ଦିନିଆ ପ୍ରତିଷ୍ଠା ଉତ୍ସବ ପୂର୍ଣ୍ଣାହୁତି ହୋଇ ଆଜି ସମ୍ପୂର୍ଣ୍ଣ ହୋଇଛି। ଏହି ପ୍ରତିଷ୍ଠା ଉତ୍ସବ ର ପ୍ରଥମ ଦିନରେ ଦୀକ୍ଷାକରଣ ନୀତି ସହିତ ବନଯାଗ, ମଣ୍ଡଳକରଣ, ଅଙ୍କୁରାରୋପଣ ନୀତି ହୋଇଥିବା ବେଳେ ଦ୍?ିତୀୟ ଦିନରେ ପ୍ରଥମେ ସକାଳ ସମୟରେ ଗ୍ରାମର ଶତାଧିକ ମହିଳା ଙ୍କ ଦ୍?ାରା ଜଳଯାତ୍ରା ଏହାପରେ ଛାୟାମଣ୍ଡପ କର୍ମ, ଦ୍ୱାରତୋରଣାଦି ପୂଜା, ଭୂମ୍ୟର୍ଘ୍ୟ-ଶାଳାସଂସ୍କାର-ପ୍ରବେଶ, ମଣ୍ଡପାଙ୍ଗ ବାସ୍ତୁପୂଜା, ଧାରା-ଦୁଗ୍ଧକୁମ୍ଭ ସଂସ୍କାର, ଧାରାଦାନ-ସୂତ୍ରବେଷ୍ଟନ, ଅଙ୍କୁର ଆନୟନ ସ୍ଥାପନ, ଅନ୍ୟାନ୍ୟ ଘଟ.ମଣ୍ଡଳ-କଳଶ. ସ୍ତମ୍ଭାଦି ପୂଜନ, ଅଗ୍ନି ସ୍ଥାପନ, କାରୁଶାଳା, ଧାନ୍ୟାଧିବାସ ଓ ସଂଧ୍ୟା ଆଳତି ଏବଂ ପୁଷ୍ପାଞ୍ଜଳି ହୋଇଥିଲା। ସେହିପରି ତୃତୀୟ ଓ ଚତୁର୍ଥ ଦିବସରେ ଗୋପୂଜା, ସୂର୍ଯ୍ୟପୂଜା ସୂର୍ଯ୍ୟାର୍ଘ୍ୟ, ଶାଳାପ୍ରବେଶ, ଘଟମଣ୍ଡଳାଦି ପୂଜନ, ଅଗ୍ନିସ୍ଥାପନ, ହୋମ, ଇନ୍ଦ୍ରଇନ୍ଦ୍ରାଣୀ ପ୍ରାଣପ୍ରତିଷ୍ଠା ପୂଜନ ହୋମଃ, କାରୁଶାଳା କର୍ମ, ଦେବତାସ୍ନାନ ଉ.ପ୍ର ୫୪, ରଥେ ନଗରଭ୍ରମଣ, ପୁନଃ ପାଦ୍ୟ-ଅର୍ଘ୍ୟାଦ୍ୟନନ୍ତରଂ ସ୍ନାନ, ଦେବତା ଶୟନକର୍ମ, ନିଧିହୋମଃ, ଚକ୍ରହୋମଃ, ପ୍ରାସାଦାଙ୍ଗବାସ୍ତୁ ପୂଜା, ପ୍ରାସାଦହୋମ, ବାସ୍ତୁସ୍ଥାପନ, ପ୍ରାସାଦସ୍ନାନ,ଶିଖର ପ୍ରତିଷ୍ଠା (ଧାନ୍ୟାଦିପୂରଣ,ସ୍ୱର୍ଣ୍ଣରତ୍ନାଦି ନିଧିକୁମ୍ଭ ସ୍ଥାପନ) ଓ ରତ୍ନମୁଦ, ଚକ୍ର, ଧ୍ୱଜପତାକାଦିସ୍ଥାପନମ୍, ଚକ୍ରେନ୍ୟାସଃ, ପ୍ରାସାଦକର୍ମ ଏବଂ ଦେବତା ଷୋଡଶନ୍ୟାସ ନୀତି ହୋଇଥିଲା ଏବଂ ସେହିପରି ପଞ୍ଚମ ଅର୍ଥାତ୍ ପ୍ରତିଷ୍ଠା ପୂଜା ନୀତି ର ଶେଷ ଦିନରେ ପ୍ରଥମେ ଗୋପୂଜା,ସୂର୍ଯ୍ୟପୂଜା ସୂର୍ଯ୍ୟାର୍ଘ୍ୟ, ଶାଳାପ୍ରବେଶ, ଘଟମଣ୍ଡଳାଦି ପୂଜନ, ହୋମ, ପିଣ୍ଡିକାପ୍ରତିଷ୍ଠା, ଦିକ୍‌ପାଳ ଶିଳା ସ୍ଥାପନ-ବଳିଦାନ, ସମ୍ପାତାଜ୍ୟମେକିକୃତ୍ୟ ଦେବାନାଂ ଶିରଃସ୍ୱଭିଷେଚନମ୍-ପ୍ରବୋଧନମ୍, ପିଣ୍ଡିକାଂ ପ୍ରତି ଆନୟନମ୍-ପୀଠେସ୍ଥାପନମ୍, ସ୍ଥିରୀକରଣମ୍-ଦେବତା ପ୍ରାଣପ୍ରତିଷ୍ଠା ଏବଂ ହୋମାଦି ପୂର୍ଣ୍ଣାହୁତି ଓ ଅଗ୍ନି ଶାନ୍ତି ନୀତି ସରିବା ପରେ ପ୍ରତିଷ୍ଠା ଉତ୍ସବର ସମସ୍ତ ନୀତି କାନ୍ତି ସମ୍ପୂର୍ଣ୍ଣ ହୋଇଥିଲା। ଏହି ସମଗ୍ର ପ୍ରତିଷ୍ଠା ଉତ୍ସବର ବୁଲୁ ପଟ୍ଟନାୟକ ଏବଂ ପରିବାର କର୍ତ୍ତା ଭାବରେ ସମସ୍ତ କାର୍ଯ୍ୟ ତୁଲାଉ ଥିବା ବେଳେ ନବରଙ୍ଗପୁର ବରିଷ୍ଠ ପଣ୍ଡିତ ଗୁପ୍ତ ପ୍ରସାଦ ଷଡ଼ଙ୍ଗୀ ଙ୍କ ତତ୍?ାବଧାନରେ ପଣ୍ଡିତ ଶିବ ଶଙ୍କର ମିଶ୍ର, ପଣ୍ଡିତ ସୁମିତ ହଡ଼ପ, ବବୁଲୁ ଦାସ ଙ୍କ ସମେତ ବହୁ ପୂଜକ ଏବଂ ଚର୍ଚ୍ଚକ ନିୟୋଜିତ ରହି ସମଗ୍ର ପ୍ରତିଷ୍ଠା ନୀତି କାନ୍ତି ତୁଲାଉଛନ୍ତି। ଏହି ପ୍ରତିଷ୍ଠା ଉତ୍ସବ ନବରଙ୍ଗପୁର ବାବୁ ପାତ୍ର ଙ୍କ ସମେତ ଦଳେଇ ଗୁଡା ଶ୍ରୀ ରାଧାକୃଷ୍ଣ ମନ୍ଦିରର ପରିଚାଳନା କମିଟି ର ସମସ୍ତ ସଦସ୍ୟ, ସଦସ୍ୟା ଏବଂ ବହୁ ଗ୍ରାମର ମହିଳା ଏବଂ ପୁରୁଷ ଙ୍କ ସନସ୍ଥ ସହଯୋଗରେ ଅନୁଷ୍ଠିତ ହୋଇଥିବା କର୍ତ୍ତା ଶ୍ରୀ ପଟ୍ଟନାୟକ ସୂଚନା ଦେଇଛନ୍ତି।



# 'ବାଲ୍ୟ ବିବାହ ମୁକ୍ତ ଭାରତ' ସଚେତନତା କାର୍ଯ୍ୟକ୍ରମ




ନନ୍ଦପୁର,୨।୩(ସମିସ): ଜିଲ୍ଲା ସମାଜ କଲ୍ୟାଣ ବିଭାଗ କାର୍ଯ୍ୟାଳୟ କୋରାପୁଟ ଆନୁକୂଲ୍ୟରେ ୧୦୦ ଦିନିଆ "ବାଲ୍ୟବିବାହ ମୁକ୍ତ ଭାରତ" ସଚେତନତା କାର୍ଯ୍ୟକ୍ରମ ନନ୍ଦପୁର ବ୍ଲକ ଅନ୍ତର୍ଗତ ଥିବା ସଦର ମହକୁମା ଠାରେ ଅନୁଷ୍ଠିତ ହୋଇଯାଇଛି କ୍ଷ ଥିବା ଅଙ୍ଗନୱାଡ଼ି କେନ୍ଦ୍ରର ଆଙ୍ଗନୱାଡ଼ି କର୍ମୀ ପୁଷ୍ପଲତା ଦାସିରୀଙ୍କ ସହଯୋଗରେ ସ୍ଥାନୀୟ ଗିରିଜା ଘର, ମସଜିଦ ଗୃହ, ନେତାଜୀ ହାଇସ୍କୁଲ୍ ପରିସର ଏବଂ ବାଡେଲ ଓ ସତାସେମିଲି ଗ୍ରାମ ପଞ୍ଚାୟତ ରେ ଗ୍ରାମ ର ମା ମାନଙ୍କୁ ନେଇ ବାଲ୍ୟ ବିବାହ ମୁକ୍ତ ଭାରତ ଲକ୍ଷ୍ୟରେ ସଚେତନତା କାର୍ଯ୍ୟକ୍ରମ କରାଯାଇଥିଲା। କୋରାପୁଟ ସଖୀ ଅନୁଷ୍ଠାନ କର୍ମକର୍ତ୍ତା ରଞ୍ଜିତା ସାଗର, ସୁମିତ୍ରା ପ୍ରଧାନୀ, ଜସସ୍ୱିନୀ ପଟ୍ଟନାୟକ ପ୍ରମୁଖ ଆଗ ଧାଡ଼ିରେ ରହି ବିଶେଷ ଭୂମିକାରେ ଏହି କାର୍ଯ୍ୟକ୍ରମ ରେ ଅଂଶ ଗ୍ରହଣ କରିଥିଲେ।

# ରାତିରେ ପାଳିତ ହେଲା ରାଜାଗ୍ନୀ ପର୍ବ; ଶ୍ମଶାନରେ ହେଲା ହୋଲିକା ଦହନ

ବିଷମ କଟକ,୨।୩(ସମିସ): ଚତୁର୍ଦ୍ଦଶୀ ରାତ୍ରି ଶ୍ମଶାନରେ ପାଳିତ ହେଲା ରାଜାଗ୍ନୀ ପର୍ବ ତଥା ମଗାପୂଜା। ରାଜା ରାଜୁଡା ଅମଳରୁ ରାୟଗଡା ଜିଲ୍ଲା ବିଷମ କଟକ ସହର ରେ ଏହି ପରମ୍ପରା ଚାଲି ଆସୁଛି। ପ୍ରଥା ଆଉ ପରମ୍ପରା ଅନୁଯାଏ ପ୍ରତ୍ୟକ ବର୍ଷ ଶ୍ମଶାନ ରେ ପାଳିତ ହେଉଛି ହୋଲିକା ଦହନ, ମାଗୁର ମାଛ ବଳି ସହ ତାନ୍ତ୍ରିକ ପୂଜା ପାଠ ଆୟୋଜିତ କରାଯାଉଛି। ପ୍ରତ୍ୟକ ବର୍ଷ ପୂର୍ଣ୍ଣମା ପୂର୍ବଦିନ ଚତୁର୍ଦ୍ଦଶି ରାତ୍ରି ସ୍ୱଶାନରେ ମଗା ପୂଡା ଅର୍ଥାତ ରାଜାଗ୍ନୀ ପର୍ବ ପାଳିତ ହୋଇଥାଏ। ପ୍ରତ୍ୟକ ବର୍ଷ ଚତୁର୍ଦ୍ଦଶିରେ ରାଜାଗ୍ନୀ ପୂଜା କରିବା ରାଜା ରାଜୁଡା ଅମଳରୁ ପ୍ରଥା ରହି ଆସିଛି।।ଏହି ତିଥିରେ ଶ୍ମଶାନରେ ପୁରେହିତଙ୍କ ଦ୍ୱାରା ହୋମଯଜ୍ଞ ସହ ରାଜାଗ୍ନୀ ପୂଜା ପାଳିତ ହୋଇଯାଇଛି।ହୋଲିକା ଦୋହନ କରିବା ଯେଉ କିମ୍ବଦନ୍ତୀ ରହିଛି ତାକୁ ମନ ପକେଇବା ପାଇଁ ଏହି ହୋଲି ପର୍ବ ପାଳନ ହୋଇଥାଏ, ଗାଁ ର ସୁଖଶାନ୍ତି ବଜାଇ ରଖିବା, ଗାଁ ର ସୁଖ ସମୃଦ୍ଧି,ଗାଁର ମଙ୍ଗଳ ଓ ଆରଗ୍ୟ ନିମନ୍ତେ ଦଳ ଗବିନ୍ଦ ଙ୍କୁ ପୂଜାର୍ଚ୍ଚନା କରି ଗାଁ ର ପୂଜା ଦେଖିବା ପାଇଁ ଗାଁର ଯୁବକ ମାନେ ଏକାଠି ରୁଣ୍ଡ ହୋଇଥାନ୍ତି। ରାଜାଗ୍ନୀ ନିଆଁର ଚାରି ଦିଗରେ ଘରେ ଘରେ ବଣ୍ଟା ଯାଇଥାଏ। ଏହି ନିଆଁ ରେ ନୂତନ କରି ଉତ୍ପାଦନ ହୋଇଥିବା କାନ୍ଦୁଲ କୁ ଭାଜିବା

### ମାଗୁର ମାଛ ବଳି ସହ ହେଲା ତାନ୍ତ୍ରିକ ପୂଜାପାଠ

ସମସ୍ତ ଦେବାଦେବୀ ଙ୍କୁ ଆହ୍ୱାନ କରାଯାଇଥାଏ। ରାଜାଗ୍ନୀ ପୂଜାରେ ମାଗୁର ମାଛ ବଳି ଦେବା ପ୍ରଥା ମଧ୍ୟ ରହିଛି। ଏଥି ସହ ତାନ୍ତ୍ରିକ ପୂଜା ପାଠ ଏଠାରେ ହୋଇଥିଲା। ଏହି ରାଜାଗ୍ନୀ ରାଧା କୃଷ୍ଣ ଯୁଗଳ ଚଳନ୍ତି ପ୍ରତିମା ବିମାନରେ ପରିକ୍ରମା କରିଥାନ୍ତି। ଚତୁର୍ଦ୍ଦଶି ତିଥିରେ ରାଜାଗ୍ନୀ ପୂଜା ପାଳନ ହେବା ପରେ ପୁର୍ଣିମା ଦିନ ରାଜାଗ୍ନୀ ଜଳନ୍ତା ନିଆଁକୁ ସହର ର ପରେ ନୂଆ କାନ୍ଦୁଲ ଖାଇ ଥାନ୍ତି। ଏହା ସହ ନୂଆ ଆମ୍ବ, ନୂଆ ମହୁଲ, ଓ ପଳାଶ ଫୁଲ ଙ୍କୁ ମଧ ଖାଇବା ଅଞ୍ଚଳରେ ବିଧାନ ରହିଛି। ରାଜା ରାଜୁଡା ଅମଳରୁ ଏହି ପ୍ରଥା ଆଉ ପରମ୍ପରା ନେଇ ବିଷମ କଟକ ସହର ଏହି ପୂଜା ମହା ଆଡମ୍ବରରେ ପାଳନ ହୋଇ ଆସୁଛି। ବିଷମ କଟକ ସହରର ରାଧାକୃଷ ମନ୍ଦିର , ଜଗନ୍ନାଥ ମନ୍ଦିର ଓ ଶେଷ ଦେବ ଏହି ତିନଟି ମନ୍ଦିରରୁ ରାଧାକୃଷ୍ଣ ଯୁଗଳ ଚଳନ୍ତି ପ୍ରତିମା ଦଶମୀ ତିଥିରୁ ବିମାନରେ ବାହାରି ସହରେ ବିଜେ କରିଥାନ୍ତି। ରାଧା କୃଷ୍ଣ ଯୁଗଳ ଚଳନ୍ତି ପ୍ରତିମା ବିମାନରେ ପରିକ୍ରମା ସମୟରେ ନଗର ବାସୀ ଧୂପ ଦୀପ ପୂଜା ଦେଇ ବନ୍ଦନ୍ତି।

# ଯୁବପିଢ଼ିଙ୍କ ପାଇଁ ସନ୍ତରଣ ତାଲିମ କାର୍ଯ୍ୟକ୍ରମ

ନବରଙ୍ଗପୁର,୨।୩(ସମିସ): ଓଡ୍ରାଫ୍ ଟିମ୍ ଦ୍ୱାରା ନବରଙ୍ଗପୁର ଜିଲ୍ଲାର ଉମରକୋଟ ସ୍ଥିତ ଏଜିଆର ପ୍ରତିରକ୍ଷା ଏବଂ ଶାରୀରିକ ଏକାଡେମୀ ଠାରେ ଓଡ଼ିଶା ରାଜ୍ୟ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା ବିଭାଗ ଏବଂ ନବରଙ୍ଗପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ଯୁବପିଢ଼ି ମାନଙ୍କ ପାଇଁ ସନ୍ତରଣ ଏବଂ ପାଣିରେ ବୁଡି ବଞ୍ଚିବାର ମୌଳିକ କୌଶଳ ସମ୍ବନ୍ଧୀୟ ଏକ ସନ୍ତରଣ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ପ୍ରଶିକ୍ଷଣ ଶିବିରରେ ପ୍ରଥମ ପର୍ଯ୍ୟାୟରେ ତିନୋଟି ଦଳ ଭାବେ ୯୦ ଜଣିଆ ଅଂଶଗ୍ରହଣକାରୀ ଏବଂ ଦ୍ୱିତୀୟ ପର୍ଯ୍ୟାୟରେ ତିନୋଟି ଦଳ ଭାବେ ୯୦ ଜଣିଆ ଅଂଶଗ୍ରହଣକାରୀ ସର୍ବମୋଟ ୧୮୦ ଜଣିଆ ଅଂଶଗ୍ରହଣକାରୀ ୬ଟି ଦଳଙ୍କୁ କୋରାପୁଟରୁ ଆସିଥିବା ଓଡ୍ରାଫ୍ ଟିମ୍ ଦ୍ୱାରା ପ୍ରଶିକ୍ଷଣ ପ୍ରଦାନ କରାଯିବା ସହିତ ଏଭଳି ୪ ଦଳ ହିସାବରେ ମୋଟ ୩ଶହ ଅଂଶଗ୍ରହଣକାରୀଙ୍କୁ ଓଡ୍ରାଫ୍ ଟିମ୍ ଦ୍ୱାରା ପ୍ରଶିକ୍ଷଣ ପ୍ରଦାନ କରାଯିବ। ଏହି ପ୍ରଶିକ୍ଷଣ ଶିବିରରେ ଅଂଶଗ୍ରହଣକାରୀଙ୍କୁ କିଭଳି ଭାବରେ ପ୍ରଶିକ୍ଷଣ ପ୍ରଦାନ କରାଯାଉଛି ଏବଂ ତାହା ସହିତ ଅଂଶଗ୍ରହଣକାରୀଙ୍କ ଖାଇବା, ରହିବା ଆନୁସଙ୍ଗିକ ମୌଳିକ ସୁବିଧା କିଭଳି ଭାବେ ପ୍ରଦାନ କରାଯାଉଛି ତାହାକୁ ନିରୀକ୍ଷଣ କରିବା ଏବଂ ଅଂଶଗ୍ରହଣକାରୀଙ୍କ ସହିତ ଭାବ ଆଦାନ ପ୍ରଦାନ କରିବା ସହିତ ସେମାନଙ୍କୁ ଉତ୍ସାହିତ କରିବା ସକାଶେ ଓଡିଶା ସରକାରଙ୍କ ବିଦ୍ୟାଳୟ ଏବଂ ଗଣଶିକ୍ଷା ବିଭାଗ, ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ ନିଭାଗ, ସଂଖ୍ୟାଲଘୁ ଏବଂ ପଛୁଆବର୍ଗ ବିଭାଗ, ସାମାଜିକ ସୁରକ୍ଷା ବିକଳାଙ୍ଗ ସଶକ୍ତିକରଣ ବିଭାଗର ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ , ନବରଙ୍ଗପୁର ଜିଲ୍ଲାପାଳ ଡ. ମହେଶ୍ୱର ସ୍ୱାଇଁ ପରିଦର୍ଶନ କରି ଅଂଶଗ୍ରହଣକାରୀଙ୍କୁ ରାଜ୍ୟ ସରକାରଙ୍କ ଏହି ପ୍ରଶିକ୍ଷଣ ଶିବିରର ଉଦ୍ଦେଶ୍ୟ ସମ୍ବନ୍ଧରେ ଆଲୋକପାତ କରିଥିଲେ।




# ଆଦିବାସୀଙ୍କ ପରମ୍ପରା 'ହଳପୋଡ଼ି' ପର୍ବ

ଜୟପୁର,୨।୩(ସମିସ) :





କୋରାପୁଟ ଜିଲ୍ଲା ଜୟପୁର ସହରରେ ରାଜାରାଜୁଡା ସମୟରୁ ପୌରାଣିକ ଏବଂ ଆଦିବାସୀ ମାନଙ୍କ ଉପସ୍ଥିତିରେ ହଳପୋଡି ପର୍ବ ସୋମବାର ରାତିରେ ପାଳିତ ହେଉଛି। କିନ୍ତୁ ଆଧୁନିକତାର ପ୍ରଭାବ ରହିଥିଲେ ସୁଦ୍ଧା ଏହି ପରମ୍ପରାର ପର୍ବ ପାଳନ ବଜାୟ ରହିଛି। ପୁରାତନ ପରମ୍ପରା ଅନୁଯାୟୀ ଏହି ପର୍ବ ଦୋଳ ପୂର୍ଣ୍ଣିମା ତିଥି ପୂର୍ବ ଦିବସ ଅର୍ଥାତ ଚତୁର୍ଦ୍ଦଶୀ ତିଥି ଦଳପୋଡି ପର୍ବ ଅନୁଷ୍ଠିତ ହୋଇଥାଏ। ଏହି ଅବସରରେ ଜୟପୁର ସହରରେ ସଂସ୍କୃତି ଓ ପରମ୍ପରା ଅନୁଯାୟୀ ସ୍ଥାନୀୟ ବାଙ୍କମଠ ନିକଟରେ କାଠ ସାଜସଜ୍ଜା କରାଯାଇ ରାତି ୧୧ ଟା ସମୟରେ ହଳପୋଡି ଭାବେ ଏହି କାଠରେ ଅଗ୍ନି ସଂଯୋଗ କରାଯାଇ ପାଳନ କରାଯାଇଥାଏ । ହିନ୍ଦୁ ପୌରାଣିକ ମତ ଅନୁଯାୟୀ ଭଗବାନ ନାରାୟଣଙ୍କ ଭକ୍ତ ପ୍ରହ୍ଲାଦଙ୍କୁ ନିଆଁରେ ପୋଡି ମାରିବା ପାଇଁ ହୋଲିକା ବାଳକ ଭକ୍ତଙ୍କୁ ନେଇ ନିଆଁ ପ୍ରବେଶ କରିଥିଲେ ନିଜେ ହୋଲିକା ନିଆଁରେ ପୋଡି ମୃତ୍ୟୁ ହୋଇଥିଲା। ତେଣୁ ଆସୁର ଶକ୍ତି ଉପରେ ବିଜୟ ଏବଂ ଧର୍ମ ଓ ଭଗବାନଙ୍କ ଉପରେ ଭରସା ନେଇ ଏହାକୁ ପାଳନ କରାଯାଇଥାଏ। ଗତ ଫଗୁ ଦଶମୀ ଠାରୁ ସହରର ଦଳ ଉତ୍ସବ ପାଳନ ଅନୁଯାୟୀ ସ୍ଥାନୀୟ ରାଧାକୃଷ୍ଣ, ଜଗନ୍ନାଥ, ଚୈତନ୍ୟ, କୁଞ୍ଜବିହାରୀ ମନ୍ଦିରର ବିମାନରେ ଭଗବାନ ଶ୍ରୀକୃଷ୍ଣ ଓ ଦେବୀ ରାଧାଙ୍କ ଯୁଗଳ ପ୍ରତିମୂର୍ତ୍ତିକୁ ବିମାନରେ ଅଣାଯାଇ ପୂଜାର୍ଚ୍ଚନା କରାଯାଇଥାଏ। ଏହିପରି ହଳପୋଡି ଦିନ ଠାକୁର ମାନଙ୍କୁ ବିମାନ ଯୋଗେ ବାଙ୍କମଠ ନିକଟକୁ ଅଣାଯାଇ ପୂଜାର୍ଚ୍ଚନା କରାଯିବା ସହିତ ସାଜସଜ୍ଜା କାଠରେ ହଳପୋଡି କରାଯାଇଥାଏ। ପୂର୍ବରୁ ହଳପୋଡିରେ ଗ୍ରାମାଞ୍ଚଳର ଆଦିବାସୀ ସମ୍ପ୍ରଦାୟର ଲୋକମାନେ ଯୋଗଦେବା ସହିତ ଏଠାରେ ନୂଆ କାନ୍ଦୁଲ ଭାଜିବା, ଏବଂ ନୂଆ ଆମ୍ବ ଓ ମହୁଲ ନେଇ ନିଜ ନିଜ ଘରକୁ ଫେରିବା ପରେ ଦୋଳପୂର୍ଣ୍ଣିମାରେ ଏହାକୁ ନୂତନ ଖାଦ୍ୟ ଭାବେ ନୂଆଖାଇ କରାଯାଉଥିଲା ବୋଲି ସ୍ଥାନୀୟ ବୟସ୍କ ଲୋକମାନେ କହିଛନ୍ତି। ତେଣୁ ଏହି ଅବସରରେ ପୂର୍ବରୁ ହଳପୋଡି ଉତ୍ସବରେ ପୌରାଣିକ ନାଟକ ଏବଂ ମେଳା ଅନୁଷ୍ଠିତ ହେଉଥିଲା।

# ସମ୍ପାଦକୀୟ



ଅନ୍ୟର ଅଧିକାର ଉଲ୍ଲଙ୍ଘନ କଲେ ଯାଇ ଆଇନ ଆଖିରେ ଭୁଲ୍ ବୋଲି ଧରାଯାଏ, କିନ୍ତୁ ନୈତିକତା ଆଧାରରେ ସେ ବିଷୟରେ ଚିନ୍ତା କରିବା ହିଁ ଭୁଲ୍।
-ଇମାନୁଏଲ୍ କାଣ୍ଟ

ସକାଳ
THE SAKALA

## କ୍ଷମତାର ମୁଖା ଖୋଲିଛି

ଦିଲ୍ଲୀ 'ଆପ୍' ସରକାରର ମଦ ନୀତି ଭ୍ରଷ୍ଟାଚାର ମାମଲାରେ ସିବିଆଇର ସ୍ୱତନ୍ତ୍ର ଅଦାଲତ ଗତ ଶୁକ୍ରବାର ଯେଉଁ ରାୟ ଶୁଣାଇଛନ୍ତି ତାହା କେବଳ ଦେଶବାସୀଙ୍କୁ ଚକିତ କରିନାହିଁ ଏହାର ପୃଷ୍ଠଭାଗରେ ଥିବା ମନ୍ଦ ଉଦ୍ଦେଶ୍ୟ ପଦାରେ ପଡ଼ିଯାଇଛି। ଏପର୍ଯ୍ୟନ୍ତ କ୍ଷମତା ରାଜନୀତି ପ୍ରତିପକ୍ଷ ବିରୋଧୀଙ୍କୁ ସାଧାରଣରେ ନିନ୍ଦିତ ଓ ବଦ୍‌ନାମ କରିବା ପାଇଁ ଦେଶର ଦୁଇ ପ୍ରମୁଖ ତଦନ୍ତକାରୀ ସଂସ୍ଥାକୁ ଉଦ୍ଦେଶ୍ୟମୂଳକ ଭାବେ ପ୍ରୟୋଗ କରୁଛି ବୋଲି ହେଉଥିବା ସମାଲୋଚନାର ଯେ ଯଥାର୍ଥତା ଅଛି ତାହା ପ୍ରମାଣିତ ହୋଇଛି। ତେବେ ସିବିଆଇ ଏହି ରାୟ ବିରୋଧରେ ହାଇକୋର୍ଟରେ ଆବେଦନ କରି ସମାଲୋଚନାରେ ସାମୟିକ ବିରାମ ଦେଇଥିବା ଭଳି ମନେ ହୁଏ। ଏହି ପରିପ୍ରେକ୍ଷୀରେ ଦିଲ୍ଲୀ ହାଇକୋର୍ଟ ଏହି ମାମଲାର ଅଭିଯୁକ୍ତ ଅରବିନ୍ଦ କେଜ୍ରିୱାଲ ଓ ମନୀଷ ସିସୋଦିଆଙ୍କ ଜାମିନ ଆବେଦନକୁ ବାରମ୍ବାର ପ୍ରତ୍ୟାଖାନ କରିବାରୁ ସେମାନଙ୍କୁ ଯଥାକ୍ରମେ ୬ ଓ ୧୭ ମାସ ଜେଲରେ ବିତାଇବାକୁ ପଡ଼ିଛି। ଏହି ମାମଲାରେ ସମସ୍ତ ୨୩ ଜଣ ଅଭିଯୁକ୍ତ ଦୋଷମୁକ୍ତ ହୋଇଥିବା ବେଳେ ସିବିଆଇର ତଦନ୍ତକାରୀ ଅଧିକାରୀଙ୍କ ବିରୋଧରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ପାଇଁ ନିର୍ଦ୍ଦେଶ ଦିଆଯାଇଛି।

ଏହି ସମ୍ବେଦନଶୀଳ ଭ୍ରଷ୍ଟାଚାର ମାମଲା ନିମ୍ନ ଅଦାଲତରୁ ସର୍ବୋଚ୍ଚ ନ୍ୟାୟାଳୟ ପର୍ଯ୍ୟନ୍ତ ଘୂରି ବୁଲୁଥିବା ବେଳେ ସିବିଆଇର ତଦନ୍ତ ସହ ଇଡିକୁ ଏହି ପ୍ରକ୍ରିୟାରେ ସଂଯୁକ୍ତ କରାଯାଇଥିଲା। ମନି ଲଣ୍ଡରିଂ ଆକ୍ଟର କଠୋର ନିୟମ ମାଧ୍ୟମରେ ଅଭିଯୁକ୍ତମାନଙ୍କୁ ଅଧିକ ଦିନ ଜେଲରେ ଅଟକ ରଖିବାର ସୁଯୋଗ ଏକ୍ଷେତ୍ରରେ ପ୍ରୟୋଗ କରାଯାଉଥିଲା। ଜାମିନ ଆବେଦନର ଶୁଣାଣି ବେଳେ ବିଚାରପତିଙ୍କ ଅସହାୟତାରୁ ଏହା ସ୍ପଷ୍ଟ ହୋଇଥିଲା। ରାୟ ପ୍ରଦାନ କରିଥିବା ଅତିରିକ୍ତ ଦୌରାଜଜ ଜିତେନ୍ଦ୍ର ସିଂହ ପୁଣି ଥରେ ପ୍ରମାଣ କରିଛନ୍ତି ଯେ ଭାରତୀୟ ବିଚାର ବ୍ୟବସ୍ଥା ନିରପେକ୍ଷ ଓ ଚାପମୁକ୍ତ। ଅନୁସନ୍ଧାନକାରୀ ସଂସ୍ଥା ପକ୍ଷରୁ ଅଦାଲତରେ ୧୪ ହଜାର ଇମେଲ ସହ ଦସ୍ତାବିଜର ଅଭିଯୋଗ ଫର୍ଦ୍ଦ ଦାଖଲ କରାଯାଇଥିଲା। ଏହା ଅଭିଯୋଗର ଯଥାର୍ଥତା ପ୍ରମାଣ କରିବା ସକାଶେ ଯେତିକି ନୁହେଁ ଶୁଣାଣି କରୁଥିବା ବିଚାରପତିଙ୍କୁ ବିଭ୍ରାନ୍ତ ଓ ସମୟସାପେକ୍ଷତାକୁ ଦୃଷ୍ଟିରେ ରଖି କରାଯାଇଥିବା ଭଳି ମନେ ହୁଏ। ଏହି ଯୋଜନାବଦ୍ଧ ପ୍ରୟାସର ଲକ୍ଷ୍ୟ ହାସଲ ହୋଇଛି ସତ, କିନ୍ତୁ ମନ୍ଦ ଉଦ୍ଦେଶ୍ୟ ପଦାରେ ପଡ଼ିଯାଇଛି।

ରାୟ ପ୍ରକାଶ ପରେ ପରେ କେଜ୍ରିୱାଲ୍‌ଙ୍କ ପ୍ରତିକିୟାକୁ କୋଳାଶ୍ରିତ ଗଣମାଧ୍ୟମରୁ ତର୍ଜମା ଓ ବିଚାରରେ ସାଧାରଣରେ ଯେଉଁ ଧାରଣା ସୃଷ୍ଟି ହୋଇଛି ସେଥିରେ ଏହି ଦୋଷମୁକ୍ତିର ଭୂମିକା ଗୌଣ ହୋଇପଡ଼ିଛି। ଏବେ ମଧ୍ୟ ବିଶ୍ୱାସ ଓ ଅବିଶ୍ୱାସର ସନ୍ଧିକ୍ଷଣ ମଧ୍ୟରେ ଅପହୃତ ସମ୍ମାନ ଫେରିପାଇବା ଏତେ ସହଜ ନୁହେଁ। ଯାହାକି ଜେଲର ଯାତନାଠାରୁ ଅଧିକ ପୀଡ଼ାଦାୟକ। ଛତିଶଗଡ଼ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନଙ୍କ ପରେ ଦିଲ୍ଲୀ ମୁଖ୍ୟମନ୍ତ୍ରୀଙ୍କ କ୍ଷେତ୍ରରେ ଯେଉଁ ରାଜନୈତିକ ଷଡ଼ଯନ୍ତ୍ର ହୋଇଥିଲା ତାହା କ୍ଷମତାର ମୁଖା ଖୋଲି ଦେଇଥିଲେ ମଧ୍ୟ ତାହା କେତେଦୂର ବ୍ୟବସ୍ଥାକୁ ପ୍ରଭାବିତ କରିବ ସେ ନେଇ ଏବେ ମଧ୍ୟ ସନ୍ଦେହ ରହିଛି।

## ବଢୁଛି ନାରୀ ନିର୍ଯାତନା

ରାଜ୍ୟ ସରକାର ଉପସ୍ଥାପନ କରିଥିବା ନିଜ ତଥ୍ୟରେ ଦୋଷୀ ସାବ୍ୟସ୍ତ ହୋଇଗଲେଣି। ରାଜ୍ୟରେ ସୁଭଦ୍ରା ଯୋଜନା ମାଧ୍ୟମରେ ଲକ୍ଷପତି ମହିଳା ସଂଖ୍ୟା ବୃଦ୍ଧି ଆକଳନ କରି ନିଜ ପିଠି ଥାପୁଡ଼ାଇ ଚାଲିଥିବା ସରକାର ସେମାନଙ୍କୁ ସୁରକ୍ଷା ଓ ନିରାପତ୍ତା ଯୋଗାଇବାରେ ଅସମର୍ଥ ତାହା ସ୍ପଷ୍ଟ ହୋଇଛି। ନିଜେ ମୁଖ୍ୟମନ୍ତ୍ରୀ ଗୃହ ଦାୟିତ୍ୱରେ ଅଛନ୍ତି। କେବଳ ପ୍ରଚାର ଓ ପ୍ରସାର ମାଧ୍ୟମରେ ଯଦି ପୁଲିସ ବାହିନୀକୁ ସମର୍ଥ ଓ ସକ୍ଷମ କରାଯାଇପାରନ୍ତା ତେବେ ଚିନ୍ତା ନଥା'ନ୍ତା। ନାରୀ ନିର୍ଯାତନା ଓ ବଳାତ୍କାର ଘଟଣା ନିୟନ୍ତ୍ରିତ ହୋଇପାରନ୍ତା। କିନ୍ତୁ ଏହା ବାସ୍ତବ ଆଧାରିତ ନୁହେଁ।

ନାରୀ ନିର୍ଯାତନା ସଂକ୍ରାନ୍ତ ତଥ୍ୟ ଉପସ୍ଥାପନ କଲା ବେଳେ ବର୍ଦ୍ଧିତ ପରିସଂଖ୍ୟାନ ପାଇଁ ଲଜ୍ଜିତ ହେବାକୁ ପଡୁଛି। ମା' ଓ ମହିଳାଙ୍କୁ ସ୍ୱତନ୍ତ୍ର ସମ୍ମାନ ଦେବାକୁ କହି ଆସୁଥିବା ସରକାର ନିଜର ଅପାରଗତା ଓ ଅସଫଳତାକୁ ଘୋଡ଼ାଇବାକୁ ଯାଇ କେବଳ ଅପଦସ୍ତ ହେବା ସାର ହୋଇଛି। କଥାକଥାକେ ସରକାର ପରିସ୍ଥିତିକୁ ସୁଧାରିବା ପରିବର୍ତ୍ତେ ସହାୟତା ରାଶି ଘୋଷଣା କରି ପ୍ରତିବାଦର ସ୍ୱରକୁ ଚପାଇ ଦେବାର ଉଦ୍ୟମ କରିଚାଲିଛନ୍ତି। କିଛି ଅର୍ଥ ବିନିମୟରେ ପୀଡ଼ିତାର କ୍ଷତ ଯେ ଭରଣା ହୋଇଯିବ ଏକଥା ନୁହେଁ। ରାଜ୍ୟର ଅଧିକାଂଶ ଥାନାରେ ସ୍ୱତନ୍ତ୍ର ମହିଳା ଓ ଶିଶୁ ଡେସ୍କ ସକ୍ରିୟ ଥିବା ସତ୍ତ୍ୱେ ୨୦୨୫ରେ ୩୨,୬୮୭ଟ ନାରୀ ନିର୍ଯାତନା ମାମାଲା ରୁଜୁ ହୋଇଛି। ସେଥିମଧ୍ୟରେ ନାରୀ ଅପହରଣ ଜନିତ ମାମଲା ସଂଖ୍ୟା ୭,୩୯୮। ଏହା ହିସାବକୁ ନେଲେ ଦୈନିକ ହାରାହାରି ୨୦ ରୁ ଉର୍ଦ୍ଧ୍ୱ ମହିଳା ଆମ ରାଜ୍ୟରେ ଅପହୃତ ହେଉଛନ୍ତି। ଏହାକୁ ବାଦଦେଲେ ୨୯୯୪ ଟି ବଳାତ୍କାର ମାମଲା ଓ ୧୧୫ ଦୁଷ୍କର୍ମ ଉଦ୍ୟମ ମାମଲା ରୁଜୁ ହୋଇଛି। ଅନୁରୂପ ଘଟଣାକ୍ରମରେ ବିବାହ ପ୍ରଲୋଭନ ଦେଖାଇ ଅସଦାଚରଣ କରାଯାଉଥିବା ଘଟଣା ପୁଲିସ ରେକର୍ଡ ଅନୁଯାୟୀ ୭୦୨। ପରିସଂଖ୍ୟାନ କୁହେ ଯେ ଯୌନ ଉତ୍ପୀଡ଼ନ ଓ ଯୌନ ଶୋଷଣ ନେଇ ରୁଜୁ ହୋଇଥିବା ମାମଲା ସଂଖ୍ୟା ଯଥାକ୍ରମେ ୭୩୮୨ ଓ ୧୧୮୩। ରାଜ୍ୟ ରାଜଧାନୀଠାରୁ ଆରମ୍ଭ କରି ବିଭିନ୍ନ ସ୍ଥାନରେ ମହିଳାଙ୍କୁ ସାଧାରଣ ସ୍ଥାନରେ ଖରାପ ଇଙ୍ଗିତ ଓ ଅସଦାଚରଣ କରିବା ସଂଖ୍ୟା କ୍ରମାଗତ ଭାବେ ବଢ଼ିବାରେ ଲାଗିଛି। ନିଜକୁ ଅସୁରକ୍ଷିତ ମଣୁଥିବାରୁ ସନ୍ଧ୍ୟା ପରେ ମହିଳା ଏକୁଟିଆ ବଜାର କରିବାକୁ ମଧ୍ୟ ସାହସ କରୁନାହାନ୍ତି। ଏଥିସହ ସଂପୃକ୍ତ ୧୪୪୮ ମାମଲା ରୁଜୁ ହୋଇଛି। ମହିଳାଙ୍କ ସହ ସଂପର୍କ ରକ୍ଷା କରି ଭିଡିଓ ଭାଇରାଲ ମାଧ୍ୟମରେ ବ୍ଲାକମେଲ୍ କରିବା ଘଟଣା କ୍ରମାଗତ ବୃଦ୍ଧି ପାଇଛି। ଯୌତୁକ ନିର୍ଯାତନାରେ ମୃତ୍ୟୁ ଓ ତାଡ଼ନା ସହ୍ୟ କରି ନ ପାରି ଆତ୍ମହତ୍ୟା ଘଟଣା ଓ ମାମଲା ସଂଖ୍ୟା ୧୦ ହଜାର ଅତିକ୍ରମ କରିଛି।

ଥାନାରେ ମହିଳା ଓ ଶିଶୁ ଡେସ୍କ ସହିତ କ୍ରାଇମବ୍ରାଞ୍ଚ ଅଧୀନରେ ସ୍ୱତନ୍ତ୍ର ମହିଳା ଓ ଶିଶୁ ଅପରାଧ ନିରାକରଣ ଶାଖା କାର୍ଯ୍ୟକ୍ଷମ। ପ୍ରତି ଜିଲ୍ଲାରେ ସମନ୍ୱିତ ମହିଳା ଚାଲାଣ ନିରୋଧ ଶାଖା ମଧ୍ୟ ରହିଛି। ସରକାରୀ ବ୍ୟବସ୍ଥା ଓ ବ୍ୟୟବରାଦରେ କିଛି ଢିଲା ନାହିଁ। କିନ୍ତୁ ସ୍ଥିତି ଅପରିବର୍ତ୍ତିତ ରହିଛି। ଏସବୁକୁ ଅନୁଧ୍ୟାନ କଲେ ମନରେ ସ୍ୱତଃ ପ୍ରଶ୍ନ ଉଠେ ଆମ ଲୋକ ଚରିତ୍ର କ'ଣ ଏତେ ନିମ୍ନଗାମୀ ହୋଇଗଲାଣି? ସତ କହିବାକୁ ଗଲେ ପୁଲିସ ବ୍ୟବସ୍ଥା ବିଗିଡ଼ି ଯାଇଥିବାରୁ ଜନଜୀବନ ଏକପ୍ରକାର ଲଗାମଛଡ଼ା ହୋଇଯାଇଛି।

# 'ଭେଣ୍ଟିଲେଟର'ରେ ଓଡ଼ିଶାର ଶିକ୍ଷା ଓ ସ୍ୱାସ୍ଥ୍ୟ ସେବା

ପ୍ରହଲାଦ କୁମାର ସିଂହ

ଚରିତ୍ରବିହୀନ ଶିକ୍ଷା ହେଉଛି ନୀତିବିହୀନ ରାଜନୀତି ପରି ଏକ ଭୟଙ୍କର ପାପ। ଏହି ପାପ ପାଇଁ ଆମେ ଛାତ୍ରଛାତ୍ରୀଙ୍କୁ ଦାୟୀ କରିପାରିବା ନାହିଁ। ବ୍ୟବସ୍ଥାର ବଡ଼ପଣ୍ଡାମାନେ ଏଥିଲାଗି ସଂପୂର୍ଣ୍ଣ ଦାୟୀ। କୁହାଯାଏ 'ସା ବିଦ୍ୟା ଯା ବିମୁକ୍ତୟେ'। ବିଦ୍ୟା ହିଁ ମୁକ୍ତିର ବାଟ ଦେଖାଏ। ଅସତ୍ ପଥରୁ ସତ୍ ପଥକୁ, ଅନ୍ଧକାରରୁ ଆଲୋକ ଆଡ଼କୁ ଏବଂ ମୃତ୍ୟୁରୁ ଅମୃତଲୋକକୁ ନେଇଯାଏ ବିଦ୍ୟା। କିନ୍ତୁ ଏବେ ବେକାରୀ, ବେରୋଜଗାରୀ ଯୁଗରେ ଶିକ୍ଷିତ ଯୁବକଯୁବତୀମାନଙ୍କ ଅବସ୍ଥା କ'ଣ ହେଉଛି ତାହା ସମସ୍ତେ ଜଳଜଳ କରି ଦେଖୁଥିବା ବେଳେ ପ୍ରତିକାର କରିବା ପରିବର୍ତ୍ତେ ବ୍ୟବସ୍ଥାର ବଡ଼ପଣ୍ଡାମାନେ ନିଶା, ହିଂସା, ଆଳସ୍ୟ, ଜଡ଼ତା ଆଦିରେ ସେମାନଙ୍କୁ ବୁଡ଼ାଇ ରଖିବା ପାଇଁ ଅହରହ ଷଡ଼ଯନ୍ତ୍ର ଚଳାଇଛନ୍ତି। ଏବେ ସମ୍ବାଦ ପ୍ରକାଶ ପାଇଛି କେନ୍ଦ୍ରାପଡ଼ା ଜିଲ୍ଲାର କଖାରୁଣୀ ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପିଲାମାନେ ଶିକ୍ଷକ ନିଯୁକ୍ତି ପାଇଁ ଅଳି କରି କର୍ତ୍ତୃପକ୍ଷ ଯୋଗାଉଥିବା ମାଗଣା ଭୋଜନ ଓ ମାଗଣା ପୋଷାକକୁ ବର୍ଜନ କରିଛନ୍ତି। କିଛିବର୍ଷ ତଳେ ଅବିଭକ୍ତ କୋରାପୁଟ ଜିଲ୍ଲାର ଆମିଳିପୁଟ ବିଦ୍ୟାଳୟର ପିଲାମାନେ ରାସ୍ତା ଅବରୋଧ କରି ନେହୁରା ହେଉଥିଲେ ସେମାନଙ୍କ ଭବିଷ୍ୟତ ସୁରକ୍ଷା ପାଇଁ ଶିକ୍ଷକ ନିଯୁକ୍ତି କରିବାକୁ। ଏଭଳି ଅବସ୍ଥା ନଗଡ଼ାରୁ ନୂଆପଡ଼ା ପର୍ଯ୍ୟନ୍ତ ସାରା ରାଜ୍ୟରେ ଲାଗି ରହିଛି।

ଓଡ଼ିଶାରେ ପ୍ରାଥମିକ ବିଦ୍ୟାଳୟରୁ ବିଶ୍ୱବିଦ୍ୟାଳୟ ପର୍ଯ୍ୟନ୍ତ ଶିକ୍ଷକ ମରୁଡ଼ି ଅବସ୍ଥା ଅତି ଉତ୍କଟ ଥିବା ବେଳେ 'ପର୍ସେଣ୍ଟେଜ୍‌ରାଜ' ବ୍ୟବସ୍ଥାରେ କିନ୍ତୁ ନିର୍ମାଣ ଓ ରଙ୍ଗ ଦେବା କାମରେ କୋଟିକୋଟି ଟଙ୍କା ବରବାଦ ହୋଇଚାଲୁଛି। ତେଣେ ହଜାର ହଜାର ସରକାରୀ ସ୍କୁଲ ବି ବନ୍ଦ ହୋଇଯାଉଛି। ରାଜ୍ୟର ବିଦ୍ୟାଳୟଗୁଡ଼ିକରେ ପାଖାପାଖି ୫୦ ହଜାର ଶିକ୍ଷକ ପଦବୀ ଖାଲି ବୋଲି କୁହାଯାଉଛି। ଏମିତିକି ଅନେକ ପ୍ରାଥମିକ ବିଦ୍ୟାଳୟରେ ପ୍ରତି ଶ୍ରେଣୀ ପାଇଁ ବଖରାଏ କରି ଘର ନାହିଁ କି ଜଣେ ଲେଖାଏଁ ଶିକ୍ଷକ ନାହାନ୍ତି। କେତେକ ହାଇସ୍କୁଲରେ ତ କ୍ରୀଡ଼ା, ହିନ୍ଦୀ ଓ ସଂସ୍କୃତ ଶିକ୍ଷକଙ୍କୁ ଗଣିତ, ବିଜ୍ଞାନ ଆଦି ପଢ଼ାଇବାକୁ ପଡୁଛି। ରାଜ୍ୟରେ ଲକ୍ଷଲକ୍ଷ ଉଚ୍ଚଶିକ୍ଷିତ ଯୁବକଯୁବତୀ ସିଟି ତାଲିମ ଏବଂ ବିଏଡ୍ ଓ ଏମ୍‌ଏଡ୍ ଆଦି ଡିଗ୍ରୀ ଧରି ବାରଦୁଆର ହେଉଥିବା ବେଳେ ବିଦ୍ୟାଳୟଗୁଡ଼ିକରେ କିନ୍ତୁ ଶିକ୍ଷକ ମରୁଡ଼ି ଜନିତ ସ୍ଥିତି ଉତ୍କଟତର ଥିବାରୁ ପିଲାମାନଙ୍କ ପାଠପଢ଼ା ଆରମ୍ଭରୁ ଖଇଚା ରହୁଛି।

ରାଜ୍ୟରେ ଅନ୍ୟୂନ ୧୭ଟି ସରକାରୀ ବିଶ୍ୱବିଦ୍ୟାଳୟରେ ନିୟମିତ କୁଳପତି ନାହାନ୍ତି। ଭାରପ୍ରାପ୍ତ କୁଳପତିଙ୍କ ଭରସାରେ ସଂଖ୍ୟାଧିକ ବିଶ୍ୱବିଦ୍ୟାଳୟ ଚାଲୁଛି। ଉଚ୍ଚଶିକ୍ଷା ବିଭାଗ ଅଧୀନରେ ଥିବା ୧୭ଟି ସରକାରୀ ବିଶ୍ୱବିଦ୍ୟାଳୟରେ ୬୮ ପ୍ରତିଶତରୁ ଅଧିକ ଶିକ୍ଷକ ପଦବୀ ଖାଲି ପଡ଼ିଥିବାରୁ ଗବେଷଣା, ଶିକ୍ଷାଦାନ, ପରୀକ୍ଷା ପରିଚାଳନା ଏବଂ ପ୍ରଶାସନିକ କାର୍ଯ୍ୟରେ ଅବ୍ୟବସ୍ଥା ଲାଗି ରହିଛି। ଏହି ବିଶ୍ୱବିଦ୍ୟାଳୟଗୁଡ଼ିକ ପାଇଁ ୨୯୯ଟି ମଞ୍ଜୁରୀପ୍ରାପ୍ତ ପ୍ରଫେସର ପଦବୀ ଥିବା ବେଳେ ସେଥିରୁ ୨୬୧ଟି ଖାଲି। ବସ୍ତୁତଃ ଅନେକ ବିଶ୍ୱବିଦ୍ୟାଳୟର ବିଭିନ୍ନ ବିଭାଗ ବିନା ପ୍ରଫେସରରେ ଚାଲୁଛି। ସେହିଭଳି ଏହି ବିଶ୍ୱବିଦ୍ୟାଳୟଗୁଡ଼ିକ ଲାଗି ୫୯୩ଟି ମଞ୍ଜୁରୀପ୍ରାପ୍ତ ସହଯୋଗୀ ପ୍ରଫେସର ପଦବୀ ଥିବା ବେଳେ ସେଥିରୁ ବି ୪୫୮ଟି ଖାଲି। ୧୧୯୪ଟି ସହକାରୀ ପ୍ରଫେସର ପଦବୀରେ ମଧ୍ୟରୁ ୭୦୮ଟି ଖାଲି। ମୋଟାମୋଟି ଭାବେ ସରକାରୀ ହିସାବ ମୁତାବକ କେବଳ ଉଚ୍ଚଶିକ୍ଷା ବିଭାଗର ଏହି ୧୭ଟି ସରକାରୀ ବିଶ୍ୱବିଦ୍ୟାଳୟ ପାଇଁ ୨୦୮୬ଟି ମଞ୍ଜୁରୀପ୍ରାପ୍ତ ଶିକ୍ଷକ ପଦବୀରୁ ୧୪୨୭ ଖାଲି ପଡ଼ିଛି। ଏହି ବିଶ୍ୱବିଦ୍ୟାଳୟଗୁଡ଼ିକ ଲାଗି ୩୦୮୨ଟି ମଞ୍ଜୁରୀପ୍ରାପ୍ତ ଅଣଶିକ୍ଷକ ପଦବୀ ଥିବା ବେଳେ ସେଥିରୁ ୨୩୨୫ଟି ଖାଲି ପଡ଼ିଛି। ଅର୍ଥାତ୍ ଏ କ୍ଷେତ୍ରରେ ବି ଖାଲି ପଦବୀ ସଂଖ୍ୟା ୭୫ ପ୍ରତିଶତରୁ ଅଧିକ। ରାଜ୍ୟ ସରକାର ୨୦୨୬ ଫେବୃଆରୀ ମାସରେ ବିଧାନସଭାରେ ଦେଇଥିବା ତଥ୍ୟରୁ ଏହା ଜଣାପଡୁଛି। ରାଜ୍ୟରେ ଲକ୍ଷଲକ୍ଷ ବେକାର ଯୁବକଯୁବତୀ କର୍ମନିଯୁକ୍ତି ପାଇପାରୁ ନ ଥିବା ବେଳେ ଏ ପଦବୀ ସବୁ କିନ୍ତୁ ପୂରଣ କରାଯାଉ ନାହିଁ।

ବିଜୁ ପଟ୍ଟନାୟକ ବୈଷୟିକ ବିଶ୍ୱବିଦ୍ୟାଳୟ, ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ, ଓଡ଼ିଶା ବୈଷୟିକ ଗବେଷଣା ବିଶ୍ୱବିଦ୍ୟାଳୟ, ଓଡ଼ିଶା ମେଡିକାଲ ବିଶ୍ୱବିଦ୍ୟାଳୟ, ମଧୁସୂଦନ ଆଇନ୍ ବିଶ୍ୱବିଦ୍ୟାଳୟ, ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ ଏବଂ ଏହାର ଅନୁବନ୍ଧିତ ଶିକ୍ଷାନୁଷ୍ଠାନଗୁଡ଼ିକରେ ମଧ୍ୟ ମାଳମାଳ ଶିକ୍ଷକ ଓ ଅଣଶିକ୍ଷକ ପଦବୀ ବର୍ଷବର୍ଷ ଧରି ଖାଲି ରହିଛି। ସରକାରୀ ଆଇଟିଆଇ, ଇଞ୍ଜିନିୟରିଂ ସ୍କୁଲ ଓ କଲେଜ୍, ପଲିଟେକ୍‌ନିକ୍, ସିଟି, ବି.ଏଡ୍ ଶିକ୍ଷାନୁଷ୍ଠାନମାନଙ୍କରେ ତ ଏହି ସମସ୍ୟା ଅତି ସାଙ୍ଘାତିକ। କିନ୍ତୁ ମୂଳ ସମସ୍ୟାର ସମାଧାନ କରିବା ପରିବର୍ତ୍ତେ ନିଯୁକ୍ତି ନପାଇ ହା'ହତାଶାରେ ଛଟପଟ ହେଉଥିବା ଯୁବକଯୁବତୀମାନଙ୍କୁ ନିଯୁକ୍ତିଦାତା ହେବାର ଆହ୍ୱାନ ଦିଆଯାଉଛି।

ସେହିପରି ଓଡ଼ିଶାରେ ଥିବା ସରକାରୀ ଡିଗ୍ରୀ କଲେଜ୍‌ଗୁଡ଼ିକରେ ୭୬୬ଟି ଅଧ୍ୟାପକ ପଦବୀ ଖାଲି ପଡ଼ିଛି। ଅଧିକାଂଶ ଅଟୋନୋମସ କଲେଜ୍‌ରେ ବ୍ୟାପକ ସଂଖ୍ୟକ ଶିକ୍ଷକ ଓ ଅଣଶିକ୍ଷକ ପଦବୀ ଖାଲିଥିବାରୁ ଏହା ସତେଯେମିତି ଅଟୋମେଟିକ୍ ଭାବେ ଚାଲୁଛି। ଫକୀରମୋହନ ଅଟୋନୋମସ କଲେଜ୍‌ରେ ୬୫ଟି, ବିଜେବି ଅଟୋନୋମସ କଲେଜ୍‌ରେ ୯୬ଟି, ଏମ୍‌ପିସି ଅଟୋନୋମସ କଲେଜ୍‌ରେ ୮୯ଟି, ଏସ୍‌ସିଏସ୍ ଅଟୋନୋମସ କଲେଜ୍‌ରେ ୮୪ଟି, ଶୈଳବାଳା ମହିଳା ଅଟୋନୋମସ କଲେଜ୍‌ରେ ୪୦ଟି ଅଣଶିକ୍ଷକ ପଦବୀ ଖାଲି। ଅନ୍ୟ ଶିକ୍ଷାନୁଷ୍ଠାନଗୁଡ଼ିକର ଅବସ୍ଥା ମଧ୍ୟ ତଦ୍ରୂପ। ଅଧିକାଂଶ ସରକାରୀ ଡିଗ୍ରୀ କଲେଜ୍ ଓ ଅଟୋନୋମସ କଲେଜ୍‌ରେ ନିୟମିତ ଅଧ୍ୟକ୍ଷ ନାହାନ୍ତି। ଏହି ସରକାରୀ ଡିଗ୍ରୀ କଲେଜ୍‌ଗୁଡ଼ିକରେ ୭୬୬ଟି ଅଧ୍ୟାପକ ପଦବୀ ଖାଲି ପଡ଼ିଛି। ଏଥିରୁ ଓଡ଼ିଆରେ ୫୧ଟି, ଶିକ୍ଷାରେ ୯୦ଟି, ଇଂରାଜୀରେ ୭୬ଟି, ଇତିହାସରେ ୬୬ଟି ପଦବୀ ଖାଲି। ବିଜ୍ଞାନ, କଳା, ବାଣିଜ୍ୟରେ ମାଳମାଳ ଶିକ୍ଷକ ପଦବୀ ଖାଲି ପଡ଼ିଛି। ଅନୁଦାନପ୍ରାପ୍ତ କଲେଜଗୁଡ଼ିକରୁ ଅଧିକାଂଶ ସ୍ଥାନରେ ଭାରପ୍ରାପ୍ତ ଅଧ୍ୟକ୍ଷମାନଙ୍କ ଦ୍ୱାରା କାମ ଚଳାଯାଉଛି। ଏହି କଲେଜ୍‌ଗୁଡ଼ିକରେ ପାଖାପାଖି ୨୦୦୦ ଶିକ୍ଷକ ପଦବୀ ମଧ୍ୟ ଖାଲି। ୪୮୮ ବର୍ଗର କଲେଜ୍‌ଗୁଡ଼ିକରେ ୪୭୫୭ଟି ମଞ୍ଜୁରୀପ୍ରାପ୍ତ ଅଣଶିକ୍ଷକ ପଦବୀରୁ ୩୩୫୯ଟି ଖାଲି ପଡ଼ିଛି।

ରାଜ୍ୟର ସରକାରୀ ମେଡିକାଲ୍ କଲେଜ୍ ଓ ଡାକ୍ତରଖାନାଗୁଡ଼ିକରେ ପ୍ରାୟ ୬୦ ପ୍ରତିଶତରୁ ଅଧିକ ଡାକ୍ତରୀ ଶିକ୍ଷକ ଓ ଡାକ୍ତର ପଦବୀ ଖାଲି। ସେହିପରି ସରକାରୀ ଆୟୁର୍ବେଦିକ ଓ ହୋମିଓପ୍ୟାଥିକ କଲେଜ୍ ଏବଂ ଏହି ଚିକିତ୍ସା ବିଜ୍ଞାନ ଅନ୍ତର୍ଭୁକ୍ତ ଚିକିତ୍ସା କେନ୍ଦ୍ରଗୁଡ଼ିକରେ ଅବସ୍ଥା ଅତି ସାଙ୍ଘାତିକ। ସତେଯେମିତି ଆମ ଶିକ୍ଷା ଓ ସ୍ୱାସ୍ଥ୍ୟ ସେବା ଆଇସିୟୁ ଭିତରେ କୋମାରେ ଥାଇ ଭେଣ୍ଟିଲେଟର ସହାୟତାରେ ବଞ୍ଚିବାକୁ ସଂଘର୍ଷ କରୁଛି। ଗୋଟିଏ ପଟେ ଆମେ ସମୃଦ୍ଧ ଓଡ଼ିଶା ଓ ବିକଶିତ ଭାରତ ପାଇଁ ରଙ୍ଗୀନ ନକ୍ସା ଆଙ୍କିବା ସହ ପ୍ରଚାର କାର୍ଯ୍ୟରେ ମସଗୁଲ ଥିବା ବେଳେ ଅନ୍ୟପଟେ କିନ୍ତୁ ଆମ ମୂଳଦୁଆକୁ ଜାଣିଶୁଣି ଦୁର୍ବଳ କରିଦେଉଛୁ।

ଉନ୍ନତ ମାନବସମ୍ବଳ ପାଇଁ ଉଦ୍ଦିଷ୍ଟ ଶିକ୍ଷା ଓ ସ୍ୱାସ୍ଥ୍ୟସେବାକୁ ଲାଭଦାୟକ କି ଅର୍ଥକରୀ ବିଭାଗ ଭାବେ ଗଣୁନାହୁଁ କିମ୍ବା ସେତେଟା ଗୁରୁତ୍ୱ ବି ଦେଉନାହୁଁ। ଶାସନ ଚଳାଇ ଆସୁଥିବା ଦଳମତ ନିର୍ବିଶେଷରେ ରାଜନେତା ଏବଂ ସେମାନଙ୍କ ମୁହଁରେ ଦାନାର ତୋବଡ଼ା ବାନ୍ଧି ବିଭିନ୍ନ ଘାଟରେ ପାଣି ପିଆଉଥିବା ଅମଲାତନ୍ତ୍ରର ବାବୁମାନେ ଅଧିକାଂଶ କ୍ଷେତ୍ରରେ ନିଜ ପିଲାମାନଙ୍କୁ ନାମୀଦାମୀ ଇଂରାଜୀମାଧ୍ୟମ ଘରୋଇ ବିଦ୍ୟାଳୟରେ ପଢ଼ାଇବା ସହିତ ନିଜ ନିଜର ଚିକିତ୍ସା ପାଇଁ କର୍ପୋରେଟ୍ ଡାକ୍ତରଖାନାକୁ ପସନ୍ଦ କରନ୍ତି। ଏମିତିକି କେତେକ ତ ପିଲାମାନଙ୍କୁ ପଢ଼ିବା ପାଇଁ ବିଦେଶ ପଠାଇ ଦିଅନ୍ତି। ଅବଶ୍ୟ ଗରିବ ଲୋକଙ୍କ ଟିକସ ପଇସାରେ ସେମାନେ ପାଉଥିବା ଦରମା ଓ ଉପୁରି ଅର୍ଥରୁ ଏ ବାବଦ ଖର୍ଚ୍ଚ ଭରଣା କରାଯାଏ। ଏମିତିକି ସେମାନଙ୍କ ଆଭିଜାତ୍ୟପୂର୍ଣ୍ଣ ବିଳାସମୟ ଜୀବନ ଯାପନ ପାଇଁ ବି ରାଜକୋଷରୁ ପାଣିଭଳି ଅର୍ଥ ଖର୍ଚ୍ଚ ହୁଏ। ଅଥଚ ସାଧାରଣ ନାଗରିକଟିଏ ତା'ର ପିଲାମାନଙ୍କୁ ଦଣ୍ଡମୁକ୍ତ, ଅଣ୍ଡାଯୁକ୍ତ ମାଗଣା ମଧ୍ୟାହ୍ନଭୋଜନ କେନ୍ଦ୍ରିକ ସରକାରୀ ବିଦ୍ୟାଳୟକୁ ପଠାଇ ପରବର୍ତ୍ତୀ ସମୟରେ ପସ୍ତାଇବାକୁ ବାଧ୍ୟ ହୁଏ। ବର୍ଷବର୍ଷ ଧରି ଏହି ସମସ୍ୟା ଲାଗି ରହୁଥିବା ବେଳେ ପ୍ରାଥମିକ ବିଦ୍ୟାଳୟରୁ ବିଶ୍ୱବିଦ୍ୟାଳୟ ପର୍ଯ୍ୟନ୍ତ ଶିକ୍ଷକ ଓ ଅଣଶିକ୍ଷକ ପଦବୀଗୁଡ଼ିକ ପୂରଣ କରିବା ଦିଗରେ ପ୍ରଶାସନ କଳ ସେତେଟା ଗୁରୁତ୍ୱ ଦିଏ ନାହିଁ। ଏଭଳି ସ୍ଥିତିରେ ଶୃଙ୍ଖଳିତ, ସ୍ୱାବଲମ୍ବୀ, ସବଳ, କୁଶଳୀ, ସ୍ୱାଭିମାନୀ ନାଗରିକ ସୃଷ୍ଟି ନହେଲେ ୨୦୩୬ ବେଳକୁ ସମୃଦ୍ଧ ଓଡ଼ିଶା ଓ ୨୦୪୭ ବେଳକୁ ବିକଶିତ ଭାରତ ଗଠନ କରାଯିବ କିପରି?

ଭୁବନେଶ୍ୱର, ମୋ: ୯୪୩୭୦୧୭୩୯୫

# ଜଳବାୟୁ ସହନଶୀଳ କୃଷିର ଆବଶ୍ୟକତା

ଡି ଶୁଭମ୍

ସମୟ ବଦଳୁଛି। ଲୋକଙ୍କର ବଞ୍ଚିବାର ଢାଞ୍ଚା ବି ବଦଳୁଛି। ପାରିପାର୍ଶ୍ୱିକ ପରିସ୍ଥିତି ବଦଳୁଛି। ଏହାରି ଭିତରେ ଜଳବାୟୁ ପରିବର୍ତ୍ତନ ଏକ ଉତ୍କଟ ସମସ୍ୟା ସୃଷ୍ଟି କରିଛି। ଉଣାଅଧିକେ ଏ ପରିବର୍ତ୍ତନର ଆଭାସକୁ ଅନୁଭବ କରିହେଉଛି। ଏହି ଉପକ୍ରମରେ ଯଦି ଆମେ ଚାଷ ବା କୃଷିର କଥାକୁ ବିଚାର କରିବା, ତେବେ ଏହି ଜଳବାୟୁ ପରିବର୍ତ୍ତନ ଚାଷ ଜମିରେ ଏକ ଭୟଙ୍କର ପରିସ୍ଥିତି ସୃଷ୍ଟି କରିଛି।

ଗୋଟେ ପଟେ ଜଳବାୟୁ ପରିବର୍ତ୍ତନ ଋତୁଚକ୍ରରେ ଅନିୟମିତତା ଆଣୁଛି। ବର୍ଷାରେ ଅନିୟମିତତା, ତାପମାତ୍ରା ବୃଦ୍ଧି ଫସଲର ଅମଳ ଉପରେ ପ୍ରଭାବ ପକାଉଛି। ମାଟି ତା'ର ସ୍ୱତନ୍ତ୍ରତା ହରାଉଛି। ଫଳରେ ଅଧିକ ସାର ଓ ବିଷର ମାତ୍ରା ବଢୁଛି। ଯେତିକି ଆଦାୟ ହେବା କଥା ତା' ଠାରୁ କମ୍ ହେଉଛି। ଭୂତଳ ଜଳର ପରିମାଣ କମୁଛି। ଅନ୍ୟପଟେ ଧାନ ଜମିରେ ନଡ଼ା ପୋଡ଼ି ଆଉ ଏକ ସଙ୍କଟ ଆଣୁଛି। ଏହାଫଳରେ ବାୟୁର ଗୁଣବତ୍ତା ଉପରେ ସିଧାସଳଖ ପ୍ରଭାବ ପଡୁଛି। ଖାଦ୍ୟ ଓ କୃଷି ସଂସ୍ଥାର ରିପୋର୍ଟ ଅନୁସାରେ ବିଶ୍ୱରେ ବାର୍ଷିକ ୪୫୦ ନିୟୁତ ଟନ୍ ଫସଲ ଅବଶେଷ ପୋଡ଼ା ଯାଉଛି। ଏହାର ୪୦-୫୦ ପ୍ରତିଶତ କେବଳ ଧାନ ଫସଲ, ଯାହାକି ୧.୨ ନିୟୁତ ଟନ ମିଥେନ ଗ୍ୟାସ ନିର୍ଗତ କରି ବାୟୁମଣ୍ଡଳରେ ମିଶାଉଛି। ନଡ଼ାପୋଡ଼ି ଆମ ପାଇଁ ଭୟଙ୍କର ସଙ୍କଟ ନ ସାଜୁ, ସେଥିପାଇଁ ସତର୍କ, ସଚେତନ ଓ ସଜାଗ ରହିବା ଏକାନ୍ତ ଜରୁରୀ।

ଏହି ପରିପ୍ରେକ୍ଷୀରେ ଜଳବାୟୁ ସହନଶୀଳ କୃଷି ନୂଆ ସମ୍ଭାବନା ଆଣିଛି। ଚାଷ ଜମିରେ ଜଳବାୟୁ ପରିବର୍ତ୍ତନ ଫଳରେ ହେଉଥିବା କ୍ଷତିକୁ ପୁନଃଭରଣ ଅଥବା ଏହାକୁ ଆହ୍ୱାନ ରୂପେ ନେଇ ଜଳବାୟୁ ସହନଶୀଳ କୃଷି ଚାଷ ଜମିରେ ଏକ ବିପ୍ଳବ ସୃଷ୍ଟି କରିପାରେ। ଖାଦ୍ୟ ଓ ପୋଷଣ ନିରାପତ୍ତାକୁ ଧ୍ୟାନ ଦେଇ ଭବିଷ୍ୟତ ପିଢ଼ିଙ୍କୁ ଏକ ସୁସ୍ଥ, ସବୁଜ ଓ ସୁରକ୍ଷିତ ଭବିଷ୍ୟତ ଗଠନ କରିବା ଦିଗରେ କରାଯାଉଥିବା କୃଷିକୁ ଆମେ ଜଳବାୟୁ ସହନଶୀଳ କୃଷି କହିଥାଉ। ତେବେ ଅନ୍ତର୍ଭୁକ୍ତୀକରଣ ମାଧ୍ୟମରେ ଜଳବାୟୁ ସହନଶୀଳ କୃଷି ଆମ ସମସ୍ତଙ୍କ ପାଇଁ କେବଳ ଆହ୍ୱାନ ନୁହେଁ, ବରଂ ଏକ କର୍ତ୍ତବ୍ୟ। ଗ୍ରାମାଞ୍ଚଳମାନଙ୍କରେ କୃଷକ, ଯୁବକ, ମହିଳା ଓ ଜନଜାତିମାନଙ୍କର ପ୍ରତ୍ୟକ୍ଷ ଅଂଶଗ୍ରହଣ କରିବା ଏହାର ମୁଖ୍ୟ ଲକ୍ଷ୍ୟ। ଏ ଦିଗରେ ଚାଷୀମାନଙ୍କୁ ସଚେତନ କରାଇବାର ସମୟ ଆସିଛି। ବିଭିନ୍ନ ସରକାରୀ ଓ ବେସରକାରୀ ସଂସ୍ଥା ଏଦିଗରେ କାର୍ଯ୍ୟକ୍ରମମାନ କରି ଚାଷୀମାନଙ୍କ ମଧ୍ୟରେ ଜଳବାୟୁ ସହନଶୀଳ କୃଷିକୁ ଲୋକପ୍ରିୟ କରିବା ଦିଗରେ ବ୍ରତୀ ହେବା ଆବଶ୍ୟକ।

ଜଳବାୟୁ ସହନଶୀଳ କୃଷି, ସଂରକ୍ଷଣ କୃଷି, ବନୀକରଣ, ସମନ୍ୱିତ କୃଷି, ଜୈବିକ କୃଷି, ପ୍ରାକୃତିକ କୃଷି ପରି ବିଭିନ୍ନ ଉପାଦାନମାନଙ୍କୁ ନେଇ ଗଠିତ। ସମୟ ଥିଲା ଯେବେ ଗ୍ରାମ୍ୟ ଜୀବନରେ ପୁଲକ ଆଉ ସ୍ୱପ୍ନ ସବୁ ବେଶ ରଙ୍ଗୀନ ସାଜୁଥିଲେ ସେବେ ଚାଷ ଜମିରେ ଏ ସ୍ଥିତି ଦେଖିବାକୁ ମିଳୁ ନ ଥିଲା। ଏମିତିକି ଲୋକେ ପୋଖରୀ ଜଳକୁ ଆଡ଼େଇ ପିଉଥିଲେ ଅବା ଗରାରେ ପାଣି ଆଣି ତାହାକୁ ଛାଣି ପିଉଥିଲେ। ଏବେ ଜଳବାୟୁ ପରିବର୍ତ୍ତନର ଫଳ ସ୍ୱରୂପ ପାଣିକୁ ସଂରକ୍ଷଣ କରିବା ପାଇଁ ଭୂତଳ ଜଳ ସଂରକ୍ଷଣ, ରୁଫଟପ ଗାର୍ଡେନ ପରି ଅନେକ କିଛି ଜଳବାୟୁ ଅନୁକୂଳ କୃଷିକୁ ଲୋକ ଗ୍ରହଣ କରିବାକୁ ବାଧ୍ୟ ହେଉଛନ୍ତି।

ନୋ-ଟିଲ୍ ଚାଷ ବା ଚାଷ ଜମିରେ ଯାନ୍ତ୍ରିକୀକରଣର ବ୍ୟବହାର କମ୍ କରିବା ଦିଗରେ ଚାଷୀଭାଇମାନେ ସଚେତନ ହେବା ଜରୁରୀ। ମାଟିରେ ଅଧିକ ଯନ୍ତ୍ରପାତିର ବ୍ୟବହାର ଏହାର ସଂରଚନା ଓ ଗଠନରେ ପରିବର୍ତ୍ତନ ଆଣେ। ମାଟି ତା'ର ନିଜସ୍ୱ ଗୁଣ ହରାଏ। ଏହାର ପ୍ରଭାବ ଫସଲ ଅମଳ ଉପରେ ପଡ଼େ। ଜମିରେ ରାସାୟନିକ ସାର ଓ କୀଟନାଶକ ବ୍ୟବହାର କମ କରି ଜୈବିକ ଓ ପ୍ରାକୃତିକ କୃଷିକୁ ଆପଣେଇବା ଦିଗରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ କରାଯାଇପାରେ। କେବଳ ଧାନ ଉପରେ ନିର୍ଭରଶୀଳ ନହୋଇ ଜୀବନ ଓ ଜୀବିକାକୁ ଗୁରୁତ୍ୱ ଦେଇ ଅଣଧାନ ଫସଲ ଚାଷ ଉପରେ ଆମେ ଗୁରୁତ୍ୱ ଦେଇପାରିବା। ଫସଲ ଅବଶିଷ୍ଟାଂଶକୁ ନ ପୋଡ଼ି ଆମେ ଏହାକୁ ଖତ ତଥା ଜୈବିକ ଆଉ ପ୍ରାକୃତିକ ସାର ପ୍ରସ୍ତୁତ କରିବା ଦିଗରେ ବ୍ୟବହାର କରିପାରିବା। ଗାଁ ଗାଁରେ ଏହାକୁ ନେଇ ଛତୁ ଉଦ୍ୟୋଗ ପ୍ରସ୍ତୁତ କରିପାରିବା। ଆଚ୍ଛାଦନ ଉପରେ ଅଧିକ ଗୁରୁତ୍ୱ ଦେବା ସହ ଆଚ୍ଛାଦିତ ଫସଲଗୁଡ଼ିକ ଚାଷ କରିବା ଦିଗରେ ଚେଷ୍ଟା କରିବା। ମୁଖ୍ୟ ଫସଲ ଚାଷ ହେଉଥିବା ଜମିର ହିଡ଼ରେ ଯଅ ଫସଲ ବା କୀଟ ଆକୃଷ୍ଟ କରୁଥିବା ଫସଲ ବା ଟ୍ରାପ କ୍ରପ୍‌ଗୁଡ଼ିକୁ ଚାଷ କରାଗଲେ ମଧ୍ୟ ଏହା ସୁଫଳ ଦେବ। ସରକାରୀ ବା ବେସରକାରୀ ସ୍ତରରେ ସାଧାରଣ ଜନତା, ଯୁବକମାନେ ଏ ଦିଗରେ ଆଗଭର ହୋଇ ସଚେତନତା କର୍ମଶାଳା କରିପାରିବେ। ମହିଳାମାନଙ୍କୁ ଏହି କାର୍ଯ୍ୟକ୍ରମରେ ଅଧିକରୁ ଅଧିକ ନିୟୋଜିତ କରିବା ଦିଗରେ ପ୍ରଚେଷ୍ଟା ହେଉ। ସ୍ଥାନୀୟ ଏଫ.ପି.ଓ ବା କୃଷକ ଉତ୍ପାଦକ ସଂଗଠନମାନେ ଏ ଦିଗରେ ପ୍ରୟାସ କରିପାରିବେ।

ଜଳବାୟୁ ସହନଶୀଳ କୃଷି ମାଧ୍ୟମରେ ଫସଲ କିମ୍ବା ପଶୁପାଳନ ସହିତ ବନୀକରଣ ଉପରେ ସ୍ୱତନ୍ତ୍ର ପ୍ରାଧାନ୍ୟ ଦିଆଯାଏ। ଏହି ବନୀକରଣ ଦ୍ୱାରା ଗଛଗୁଡ଼ିକ ମାଟିକୁ ସଂରକ୍ଷଣ କରିବା ସହ ଆଖପାଖରେ ପୋଷଣଚକ୍ରରେ ସାହାଯ୍ୟ କରନ୍ତି। ଏହା ମାଟିର ଉର୍ବରତା ବୃଦ୍ଧି କରିବା ସହ ଜୈବ ବିବିଧତାକୁ ରକ୍ଷା କରିଥାଏ। ପ୍ରିସିଜନ ଏଗ୍ରିକଲଚର ବା ପରିଶୁଦ୍ଧ କୃଷି, ବୁନ୍ଦା ଜଳସେଚନ, ବର୍ଷାଜଳ ସଂରକ୍ଷଣ ବ୍ୟବସ୍ଥା ମଧ୍ୟ ଏହାର ଏକ ପ୍ରମୁଖ ମାନଦଣ୍ଡ। ଏହା ଜଳଧାରଣ କ୍ଷମତା ବଢ଼ାଇବା ସହ ମରୁଡ଼ି ସମୟରେ ଚାଷୀମାନଙ୍କୁ ସାହାଯ୍ୟ କରେ। ଜଳବାୟୁ ପରିବର୍ତ୍ତନ ଏକ ଲମ୍ବା ତାଲିକା ନେଇ ଆମକୁ କ୍ଷତି ପହଁଚାଇଲେ ବି ଏହାକୁ ମୁକାବିଲା କରିବା ପାଇଁ ସହନଶୀଳ କୃଷି ମାଧ୍ୟମରେ ଆମେ ସଜାଗ ଓ ସତର୍କ ରହିବା। ଏକ ସବୁଜିମାମୟ ପୃଥିବୀ ଗଠନରେ ହାତ ମିଶାଇବା -ଏହା ହିଁ ଆଜିର ଆହ୍ୱାନ ହେବା ବିଧେୟ।

(ଜୈବ ନିରୀକ୍ଷକ, ଓଡ଼ିଶା ରାଜ୍ୟ ଜୈବ ପ୍ରମାଣନ ସଂସ୍ଥା)
ଭୁବନେଶ୍ୱର, ମୋ: ୯୪୩୮୪୬୭୦୭୯

## ଉଚ୍ଚତାପ ଓ ଉତ୍ପାଦନ ହ୍ରାସ

ବିଜ୍ଞାନ ବାର୍ତ୍ତା

ଶ୍ରୀନନ

ଶିଳ୍ପବିପ୍ଳବର ପ୍ରାରମ୍ଭ କାଳରୁ, ଅର୍ଥାତ୍ ଅଷ୍ଟାଦଶ ଶତାବ୍ଦୀର ଶେଷଭାଗରୁ କ୍ରମଶଃ ବଢ଼ିଚାଲିଛି ଜାଗତିକ ଉଷ୍ମତା। ଉନବିଂଶ ଶତାବ୍ଦୀ ଓ ବିଂଶ ଶତାବ୍ଦୀର ମଧ୍ୟଭାଗ ପର୍ଯ୍ୟନ୍ତ ଏହା ଧୀରେ ଧୀରେ ଏବଂ ତଥିରେ ଦ୍ରୁତରୁ ଦ୍ରୁତତର ହେବାରେ ଲାଗିଛି। ଫଳରେ ୧୯୮୧ ମସିହାଠାରୁ ଆଜି ମଧ୍ୟରେ ପ୍ରତିଦଶକରେ ଏହା ହାରାହାରି ୦.୨ ଡିଗ୍ରୀ ସେଲ୍‌ସିୟସ ହାରରେ ବଢ଼ି ଚାଲିଛି। ପରିଣାମ ସ୍ୱରୂପ, ଆଗାମୀ ୫ ବର୍ଷ ମଧ୍ୟରେ ନିରାପଦ ସ୍ତରରୁ ଏହା ୧.୫ ଡିଗ୍ରୀ ଏବଂ ୨୦୩୦ ମଧ୍ୟରେ ୨ ଡିଗ୍ରୀ ସେଲ୍‌ସିୟସ୍ ଅଧିକ ହେବାର ଆଶଙ୍କା ରହିଛି। ଆମ ଦେଶର 'କ୍ଲାଇମେଟ୍ ସେଣ୍ଟ୍ରାଲ' ଦ୍ୱାରା ପ୍ରସ୍ତୁତ ଏକ ରିପୋର୍ଟ (ଫେବୃୟାରୀ ୨୦୨୬) ଅନୁସାରେ ଏହାର ପ୍ରଭାବରେ ଜଳବାୟୁ ପରିବର୍ତ୍ତନ କାରଣରୁ ୨୦୨୧ ରୁ ୨୦୨୫ ମସିହା ମଧ୍ୟରେ ପ୍ରତିବର୍ଷ ୩୦ ରୁ ଅଧିକ ସଂଖ୍ୟକ 'ଉଚ୍ଚତାପ ଦିବସ' ଅର୍ଥାତ୍ ତାପମାତ୍ରା ୩୦ ଡିଗ୍ରୀ ସେଲ୍‌ସିୟସ୍‌ରୁ ଅଧିକ ହେଉଥିବା ଦିନ ଦେଖାଯାଉଛି। ବିଭିନ୍ନ ରାଜ୍ୟରେ ଏହାର ସଂଖ୍ୟା ଭିନ୍ନ ଭିନ୍ନ। ଏହା ସର୍ବାଧିକ ଘଟୁଛି କେରଳରେ (୧୫୭ ଦିନ)। ତା' ପଛକୁ ଅଛନ୍ତି ତ୍ରିପୁରା (୪୭ ଦିନ), ତେଲଙ୍ଗାନା (୪୪ ଦିନ), ମିଜୋରାମ (୪୦ ଦିନ) ଓ କର୍ଣ୍ଣାଟକ (୩୨ ଦିନ)।

ଜୀବଜଗତ ଉପରେ ଏହାର ଯେଉଁ ବିସ୍ତୃତ ପ୍ରଭାବ ପଡୁଛି ତାହାର ଅର୍ନ୍ତଭୁକ୍ତ ମଣିଷର ସ୍ୱାସ୍ଥ୍ୟ ଏବଂ ଅକାଳମୃତ୍ୟୁଠାରୁ ଆରମ୍ଭ କରି ପ୍ରତିବର୍ଷ ଶତାଧିକ ପ୍ରଜାତିର ପ୍ରାଣୀମାନଙ୍କ ବିଲୁପ୍ତି ପର୍ଯ୍ୟନ୍ତ। ତନ୍ମଧ୍ୟରୁ ଯେଉଁଟିକୁ ଆମେ ପ୍ରତ୍ୟେକେ ପ୍ରତ୍ୟକ୍ଷ ଭାବେ ଅନୁଭବ କରୁଛୁ, ତାହା ହେଲା ଉତ୍ପାଦନ ହ୍ରାସ କାରଣରୁ ଖାଦ୍ୟାଭାବ। ଆକଳନରୁ ଜଣାପଡ଼ିଛି ଯେ ୨୦୨୦ ମସିହା ବେଳକୁ ବିଶ୍ୱର ୭୭୦ ନିୟୁତ ଲୋକ ଏହାର ସମ୍ମୁଖୀନ ହେଉଥିଲା ବେଳେ ୨୦୫୦ ମସିହା ବେଳକୁ ତାହା ପହଞ୍ଚିଯିବ ୧ ହଜାର ନିୟୁତରେ। ପରିବେଶର ତାପବୃଦ୍ଧି ହେତୁ ଖାଦ୍ୟ ଉତ୍ପାଦନ ହ୍ରାସ ପାଇବା ଏହାର ଅନ୍ୟତମ ମୁଖ୍ୟ କାରଣ।

ବୈଜ୍ଞାନିକମାନଙ୍କ ମତରେ ବର୍ଦ୍ଧିତ ତାପମାତ୍ରା ସମଗ୍ର ବିଶ୍ୱରେ ବିଭିନ୍ନ ଫସଲର ଉତ୍ପାଦନକୁ ନକାରାତ୍ମକ ଭାବେ ପ୍ରଭାବିତ କରିଚାଲିଛି। ତାହା ୧ ଡିଗ୍ରୀ ସେଲ୍‌ସିୟସ୍ ଅଧିକ ହେଲେ ଗହମ, ଧାନ ଓ ମକା ଭଳି ମୁଖ୍ୟ ଫସଲଗୁଡ଼ିକ ଯଥାକ୍ରମେ ୬.୧%, ୩.୨% ଏବଂ ୭.୪% ହ୍ରାସ ପାଉଛି। ଅନ୍ୟପକ୍ଷରେ କିଛିଦିନ ପାଇଁ ତାହା ୩୦ ଡିଗ୍ରୀ ସେଲ୍‌ସିୟସଠାରୁ ୨ ଡିଗ୍ରୀ ବା ତତୋଧିକ ସ୍ତରରେ ରହିଲେ ଏ କ୍ଷତି ଗହମ କ୍ଷେତ୍ରରେ ୮.୨୫%ଏବଂ ଧାନ କ୍ଷେତ୍ରରେ ୭.୧%ରେ ପହଞ୍ଚିଯିବାର ଦେଖାଯାଉଛି। ଏହି ଉଚ୍ଚ ତାପମାତ୍ରାର ପ୍ରଭାବ ପୃଥିବୀର ବିଭିନ୍ନ ଅଞ୍ଚଳରେ ଭିନ୍ନ ଭିନ୍ନ ହେବ ବୋଲି ମନେ କରାଯାଏ। ଉଦାହରଣସ୍ୱରୂପ, ୨୦୫୦ ମସିହା ବେଳକୁ ଏହାର ପରିଣାମ ରୂପେ ଆଫ୍ରିକା ୨୦ ରୁ ୩୦ ଶତାଂଶ ଫସଲହାନିର ସମ୍ମୁଖୀନ ହେଲା ବେଳକୁ ଏସିଆରେ ୧୦ ରୁ ୨୦ ଶତାଂଶ ହୋଇପାରେ।

ଫସଲର ଅଭିବୃଦ୍ଧି କାଳରେ ଉଚ୍ଚତାପମାତ୍ରା ବିଶେଷଭାବେ କ୍ଷତିକାରକ ସାବ୍ୟସ୍ତ ହୋଇଥାଏ। ଏହା ୩୦ ରୁ ୪୦ ଡିଗ୍ରୀ ସେଲ୍‌ସିୟସ୍ ପର୍ଯ୍ୟନ୍ତ ହେଲେ ପରାଗରେଣୁର ଦକ୍ଷତା ହ୍ରାସ କରିବା ସଙ୍ଗେ ସଙ୍ଗେ କେତେକ କ୍ଷେତ୍ରରେ 'ଶୂନ୍ୟ ଉତ୍ପାଦନ' ଅବସ୍ଥା ସୃଷ୍ଟି କରେ। ମୋଟ ଉପରେ ଏହା ପରାଗ ସଂଗମ ପ୍ରକ୍ରିୟାକୁ ବ୍ୟାହତ କରିବା ସହ ଅସମୟରେ ଫୁଲ ଝଡ଼ିଯିବା ଏବଂ ଶସ୍ୟ ପୁଷ୍ଟ ହେବା ପ୍ରକ୍ରିୟା ବ୍ୟାହତ ହେବା ଆଦିର କାରଣ ହୋଇଥାଏ। ପୁନଶ୍ଚ ଉଚ୍ଚତାପ ମୃତ୍ତିକାରୁ ଜଳକୁ ଶୀଘ୍ର ବାଷ୍ପୀଭୂତ କରିଦିଏ। ଫଳରେ ଜଳର ଅଭାବ ଜନିତ ଚାପ ଅନୁଭୂତ ହୁଏ ଏବଂ ଗଛ ମାଟିରୁ ପୁଷ୍ଟି ଶୋଷଣ କରିବା ପ୍ରକ୍ରିୟା ବାଧାପ୍ରାପ୍ତ ହୁଏ। ଉଷ୍ମ ପରିବେଶ ଫସଲରେ ବିବିଧ ରୋଗର ସଂକ୍ରମଣ ଏବଂ କ୍ଷୟକାରୀ କୀଟପତଙ୍ଗଙ୍କ ବଂଶବୃଦ୍ଧି ଘଟାଏ। ଏଣୁ ଫସଲହାନି ହୁଏ। ପୁନଶ୍ଚ ଏଥିସହିତ ଅଙ୍ଗାରକାମ୍ଳର ଆଧିକ୍ୟ ଶସ୍ୟରେ ପ୍ରୋଟିନ୍, ଲୌହ, ଦସ୍ତା ଆଦି ପୁଷ୍ଟିକର ଉପାଦାନ ମଧ୍ୟ ହ୍ରାସ କରେ।

ଜାଗତିକ ଉଷ୍ମତାର ସମସ୍ତ ଘାତକ ପ୍ରଭାବ କଥା ହୃଦୟଙ୍ଗମ କରିବା ସତ୍ତ୍ୱେ ବି ଏହାର ପ୍ରତିରୋଧ ଲାଗି ଫଳପ୍ରଦ ପନ୍ଥାଟିଏ ଅବଲମ୍ବନ ଆଜିପର୍ଯ୍ୟନ୍ତ ସମ୍ଭବ ହୋଇପାରିନାହିଁ। ଏପରି ସ୍ଥଳେ, କୃଷି ଉତ୍ପାଦନ ହ୍ରାସ ଓ ତଦ୍‌ଜନିତ ଖାଦ୍ୟାଭାବ ଓ ଅପପୁଷ୍ଟି କ୍ରମେ ଯେ ଅଧିକରୁ ଅଧିକ ହେବାକୁ ଲାଗିବ ଏଥିରେ ସନ୍ଦେହ ନାହିଁ।

ଯମପଡ଼ା(କେନ୍ଦ୍ରାପଡ଼ା), ମୋ: ୯୯୩୭୩୦୧୪୬୦

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ପୁଲିସ ପଞ୍ଝାରେ ଅନ୍ତଃରାଜ୍ୟ ଡକାୟତ ଗ୍ୟାଙ୍ଗ

# କେଜିଏ ସୁନା, ୪ କେଜି ରୁପା ଜବତ





ଭଦ୍ରକ, ୨।୩(ସମିସ): ଭଦ୍ରକ ପୁଲିସକୁ ବଡ଼ ସଫଳତା ମିଳିଛି। ଝରକା ତାଡ଼ି ଲୁଟ୍‌ପାଟ୍ କରୁଥିବା ଏକ ଡକାୟତ ଗ୍ୟାଙ୍ଗ୍‌ର ପର୍ଦ୍ଦାଫାସ୍ କରିବା ସହ ଗ୍ୟାଙ୍ଗର ୪ଜଣ ସଦସ୍ୟଙ୍କୁ ଗିରଫ କରିଛି। ସେମାନେ ହେଲେ, ଦୈତ୍ୟାରୀ ଦାସ ଓରଫ୍ ଦୟା, କୁନା ଦାସ ଓରଫ୍ ଆପା ରାଓ, ମୁନା ଦାସ ଓରଫ୍ କେମ୍ପା ମୁନା ଓ ଉମେଶ ଦାସ। କେନ୍ଦ୍ରାପଡ଼ା ଓ ଡେରାବିଶ ଅଞ୍ଚଳରୁ ଏମାନଙ୍କୁ ପୁଲିସ୍ ଗିରଫ କରିଛି। ସେମାନଙ୍କ ନିକଟରୁ ପୁଲିସ୍ ୧ କେଜି ସୁନା ଓ ୪ କେଜି ରୁପା ଅଳଙ୍କାର ଜବତ କରିଛି। ଅାଳୁ ଖୋଳୁଖୋଳୁ ମହାଦେବ ବାହାରିବା ଭଳି ଗୋଟିଏ ଡକାୟତି ଘଟଣାର ତଦନ୍ତ କରୁକରୁ ପୁଲିସ ହାତରେ ଏହି କୁଖ୍ୟାତ ଡକାୟତମାନେ ଧରାପଡ଼ିବା ସହ ଏତେ ପରିମାଣର ସୁନାରୁପା ଅଳଙ୍କାର ଜବତ ହୋଇଛି। ଏହି ଗ୍ୟାଙ୍ଗ୍‌ର ଆଉ ୨ ସଦସ୍ୟ ଫେରାର୍ ହୋଇଯାଇଛନ୍ତି। ସେମାନଙ୍କୁ ଧରିବାକୁ ପୁଲିସ ତନାଘନା ଚଳାଇଛି।

ଗତ କିଛି ଦିନ ହେବ ଜିଲ୍ଲାର ବିଭିନ୍ନ ସ୍ଥାନରୁ ଝରକା ତାଡ଼ି ଲୁଟ୍ ଘଟଣା ସାମ୍ନାକୁ ଆସିଥିଲା। ଗୋଟିଏ ଗ୍ୟାଙ୍ଗ୍ ଜିଲ୍ଲାରେ ଏହି ଲୁଟତ୍‌ରାଜ ଚଳାଉଥିବା ଜଣାପଡ଼ିବା ପରେ ଟାଉନ୍ ଥାନା ଅଧିକାରୀ ପ୍ରଭାଂଶୁ ଶେଖର ମିଶ୍ରଙ୍କୁ ନେଇ ଏସ୍‌ପି ମନୋଜ କୁମାର ରାଉତ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରିଥିଲେ। ତଦନ୍ତ ବେଳେ ପୁଲିସ ଜାଣିବାକୁ ପାଇଥିଲା ଯେ ଏହା ,କ ଅନ୍ତଃରାଜ୍ୟ ଡକାୟତି ଗ୍ୟାଙ୍ଗ୍‌ର କାରନାମା। ଅଭିଯୁକ୍ତମାନେ ବିଭିନ୍ନ ଜିଲ୍ଲାରେ ସମାନ ଢଙ୍ଗରେ ଲୁଟ୍‌ପାଟ୍ କରିଥା'ନ୍ତି। ବିଳମ୍ବିତ ରାତିରେ ଝରକା ତାଡ଼ି ଲୁଟ୍ କରିଥା'ନ୍ତି। ଏପରିକି, ଲୁଟ୍ ସହ ହତ୍ୟା ଭଳି ସଙ୍ଗିନ୍ ଅପରାଧରେ ମଧ୍ୟ ଏମାନେ ଜଡ଼ିତ। ଅଭିଯୁକ୍ତମାନଙ୍କ ନାମରେ ରାଜ୍ୟର ବିଭିନ୍ନ ଥାନାରେ ୧୫ରୁ ଅଧିକ ଲେଖାଏଁ ମାମଲା ରହିଛି।

ତେବେ ଡକାୟତମାନେ କେନ୍ଦ୍ରାପଡ଼ା ଜିଲ୍ଲାରେ ଲୁଚିଥିବା ଜଣାପଡ଼ିବା ପରେ ପୁଲିସ୍‌ର ଏକ ଟିମ୍ କେନ୍ଦ୍ରାପଡ଼ା ସଦର ଓ ଡେରାବିଶ ଅଞ୍ଚଳରେ ଚଢ଼ଉ କରି ୪ ଡକାୟତଙ୍କୁ ଗିରଫ କରିଛି। ସେମାନଙ୍କ ନିକଟରୁ ପୁଲିସ ୧ କେଜି ସୁନା ଓ ୪ କେଜିରୁ ଊର୍ଦ୍ଧ୍ୱ ରୁପା ଅଳଙ୍କାର ଜବତ କରିଛି। ଏହାସହ, ସେମାନଙ୍କ ନିକଟରୁ ରାଜ୍ୟ ତଥା ରାଜ୍ୟ ବାହାରର ୧୫ରୁ ଅଧିକ ବାଇକ୍‌ର ନକଲି ନମ୍ବର ପ୍ଲେଟ୍ ଜବତ ହୋଇଛି। ଏଥିରୁ, ଏହି ଅପରାଧୀମାନେ ରାଜ୍ୟ ବାହାରେ ମଧ୍ୟ ଅପରାଧରେ ଲିପ୍ତ ଥିବା ସନ୍ଦେହ କରାଯାଉଛି। ଅଭିଯୁକ୍ତମାନେ ମୁଖ୍ୟତଃ ଅବସରପ୍ରାପ୍ତ ସରକାରୀ କର୍ମଚାରୀ ଓ ବରିଷ୍ଠ ନାଗରିକଙ୍କୁ ଟାର୍ଗେଟ୍ କରି ଲୁଟ୍ କରୁଥିଲେ ବୋଲି ଏସ୍‌ପି ଶ୍ରୀ ରାଉତ ଟାଉନ ଥାନାରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି।

## ■ ପ୍ରୋଟୋକଲ ଦର୍ଶନ ବିବାଦକୁ ନେଇ ନୀତି ବିଳମ୍ବ

# ବଳି ପଡ଼ିଲା ମହାପ୍ରସାଦ



ପୁରୀ,୨।୩(ସମିସ): ପ୍ରୋଟୋକଲ ଦର୍ଶନକୁ ନେଇ ସେବାୟତ ଓ ଜେଟିପିଙ୍କ ମଧ୍ୟରେ ବିବାଦ ଯୋଗୁଁ ଗତ ଶନିବାର ୫ ଘଣ୍ଟା ନୀତି ବନ୍ଦ ରହିଥିଲା। ଏହି ନୀତି ବିଳମ୍ବକୁ ନେଇ ସୁଆର ମହାସୁଆର ନିଯୋଗ ପକ୍ଷରୁ କ୍ଷତିପୂରଣ ଓ କାର୍ଯ୍ୟାନୁଷ୍ଠାନ ଦାବି କରି

■ ୩୦ ଲକ୍ଷ ଟଙ୍କା କ୍ଷତିପୂରଣ ଦାବି କଲା ସୁଆର ମହାସୁଆର ନିଯୋଗ

■ ଦାବି ପୂରଣ ନ ହେଲେ ମହାପ୍ରସାଦ ବିକ୍ରି ବନ୍ଦ ଚେତାବନୀ

ସୋମବାର ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକଙ୍କୁ ଏକ ଅଭିଯୋଗ ପ୍ରଦାନ କରିଛନ୍ତି। ଦାବି ପୂରଣ ନ ହେଲେ ଭକ୍ତମାନଙ୍କୁ ମହାପ୍ରସାଦ ବିକ୍ରି ବନ୍ଦ କରିବେ ବୋଲି ଚେତାବନୀ ଦେଇଛନ୍ତି।

ଅଭିଯୋଗରେ ଦର୍ଶାଯାଇଛି କି ଗତ ୨୮ ତାରିଖ ଶନିବାର ଭିଆଇପି ପ୍ରୋଟୋକଲ ଦର୍ଶନକୁ ବିରୋଧ କରି ଖୁଣ୍ଟିଆ ସେବାୟତ ଠାକୁରଙ୍କ ମଇଲମ କରିନଥିଲେ। ଫଳରେ ନୀତିରେ ଅହେତୁକ ବିଳମ୍ବ ହୋଇଥିଲା। ପ୍ରାୟ ୫ଘଣ୍ଟା ଧରି ନୀତି ବନ୍ଦ ରହିଥିଲା। ପ୍ରଶାସନ ହସ୍ତକ୍ଷେପ କରିବା ପରେ ନୀତି ସ୍ୱାଭାବିକ ହୋଇଥିଲା। ନୀତି ବନ୍ଦ କାରଣରୁ ପ୍ରଥମ ଭୋଗ ମଣ୍ଡପ ବାହାରିବାରେ ବିଳମ୍ବ ହେଇଥିଲା। ସନ୍ଧ୍ୟାରେ ମହାପ୍ରସାଦ ବାହାରିଥିଲା। ଭକ୍ତମାନେ ମହାପ୍ରସାଦ ନପାଇ ଫେରିଥିଲେ। ଫଳରେ ସୁଆର ମହାସୁଆର ନିଯୋଗର ବରାଦି ଭୋଗ ବାବଦକୁ ପ୍ରାୟ ୨୫ରୁ ୩୦ଲକ୍ଷ ଟଙ୍କା କ୍ଷତି ହୋଇଥିଲା। ତେଣୁ ମହାପ୍ରଭୁଙ୍କ ନୀତିରେ ବିଶୃଙ୍ଖଳା କରିଥିବା ସେବକଙ୍କ ଉପରେ ଆସନ୍ତା ୭ ଦିନ ମଧ୍ୟରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ସହ ଅବଢ଼ା ବାବଦକୁ କ୍ଷତି ହୋଇଥିବା ମୂଲ୍ୟକୁ ଆକଳନ କରି ପ୍ରଦାନ କରାଯାଉ। ୭ ଦିନ ଭିତରେ କ୍ଷତିପୂରଣ ରାଶି ନ ଦେଲେ ସିଂହଦ୍ୱାର ସମ୍ମୁଖରେ ଆନ୍ଦୋଳନ କରିବା ସହ ଆନନ୍ଦ ବଜାରରେ ମହାପ୍ରସାଦ ବିକ୍ରି ବନ୍ଦ କରାଯିବ ବୋଲି ନିଯୋଗ ପକ୍ଷରୁ ଚେତାବନୀ ଦିଆଯାଇଛି।

# ଚନ୍ଦ୍ରଶେଖରପୁରରୁ ସିମ୍ ବକ୍ସ ଜବତ

ଭୁବନେଶ୍ୱର, ୨।୩ (ସମିସ): କମିସନରେଟ୍ ସ୍ପେଶାଲ ସ୍କ୍ୱାଡ୍ ପୁଲିସ ଚନ୍ଦ୍ରଶେଖରପୁର ଥାନା ଅଞ୍ଚଳରୁ ୧୨ଟି ସିମ୍ ବକ୍ସ ଜବତ ହୋଇଛି। ଏହାସହ ଏହି ସିମ୍‌ବକ୍ସ ଅପରେଟ୍ କରିବା ଅଭିଯୋଗରେ କେରଳର ୨ ଯୁବକଙ୍କୁ ଗିରଫ କରିଛି। ସେମାନେ ହେଲେ, ଓମ୍‌ରାମ୍ ଏମ୍ ଏବଂ ସିଆଉଲ୍ ହକ୍। ଏମାନେ ରାଜଧାନୀ ଭୁବନେଶ୍ୱରରେ ଦୀର୍ଘ ଦିନ ହେବ ସିମ୍ ଅପରେଟ୍ କରି ସାଇବର ଠକେଇରେ ସାମିଲ ଥିଲେ। ଏମାନଙ୍କଠାରୁ ଅପରାଧରେ ବ୍ୟବହୃତ ୨ଶହରୁ ଊର୍ଦ୍ଧ୍ୱ ସିମ୍ ଜବତ କରାଯାଇଛି। ତେବେ କେଉଁ ଶତ୍ରୁଦେଶ କିମ୍ବା ଆତଙ୍କବାଦୀ ସଂଗଠନ ସହ ଏମାନଙ୍କ ଲିଙ୍କ୍ ରହିଛି, ସେନେଇ ପୁଲିସ ତଦନ୍ତ ଚଳାଇଛି।

ପୁଲିସ୍ ସୂତ୍ରରୁ ମିଳିଥିବା ସୂଚନା ମୁତାବକ, ଶୈଳଶ୍ରୀବିହାର ଅଞ୍ଚଳରେ ଏମାନେ ଭଡ଼ାରେ ରହି ଗୁପ୍ତ ଭାବେ ସିମ୍ ବକ୍ସ ଅପରେଟ୍ କରୁଥିଲେ। ଏହି ସିମ୍ ବକ୍ସରେ ଚାଇନା ହାର୍ଡୱେୟାର୍ ବ୍ୟବହାର କରାଯାଉଥିଲା। ଏହାସହ ବାଂଲାଦେଶୀ ସଫ୍ଟୱେୟାର୍ ବ୍ୟବହାର କରାଯାଉଥିଲା। ଅଭିଯୁକ୍ତମାନେ ସିମ୍‌ଗୁଡ଼ିକ ଆସାମରୁ ଆଣିଥିଲେ। ଏମାନେ ବହୁଦିନରୁ ଏହି ବେଆଇନ କାରବାରରେ ଥିଲା ବେଳେ ଗତକାଲି ଆସାମରୁ ୯୦ଟି ସିମ୍ ଆଣି ସିମ୍ ବକ୍ସରେ ଲଗାଇଥିଲେ। ଏହା ସେମାନଙ୍କ ପାଇଁ କାଳ ପାଲଟି ଯାଇଥିଲା।

ଅନ୍ୟପକ୍ଷରେ, ଏମାନେ ଧରାପଡ଼ିବା ପରେ ଏକ ଚାଞ୍ଚଲ୍ୟକର ତଥ୍ୟ ସାମ୍ନାକୁ ଆସିଛି। ସାରା ବିଶ୍ୱରେ ସିମ୍ ବକ୍ସ ରାକେଟ୍ ଅପରେଟ୍ କରୁଛି। ମାଷ୍ଟରମାଇଣ୍ଡ ଚୀନ୍‌ରେ ରହିଛନ୍ତି। ଅନ୍ତର୍ଜାତୀୟ କଲ୍‌କୁ ନିୟମ ଉଲଂଘନ କରି ବାଇପାସ୍ କରି ଏମାନେ ବିପୁଳ ଟଙ୍କା ରୋଜଗାର କରୁଥିଲେ। ଏହାର ଯାଞ୍ଚ କରାଯିବ ବୋଲି କମିସନରେଟ୍ ପୁଲିସ ପକ୍ଷରୁ କୁହାଯାଇଛି।

ସୂଚନାଯୋଗ୍ୟ, ସିମ୍ ବକ୍ସ ଏକ ନେଟ୍‌ୱାର୍କ ହାର୍ଡୱେୟାର୍ ଡିଭାଇସ୍। ଗୋଟିଏ ସିମ୍ ବକ୍ସ ଜରିଆରେ ଏକକାଳୀନ ୫୦୦ ଊର୍ଦ୍ଧ୍ୱ ଲୋକଙ୍କୁ କଲ୍ କରିବା ସହ ଏକ ସମୟରେ ଏସ୍‌ଏମ୍‌ଏସ୍ ପଠାଇଥାଏ। ଏହାର ପ୍ରକୃତ ଲୋକେସନ୍ ଟ୍ରାକ୍ କିରବା ମଧ୍ୟ ପୁଲିସ ପାଇଁ କଷ୍ଟକର ହୋଇଥାଏ। ସାଇବର୍ ଠକମାନେ ଏହି ସିମ୍ ବକ୍ସ ଜରିଆରେ କୋଟି କୋଟି ଟଙ୍କା ଠକେଇ କରୁଥିଲେ।


**AFFIDAVIT**

I, Ranjit Kumar Sahu, aged about 50 years, S/o- Modan Mohan Sahu, resident of At- Tikayatpur, Po- Sankerko, Ps- Badasahi, Dist- Mayurbhanj, Odisha, Pin- 757024, do hereby declare by this affidavit No. 422, dtd- 02/03/2026, that now onwards I shall be known as **RANJIT SAHU** for all future purposes.

**AFFIDAVIT**

I, **Ali Asgar Saleh**, S/o: Fakhruddin, resident of D Block 102, Beside Naina House, Near Sai Balaji Mandap, Pratapnagri, Urali, Cuttack Pin-753011, Odisha, declare by this affidavit No. 92/2026, dated- 28.02.2026, that now onwards I shall be known as **ALI ASGAR** for all future purposes.

**AFFIDAVIT**

By virtue of an affidavit No- 2586, sworn before the Executive Magistrate, Jajpur on dtd- 02/03/2026, I **Pradeepta Kumar Sahoo**, aged 40 years, S/o- Siba Prasad Sahoo, parmanent Resident of At/Po- Biripata, Ps- Mangalpur, Dist- Jajpur, Odisha, Pin- 755013 declare that I have changed my name from **Pradip Kumar Sahoo** (old name) to **Pradeepta Kumar Sahoo** (new name). Henceforth, I shall be known as **Pradeepta Kumar Sahoo** for all future purposes.

**Pradeepta Kumar Sahoo**

**AFFIDAVIT**

I, Satya Narayan Pattnaik, S/o- Late Udayanath Pattnaik resident of Parabeda, Po./Ps.- Jaypore, Dist.- Koraput, PIN- 764001, Odisha state vide no. 139 dtd.02.03.2026 state that, my son's actual and correct name is **Reyansh Pattnaik** but in his Aadhaar Card no. 5807-1640-2841 his name has been wrongly mentioned as Shreyansh Pattnaik, S/o- Satya Narayan Pattnaik. That both **Reyansh Pattnaik** and **Shreyansh Pattnaik** are same person.

S/d- Satya Narayan Pattnaik

**AFFIDAVIT**

By virtue of an Affidavit No. 21, dated - 02.03.2026 sworn before the Executive Magistrate, Nandapur, Koraput, I, Debaraj Sethy, S/o Appanna Sethy, resident of Vill- Chatwa, P.O.- Chatwa, P.S.-Padwa, Dist- Koraput, Odisha – 764038, do hereby declare that I have changed my name from Dibakar Behera to Debaraj Sethy. Henceforth I shall be known and identified as **Debaraj Sethy** for all purposes.


# ଡାହାଣୀ ସନ୍ଦେହରେ ମାଈଁର ଗଳା କାଟି ହତ୍ୟା

ରାଉରକେଲା,୨।୩(ସମିସ): ସୁନ୍ଦରଗଡ଼ ଜିଲ୍ଲା କୁତ୍ରା ଥାନା ଅଧୀନ କିରିଙ୍ଗସିରା ପଞ୍ଚାୟତର ଝିରପାଣି ଗ୍ରାମର ଜଣେ ମହିଳାଙ୍କୁ ଗଳାକାଟି ହତ୍ୟା କରାଯିବା ଘଟଣାର ପର୍ଦ୍ଦାଫାସ କରିଛି ପୁଲିସ। ଡାହାଣୀ ସନ୍ଦେହରେ ମହିଳାଙ୍କୁ ତଣ୍ଟି କାଟି ନିର୍ମମ ଭାବେ ହତ୍ୟା କରାଯାଇଥିବା ନେଇ ରାଜଗାଙ୍ଗପୁର ଏସ୍‌ଡିପିଓ ବିଭୁତି ଭୂଷଣ ଭୋଇ ସୂଚନା ଦେଇଛନ୍ତି। ଏହି ଘଟଣାରେ ପୁଲିସ ଅଭିଯୁକ୍ତ ମୃତ ମହିଳାଙ୍କ ଭଣଜା କୁତ୍ରା ଥାନା ଅନ୍ତର୍ଗତ ଖଡ଼ିଆପଡ଼ା ଝିରପାଣି ଗାଁର ଆନନ୍ଦ ଏକ୍କା(୨୪)କୁ ଗିରଫ କରିଛି। ଏଥିସହ ହତ୍ୟାକାଣ୍ଡରେ ବ୍ୟବହୃତ ଛୁରି ମଧ୍ୟ ଜବତ କରିଛି।

ସୂଚନା ମୁତାବକ, କୁତ୍ରା ଥାନା ଅନ୍ତର୍ଗତ ଖଡ଼ିଆପଡ଼ା ଝିରପାଣି ଗାଁର ଉଇଲମ ଏକ୍କାଙ୍କ ପତ୍ନୀ ସରୋଜିନୀ ଏକ୍କା(୫୨)ଙ୍କର ରକ୍ତ ଜୁଡୁବୁଡୁ ଶବକୁ ପୁଲିସ ଉଦ୍ଧାର କରି ଏକ ହତ୍ୟା ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲା। ଏସ୍‌ପି ଅମ୍ରିତପାଲ କୌରଙ୍କ

### ଭଣଜା ଗିରଫ

ନିର୍ଦ୍ଦେଶକ୍ରମେ କୁତ୍ରା ଓ ବଡ଼ଗାଁ ଥାନା ମିଳିତ ଭାବେ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରି ଘଟଣାର ତଦନ୍ତ ଆରମ୍ଭ କରି ହତ୍ୟାକାଣ୍ଡର ୪୮ ଘଣ୍ଟା ମଧ୍ୟରେ ହତ୍ୟାକାରୀକୁ ଗିରଫ କରିବାରେ ସଫଳ ହୋଇଥିଲେ।

ଆନନ୍ଦ ଏକ୍କାଙ୍କ ପିତା ଯୋଶେଫ୍ ଏକ୍କାଙ୍କ ଶରୀର ଅସୁସ୍ଥ ରହୁଥିଲା। ସରୋଜିନୀ ଗୁଣିଗାରେଡ଼ି କରିବା ଯୋଗୁଁ ଏପରି ହେଉଥିବା ଆନନ୍ଦ ସନ୍ଦେହ କରି ସରୋଜିନୀଙ୍କୁ ହତ୍ୟା କରିବା ପାଇଁ ଯୋଜନା କରିଥିଲା। ସ୍ୱାମୀ ଉଇଲିୟମ ଏକ୍କାଙ୍କ ମୃତ୍ୟୁ ପରେ ପୁଅ ସହ ସରୋଜିନୀ ଗାଁରେ ରହୁଥିଲେ। ଗତ ୨୭ ତାରିଖ ଅପରାହ୍ଣରେ ସରୋଜିନୀ ଘରେ ଏକୁଟିଆ ଥିବାର ସୁଯୋଗ ନେଇ ଆନନ୍ଦ ତାଙ୍କ ଘରକୁ ଯାଇଥିଲା। ସେଠାରେ ଏକ ଛୁରିରେ ତାଙ୍କ ଗଳା କାଟି ଅତ୍ୟନ୍ତ ନୃଶଂଶ ଭାବେ ହତ୍ୟା କରି ଫେରାର୍ ହୋଇଯାଇଥିଲା। ପୁଅ ମାଟ୍ରିକ୍ ପରୀକ୍ଷା ଦେଇ ଫେରିବା ପରେ ମାଆକୁ ରକ୍ତାକ୍ତ ଅବସ୍ଥାରେ ପଡ଼ିଥିବା ଦେଖି ଗ୍ରାମବାସୀଙ୍କୁ ଜଣାଇଥିଲା। ସୂଚନା ପାଇ କୁତ୍ରା ପୁଲିସ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲା।

# ଇଗ୍ନୋ ନାମଲେଖା ଅବଧି ୧୫ ଯାଏଁ ବୃଦ୍ଧି

ଭୁବନେଶ୍ୱର, ୨।୩(ସମିସ): ଇନ୍ଦିରା ଗାନ୍ଧୀ ଜାତୀୟ ମୁକ୍ତ ବିଶ୍ୱବିଦ୍ୟାଳୟ (ଇଗ୍ନୋ) ପକ୍ଷରୁ ଜାନୁଆରି-୨୦୨୬ ଶିକ୍ଷାସତ୍ର ପାଇଁ ନାମଲେଖା ଅବଧିକୁ ବୃଦ୍ଧି କରାଯାଇଛି। ଆସନ୍ତା ୧୫ ତାରିଖ ପର୍ଯ୍ୟନ୍ତ ସାର୍ଟିଫିକେଟ୍ ଏବଂ ସେମିଷ୍ଟାର-ଆଧାରିତ ପାଠ୍ୟକ୍ରମ ବ୍ୟତୀତ ଅନ୍ୟ ପାଠ୍ୟକ୍ରମ ପାଇଁ ଆଶାର୍ଥୀମାନେ ଆବେଦନ କରିପାରିବେ। ବିଏସ୍‌ସିଏମ୍, ବିସିଓଏମ୍‌ଏଫ୍ ଓ ବିଏଏମ୍ ପରି ସ୍ନାତକ ପାଠ୍ୟକ୍ରମରେ ପଞ୍ଜିକରଣ କରିବାକୁ ଚାହୁଁଥିବା ଅନୁସୂଚିତ ଜାତି ଓ ଜନଜାତି ଛାତ୍ରଛାତ୍ରୀଙ୍କପାଇଁ ନାମଲେଖା ଦେୟ ଏବଂ ପୁନଃ ପଞ୍ଜିକରଣ ଦେୟ ୫୦ ପ୍ରତିଶତ ଫି' ଛାଡ଼ କରାଯାଇଛି। ଅନ୍ୟ କୌଣସି ସୂତ୍ରରୁ ରିହାତି ପାଉଥିବା ଛାତ୍ରଛାତ୍ରୀମାନେ ଏଥିପାଇଁ ଯୋଗ୍ୟ ହେବେନାହିଁ। ଅନ୍ୟ ସୂଚନା ପାଇଁ ଇଗ୍ନୋ ଆଞ୍ଚଳିକ କେନ୍ଦ୍ର ଭୁବନେଶ୍ୱର ସହିତ ଯୋଗାଯୋଗ କରିବାକୁ ବରିଷ୍ଠ ଆଞ୍ଚଳିକ ନିର୍ଦ୍ଦେଶକ ଡ଼. ମନୋଜ କୁମାର ଦାଶ ସୂଚନା ଦେଇଛନ୍ତି।


7001/25/2526 Annexure-II

**Office of District Manager**
**Odisha State Civil Supplies Corporation Ltd. (OSCSC)**
NAYAGARH (DISTRICT)
Phone: 06753-252439
District Website: nayagarh.odisha.gov.in
Tender No. 1025 Dt. 26.02.2026

District Manager, Odisha State Civil Supplies Corporation Ltd., Nayagarh (District) invites tenders in Double Cover System through **ONLINE MODE ONLY** for the works below:

| | | |
|---|---|---|
| 1 | Name of the work | Selection and appointment of **Handling Contractor (Labour works)** for handling of food grain (Rice, Wheat etc.) at the RRCs in the District of the state of Odisha |
| 2 | Availability of bid document in the portal | **From 02-03-2026** |
| 3 | Last Date / Time for receipt of bids in the portal | **17-03-2026 up to 5.00 P.M.** |
| 4 | Date/Time of Opening of Technical Bid | **18-03-2026 at 11.00 A.M.** |
| 5 | Name and address of the Officer Inviting Tender | **District Manager, OSCSC Ltd., Nayagarh** |

Tender Documents & other details can be seen from the e-procurement portal www.oscsc.in , www.foododisha.in & www.tendersodisha.gov.in along with district website. Amendments / corrigendum / cancellation / retenders etc. if any shall be published only in above websites.

**District Manager**
**OSCSC Ltd., Nayagarh**

**OIPR-7001/7057/1/25-26/0001**

7001/23/2526 Annexure-II

**Office of District Manager**
**Odisha State Civil Supplies Corporation Ltd. (OSCSC)**
NABARANGPUR
Phone: 9438200053
District Website: nabarangpurnic.in
Tender No. 01/2026 Dt. 28.02.2026

District Manager, Odisha State Civil Supplies Corporation Ltd., Nabarangpur invites tenders in Double Cover System through ONLINE MODE ONLY for the works below:

| | | |
|---|---|---|
| 1 | Name of the work | Selection and appointment of **Handling Contractor (Labour works)** for handling of food grain (Rice, Wheat etc.) at all the Rice Receiving Centres (RRCs) (except in those PEG godowns where godown owner is undertaking handling work) of Nabarangpur district. |
| 2 | Availability of bid document in the portal | **From 02-03-2026** |
| 3 | Last Date / Time for receipt of bids in the portal | **17-03-2026 up to 5.00 P.M.** |
| 4 | Date/Time of Opening of Technical Bid | **18-03-2026 at 11.00 A.M.** |
| 5 | Name and address of the Officer Inviting Tender | **District Manager, OSCSC Ltd., Nabarangpur** |

Tender Documents & other details can be seen from the e-procurement portal www.oscsc.in , www.foododisha.in & www.tendersodisha.gov.in along with district website. Amendments / corrigendum / cancellation / retenders etc. if any shall be published only in above websites.

**District Manager**
**OSCSC Ltd., Nabarangpur**

**OIPR-7001/7045/1/25-26/0001**



**ପୂର୍ବ ତଟ ରେଳପଥ**

ଇ-ଟେଣ୍ଡର ବିଜ୍ଞପ୍ତି ସଂ. ETCECONIBBS 2026007, ତା.24.02.2026ରିଖ

**କାର୍ଯ୍ୟର ନାମ :** ଖୋର୍ଦ୍ଧା ରୋଡ଼-ବଲାଙ୍ଗୀର ପ୍ରକଳ୍ପର ନୂଆ **B.G.** ଲାଇନର ବୁଗୁଡ଼ା-ବାଣୀଗୋଛା-ଆଡେଣିଗଡ଼ ସେକ୍ସନ ମଧ୍ୟରେ ରେଲଗୁଡ଼ିକର କଟିଙ୍ଗ (ଯେଉଁଠାରେ ଆବଶ୍ୟକ) ସହିତ ମୋବାଇଲ ଫ୍ଲାଶ ବଟ୍ ୱେଲ୍ଡିଙ୍ଗ ପ୍ଲାଣ୍ଟ ବ୍ୟବହାର କରି ସାଇଟ୍‌ରେ **(SITU/CESS** ରେ) ସମସ୍ତ ରେଲ ସେକ୍ସନଗୁଡ଼ିକ (ନିଉ/SH)ର **20** ରେଲ ପ୍ୟାନେଲ / ଫ୍ରି ରେଲ / **2** ରେଲ ପ୍ୟାନେଲ / **3** ରେଲ ପ୍ୟାନେଲଗୁଡ଼ିକର ଫ୍ଲାଶ ବଟ୍ ୱେଲ୍ଡିଙ୍ଗ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ : ₹ 73.68** ଲକ୍ଷ, **EMD : ₹ 1,47,400/-**, କାର୍ଯ୍ୟ ଶେଷ ହେବା ଅବଧି **: 09** (ନଅ) ମାସ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.**18.03.2026**ରିଖ **1200** ଘଟିକାରେ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକକୋରିୟର/ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବସାଇଟ୍ **www.ireps.gov.in** ରେ ଉପଲବ୍ଧ ଅଟେ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ / ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ୱେବସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି। ଟେଣ୍ଡରଦାତା/ ବିଡ଼ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ। କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡ଼ରମାନେ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିପାରିବେ।

ଟେଣ୍ଡରଦାତାମାନେ ଟେଣ୍ଡରଦାତାମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ସମସ୍ତ ନିର୍ଦ୍ଦେଶାବଳୀକୁ ସତର୍କତାର ସହିତ ପଢ଼ିବା ଉଚିତ ଏବଂ ଉର୍ଦ୍ଧ୍ୱ ଆକାଉଣ୍ଟାଣ୍ଟଙ୍କ ଦ୍ୱାରା ବିଧିବଦ୍ଧ ଭାବେ ଯାଞ୍ଚ ଏବଂ ସ୍ୱାକ୍ଷର ହୋଇଥିବା ଅନୁଲଗ୍ନକ-**B**ର ଦାଖଲ ସହିତ, ଟେଣ୍ଡର ନଥିପତ୍ର ଉପରୁ **2**ର ଅନୁଲଗ୍ନକ-**I**, ଟେଣ୍ଡର ଫର୍ମ (ଦ୍ୱିତୀୟ ସିଟ୍)ର ଯାଞ୍ଚ ସୂଚୀ, ପାରା **3.1** (ଯାଞ୍ଚ ସୂଚୀ) ସହିତ ସମସ୍ତ ନିର୍ଦ୍ଦେଶାବଳୀଗୁଡ଼ିକୁ ଅନୁପାଳନ କରିବା ଆବଶ୍ୟକ।

ମୁଖ୍ୟ ପ୍ରଶାସନିକ ଅଧିକାରୀ (ନିର୍ମାଣ)/ ଭୁବନେଶ୍ୱର

**PR-284/CI/25-26**

**LOST**

Notice is hereby given to the general public that I, **Sasmita Jena,** age 50 years, W/o Subash Kumar Jena, resident of Plot No. 737, Jharapada, Near UP School, PO: Budheswari, PS: Laxmisagar, Bhubaneswar, Dist: Khordha, PIN: 751006, Odisha, am the absolute legal owner of the property situated at Mouza: Govind Prasad, Tahasil: Bhubaneswar, covered under Khata No. 1071/525, vide Sale Deed No. 530. The original Sale Deed and Record of Rights (ROR) for the aforementioned property have been lost / misplaced. Despite diligent efforts, the documents remain untraceable. Any person(s) having any right, title, interest, or claim over the said property or the missing documents must submit their claim in writing, along with supporting evidence, to the Bank of Baroda, Bapuji Nagar Branch, BBSR within 15 days from the date of this publication. If no claims are received within the stipulated period, it shall be deemed that no such interest exists. The missing documents shall lose their legal force, and the Bank shall not be held responsible for any claims whatsoever thereafter.


## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଆୟାତୁଲ୍ଲା...

ସମସ୍ତେ ମୃତ ବୋଲି ସେ କହିଛନ୍ତି। ସାମାଜିକ ଗଣମାଧ୍ୟମରେ ଆରାଫିଙ୍କ ମୃତ୍ୟୁ ହୋଇଥିବା ଦାବି କରାଯାଉଥିବା ବେଳେ, ଇରାନର ସରକାରୀ ଗଣମାଧ୍ୟମ ଏହାକୁ ଏପର୍ଯ୍ୟନ୍ତ ସ୍ୱୀକାର କରିନାହିଁ। ତେବେ ଇରାନ ପକ୍ଷରୁ ନିଶ୍ଚିତ କରାଯାଇଛି ଯେ ଖାମନେଇଙ୍କ ପରାମର୍ଶଦାତା ଅଲି ଶାମଖାନି ଓ ଆଇଆରଜିସି ମହମ୍ମଦ ପାକପୁର ଆକ୍ରମଣରେ ନିହତ ହୋଇଛନ୍ତି। ଖାମନେଇଙ୍କ ମୃତ୍ୟୁ ପରେ ଆରାଫିଙ୍କୁ ଇରାନର ଅନ୍ତରୀଣ ସର୍ବୋଚ୍ଚ ନେତା ଭାବେ ନିଯୁକ୍ତି କରାଯାଇଥିଲା।

### ଭୟଙ୍କର...

ଭୟାବହତାକୁ ଦେଖି ଇସ୍ରାଏଲ ନିଜ ସଂରକ୍ଷିତ ଲକ୍ଷେ ଯବାନକୁ ସତର୍କ ରହିବାକୁ କହିଛି।

ଅନ୍ୟପଟେ ଇସ୍ରାଏଲ ଏବଂ ଆମେରିକା ମଧ୍ୟ ଇରାନ ଉପରେ ତୁହାକୁ ତୁହା ଆକ୍ରମଣ କରିବାରେ ଲାଗିଛନ୍ତି। ପରମାଣୁ ଠିକଣାରେ ମଧ୍ୟ ଆକ୍ରମଣ ହୋଇଥିବା କୁହାଯାଉଛି। ତେବେ ବିକିରଣର କୌଣସି ସୂଚନା ମିଳିନାହିଁ। ଯୁଦ୍ଧ ବନ୍ଦ ପାଇଁ ଆମେରିକା ଓ ଇରାନ ଆଲୋଚନା ପାଇଁ ପ୍ରସ୍ତୁତ ଥିବା ଖବର ଆସିଛି। ମାତ୍ର ଇରାନର ପ୍ରମୁଖ ଜାତୀୟ ସୁରକ୍ଷା ଅଧିକାରୀ ଅଲି ଲାରିଜାନି ଏହାକୁ ଖଣ୍ଡନ କରିଦେଇଛନ୍ତି। ଯୁଦ୍ଧ ବନ୍ଦ ନେଇ ଆମେରିକା ସହ କୌଣସି ଆଲୋଚନା ହେବ ନାହିଁ ବୋଲି ସେ ସ୍ପଷ୍ଟ କରିଛନ୍ତି। ଏବେ ସୁଦ୍ଧା ଇସ୍ରାଏଲ ଏବଂ ଆମେରିକା ମିଳିତ ଭାବେ ଇରାନର ହଜାରେରୁ ଅଧିକ ଠିକଣାରେ ଆକ୍ରମଣ କଲେଣି। ଯୁଦ୍ଧ ଆରମ୍ଭ ହେବାର ୩୦ ଘଣ୍ଟା ମଧ୍ୟରେ ଇରାନରେ ୩ ହଜାରରୁ ଅଧିକ ବୋମା ମାଡ଼ କରାଯାଇଛି। ଏଥିରେ ୧୩୧ ସହରର ୫୫୫ ଜଣ ପ୍ରାଣ ହରାଇଲେଣି। ୭୦୦ରୁ ଅଧିକ ଲୋକ ମଧ୍ୟ ଆହତ ହୋଇଛନ୍ତି। ବିଦ୍ୟାଳୟରେ କ୍ଷେପଣାସ୍ତ୍ର ମାଡ଼ ହେବା ଜନିତ ମୃତ୍ୟୁସଂଖ୍ୟା ୧୮୦କୁ ବୃଦ୍ଧି ପାଇଛି। ୪୫ ଛାତ୍ରଛାତ୍ରୀ ମଧ୍ୟ ଆହତ ହୋଇଛନ୍ତି। ଏପରି ସମୟରେ ଆମେରିକା ପ୍ରତିରକ୍ଷା ସଚିବ ଇରାନକୁ କଡ଼ା ଚେତାବନୀ ଦେଇଛନ୍ତି। କେବଳ ଗଣତନ୍ତ୍ର ପ୍ରତିଷ୍ଠା ନୁହେଁ, ଇରାନର ନୌସେନା, କ୍ଷେପଣାସ୍ତ୍ର ଏବଂ ଆଣବିକ ଠିକଣା ଧ୍ୱଂସ କରିବା ଆମେରିକାର ଉଦ୍ଦେଶ୍ୟ ବୋଲି କହିଛନ୍ତି। ଆମେରିକା ଏହି ଯୁଦ୍ଧ ଆରମ୍ଭ କରିନାହିଁ। ଆୟତୁଲ୍ଲା ଅଲି ଖାମନେଇ ଆମେରିକା ବିରୋଧରେ ଯୁଦ୍ଧ ଆରମ୍ଭ କରିଥିଲେ। କିନ୍ତୁ ରାଷ୍ଟ୍ରପତି ଟ୍ରମ୍ପ ଏହାକୁ ଶେଷ କରିବେ। ଆମେରିକୀୟଙ୍କୁ ହତ୍ୟା କଲେ ପୃଥିବୀରେ ଯେଉଁଠି ଥିଲେ ବି କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ହେଗସେଥ କହିଛନ୍ତି। ଅପରେସନ ଏପିକ ଫ୍ୟୁରିକୁ ସେ ଆମେରିକା ଇତିହାସର ସବୁଠାରୁ ଭୟଙ୍କର ଅଭିଯାନ ଆଖ୍ୟା ଦେଇଛନ୍ତି।

### ଓଡ଼ିଆଙ୍କ ସୁରକ୍ଷିତ...

ହେବାରୁ ସେମାନେ ଗମ୍ଭୀର ଅନିଶ୍ଚିତତା ଓ ବିପଦର ସମ୍ମୁଖୀନ ହେଉଛନ୍ତି। ସେମାନଙ୍କର ସୁରକ୍ଷା ପାଇଁ ତୁରନ୍ତ ସହାୟତାର ଆବଶ୍ୟକତା ରହିଛି। ଏହି ପରିପ୍ରେକ୍ଷୀରେ ଭାରତ ସରକାର ଓ ବିଶେଷକରି ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍ ଜୟଶଙ୍କର ଯୁଦ୍ଧ କ୍ଷେତ୍ରରେ ଫସିଥିବା ସମସ୍ତ ଓଡ଼ିଆଙ୍କର ନିରାପଦ ଉଦ୍ଧାର ଓ ସୁରକ୍ଷିତ ପ୍ରତ୍ୟାବର୍ତ୍ତନ ପାଇଁ ତୁରନ୍ତ ଓ ଦୃଢ଼ ପଦକ୍ଷେପ ଗ୍ରହଣ କରିବାକୁ ନବୀନ ଅନୁରୋଧ କରିଛନ୍ତି। ଏଭଳି ତ୍ୱରିତ୍ କାର୍ଯ୍ୟାନୁଷ୍ଠାନ କେବଳ ଜୀବନ ରକ୍ଷା କରିବ ନାହିଁ, ବରଂ ଘରେ ଅପେକ୍ଷାରତ ଅସଂଖ୍ୟ ପରିବାରଙ୍କୁ ମଧ୍ୟ ମାନସିକ ଶାନ୍ତି ପ୍ରଦାନ କରିବ। ସେମାନେ ନିଜ ପ୍ରିୟଜନଙ୍କ କୁଶଳ ସୂଚନା ପାଇଁ ବ୍ୟାକୁଳ ହୋଇ ରହିଛନ୍ତି ବୋଲି ନବୀନ ନିଜ ଟ୍ୱିଟ୍‌ରେ କହିଛନ୍ତି।


19001/60/2526

GOVERNMENT OF ODISHA
PANCHAYAT SAMITI, GUDARI
E-Mail - ori-gudari@od.gov.in

IDENTIFICATION NO. 02/2025-26 of PANCHAYAT SAMITI, GUDARI
CORRIGENDUM - 01
No. 344 /2026, (GPLF) Dev Dated 20.02.2026

It is to inform all concerned that, due to some unavoidable circumstances the date of commencement of the Tender Call Notice No.02/2025-26 published vide this office Letter No.344 dated 20.02.2026 has been rescheduled from 12.03.2026 to 26.03.2026 in place of 02.03.2026 to 16.03.2026 and the date of opening of Tenders has also been rescheduled to be held on 30.03.2026 at 11.00 am in place of 18.03.2026 at 11.00 am.

Block Development Officer
GUDARI

**OIPR-19001/19045/1/25-26/0002**

19001/60/2526

WORKS DEPARTMENT
OFFICE OF THE SUPERINTENDING ENGINEER
MAYURBHANJ (R & B) DIVISION, BARIPADA
e-mail - bpd_eerb@rediffmail.com
Government of Odisha "e" Procurement Notice
Bid Identification No.-S.E.-83/2025-26

1. Number of works – 01 no Drain work
2. Approximate estimated cost: - 98.66 lakh
3. Period of Completion :- 02 (Two) Calendar Months
4. Date & Time of availability of bid documents in the portal:- Dt. 09.03.2026 to 19.03.2026
5. Last Date / Time of receipt of bid in the portal :- Dt. 19.03.2026 up to 5.00 PM
6. Date of Opening of bid:- Dt. 20..03.2026 at 11.00 AM
7. Name & address of the Office inviting bid :- Superintending Engineer, Mayurbhanj (R&B) Division, Baripada

Further details can be seen from the e-procurement portal http://www.tendersodisha.gov.in

Sd/- R.G Ray
Superintending Engineer
Mayurbhanj (R&B) Division

**OIPR-19001/19045/1/25-26/0002**



**ସର୍ବସାଧାରଣ ବିଜ୍ଞପ୍ତି**

**ଜେଏସଡବ୍ଲ୍ୟୁ ଷ୍ଟିଲ୍ ଲିମିଟେଡ୍, ଓଡିଶା**

ଏତଦ୍ୱାରା ସର୍ବସାଧାରଣଙ୍କୁ ସୂଚାଇ ଦିଆଯାଉଛି ଯେ, ଭାରତ ସରକାରଙ୍କ ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରାଳୟ (MoEF&CC) ୨୮ ଫେବୃଆରୀ ୨୦୨୬ ତାରିଖରେ ମେସର୍ସ ଜେଏସଡବ୍ଲ୍ୟୁ ଷ୍ଟିଲ୍ ଲିମିଟେଡ୍‌ଙ୍କୁ ସୁନ୍ଦରଗଡ଼ ଜିଲ୍ଲାର ନାରାୟଣପୋଷୀ ଲୌହ ଏବଂ ମାଙ୍ଗାନିଜ୍ ଓର୍ ମାଇନ୍‌ର ଉତ୍ପାଦନ କ୍ଷମତା ବୃଦ୍ଧି ପାଇଁ ପରିବେଶୀୟ ଅନୁମୋଦନ (Environmental Clearance) ପ୍ରଦାନ କରିଛନ୍ତି। ଏହି ଅନୁମୋଦନ EIA Notification, 2006 ଓ ଏହାର ପରବର୍ତ୍ତୀ ସଂଶୋଧନ ଅନୁଯାୟୀ ନିର୍ଦ୍ଧାରିତ ବିଶେଷ ଓ ସାଧାରଣ ନିୟମାବଳୀ ସହ ଜାରି କରାଯାଇଛି ଏବଂ ବିଶେଷଜ୍ଞ ମୂଲ୍ୟାଙ୍କନ ସମିତି (Non-Coal Mining) ଙ୍କ ୩୮ତମ ଓ ୪୬ତମ ସଭାର ସୁପାରିଶ ଅନୁସାରେ ମଞ୍ଜୁରି ମିଳିଛି। ଏହି ଅନୁମୋଦନ ଅନୁଯାୟୀ - ଆଇରନ୍ ଓର୍ (ROM) ଉତ୍ପାଦନ ୬.୦ MTPA ରୁ ବଢ଼ାଇ ୧୦.୦ MTPA କରାଯିବ, ଯାହାରେ ୪.୨୧୬ MTPA ଓଭରବର୍ଡେନ୍ ସହ ମୋଟ ଖନନ ୧୪.୨୧୬ MTPA ହେବ। ବର୍ତ୍ତମାନର ମାଙ୍ଗାନିଜ୍ ଓର୍ (ROM) ଉତ୍ପାଦନ ୦.୦୩୬ MTPA ଚାଲୁ ରହିବ, ଯାହା ୦.୨୨୩ MTPA ଓଭରବର୍ଡେନ୍ ସହ ମୋଟ ଖନନ ୦.୨୫୯ MTPA ହେବ। ଏହା ସହିତ ମୋବାଇଲ୍ କ୍ରସିଙ୍ଗ ଏବଂ ସ୍କ୍ରିନିଙ୍ଗ୍ ପ୍ଲାଣ୍ଟ (400 TPH × 10 Nos. ଓ 250 TPH × 7 Nos.), 2000 TPH CPU, 6.0 MTPA Grinding & Beneficiation Plant ଏବଂ ଆଇରନ୍ ଓର୍ କନସେନ୍ଟ୍ରେଟ୍ ପରିବହନ ପାଇଁ ସ୍ଲରି ପମ୍ପ ଷ୍ଟେସନ୍ ସଂସ୍ଥାପନ ଓ ପରିଚାଳନା ଅନୁମୋଦିତ ହୋଇଛି।

ପରିବେଶୀୟ ଅନୁମୋଦନ ପତ୍ରର କପି ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡରେ ଉପଲବ୍ଧ ଅଛି ଏବଂ ମନ୍ତ୍ରାଳୟର ୱେବସାଇଟ୍ https://parivesh.nic.in ରେ ମଧ୍ୟ ଉପଲବ୍ଧ ରହିଛି।

## ମାଓମୁକ୍ତ ଘୋଷଣା ପରେ.....

# କୋରାପୁଟ ପୁଲିସ ଟାର୍ଗେଟରେ ଗଞ୍ଜେଇ ମାଫିଆ

କୋରାପୁଟ,୨।୩(ସମିସ)

ଏକଦା କୋରାପୁଟ ଜିଲ୍ଲା ମାଓ ଅଧ୍ୟୁଷିତ ଅଞ୍ଚଳ ଭାବେ ପରିଚିତ ଥିଲା। ନବେ ଦଶକ ପ୍ରାରମ୍ଭରେ କୋରାପୁଟ ଜିଲ୍ଲାରେ ମାଓବାଦୀଙ୍କ ଉପଦ୍ରବ ସାମାନ୍ୟ ରହିଥିଲା । କିନ୍ତୁ ପରବର୍ତ୍ତୀ ସମୟରେ ୨୦୦୦ ମସିହ ପରେ କୋରାପୁଟ ଜିଲ୍ଲାର ଅନେକ ଅଞ୍ଚଳରେ ମାଓବାଦୀ କବଜା କରିବା ଆରମ୍ଭ କରି ୨୦୦୭-୦୮ ବେଳକୁ ଜିଲ୍ଲାରେ ମାଓ ସ୍ଥିତି ଉଦ୍‌ବେଗଜନକ ହୋଇଥିଲା। ଏପରିକି ମାଓବାଦୀଙ୍କ ଧମକ ଓ ହିଂସା ପରାୟଣ ମନୋଭାବ ଯୋଗୁଁ ଜିଲ୍ଲାରେ ବିକାଶ ମୂଳକ କାର୍ଯ୍ୟ ବାଧାପ୍ରାପ୍ତ ହୋଇଥିଲା। ବିଭିନ୍ନ ଅଞ୍ଚଳରେ ମାଓବାଦୀ ପୁଲିସ, ଠିକାଦାର ଓ ସାଧାରଣ ଲୋକଙ୍କୁ ହତ୍ୟା କରି ନିଜ ଉପସ୍ଥିତି ଜାହିର କରିଥିଲେ। ରାଜ୍ୟ ପୁଲିସ ଏହାର କଡ଼ା ମୁକାବିଲା କରି ମାଓବାଦୀଙ୍କୁ ଉଚିତ ଜବାବ ଦେଉଥିଲେ କିନ୍ତୁ ମାଓବାଦିଙ୍କ ବିରୁଦ୍ଧରେ ଦ୍ରୁତ କାର୍ଯ୍ୟାନୁଷ୍ଠାନ ନେବାକୁ କେନ୍ଦ୍ରୀୟ ସୁରକ୍ଷା ବାହିନୀ ନିୟୋଜିତ ପାଇଁ ନିଷ୍ପତି ନେଇଥିଲେ। ନିଷ୍ପତି ଅନୁଯାୟୀ ୨୦୧୦ ଏପ୍ରିଲ ୮ ରେ କୋରାପୁଟ ଠାରେ ସୀମା ସୁରକ୍ଷା ବଳ (ବିଏସଏଫ୍) ସେକ୍ଟର ହେଡ୍ କ୍ୱାର୍ଟର ସ୍ଥାପନା କରାଯାଇ ଜିଲ୍ଲାର ବିଭିନ୍ନ ମାଓ ପ୍ରବଣ ଅଞ୍ଚଳରେ ଯବାନ ମାନଙ୍କୁ ମୁତୟନ କରା ଯାଇଥିଲା। ଜିଲ୍ଲା ପୁଲିସ ଏବଂ ବିଏସଏଫ୍ ମିଳିତ ଉଦ୍ୟମରେ ନକ୍ସଲ ଦମନ ଅଭିଯାନ ଚଳାଇବା ସହ ମାଓବାଦୀଙ୍କୁ ସହଯୋଗ ନକରିବା ପାଇଁ ଗ୍ରାମାଞ୍ଚଳରେ ସଚେତନ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିଲା। ମାଓ ଦମନ ସମୟରେ ଅନେକ ଥର ପରସ୍ପର ମଧ୍ୟରେ ଗୁଳି ବିନିମୟ ଘଟି ପୁଲିସ କର୍ମଚାରୀ ସହିଦ ହୋଇଥିବା ବେଳେ ନକ୍ସଲ ମଧ୍ୟ ପୁଲିସ ଗୁଳିରେ ପ୍ରାଣ ହରାଇଥିଲେ। ସୀମା ସୁରକ୍ଷା ବଳ ଏବଂ ରାଜ୍ୟ ପୁଲିସର ମାଓ ଦମନରେ କଡ଼ା ଆଭିମୁଖ୍ୟ ଯୋଗୁଁ ଶହ ଶହ ମାଓବାଦୀ ଗିରଫ ହୋଇଥିବା ବେଳେ ଅନେକ ଆତ୍ମସମର୍ପଣ କରିଥିଲେ। ନବୀନ ପଟ୍ଟନାୟକଙ୍କ ନେତୃତ୍ୱାଧୀନ ପୂର୍ବ ସରକାରର ଥଇଥାନ ନୀତିରେ ଆକର୍ଷିତ ହୋଇ ଅନେକ ମାଓବାଦୀ ଓ ମହିଳା କ୍ୟାଡ଼ର ଆତ୍ମସମର୍ପଣ କରିଥିଲେ। କ୍ରମଶଃ କୋରାପୁଟ ଜିଲ୍ଲାରେ ମାଓବାଦୀ ସଂଖ୍ୟା ହ୍ରାସ ପାଇ ଥିବା ବେଳେ ଗତ ମାସରେ ଦକ୍ଷିଣ ପଶ୍ଚିମାଞ୍ଚଳ ରେଞ୍ଜ ଡିଆଇଜି ଡ. କେ.ଭି.ସିଂ କୋରାପୁଟ ଜିଲ୍ଲାକୁ ମାଓ ମୁକ୍ତ



ଘୋଷଣା କରିଥିଲେ। ତେବେ ପୁଲିସ ଓ ସରକାରଙ୍କ ଘୋଷଣା ଅନୁଯାୟୀ କୋରାପୁଟ ଜିଲ୍ଲା ବର୍ତ୍ତମାନ ସମ୍ପୂର୍ଣ୍ଣ ମାଓ ମୁକ୍ତ ହୋଇ ଥିବା ବେଳେ କୋରାପୁଟ ଜିଲ୍ଲାରୁ ବେଆଇନ ଗଞ୍ଜେଇ କାରବାର ରୋକିବାକୁ ପୁଲିସ ବର୍ତ୍ତମାନ ଗଞ୍ଜେଇ ମାଫିଆଙ୍କୁ ଟାର୍ଗେଟ କରିଛି। ଚୋରା ଗଞ୍ଜେଇ କାରବାର ଯୋଗୁଁ ଜିଲ୍ଲାରେ ଆଇନ ଶୃଙ୍ଖଳା ପରିସ୍ଥିତି ବିଗୁଡ଼ୁ ଥିବା ବିଭିନ୍ନ ଅପରାଧ ମଧ୍ୟ ଘଟୁଛି। ତେଣୁ ବର୍ତ୍ତମାନ ଜିଲ୍ଲା ପୁଲିସ ମୁଖ୍ୟ ଗଞ୍ଜେଇ ବ୍ୟବସାୟୀଙ୍କୁ ଧରିବାକୁ ଚାରି ଆଡ଼େ ଜାଲ ବିଛାଇଛନ୍ତି। ଗତ କିଛି ବର୍ଷ ହେଲା କୋରାପୁଟ ଜିଲ୍ଲାରେ ଚୋରା ଗଞ୍ଜେଇ ଚାଲାଣ ଏତେ ପରିମାଣରେ ବୃଦ୍ଧି ପାଇଛି ତାହା ଆକଳନ ବାହାରେ। ଜିଲ୍ଲାର ଜୟପୁର ସମେତ ବୈ÷ପାରିଗୁଡ଼ା, ଲମତାପୁଟ, ନନ୍ଦପୁର, ପଟ୍ଟାଙ୍ଗି ସିମିଳିଗୁଡା ଅଞ୍ଚଳରେ ପ୍ରବଳ ମାତ୍ରାରେ ଚୋରା ଗଞ୍ଜେଇ କାରବାର ଚାଲୁଥିବା ଯୋଗୁଁ ପୁଲିସ ସେହି ଅଞ୍ଚଳରେ କଡ଼ା ନଜର ରଖିଛି। ରାତାରାତି ବଡ଼ ଲୋକ ହେବା ସ୍ୱପ୍ନ ଦେଖି ଅନେକ ଶିକ୍ଷିତ ଯୁବପିଢୀ ବେଆଇନ ଗଞ୍ଜେଇ କାରବାରରେ ଲିପ୍ତ ହେଉଥିବା ବେଳେ ମହିଳା ମାନେ ମଧ୍ୟ ଗଞ୍ଜେଇ ଚାଲାଣରେ ସମ୍ପୃକ୍ତ ହେଇ ପୁଲିସ ହାତରେ ଧରା ପଡିଛନ୍ତି। ବର୍ତମାନ କୋରାପୁଟ ଜିଲ୍ଲା ଏକ ପ୍ରମୁଖ ପର୍ଯ୍ୟଟନ ହବ୍ ଭାବେ ଉଭା ହେଇଥିବାରୁ ଗଞ୍ଜେଇ ବ୍ୟବସାୟୀ ମାନେ ଉଚ୍ଚ ଶିକ୍ଷିତ ଯୁବକ ଯୁବତୀମାନଙ୍କୁ ପ୍ରଲୋଭନ ଦେଖାଇ ପର୍ଯ୍ୟଟକ ଭାବେ କୋରାପୁଟ ପଠାଉଛନ୍ତି ଓ ସେମାନଙ୍କ ଜରିଆରେ ଗଞ୍ଜେଇ ଚାଲାଣ କରୁଛନ୍ତି। ଗତ ଦୁଇବର୍ଷ ମଧ୍ୟରେ ଏଭଳି ଅନେକ ଘଟଣା ଦେଖିବାକୁ ମିଳିଛି। ଏପରିକି ଦିଲ୍ଲୀ, ରାଜସ୍ଥାନ,ପଞ୍ଜାବ, ହରିୟଣା, ବିହାର, ଉତ୍ତର ପ୍ରଦେଶର ଅନେକ ମହିଳା ଏବଂ ଯୁବପିଢୀ ଗଞ୍ଜେଇ ଚୋରା ଚାଲାଣରେ ଧରା ପଡ଼ି ଜେଲରେ ଅଛନ୍ତି। କେବଳ ବାହାର ରାଜ୍ୟର ନୁହଁ ଜିଲ୍ଲାର କେତେକ ଦୁର୍ନୀତିଗ୍ରସ୍ତ ପୁଲିସ କର୍ମଚାରୀ ଚୋରା ଗଞ୍ଜେଇ ବ୍ୟବସାୟୀଙ୍କୁ ସହାୟତା କରି ମୋଟା ଅଙ୍କର ଟଙ୍କା ରୋଜଗାର କରିଥିବା ବେଳେ ଅନେକେ ଧରା ପଡ଼ି ଜେଲ ଯିବା ମଧ୍ୟ ନଜିର ରହିଛି। ବର୍ତ୍ତମାନର ଡିଆଇଜି ଡ, କନୱାର ବିଶାଳ ସିଂ ଏବଂ ଆଇପିଏସ ମୁକେଶ କୁମାର ଭାମୁ କୋରାପୁଟ ଏସପି ଥିବା ସମୟରେ ଗଞ୍ଜେଇ ମାଫିଆଙ୍କ ନିଦ ହଜେଇ ଦେଇଥିଲେ। ଟ୍ରକ ଟ୍ରକ ଗଞ୍ଜେଇ ଜବତ ଓ ଶତାଧିକ ମାଫିଆଙ୍କୁ ଗିରଫ କରିଥିବା ବେଳେ ଉଭୟଙ୍କ ସମୟରେ ଏକାଧିକ ପୁଲିସ କର୍ମଚାରୀ ମଧ୍ୟ ଜେଲ ଯାଇଥିଲେ। ତେବେ ବର୍ତ୍ତମାନ ବେଆଇନ ଗଞ୍ଜେଇ କାରବାର ରୋକିବାକୁ ପୁଲିସ ଯେଉଁ ଆଭିମୁଖ୍ୟ ଗ୍ରହଣ କରିଛି ତାହା ଗଞ୍ଜେଇ ମାଫିଆ ମାନଙ୍କ ନିଦ ହଜେଇ ଦେଇଛି। ଗତ ମାସ ୨୬ ତାରିଖର ଘଟଣାରୁ ଏହା ସ୍ପଷ୍ଟ ହୋଇଛି। ଯୁବ ଆଇପିଏସ ରୋହିତ ବର୍ମା କୋରାପୁଟ ଏସପି ଦାୟିତ୍ୱ ଗ୍ରହଣ କରିବା ପରେ ଜିଲ୍ଲାରେ ଗଞ୍ଜେଇ କାରବାର ରୋକିବାକୁ ପୁଣି ପୁଲିସ ଅଧିକ ସକ୍ରିୟ ହୋଇ ଉଠି ଥିବା ବେଳେ ଫେବୃଆରୀ ୨୬ ର ଘଟଣାରୁ ତାହା ସ୍ପଷ୍ଟ ବାରି ହେଉଛି। ପାଡୁଆ ଥାନା ଅନ୍ତର୍ଗତ ଜଲାପୁଟ ଜଳ ଭଣ୍ଡାର ଭିତରେ ଜଙ୍ଗଲ ଭରା ଏକ ଦ୍ୱୀପରେ କେରଳର ନିଶା ମାଫିଆ ଆଲେନ ଜୟରାଜ ଯେଉଁ କଳା ସାମ୍ରାଜ୍ୟ ଚଳାଉ ଥିଲା, ପୁଲିସ ସେଠାରେ ପହଞ୍ଚି ୨୨୫ କୋଟି ଟଙ୍କାର ତରଳ ଗଞ୍ଜେଇ ଏବଂ ୫ କୋଟି ଟଙ୍କାର ଗଞ୍ଜେଇ ଜବତ କରିଥିଲେ। ଅଭିଯୁକ୍ତ ମାନଙ୍କୁ ଧରିବାକୁ ଏସ୍‌ପିଙ୍କ ନେତୃତ୍ୱରେ ଗଠିତ ଟିମ୍ ପ୍ରାୟ ୩୦ ଘଣ୍ଟା କସରତ କରି ଘଟଣାର ମୁଖ୍ୟ ଅଭିଯୁକ୍ତ ଆଲେନ ଜୟରାଜ୍ ସମେତ କେରଳର ୩ ଓ ସ୍ଥାନୀୟ ଅଞ୍ଚଳର ୩ ଜଣଙ୍କୁ ମିଶାଇ ମୋଟ ୭ ଜଣଙ୍କୁ ଗିରଫ କରିବା ସହ ଗଞ୍ଜେଇ ତେଲ ପ୍ରସ୍ତୁତି ସାମଗ୍ରୀ ଜବତ କରିଥିଲେ। କୋରାପୁଟ ଜିଲ୍ଲାରୁ ବେଆଇନ ଗଞ୍ଜେଇ ଚାଲାଣ ବନ୍ଦ କରିବାକୁ ଏଭଳି ଚଢଉ ଅଧିକ ଜୋରଦାର କରିବା ଯୋଜନା ରହିଛି। ଅନ୍ୟ ପକ୍ଷରେ ବେଆଇନ ଗଞ୍ଜେଇ କାରବାର ରୋକିବା ଉଦ୍ଦେଶ୍ୟ ପୂରଣ ହେଲେ ଅନେକାଂଶରେ ଅପରାଧ ନିୟନ୍ତ୍ରଣ ହେବା ସହ ଅନେକ ଯୁବପୀଢି ଭୁଲ ରାସ୍ତାରୁ ଓହରି ଯିବେ ବୋଲି ସାଧାରଣରେ ମତ ପ୍ରକାଶ ପାଉଥିବା ବେଳେ ପୁଲିସର ଏଭଳି ଆଭିମୁଖ୍ୟକୁ ବୁଦ୍ଧିଜୀବୀ ମହଲରେ ସ୍ୱାଗତ କରାଯାଇଛି।

## ଦୁର୍ଘଟଣାରେ ଗୁରୁତର ଦୁଇ ଛାତ୍ର ପରୀକ୍ଷା କେନ୍ଦ୍ରରେ ପହଞ୍ଚିଲେ



ନନ୍ଦପୁର,୨।୩(ସମିସ): ମାଟ୍ରିକ ପରୀକ୍ଷା ଦେବାକୁ ଯାଉଥିବା ବେଳେ ଦୁର୍ଘଟଣା ଘଟି ଦୁଇ ଛାତ୍ର ଗୁରୁତର ହୋଇଛନ୍ତି। ଲହୁ ଲୁହାଣ ଅବସ୍ଥାରେ ଦୁଇ ଛାତ୍ର ପରୀକ୍ଷା କେନ୍ଦ୍ରରେ ପହଞ୍ଚି ଥିଲେ। ତାଙ୍କ ଅବସ୍ଥା ଦେଖି ଶିକ୍ଷକ ତାଙ୍କ ପରିବାରଙ୍କୁ ଖବର ଦେବା ପରେ ସେମାନେ ପରୀକ୍ଷା କେନ୍ଦ୍ରରେ ପହଞ୍ଚି ଦୁଇ ଛାତ୍ରଙ୍କୁ ନେଇ କୋରାପୁଟ ମେଡିକାଲରେ ଭର୍ତ୍ତି କରିଛନ୍ତି। ଦୁଇ ଛାତ୍ର ହେଲେ ବି. ସାଇ ଓ ଦିନେଶ କୁମାର। ଏହି ଦୁହେଁ ସୋମବାର ସକାଳୁ ପରୀକ୍ଷା ଦେବା ପାଇଁ ଘରୁ ବାହାରି ଥିବା ନେତାଜୀ ହାଇସ୍କୁଲକୁ ଯାଉଥିବା ସମୟରେ ମାରଡ଼ା ବ୍ରିଜ ଉପରେ ଗାଡିରୁ ପଡ଼ି ଯାଇଥିଲେ। ଦୁର୍ଘଟଣାକୁ ଖାତିରି ନ କରି ଦୁହେଁ ଛାତ୍ର ରକ୍ତ ଜୁଡୁବୁଡୁ ହୋଇ ପରୀକ୍ଷା କେନ୍ଦ୍ରରେ ପହଞ୍ଚି ଥିଲେ। ଖବର ଅନୁସାରେ ଉଭୟଙ୍କ ସ୍ୱାସ୍ଥ୍ୟ ଅବସ୍ଥାରେ ସୁଧାର ଆସିଛି। ଉଭୟଙ୍କୁ ଏହି ଉଲ୍ଲେଖନୀୟ ସଫଳତା ପାଇଁ ଅଭିନନ୍ଦନ ଜଣାଇଛନ୍ତି।

## ଶ୍ରୀଚୈତନ୍ୟ ଟେକ୍ନୋ ସ୍କୁଲରେ ଜାତୀୟ ବିଜ୍ଞାନ ଦିବସ



ରାୟଗଡ଼ା,୨।୩(ସମିସ): ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ ଶ୍ରୀ ଚୈତନ୍ୟ ଟେକ୍ନୋ ସ୍କୁଲରେ ଜାତୀୟ ବିଜ୍ଞାନ ଦିବସ ପାଳିତ ହୋଇଛି। ଏହି ବିଜ୍ଞାନ ଦିବସରେ ୨୫ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ଏହି ଅବସରରେ ରାୟଗଡା ମହାବିଦ୍ୟାଳୟର ପ୍ରଧାପକ ଏ ଶ୍ରୀନିବାସ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉକ୍ତ ବିଜ୍ଞାନ ଦିବସର ଶୁଭାରମ୍ଭ କରିଥିଲେ। ପରେ ସେ ଗୋଟିଏ ଗୋଟିଏ କରି ସମସ୍ତ ପ୍ରକଳ୍ପ ପରିଦର୍ଶନ କରିଥିଲେ ଏବଂ ଛାତ୍ର ଛାତ୍ରୀ ମାନଙ୍କୁ ଉତ୍ସାହିତ କରିଥିଲେ। ସ୍କୁଲର ପ୍ରିନ୍ସିପାଲ ନନ୍ଦିତା ବାନାର୍ଜୀଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମଟି ଆୟୋଜନ ହୋଇଥିଲା। ସମସ୍ତ ଅଭିଭାବକମାନେ ଆସି ସମସ୍ତ ପ୍ରକଳ୍ପ ଦେଖିଥିଲେ ଏବଂ ସ୍କୁଲର ଏଭଳି ପ୍ରୟାସକୁ ପ୍ରଶଂସା କରିବା ସହ ସ୍କୁଲର ପରିଚାଳନା କମିଟିକୁ ଧନ୍ୟବାଦ ଅର୍ପଣ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ପ୍ରିନ୍ସିପାଲ ଏବଂ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ମାନେ ଉପସ୍ଥିତ ଥିଲେ।

## ରାୟଗଡ଼ାରେ ଜିଲ୍ଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି

ରାୟଗଡ଼ା,୨।୩(ସମିସ ): ରାୟଗଡ଼ା ଜିଲ୍ଲା ପ୍ରଶାସନ ତରଫରୁ ଜିଲ୍ଲା ସଦର ମହକୁମା ସ୍ଥିତ ଜିଲ୍ଲା ପରିଷଦ ସଦ୍‌ଭାବନା ସଭାଗୃହ ଠାରେ ସୋମବାର ଦିନ ଯୁଗ୍ମ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣିଙ୍କ ଅଧକ୍ଷତାରେ ଅନୁଷ୍ଠିତ ଶୁଣାଣି ଶିବିରରେ ଆରକ୍ଷୀ ଅଧିକ୍ଷକ ସ୍ୱାତୀ ଏସ କୁମାର, ଖଣ୍ଡୀୟ ବନଖଣ୍ଡ ଅଧିକାରୀ ସଚିନ ଆନା ସାହେବ ଓହଲେ, ଉପଜିଲ୍ଲାପାଳ ରମେଶ କୁମାର ଜେନା, ଜିଲ୍ଲା ମୁଖ୍ୟ ଚିକିତ୍ସା ତଥା ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଭି.ସରୋଜିନୀ ଦେବୀ, ଅତିରିକ୍ତ କାର୍ଯ୍ୟ ନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ ମୋନିସା ଦାସ ଉପସ୍ଥିତ ରହି

**୭୧ ଅଭିଯୋଗର ଶୁଣାଣି**



ଜନସାଧାରଣଙ୍କର ବିଭିନ୍ନ ଅଭିଯୋଗ ଶୁଣାଣି କରିଥିଲେ। ଆଜି ମୋଟ ୭୧ ଟି ଅଭିଯୋଗ ଜିଲ୍ଲାପାଳଙ୍କ ପାଖକୁ ଆସିଥିଲା । ସେଥି ମଧ୍ୟରୁ ୫୫ଟି ବ୍ୟକ୍ତିଗତ ଓ ୯ ଗୋଟି ଗ୍ରାମବାସୀ ମାନଙ୍କର ସାମୂହିକ ଅଭିଯୋଗ ଥିଲା । ଏଥିରେ ୩ ଜଣଙ୍କ ସ୍ୱାସ୍ଥ୍ୟ ସମସ୍ୟା ଅଭିଯୋଗ ଥିଲା। ସେମାନଙ୍କ ମଧ୍ୟରୁ ୩ ଜଣକୁ ମୁଖ୍ୟମନ୍ତ୍ରୀ ସହାୟତା ପାଣ୍ଠିରୁ ୫୦ ହଜାର ଟଙ୍କା ଏବଂ ୪ ଜଣକୁ ଜିଲ୍ଲା ରେଡକ୍ରସ ପାଣ୍ଠିରୁ ୩୦ ହଜାର ଟଙ୍କା ଜିଲ୍ଲାପାଳ ଆର୍ଥିକ ସାହାଯ୍ୟ ପ୍ରଦାନ କରିଥିଲେ। ଜିଲ୍ଲାପାଳ ଆଜିର ଅଭିଯୋଗ ଗୁଡିକୁ ପାଇଲା ପରେ ବିଭାଗୀୟ ଅଧିକାରୀ ମାନଙ୍କୁ ତୁରନ୍ତ ଫଇସଲା ନିମନ୍ତେ ନିର୍ଦ୍ଦେଶ ଦେଇଥିଲେ। ଏହି ଶିବିରରେ ଜିଲ୍ଲା ସ୍ତରୀୟ ବିଭିନ୍ନ ବିଭାଗୀୟ ଅଧିକାରୀ ଯୋଗଦାନ କରିଥିଲେ।

## ସରିଲା ମାଟ୍ରିକ ପରୀକ୍ଷା | ପରୀକ୍ଷା ଦେଲେ ୧୭ ୭ ୬୨ ପରୀକ୍ଷାର୍ଥୀ

ନବରଙ୍ଗପୁର,୨।୩(ସମିସ): ଚଳିତ ବର୍ଷ ମାଟ୍ରିକ୍ ପରୀକ୍ଷା ଗତ ଫେବୃୟାରୀ ୧୯ ଠାରୁ ଆରମ୍ଭ ହୋଇଥିଲା। ଆଜି ଅର୍ଥାତ୍ ମାର୍ଚ୍ଚ ୨ ତାରିଖରେ ଶେଷ ହୋଇଛି । ପରୀକ୍ଷାର୍ଥୀ ମାନେ ସକାଳ ସାଢେ ୭ଟାରୁ ସାଢେ ୮ ଟା ପର୍ଯ୍ୟନ୍ତ ପରୀକ୍ଷା କେନ୍ଦ୍ରକୁ ପ୍ରବେଶ କରିଥିଲେ। ନୋଡାଲ ସେଣ୍ଟର ମାନଙ୍କରୁ ପ୍ରଶ୍ନପତ୍ର ସକାଳ ସାଢେ ୭ଟାରୁ ସାଢେ ୮ଟା ମଧ୍ୟରେ ପହଞ୍ଚି ଥିଲା । ପୂର୍ବାହ୍ନ ୯ଟାରୁ ସାଢେ ୧୧ଟା ପର୍ଯ୍ୟନ୍ତ ଓଡ଼ିଆ (ଏମଆଇଏଲ) ପରୀକ୍ଷା ଦେଇଥିଲେ । ଜିଲ୍ଲାର ୨୨୮ ହାଇସ୍କୁଲର ୧୮୫୫୭ ଛାତ୍ରଛାତ୍ରୀ ପରୀକ୍ଷା ଦେବାକୁ ଫାର୍ମ ପୂରଣ କରିଥିଲେ। ଏନେଇ ୮୪ଟି ପରୀକ୍ଷା କେନ୍ଦ୍ର କରାଯାଇଥିଲା। ୮୧ ପରୀକ୍ଷା କେନ୍ଦ୍ରରେ ରେଗୁଲାର ଓ ଏକ୍ସ ରେଗୁଲାର ଛାତ୍ରୀଛାତ୍ରଙ୍କ ପାଇଁ ଓ ୩ଟି ପରୀକ୍ଷା କେନ୍ଦ୍ର ରାଜ୍ୟ ମୁକ୍ତ ବିଦ୍ୟାଳୟ ଛାତ୍ରଛାତ୍ରୀ ପାଇଁ ପରୀକ୍ଷା କେନ୍ଦ୍ର ରହିଥିଲା। ଏଥର ରେଗୁଲାରରେ ଏକ୍ସ ରେଗୁଲାର ମିଶି ୧୮୦୨୦ ପରୀକ୍ଷା ଦେବା ପରିବର୍ତ୍ତେ ୧୭ ୭ ୬୨ ଜଣ ପରୀକ୍ଷା ଦେଇଥିଲେ ଏବଂ ୨୫୮ ଜଣ ଛାତ୍ର ଛାତ୍ରୀ ଅନୁପସ୍ଥିତ ରହିଥିଲେ। ସେହିଭଳି ମୁକ୍ତ ବିଦ୍ୟାଳୟ ୫୫୭ ଜଣ ଛାତ୍ର ଛାତ୍ରୀ ପରୀକ୍ଷା ଦେବା ପରିବର୍ତ୍ତେ ୩୭୬ ଜଣ ପରୀକ୍ଷା ଦେଇଥିବା ବେଳେ ୧୬୧ ଛାତ୍ର ଛାତ୍ରୀ ଅନୁପସ୍ଥିତ ରହିଥିବା ଜିଲ୍ଲା ଶିକ୍ଷା ବିଭାଗ ପକ୍ଷରୁ ସୂଚନା ମିଳିଛି। ତେବେ ଜିଲା ଶିକ୍ଷା ବିଭାଗର ଦୁଇଟି ଡିଇଓ ସ୍କ୍ୱାର୍ଡ ଏବଂ ଗୋଟିଏ ସ୍ପେଶିଆଲ୍ ସ୍କ୍ୱାର୍ଡ ପରୀକ୍ଷା କେନ୍ଦ୍ର ପରିଦର୍ଶନ କରିଥିଲେ। ଅନ୍ୟପକ୍ଷରେ ପରୀକ୍ଷା ପାଇଁ ୧୦ ଗୋଟି ନୋଡାଲ ସେଣ୍ଟର, ୧୯ ଦଳ ପ୍ରଶ୍ନପତ୍ର ପହଞ୍ଚାଇବା ପାଇଁ ଗଠନ କରାଯାଇଥିଲା। ବୋର୍ଡ ପକ୍ଷରୁ ବହୁ ପରୀକ୍ଷା କେନ୍ଦ୍ରରେ ସିସି କ୍ୟାମେରା ଲଗାଯାଇଛି। ଏହା ବ୍ୟତୀତ ଜିଲ୍ଲା ଶିକ୍ଷା ବିଭାଗ ପକ୍ଷରୁ ଅନ୍ୟ ପରୀକ୍ଷା କେନ୍ଦ୍ର ମାନଙ୍କରେ ମଧ ସିସି କ୍ୟାମେରା ଲାଗିଥିବା ଜିଲ୍ଲା ଶିକ୍ଷା ବିଭାଗ ପକ୍ଷରୁ ଜିଲ୍ଲା ଶିକ୍ଷା ଅଧିକାରୀ ଛତ୍ରପତି ସାହୁ ଏବଂ ଜିଲ୍ଲା ବିଜ୍ଞାନ ପରିଦର୍ଶକ ଚିତ୍ତ ରଞ୍ଜନ ପଟ୍ଟନାୟକଙ୍କ ପକ୍ଷରୁ ସୂଚନା ମିଳିଛି।

**୪୧୯ ପରୀକ୍ଷାର୍ଥୀ ଅନୁପସ୍ଥିତ**

## ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ସମାବର୍ତ୍ତନ ଉତ୍ସବ



ରାୟଗଡ଼ା,୨।୩(ସମିସ): ସୋମବାର ଦିନ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ଗାୟତ୍ରୀ ନଗର ରାୟଗଡ଼ାଠାରେ ଶିକ୍ଷା ବର୍ଷ ୨୦୨୫-୨୬ର ଦଶମ ଶ୍ରେଣୀ ଶିଶୁଙ୍କର ସମାବର୍ତ୍ତନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ଜୈନ ଧର୍ମର ଗୁରୁ ମୁନିଶ୍ରୀ ହେମନ୍ତ କୁମାର ମହାରାଜଜୀ ମୁଖ୍ୟ ଅତିଥି ରୂପେ ଯୋଗ ଦେଇଥିଲେ। ବିଦ୍ୟାଳୟ ପରିଚାଳନା ସମିତିର ସଭାପତି ମାଙ୍ଗିଲାଲ ଜୈନ, ଉପସଭାପତି ରଘୁ ନନ୍ଦନ ନନ୍ଦ, ସମ୍ପାଦକ ପ୍ରମୋଦ କୁମାର ମହାନ୍ତି, ସଦସ୍ୟା ସସ୍ମିତା ପାଢ଼ୀ ଓ ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ମନୋରଞ୍ଜନ ଦାସ ମଞ୍ଚାସୀନ ଅତିଥି ରୂପେ ଯୋଗ ଦେଇଥିଲେ। ଏଥି ସହିତ ବିଦ୍ୟାଳୟର ସମସ୍ତ ଆଚାର୍ଯ୍ୟ ଆଚାର୍ଯ୍ୟା ଓ ଚଳିତ ଶିକ୍ଷା ବର୍ଷର ଦଶମ ଶ୍ରେଣୀର ମୋଟ ୬୩ ଜଣ ଶିଶୁ ଉପସ୍ଥିତ ଥିଲେ। ମୁଖ୍ୟ ଅତିଥିଙ୍କ ଦ୍ୱାରା ଦୀପ ପ୍ରଜ୍ୱଳନ ପରେ ପ୍ରଧାନ ଆଚାର୍ଯ୍ୟ ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ଉଦ୍ଦେଶ୍ୟ କଥନ କରିଥିଲେ। ମୁଖ୍ୟ ଅତିଥି ନିଜ ବକ୍ତବ୍ୟ ମାଧ୍ୟମରେ ଶିଶୁଙ୍କୁ ସେମାନଙ୍କ ଉଜ୍ଜଳ ଭବିଷ୍ୟତ ଗଠନ ଓ ଜଣେ ଉତ୍ତମ ନାଗରିକ ହେବା ନିମନ୍ତେ ମାର୍ଗ ଦର୍ଶନ କରାଇଥିଲେ। ସମ୍ପାଦକ ମଧ୍ୟ ଶିଶୁଙ୍କୁ ସେମାନଙ୍କ ଭବିଷ୍ୟତ ପାଇଁ ଉପଯୋଗୀ ଅଭିଭାଷଣ ପ୍ରଦାନ କରିଥିଲେ। ଏହାପରେ ବିଦ୍ୟାଳୟର ବରିଷ୍ଠ ଆଚାର୍ଯ୍ୟ ଶିଶୁଙ୍କ ଉଦ୍ଦେଶ୍ୟରେ ନିଜ ଅନୁଭୂତି କଥନ କରିଥିଲେ। କିଛି ଶିଶୁ ବିଦ୍ୟାଳୟରେ ନିଜର ଅନୁଭୂତି ବର୍ଣ୍ଣନା କରିଥିଲେ। ଶେଷରେ ଧନ୍ୟବାଦ ପ୍ରଦାନ ପରେ କାର୍ଯ୍ୟକ୍ରମଟି ସଫଳ ହୋଇଥିଲା। ବିଦ୍ୟାଳୟର ବରିଷ୍ଠ ଆଚାର୍ଯ୍ୟା ଅଶ୍ୱିନୀ କୁମାରୀ କର କାର୍ଯ୍ୟକ୍ରମଟିକୁ ପରିଚାଳନା କରିଥିଲେ। ବିଦ୍ୟାଳୟ ପରିଚାଳନା ସମିତିର ସମସ୍ତ ସଦସ୍ୟ, ପ୍ରଧାନ ଆଚାର୍ଯ୍ୟ, ସମସ୍ତ ଆଚାର୍ଯ୍ୟ ଆଚାର୍ଯ୍ୟା ଓ ସେବକ ସେବିକାଙ୍କ ଦ୍ୱାରା କାର୍ଯ୍ୟକ୍ରମଟି ସଫଳ ହୋଇପାରିଛି।

## ଓସିଏ ଆମ୍ପାୟାର ପ୍ୟାନେଲ୍‌କୁ ଦୁଇ ମନୋନୀତ





କୋରାପୁଟ,୨।୩(ସମିସ); ଓଡ଼ିଶା କ୍ରିକେଟ୍ ଆସୋସିଏସନ୍ (ଓସିଏ) ଆମ୍ପାୟାର ପ୍ୟାନେଲ ଚୟନରେ କୋରାପୁଟ ଜିଲ୍ଲାର ଦୁଇଜଣ ମନୋନୀତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ଜଣେ ଜୟପୁରର ୱାଇ, ପ୍ରସାଦଙ୍କ ପୁଅ ୱାଇ ଯୁବରାଜ ୧୮ତମ ସ୍ଥାନ ଅଧିକାର କରି ମନୋନୀତ ହୋଇଥିବା ବେଳେ ଅନ୍ୟ ଜଣେ ସେମିଳିଗୁଡାର ଚିନ୍ମୟ ପଣ୍ଡା ୧୯ ତମ ସ୍ଥାନ ପାଇ ଚୟନ ହୋଇଛନ୍ତି। ସାରା ରାଜ୍ୟରୁ ମୋଟ ୧୨୫ ଜଣ ପ୍ରାର୍ଥୀ ଯୋଗ ଦେଇଥିଲେ। ଚିନ୍ମୟ ପଣ୍ଡାଙ୍କ ଏହି ସଫଳତା କୋରାପୁଟ ଜିଲ୍ଲା ସହିତ ସୁନାବେଡା ପୌରପାଳିକା ପାଇଁ ଗର୍ବର ବିଷୟ ହୋଇଛି। ସେ ସେମିଳିଗୁଡା ସରସ୍ୱତୀ ନଗରରେ ମା' ଯାଜ୍ଞସେନି ପଣ୍ଡାଙ୍କ ସହିତ ରହନ୍ତି। ଏହା ଜିଲ୍ଲାରେ କ୍ରିକେଟ୍ ଓ ଆମ୍ପାୟାରିଂ କ୍ଷେତ୍ରରେ ରହିଥିବା ପ୍ରତିଭା ଓ ମାନଦଣ୍ଡକୁ ପ୍ରକାଶ କରୁଛି। ସ୍ଥାନୀୟ କ୍ରିକେଟ୍ ପ୍ରେମୀ ଓ ନାଗରିକମାନେ

## କିଶୋରୀଙ୍କୁ ଏଚ୍‌ପିଭି ଟୀକା ପ୍ରଦାନ କାର୍ଯ୍ୟକ୍ରମର ଶୁଭାରମ୍ଭ

ପଟ୍ଟାଙ୍ଗି,୨।୩(ସମିସ): କୋରାପୁଟ ଜିଲ୍ଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପଟ୍ଟାଙ୍ଗି ଠାରେ କିଶୋରୀମାନଙ୍କୁ ଏଚ୍‌ପିଭି ଟୀକା ପ୍ରଦାନ କାର୍ଯ୍ୟକ୍ରମ ଶୁଭାରମ୍ଭ ହୋଇଯାଇଛି। ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପଟ୍ଟାଙ୍ଗିର ଅଧିକାରୀ ଡ. ଭାଗବତ ମୁର୍ମୁଙ୍କ ଅଧକ୍ଷତାରେ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ସେ ଟିକା ପ୍ରଦାନ କରିବାର ମୁଖ୍ୟ ଉଦ୍ଦେଶ୍ୟ ତଥା ଭାରତରେ ମହିଳାମାନଙ୍କର ମଧ୍ୟରେ ୯୯.୭ ପ୍ରତିଶତ ରୋଗୀ ଜରାୟୁ ଗ୍ରୀବା କର୍କଟ ଦ୍ୱାରା ପୀଡ଼ିତ ହେଉଛନ୍ତି। ଉକ୍ତ ୪ଟି ଏଚ୍‌ପିଭି ଟୀକା ଜରାୟୁ ଗ୍ରୀବା



କର୍କଟର ମୁଖ୍ୟ କାରଣ ସାଜୁଥିବା ହ୍ୟୁମାନ ପାପିଲୋମା ଭାଇରସ୍ ସଂକ୍ରମଣରୁ ସୁରକ୍ଷା ଦେଇଥାଏ। ଏହି ଟୀକା କେବଳ ୧୪-୧୫ ବର୍ଷ ବୟସର ସୁସ୍ଥ କିଶୋରୀ ମାନଙ୍କୁ ଦିଆଯିବ ତଥା ଯେଉଁମାନଙ୍କୁ ୧୪ ପୁରିଛି କିନ୍ତୁ ୧୫ ପୁରିନାହିଁ। ଏହି ଟୀକା ଏକ ଅଭିଯାନ ମାଧ୍ୟମରେ (୩ ମାସ ଅବଧିରେ) ପ୍ରତ୍ୟେକ ଦିନ (ଛୁଟିଦିନକୁ ଛାଡି ସକାଳ ୯ଟାରୁ ଅପରାହ୍ନ ୨ଟା ପର୍ଯ୍ୟନ୍ତ) ଦିଆଯିବ। ପରେ ଏହି ଟୀକାକୁ ନିୟମିତ ଟୀକାକରଣ କାର୍ଯ୍ୟକ୍ରମରେ ସାମିଲ୍ କରାଯିବ। ପ୍ରଥମ ପର୍ଯ୍ୟାୟରେ ପ୍ରଥମ ମାସରେ ଏହା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, ଉପଖଣ୍ଡ ଚିକିତ୍ସାଳୟ ଓ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଗୁଡିକରେ ପ୍ରଦାନ କରାଯିବ। ପରବର୍ତ୍ତୀ ୨ ମାସରେ ଏହା ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ସ୍ତରରେ ଦିଆଯାଇ ସମସ୍ତ ହିତାଧିକାରୀ ମାନଙ୍କୁ ଦେବାର ଯୋଜନା ରହିଛି। କାର୍ଯ୍ୟକ୍ରମରେ ବ୍ଲକ ଅଧକ୍ଷା କଳ୍ପନା ପାଙ୍ଗି ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଟିକାକରଣ କାର୍ଯ୍ୟକ୍ରମକୁ ଶୁଭାରମ୍ଭ କରିଥିଲେ। ସମ୍ମାନିତ ଅତିଥି ଭାବେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ରାମକୃଷ୍ଣ ନାୟକ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମ ପରିଚାଳନା ନିମନ୍ତେ ପି ଏଚ୍‌ଇଈ ଆରତୀ ଗୁଡିଆ, ବିପିଏମ୍ ମଧୁଲିକା ପାଢ଼ୀ, ସୁପରଭାଇଜର ବଦ୍ରିନାରାୟଣ ତ୍ରିପାଠୀ, ମହିଳା ସ୍ୱାସ୍ଥ୍ୟ କର୍ମୀ କୁମୁଦିନୀ ପୂଜାରୀ, ପ୍ରତିମା ଗିରେମ୍, ଅନିତା ସାବତ ଓ ପିଙ୍କି କୁଲୁ ଏବଂ ଏମ୍‌ଆର୍ ଏ ମୁରଲୀ ମୋହନ ଚୌଧୁରୀ, ଏସଟିଏମ୍ ସୌମ୍ୟ ରଞ୍ଜନ ମିଶ୍ର ପ୍ରମୁଖ କର୍ମଚାରୀ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନ କରିଥିଲେ।

## ମୌଳିକ ସୁବିଧାର ବଞ୍ଚିତ ଗୁଡ଼ାରୀ ଅଞ୍ଚଳବାସୀ

ଗୁଡାରୀ,୨।୩(ସମିସ): ଆଜିର ବାସ୍ତବତାକୁ ନେଇ ଗୁଡାରୀ ପୌର ପରିଷଦ ଉନ୍ନତିକରଣ ବିଷୟ ଚିନ୍ତାକଲେ ଜଣାଯାଏ ବିଜେଡି ସରକାର ସମୟରେ ଯାହା ଯେତିକି ନିର୍ମାଣ କରାଯାଇଛି, ସେତିକିରେ ସୀମିତ ହୋଇ ରହିଯାଇଛି । ନୂଆ ସରକାର ଗଠନର ଇତିମଧ୍ୟରେ ଦୁଇବର୍ଷ ହେବାକୁ ବସିଲାଣି। କିନ୍ତୁ ସହରରେ କୈଣସି ଉନ୍ନତି ପରିଲକ୍ଷତ ହୋଇନି । ଯାହାକୁ ନେଇ ପରିଷଦବାସୀଙ୍କ ମନରେ ଅସନ୍ତୋଷ ପ୍ରକାଶ ପାଉଛି। ବିଜୁ ସେତୁଠାରୁ ଏକ କିମି ରାସ୍ତା ନିର୍ମାଣ ପାଇଁ ପ୍ରଶାସନ ନିକଟରେ ଗୁହାରୀ କରିବା ପରେ ମଧ୍ୟ କିଛି ଫଳପ୍ରଦ ହୋଇପାରିଲା ନାହିଁ । ଶେଷରେ ଏନ୍‌ଏସି ନିଜ ଅନୁଦାନ ରଖି ୧୪୦ ମିଟର ପର୍ଯ୍ୟନ୍ତ ସିସି ରୋଡ କାମ ଶେଷ କରିଛି । ବାକି ଯେତିକି ରାସ୍ତାର ଅବସ୍ଥା ସଂଘାତିକ। ନିର୍ବାଚନ ପ୍ରତିନିଧିମାନେ ଏହି ରାସ୍ତାରେ ଯାତାୟତ କରୁଥିଲେ ମଧ୍ୟ ତାଙ୍କର ଆନ୍ତରିକତା ଅଭାବ ଯୋଗୁଁ ଏଥିପ୍ରତି ସରକାରଙ୍କ ପକ୍ଷରୁ ଅନୁଦାନ ମିଳିପାରିନାହିଁ। ଦୁଇ ଦିନ ତଳେ ହୋଇଥିବା ବର୍ଷା ଯୋଗୁଁ ରାସ୍ତାର ମଧ୍ୟ ଭାଗରେ ପାଣି ଜମିବା ଫଳରେ ଯାତ୍ରୀ ହନ୍ତସନ୍ତ ହୋଇଥିଲେ। ରାଇବିଜି ଠାରୁ ମୁକୁଟିପଦର ପର୍ଯ୍ୟନ୍ତ ଦୁଇ ଲାଇନ୍ ବିଶିଷ୍ଟ ରାସ୍ତା ନିର୍ମାଣ ପାଇଁ ବିଭିନ୍ନ ଦିଗରୁ ଆଲୋଚନା ଲିଖିତ ଆକାରରେ ଦେବା ସତ୍ତ୍ୱେ କୌଣସି ପ୍ରକାର ଅଟକଳ ମୂଲ୍ୟ କିମ୍ବା ସର୍ଭେ ବିଷୟ ଲୋକ ଲୋଚନ ଆସିନି। ପୂର୍ବ ସରକାର ସମୟରେ ଏହି ରାସ୍ତା ରଖାଯାଇଥିବା ବ୍ୟୟ ବିରାଦ ଟଙ୍କାରେ ଆଜି ସେହି ରାସ୍ତା ନିର୍ମାଣ ଚାଲିଛି। ପରିଷଦକୁ ସରକାରୀ ବସ୍ ପାଇଁ ସରକାର ତରଫରୁ ବିଜ୍ଞପ୍ତି ପ୍ରକାଶ ପାଇ ଇତିମଧ୍ୟରେ ୫ ମାସ ବିତି ଯାଇଥିଲେ ମଧ୍ୟ କୌଣସି ବସ୍ ଚଳାଚଳ କରିପାରିନାହିଁ। ଜିଲ୍ଲାରେ ଗୁଡାରୀ ପରିଷଦ ଗଠନର ୫୦ ବର୍ଷରୁ ଅଧିକ ହେଲାଣି। କିନ୍ତୁ ପ୍ରଶାସନ ଆନ୍ତରିକତା ଏବଂ ରାଜ୍ୟ ସରକାରଙ୍କ ଆପାରଗତା ଉପରେ ଏଠାରେ ସାଧାରଣ ଲୋକ ଅଙ୍ଗୁଳି ଦେଖାଇବାରେ ଲାଗିଲେଣି। ନଗର ବାସିନ୍ଦାଙ୍କ ସପ୍ନ ମଉଳିବାରେ ଲାଗିଲାଣି । କିନ୍ତୁ ଯିଏ ଚେଇଁକି ଶୋଇଛି, ତାଙ୍କୁ ଉଠାଇବ କିଏ ବୋଲି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଗୁଡାରୀ ସହରରେ ଜେଏମଏଫସି କୋର୍ଟ ଖୋଲିବା ପାଇଁ



ସରକାରୀ ବିଜ୍ଞପି ପ୍ରକାଶର ପ୍ରାୟ ଏକ ବର୍ଷ ପୂରିବାକୁ ବସିଲାଣି । କିନ୍ତୁ ଆଜି ପର୍ଯ୍ୟନ୍ତ କାର୍ଯ୍ୟକ୍ଷମ ହୋଇପାରିନି। ଏମିତି ଅନେକ ବାସ୍ତବିକ ଚିତ୍ର ଆଖି ଆଗରେ ଜଳଜଳ ହୋଇ ଦେଖାଗଲେ ମଧ୍ୟ ସାଧାରଣ ନାଗରିକ କରିବ ବା କଣ ବୋଲି କୁହାଯାଉଛି। ଚୁପଚାପ ରହି ଲିଖିତ କାଗଜ ଖଣ୍ଡିଏ ପ୍ରଶାସନ୍‌ରୁ ଦେଇ ତାଙ୍କର ସେହି ପ୍ରତିଶୃତକୁ ଅନାଇ ରହିବା ଛଡ଼ା ଅନ୍ୟ ଉପାୟ ନାହିଁ ବୋଲି ଅନେକ ମତବ୍ୟକ୍ତ କରୁଛନ୍ତି। ଏଣୁ ଜିଲ୍ଲା ପ୍ରଶାସନ ଏଥିପ୍ରତି ଦୃଷ୍ଟିଦେଇ ବିହିତ ପଦକ୍ଷେପ ପାଇଁ ସାଧାରଣରେ ଦାବି ହେଉଛି।

## ପଦ୍ମପୁରର ଐତିହାସିକ ଦୋଳଯାତ୍ରା, ପ୍ରବଳ ଭିଡ଼

ପଦ୍ମପୁର,୨।୩(ସମିସ)



ଦକ୍ଷିଣ ଓଡ଼ିଶାର ପୁରାତନ ଐତିହାସିକ ଦୋଳଯାତ୍ରା ଗତ ଫଗୁଦଶମୀ ଠାରୁ ପଦ୍ମପୁର ସ୍ଥିତ ଶ୍ରୀ ଯୁଗୋଳ କିଶୋର ମହାପ୍ରଭୁଙ୍କ ମନ୍ଦିର ଠାରେ ଅନୁଷ୍ଠିତ ହେଉଛି। ଏଥିପାଇଁ ପ୍ରତ୍ୟେକ ଦିନ ମହାପ୍ରଭୁଙ୍କୁ ବିଭିନ୍ନ ବେଶଭୂଷାରେ ସଜ୍ଜିତ କରାଯାଉଥିବା ବେଳେ ପ୍ରତ୍ୟେକ ଦିନ ଡାମ୍ପ, ଚାଙ୍ଗୁ ଶଙ୍ଖ, ମହୁରୀ ସହ ମୃଦଙ୍ଗ, କାହାଳି ସହ ଗୌଡ ସେବକମାନେ ମହାପ୍ରଭୁଙ୍କୁ ସୁସଜ୍ଜିତ ବିମାନରେ ବସାଇ ଆଲଟ ଚାମର, ଛତ୍ର, ସେବାପୂର୍ବକ ଡିଜ ବାଜାର ତଳେ ତାଳେ ଯୁଗୋଳ କିଶୋର ମହାପ୍ରଭୁ ସହର ପରିକ୍ରମା କରିଥାନ୍ତି। ତେବେ ଗତକାଲି ଭୋରରୁ ହୋଲିକା ଦହନ ପରେ ପ୍ରଭୁ ମନ୍ଦିରକୁ ପ୍ରାତଃରେ ବିଜେ କରିବେ। ତେବେ ଏ ବର୍ଷ ଦୋଳ ପୂର୍ଣ୍ଣିମା ଦିନ ଚନ୍ଦ୍ର ଗ୍ରହଣ ପଡୁଥିବା ଯୋଗୁଁ ଖୁବ୍ ଭୋରରୁ ଠାକୁର ମାନଙ୍କ ମନ୍ଦିର ମାର୍ଜନା କରାଯାଇ ସକାଳ ସୁଦ୍ଧା ସାଧାରଣ ଦର୍ଶନ ବନ୍ଦ କରାଯାଇ ଅପରାହ୍ନ ୬ଟା ପରେ ଠାକୁରମାନଙ୍କୁ ମହାସ୍ନାନ ପରେ ପୂଜାର୍ଚ୍ଚନା କରି ଦୋଳିରେ ବିଜେ କରାଯିବ ବୋଲି ସେବକ ମାନେ କହିଛନ୍ତି। ଦୋଳପୂର୍ଣ୍ଣିମା ଦିନ ଠାରୁ ୩ଦିନ ବ୍ୟାପି ପୌ÷ରାଣିକ ରାଧାପ୍ରେମଲୀଳା ଓ ଆଉ ୫ଦିନ ପ୍ରହାଲାଦ୍ ନୃତ୍ୟ ପରିବେଷଣ କରାଯିବ ବୋଲି ମନ୍ଦିର ପରିଚାଳନା କମିଟି ସଭାପତି ବଂଶ ଧରି ପାଣିଗ୍ରାହୀ କହିଥିବା ବେଳେ ସେ ଏହି ଦୋଳଯାତ୍ରା ଠାକୁରଙ୍କ ମନ୍ଦିର ଅର୍ଥରେ କରାଯିବା ସହ କୌଣସି ଖେଳ ଟଙ୍କା କିମ୍ବା ଚାନ୍ଦା ଟଙ୍କାରେ ଠାକୁର ମାନଙ୍କ ଯାତ୍ରା କରାଯାଏନାହିଁ ବୋଲି ସେ କହିଛନ୍ତି। ମଦ,ଜୁଆ ଓ ଆମିଷ ପ୍ରଭୃତି ଏହି ଯାତ୍ରାରେ ସମ୍ପୂର୍ଣ୍ଣ ବାରଣ ବୋଲି ସେ କହିଛନ୍ତି। ତେବେ ଯାତ୍ରାକୁ ଦୃଷ୍ଟିରେ ରଖି ବିଭିନ୍ନ ଦୋକାନ ବଜାର ସହ ସୁଦୃଶ୍ୟ ଆଲୋକ ମାଳା ସହ ମିନା ବଜାର ଓ ରାମଦୋଳି ଲାଗିଛି। ସେହିପରି ପଦ୍ମପୁରର ଅନ୍ୟ ମଠ ଗୁଡିକ ମଧ୍ୟରେ ଗୀରିଧାରୀ ମଠ, ଗୋପୀନାଥ ମନ୍ଦିର, ବୃନ୍ଦାବନ ଚନ୍ଦ୍ର ମନ୍ଦିରରେ ମଧ୍ୟ ବିଭିନ୍ନ ନୀତି କାନ୍ତି ମଧ୍ୟରେ ଠାକୁରଙ୍କ ଦୋଳଯାତ୍ରା ଅନୁଷ୍ଠିତ ହେଉଛି। ତେବେ ହୋଲି ଦିନ ଯୁଗୋଳ କିଶୋର ମହାପ୍ରଭୁଙ୍କ ମନ୍ଦିରରୁ ଆଜ୍ଞାମାଳ ଆସିଲେ ହିଁ ସବୁ ସ୍ଥାନରେ ଫଗୁ ଖେଳ ଆରମ୍ଭ କରିଥାନ୍ତି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଏହି ମନ୍ଦିର ତରଫରୁ କେବଳ ଫଗୁ ଓ ପ୍ରାକୃତିକ ରଙ୍ଗରେ ହିଁ ହୋଲି ଖେଳ ହୋଇଥାଏ, କୌଣସି ରାସାୟନିକ ରଙ୍ଗ ବ୍ୟବହାର କରାଯାଇନଥାଏ। ଏହି ଯାତ୍ରା ଆରମ୍ଭ ହେଲେ ଗ୍ରାମବାସୀ ପରମ୍ପରା ଅନୁଯାୟୀ ନିଜ ଝିଅ ଜ୍ୱାଇଁଙ୍କୁ ନିମନ୍ତ୍ରଣ କରି ଆଣିଥାନ୍ତି। ସମସ୍ତେଙ୍କ ଘରେ ଘରେ ପିଠାପଣା ଓ ଖୁସିର ମାହୋଲ୍ ଦେଖିବାକୁ ମିଳିଥାଏ। ଏହି ଯାତ୍ରାରେ ବ୍ୟବସାୟୀ ଖୁବ୍ ଦୁଇ ପଇସା ରୋଜଗାର କରିଥାନ୍ତି ବୋଲି ବିଭିନ୍ନ ଦୂରଦୂରାନ୍ତରୁ ଆସିଥାନ୍ତି। ଏହି ସମୟରେ ପଦ୍ମପୁର ପୋଲିସ ତରଫରୁ ଆଇଆଇସି ଧରଣୀଧର ପ୍ରଧାନଙ୍କ ଦ୍ୱାରା ବ୍ୟାପକ ପୁଲିସ ଟ୍ରାଫିକ୍ ସହ ଶୃଙ୍ଖଳା ରକ୍ଷା ସକାଶେ ମୁତୟନ ଯାଇଥିବା ଜଣାପଡିଛି।

● ସରିଲା ମାଟ୍ରିକ୍ ପରୀକ୍ଷା

# ଜିଲ୍ଲାର ୨୭୩ ପରୀକ୍ଷାର୍ଥୀ ଅନୁପସ୍ଥିତ

ରାୟଗଡ଼ା,୨।୩(ସମିସ): ସୋମବାର ସରିଛି ମାଟ୍ରିକ ପରୀକ୍ଷା। ଆଜି ମାଟ୍ରିକ ପରୀକ୍ଷାର ଶେଷ ଦିନରେ ଗଣିତ ପରୀକ୍ଷା ଅନୁଷ୍ଠିତ ହୋଇଥିଲା। ଏଥିରେ ରାୟଗ?। ଜିଲ୍ଲାରେ ୧୨୦୦୧ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେବାକୁ ଥିବା ବେଳେ ମୋଟ ୨୭୩ଜଣ ପରୀକ୍ଷାର୍ଥୀ ଅନୁପସ୍ଥିତ ରହିଥିଲେ। ଦଶମ ଶ୍ରେଣୀର ୧୧୭୨୮ ଜଣ ପରୀକ୍ଷାର୍ଥୀ ୬୪ଟି ପରୀକ୍ଷା କେନ୍ଦ୍ରରେ ଆଜି ଗଣିତ ପରୀକ୍ଷା ଲେଖିଛନ୍ତି। ବାର୍ଷିକ ପରୀକ୍ଷାରେ ୨୪୩ଜଣ ଏବଂ ଓଡିଶା ରାଜ୍ୟ ମୁକ୍ତ ବିଦ୍ୟାଳୟର ୩୦ଜଣ ପରୀକ୍ଷାର୍ଥୀ ମୋଟ ୨୭୩ ଜଣ ଅନୁପସ୍ଥିତ ରହିଥିଲେ। ଆଜିର ପରୀକ୍ଷା ପାଇଁ ମଧ୍ୟ ପରୀକ୍ଷା କେନ୍ଦ୍ରଗୁଡିକୁ ଫ୍ଲାଇଂ ସ୍କ୍ୱାର୍ଡ ଯାଇ କପି ଯାଂଚ କରିଥିଲେ। ସେହିପରି ଜିଲ୍ଲା ଶିକ୍ଷା ବିଭାଗ ପକ୍ଷରୁ ମିଳିଥିବା ସୂଚନା ପ୍ରକାରେ ଜିଲ୍ଲାର କୌଣସି ହେଲେ ପରୀକ୍ଷା କେନ୍ଦ୍ରରେ କପି ହୋଇ ନ ଥିବା ଜଣାପଡିଛି। ଗତ ଶୁକ୍ରବାର ଦିନ ଏସଏସସି ପରୀକ୍ଷାରେ ଜିଲ୍ଲାର ୨୭୫ ଜଣ ପରୀକ୍ଷାର୍ଥୀ ଅନୁପସ୍ଥିତ ରହିଥିବା ବେଳେ ୧୧୭୩୨ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିଲେ ବୋଲି ଜିଲ୍ଲା ଶିକ୍ଷା ବିଭାଗ ପକ୍ଷରୁ ସୂଚନା ମିଳିଛି। ଆଜି ମାଟ୍ରିକ ପରୀକ୍ଷା ସମାପ୍ତ ହେବା ପରେ ପରୀକ୍ଷାର୍ଥୀମାନଙ୍କ ମନରେ ଫଳାଫଳକୁ ନେଇ ଉତ୍କଣ୍ଠା ଓ ଅପେକ୍ଷା ରହିଥିବା ବେଳେ ଶିକ୍ଷକମାନେ ପରୀକ୍ଷାର୍ଥୀଙ୍କୁ ଧୈର୍ଯ୍ୟ ଧରିବା,ମନକୁ ଶାନ୍ତ ରଖିବା ଓ ଫଳାଫଳ ଯାହାହେଉ ଆଗାମୀ ଶିକ୍ଷା ଯୋଜନା ପାଇଁ ପ୍ରସ୍ତୁତ ରହିବାର ପରାମର୍ଶ ଦେଇଛନ୍ତି। ଦଶମ ଶ୍ରେଣୀ ଛାତ୍ରଛାତ୍ରୀମାନେ ଚଳିତ ବର୍ଷ ମାଟ୍ରିକ ପରୀକ୍ଷା ପାଇଁ ନିଜର ପରିଶ୍ରମ,ପ୍ରଶ୍ନପତ୍ରର ଅନୁଭବ ଓ ଉତର ଲେଖାକୁ ମନେ ପକାଇ ଫଳ କେମିତି ଆସିବ ସେଥିପାଇଁ ବେଶ ଚିନ୍ତିତ ଥିବା ବେଳେ ଏହି ସମୟରେ ଅଭିଭାବକମାନେ ମଧ୍ୟ ସନ୍ତାନଙ୍କ ଭବିଷ୍ୟତ ନେଇ ଆଶା ଓ ଆଶଙ୍କାରେ ରହିଛନ୍ତି। ତେବେ ମାଟ୍ରିକ ପରୀକ୍ଷାରେ ପ୍ରତିଦିନ ୨୦୦ରୁ ଉର୍ଦ୍ଧ ପରୀକ୍ଷାର୍ଥୀ ଅନୁପସ୍ଥିତ ରହିବାର କାରଣ ଅସୁସ୍ଥତା,ବ୍ୟକ୍ତିଗତ ସମସ୍ୟା ଓ ଅନ୍ୟାନ୍ୟ କାରଣ ଥିବା ସନ୍ଦେହ କରିଛି ଶିକ୍ଷା ବିଭାଗ। ଓଡିଶା ମାଧ୍ୟମିକ ଶିକ୍ଷା ପରିଷଦ ଓଡିଶା ବୋର୍ଡ ପକ୍ଷରୁ ଚଳିତ ବର୍ଷ ମାଟ୍ରିକ ପରୀକ୍ଷାରେ ନିୟମିତ ନୀରିକ୍ଷଣ,ଶାନ୍ତିଶୃଙ୍ଖଳା ଓ ଶିଷ୍ଟାଚାର ରକ୍ଷା ପାଇଁ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଥିବା ପରିଲକ୍ଷିତ ହୋଇଥିଲା।

## ୭ରେ ରାୟଗଡ଼ାରେ ଜିଲ୍ଲାସ୍ତରୀୟ ଯୋଗାସନ ପ୍ରତିଯୋଗିତା




ରାୟଗଡା,୨।୩(ସମିସ) ଆସନ୍ତା ୭ତାରିଖରୁ ଦୁଇ ଦିନ ଧରି ରାୟଗଡା ଟାଉନ ହଲ ପରିସରରେ ଜିଲ୍ଲାସ୍ତରୀୟ ଯୋଗାସନ ପ୍ରତିଯୋଗିତା ଆୟୋଜନ ହେବ। ଏଥିରେ ଜିଲ୍ଲାର ବିଭିନ୍ନ ବ୍ଲକରୁ ପ୍ରତିଯୋଗୀ ମାନେ ଯୋଗଦେବେ। ଏହି କାର୍ଯ୍ୟକ୍ରମକୁ ଯୋଗାସନ ଆସୋସିଏସନ ରାୟଗଡା ଆୟୋଜନ କରିବ ବୋଲି ଆଜି ଏକ ସାମ୍ବାଦିକ ସମ୍ମିଳନୀରେ ଆସୋସିଏସନ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି। ବର୍ତ୍ତମାନ ପ୍ରତିଯୋଗୀଙ୍କ ନାମ ପଞ୍ଜିକରଣ ହୋଇଥିବା ବେଳେ ପ୍ରାୟ ୧ ଶହରୁ ଉର୍ଦ୍ଧ ପ୍ରତିଯୋଗୀ ଭାଗ ନେବେ ବୋଲି ରାୟଗଡା ଯୋଗାସନ ଆସୋସିଏସନର ସଭାପତି ନୃସିଂହନାଥ ବାହିନୀପତି ସୂଚନା ଦେଇଛନ୍ତି। ଏହି ଦୁଇ ଦିନ ସକାଳ ୮ ଟା ସମୟରୁ ପ୍ରତିଯୋଗିତା ଆରମ୍ଭ ହେବ। ଏଥିରେ ଜୁନିୟର ମହିଳା ଓ ପୁରୁଷ ଏବଂ ସିନିୟର ବିଭାଗରେ ମହିଳା ଓ ପୁରୁଷ ପ୍ରତିଯୋଗୀ ମାନେ ଭାଗନେବେ। ପ୍ରତ୍ୟେକ ପ୍ରତିଯୋଗୀ ୧୦ରୁ ୫୫ ବର୍ଷ ମଧ୍ୟରେ ହୋଇଥିବେ ବୋଲି ସୂଚନା ଦିଆଯାଇଛି। ସମସ୍ତ ପ୍ରତିଯୋଗୀଙ୍କ ରହଣୀ ନିମନ୍ତେ କିଟସ ହାଇସ୍କୁଲ ପରିସରରେ ବ୍ୟବସ୍ଥା କରାଯାଇଛି। ଏହି ଯୋଗାସନ ପ୍ରତିଯୋଗିତାକୁ ଓଡିଶା ଯୋଗାସନ ସ୍ପୋର୍ଟ୍ସ ଆସୋସିଏସନ ସ୍ୱୀକୃତି ଦେଇଛି ବୋଲି ଆୟୋଜକ ମଣ୍ଡଳୀ ସୂଚନା ଦେଇଛନ୍ତି। ଏହି ପ୍ରତିଯୋଗିତାରେ କୃତି ପ୍ରତିଯୋଗୀ ମାନେ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଭାଗ ନେବେ ବୋଲି କୁହାଯାଇଛି। ଏହି ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ଯୋଗାସନ ଆସୋସିଏସନର ଆବାହକ ପ୍ରଭାକର ମିଶ୍ର, ଯୋଗ ଗୁରୁ ସ୍ୱାଧିନା ପଣ୍ଡା ଓ ପ୍ରଦୀପ କୁମାର ରାଉତ ଓ ନିର୍ଝରଣୀ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ହ୍ୟୁମାନ୍ ପାପିଲୋମା ଭାଇରସ୍ ଟୀକାକରଣ ଉଦ୍ଘାଟନ

ମାଥିଲି,୨।୩ (ସମିସ): କେନ୍ଦ୍ର ସରକାର ମହିଳା ମାନଙ୍କର ଜରାୟୁ କର୍କଟ ରୋଗ ନିରାକାର ପାଇଁ ସଚେତନ ଭାବରେ ଏବେ ଜରାୟୁ କର୍କଟ ଟୀକା କରଣ ଆରମ୍ଭ କରିଛନ୍ତି। ବିଶେଷ କରି ଏହି ଜରାୟୁ କର୍କଟ ଟୀକା କେବଳ କିଶୋରୀ ମାନଙ୍କ ପାଇଁ ଉଦ୍ଦିଷ୍ଟ। ଯେଉଁ କିଶୋରୀ ୧୪ ବର୍ଷରୁ ୧୫ ବର୍ଷ ମଧ୍ୟରେ ହୋଇଥିବେ ସେହି ମାନେ ଏହି ଟୀକା ସରକାରଙ୍କ ତରଫରୁ ଘୋଷଣା କରାଯାଇଛି। ଏହି



ପରିପ୍ରେକ୍ଷୀରେ ଆଜି ଆଦିବାସୀ ଅଧ୍ୟୁଷିତ ମାଲକାନଗିରି ଜିଲ୍ଲା ମାଥିଲି ଗୋଷ୍ଠୀ ଚିକିତ୍ସାଳୟ ରେ ମଧ୍ୟ ଶୁଭାରମ୍ଭ କରାଯାଇଛି। ଏହି ଅବସରରେ ମୁଖ୍ୟ ଅତିଥି ଭାବରେ ମାଥିଲି ଗୋଷ୍ଠୀ ଉନ୍ନୟନ ଅଧିକାରୀ ଏମ. ପ୍ରମୋଦ କୁମାର ବେହେରା ଯୋଗ ଦେଇଥିବା ବେଳେ ମୁଖ୍ୟ ବକ୍ତା ଭାବରେ ଉପଖଣ୍ଡ ଚିକିତ୍ସାଳୟର ଅଧିକାରୀ ବସନ୍ତ କୁମାର ସାହୁ, ସମ୍ମାନିତ ଅତିଥି ଭାବରେ ମାଥିଲି ସରପଞ୍ଚ କାନମ ରାଜୁ ନାୟକ,ସଦର ପଞ୍ଚାୟତ ସମିତି ସଭ୍ୟ ତଥା ଯୁବ ନେତା ବାଲାରାଜୁ କୋପେ ଯୋଗ ଦେଇ ଟୀକାକରଣ ଶିବିରକୁ ଉଦ୍ଘାଟନ କରିବା ପରେ ଅଭିଜ୍ଞ ସ୍ୱାସ୍ଥ୍ୟ କର୍ମୀ ମାନଙ୍କ ଦ୍ୱାରା କିଶୋରୀ ମାନଙ୍କୁ ହ୍ୟୁମାନ ପାପିଲୋମା ଭାଇରସ ଟୀକା କରଣ କାର୍ଯ୍ୟ ଆରମ୍ଭ ହୋଇଥିଲା। ଆଜିର ଏହି ଶିବିରରେ ପ୍ରଥମ ଥର ପାଇଁ ୧୮ ଜଣ କିଶୋରୀ ମାନଙ୍କୁ ଟୀକା ଦିଆ ଯାଇଥିଲା। ଏହି ଟୀକା କରଣ ମାଧ୍ୟମରେ ବ୍ଲକର ୧୪ ବର୍ଷରୁ ୧୫ ବର୍ଷର କିଶୋରୀ ମାନଙ୍କୁ ୧୦୦୦ ରୁ ଉର୍ଦ୍ଧ କିଶୋରୀ ମାନଙ୍କୁ ଟୀକା ଦିଆ ଯିବ ବୋଲି ଲକ୍ଷ୍ୟ ରଖାଯାଇଛି ବୋଲି ମେଡ଼ିକାଲ ଡିପିଏମ ଅଜିତ କୁମାର ଷଡଙ୍ଗୀ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ଆଜିର ଏହି ଶିବିରକୁ ଗୋଷ୍ଠୀ ସ୍ୱାସ୍ଥ୍ୟ ହିସାବ ରକ୍ଷକ ପ୍ରଦୀପ୍ତ ନାୟକ ପରିଚାଳନା କରିଥିଲେ।

# ସହରରେ ଖୋଲିଛି ହୋଲିର ପସରା

କୋରାପୁଟ,୨।୩(ସମିସ): ଆସନ୍ତାକାଲି ରଙ୍ଗର ପର୍ବ ହୋଲି। ପ୍ରେମ, ସଦ୍ଭାବନା ଏବଂ ଭାଇଚାରାର ପରମ୍ପରାର ପର୍ବ ହୋଲିକୁ ନେଇ ସମସ୍ତଙ୍କ ମନରେ ଉତ୍ସାହ ଓ ଉଦ୍ଦୀପନା। ସେଥିପାଇଁ କୋରାପୁଟ ସହରରେ ସବୁଠି ଖୋଲିଛି ରଙ୍ଗର ପସରା। ରଙ୍ଗର ପସରରାରେ ରଙ୍ଗିନ୍ ହୋଇଛି ଆଦିବାସୀ ବହୁଳ ଜିଲ୍ଲାର କୋରାପୁଟ ସହର। ବିଭିନ୍ନ ରକମର ରଙ୍ଗ ଓ କସମେଟିକକୁ ନେଇ ସଜେଇ ହୋଇଛି ଦୋକାନ। ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ ବଜାରକୁ ଆସିଛି ଥ୍ରୀଜି କଲର। ଏହାର ବେଶ୍ ଚାହିଦା ରହିଥିବା ବ୍ୟବସାୟୀ ମାନେ କହିଛନ୍ତି। ଥ୍ରୀଜି କଲରର ପାଉଚ୍ ବିକ୍ରୀ ହେଉଛି। ଗୋଟିଏ ପାଉଚରେ ତିନୋଟି ରଙ୍ଗର ମିଶ୍ରଣ ରହିଛି। ଦେହରେ ଲଗାଇବା ପରେ ତିନୋଟି ରଙ୍ଗ ଦିଶିବ। ବ? ମାନଙ୍କ ଥ୍ରୀ-ଜି ଓ ସୁଗନ୍ଧ ଯୁକ୍ତ ହର୍ବାଲ୍ ରଙ୍ଗ ପସନ୍ଦ ହୋଇଥିବା ପିଲା ମାନେ ପିଚକାରୀ ଖେଳନାକୁ ପସନ୍ଦ କରୁଛନ୍ତି।"ପିଲାଙ୍କ ପାଇଁ ଆସିଥିବା ହୋଲି ଖେଳନା ବେଶ୍ ଚାହିଦା ରହିଛି। ଗ୍ରାହକ ଜଣେ ବଜାରକୁ ଗଲେ ପ୍ରତିବର୍ଷ ଭଳି ଏଇ ବର୍ଷ ମଧ୍ୟ ପାଇଯିବ ଅନେକ ନୂଆଁ ଆକର୍ଷଣୀୟ ହୋଲି ଭେଟି।



ପିଲାଙ୍କ ପାଇଁ କଣ୍ଢେଇ ପିଚକାରୀ, ପେକିଙ୍ଗ୍ ବେଲୁନ୍ ଓ ୱାଟର ଗନ୍, ଅନ୍ୟାନ୍ୟ ବହୁ ଆକର୍ଷଣୀୟ ପିଚକାରୀ ରହିଛି। ଚଳିତ ବର୍ଷ ହୋଲି ପାଇଁ କିଛି ନୂଆ ଆଇଟମ୍ ଆସିଛି। ଲାଇଟ୍ ଚଷମା, ଆଇପିଏଲ୍ ପେଷ୍ଟ, ହୋଲି ଗିଫ୍ଟ ପେ?, ଥ୍ରି? ରେ?ଅମ୍ କଲର, ୮ଟି ରଙ୍ଗର ସ୍ନୋ ସ୍ପ୍ରେ। ସ୍ନୋ ସ୍ପ୍ରେ ତଥା ମେଜିକ୍ ସ୍ପ୍ରେ ଚାହିଦା ଅଧିକ୍ରା ରହିଛି ଯେହେତୁ ଏହା କିଛି ସମୟ ପରେ ଲିଭିଯାଇଥାଏ। କୋରାପୁଟସହରରେ ପାଖାପାଖି ୨୦ରୁ ଅଧିକ ଦୋକାନ ଖୋଲିଥିବା ବେଳେ ସୃଜନୀମହଲର କଲର ବକ୍ସ ସହରରେ ଆକର୍ଷଣ ସାଜିଛି। ପାଖାପାଖି ୧୫ ପ୍ରକାରର ରଙ୍ଗ ଏଠାରେ ମିଳୁଛି।" ଙଭର ବଗ୍ସ୍ୱଗ୍ସ୍ୱବମଷଙ୍କରଭଗ୍ସ୍ୱ" ଝମବଭଭରୟ ଭଛ ଏଈ୍ଝବସକ୍ଷ"

## ମୁଖ୍ୟମନ୍ତ୍ରୀ ଉଦ୍ଦେଶ୍ୟରେ ବିଡିଓଙ୍କୁ ବିଜେଡିର ଦାବିପତ୍ର ପ୍ରଦାନ

ଚନ୍ଦ୍ରପୁର,୨।୩(ସମିସ): ରାୟଗଡ଼ା ଜିଲ୍ଲା ଚନ୍ଦ୍ରପୁର ବ୍ଲକର ଯାର୍ପା ଗ୍ରାମ ଆମ୍ବତୋଟା ଠାରେ ବିଜେଡ଼ି ବ୍ଲକ ସଭାପତି ମଙ୍ଗଳା ଦିବାକାଙ୍କ ଆହ୍ୱାନ କ୍ରମେ ଆଠଟି ପଞ୍ଚାୟତରୁ ଆସିଥିବା ସଭାପତି ଓ କର୍ମୀ ମାନଙ୍କୁ ନେଇ ବିଜେଡି ଦଳ ପକ୍ଷରୁ ଏକ ବନ୍ଧୁ ମିଳନ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ରାୟଗଡ଼ା ଜିଲ୍ଲା ବିଜେଡ଼ି ସଭାପତି ଜଗନ୍ନାଥ ସାରକା ରାଜ୍ୟ ସାଧାରଣ ସମ୍ପାଦକ ସ୍ୱାଧିନ କୁମାର ଦାସ, ଜିଲ୍ଲା ପରିଷଦ ଅଧ୍ୟକ୍ଷା ସରସ୍ୱତି ମାଝୀ, ପୂର୍ବତନ ବିଧାୟକ ରଘୁନାଥ ଗମାଙ୍ଗ, ଜିଲ୍ଲା ସଭାନେତ୍ରୀ ଅନୁଛାୟା ମାଝୀ, ମହିଳା ସମ୍ପାଦିକା ସୁଭ୍ରା ପଣ୍ଡା, ସୁଜାତା ସାହୁକାର, ଜିଲ୍ଲାପରିଷଦ ସଭ୍ୟ ସୁଜିତ କୁମାର ବ୍ରେତେକା,ଚନ୍ଦ୍ରପୁର ବ୍ଲକ ଅଧ୍ୟକ୍ଷ କୋଇନ କିମ୍ବାକା, ପୂର୍ବତ ବ୍ଲକ ସଭାପତି ପ୍ରମୋଦ ସାହୁକାର, ଚିତନାଲା, ଦାନୁମାଝୀ କୁମ୍ଭୁରୁକା, ପଞ୍ଚାୟତରୁ ଆସିଥିବା ପଞ୍ଚାୟତ ସଭାପତି



ଲକ୍ଷଣ ପାଡ଼ାଲୁ, ରତ୍ନାକର ହ୍ରେକବେତା, ତ୍ରିନାଥ ମୁଣ୍ଡିକା, ସନ୍ୟାସୀ ଦିବାକା, ପ୍ରସାନ୍ତ ଗଗେରେ ଙ୍ଗା, ରୁଦ୍ର ଟାଂଗରଙ୍ଗା, ବେରେଶା ଗୋଗେରେଙ୍ଗା, ଡାନିଏଲ ମାଝୀ ଥିଲେ। ରାଜ୍ୟ ସରକାରଙ୍କ ବିରୋଧରେ ନାରାବାଜି ଦେବା ସହ ମଣ୍ଡିରେ ବ୍ୟାପକ ପରିମାଣରେ କଟନିକଟନିହେଉଥିବା, ବନ୍ତା ଚାଷୀମାନଙ୍କୁ ଦେଉନଥିବା, ଚାଷୀ ଶୋଷଣର ଶିକାର ହେଉଥିବା, ଆଇନ ଶୃଙ୍ଖଳା ବ୍ୟବସ୍ଥା ବିଗିଡି ଥିବା, ନାରୀ ନିର୍ଯାତନା ବୃଦ୍ଧି ପାଇବା, ସରକାର ଦେଇଥିବା ପ୍ରତିଶ୍ରୁତି ପୂରଣ ନହେବା ନେଇ ଆଲୋଚନା କରାଯାଇଥିଲା। ପରେ ଚନ୍ଦ୍ରପୁର ବ୍ଲକକୁ ଯାଇ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସମ୍ପକାନ୍ତ ବଙ୍ଗାଲଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦଳ ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଇଛି।

## ପୋଡ଼ାଗଡ଼ରେ ହଳପୋଡ଼ା ଯାତ୍ରା

ପୋଡ଼ାଗଡ଼,୨।୩(ସମିସ): କୋରାପୁଟ ଜିଲ୍ଲା ଦଶମନ୍ତପୁର ବ୍ଲକ ଅଧିନସ୍ଥ ପୋଡ଼ାଗଡ ଠାରେ ହଳପୋଡ଼ା ଯାତ୍ରା ଅନୁଷ୍ଠିତ ହେବ। ଏହି ଯାତ୍ରା ପୋଡ଼ାଗଡ ପାଇକ ସାହି ସ୍ଥିତ ରାଧା କୃଷ୍ଣ ମନ୍ଦିର ପ୍ରାଙ୍ଗଣରେ କରାଯାଇ ଥାଏ। ଏହି ଯାତ୍ରା ଜୟପୁର ରାଜା ବିକ୍ରମ ଦେବଙ୍କ ସମୟରୁ ଏହି ଯାତ୍ରା ପୋଡ଼ାଗଡ ଠାରେ ଅନୁଷ୍ଠିତ ହୋଇ ଆସୁଅଛି। ଏହି ଯାତ୍ରାରେ ପୋଡ଼ା ଗଡ ଅଞ୍ଚଳ ତଥା କୋରାପୁଟ ଜିଲ୍ଲା ର ଅଧାରୁ ଅଧିକ ବ୍ଲକ ର ଲୋକ ଆସିଥାନ୍ତି। ଏହି ଯାତ୍ରା ପ୍ରତ୍ୟେକ ଫାଲ ଗୁନ ମାସରେ ହଇଥାଏ। ପୋଡ଼ା ଗଡ ଅଞ୍ଚଳର ପ୍ରତ୍ୟେକ ଗ୍ରାମର ନାୟକ ବିସାରୀ ମିଶି ଏକ କମିଟି ଗଠନକରି ଥାଆନ୍ତି। ଗତ କାଲି ତଥା ୧/୩ /୨୦୨୬ ରବିବାର ଦିନ ରାଧା କୃଷ୍ଣ ବିମାନ ଯାତ୍ରାରେ ବାହାରି ସାହି ଭ୍ରମଣ କରି ସରିବାପରେ ଏହି ଯାତ୍ରା କରାଯାଉଥିବା କମିଟିର ନାୟକ ତଥା ସଭାପତି ଶ୍ରୀ କାନ୍ତ ରାୟ କହିଛନ୍ତି। ଆଜି ରାତି ତଥା ସମବାର ଦିନ କୋରାପୁଟ ପରମ୍ପରା ଅନୁସାରେ ରାତିରେ କୋରାପୁଟିଆ ଦେଶିଆ ନାଚ ଅନୁଷ୍ଠିତ ହଇ ଥାଏ। ଏଥିରେ ଶହ ଶହ ବ୍ୟବସାୟୀ ଅନେକ ପ୍ରକାରର ଅସ୍ଥାୟୀ ଦୋକାନ କରିଥାନ୍ତି ଓ ହଜାର ହଜାର ଲୋକ ଙ୍କ ଆଗମନ ହଇ ଥାଏ। ଏହି ଲୋକ ମାନଙ୍କ ଆଗମନ ଦେଖି ସୁରକ୍ଷା ଓ ଶାନ୍ତି ଶୃଙ୍ଖଳା ନିମନ୍ତେ କୋରାପୁଟ ସଦର ଥାନା ଅଧିକାରୀ ରୁଦ୍ର ମାଝୀ ଙ୍କ ନେତୃତ୍ୱ? ରେ ସଦର ପୋଲିସ ଉପସ୍ଥିତ ଥିବା ଦେଖା ଦେଇଛି। ଏହାସ୍ୱ?ତେ ଯାତ୍ରା କମିଟି ସଭାପତି ଙ୍କ ତତାବଧାନ ରେ ଗ୍ରାମର ଯୁବକ ମାନଙ୍କୁ ନେଇ ଏକ ଟିମ୍ ଗଠନ କରି ଶାନ୍ତି ଶୃଙ୍ଖଳା ନିମନ୍ତେ ଦାୟିତ୍ୱ ଦେଇ ଥିବା କହିଛନ୍ତି। ଏହି ଶୃଙ୍ଖଳା କମିଟିର ମୁଖ୍ୟ ଭାବରେ ଟୁଙ୍କୁ ଜେନା ଲଟନ ଜେନା ବାବୁଲା ଜେନା ବିଷ୍ଣୁ ପ୍ରସାଦ ପଟ୍ଟନାୟକ ରାହୁଲ ରାୟ ନୂଆ ବାବୁ ପ୍ରମୁଖ ଥିବା କହି ଛନ୍ତି। ଏହିଯାତ୍ରା ପ୍ରଥମେ ପୋଡ଼ା ଗଡ ଠାରେ ହେଲା ପରେ ହିଁ ଆସନ୍ତା କାଲି ନନ୍ଦପୁର ଠାରେ ହେବ ବୋଲି ସ୍ଥାନୀୟ ବରିଷ୍ଠ ନାଗରିକ ମାନେ କହିଛନ୍ତି। ସ୍ଥାନୀୟ ସେବା ଆଶ୍ରମ ବିଦ୍ୟାଳୟ ନିକଟରେ ପ୍ରତ୍ୟେକ ଗାଁ ରୁ ଆସିଥିବା କାଠ କୁ ଏକ ତ୍ରିତ କରି ପାରମ୍ପରିଆ ସମୟରେ ତାହାକୁ ଜଳା ଯାଇଥାଏ। ଅଞ୍ଚଳର ଅନେକ ବରିଷ୍ଠ ଲୋକ କହିଛନ୍ତି ଯେ କୋରାପୁଟ ଜିଲ୍ଲା ରେ କେବଳ ପୋଡ଼ା ଗଡ ଓ ନନ୍ଦପୁର ରେ ହିଁ ଆମସମୟରେ ହେଉଥିଲା। କିନ୍ତୁ ଆଜିକାର ସମୟରେ ଅନେକ ସ୍ଥାନରେ ହେଉଛି ବୋଲି।

## ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଏଚ୍‌ପିଭି ଟୀକାକରଣ ଆରମ୍ଭ



ମାଲକାନଗିରି,୨।୩(ସମିସ): ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବ୍ଲକସ୍ତରୀୟ ଏଚ୍‌ପିଭି ଟୀକାକରଣ ଆଜି ଶୁଭାରମ୍ଭ ହୋଇଯାଇଛି। କୋରୁକୋଣ୍ଡା ବ୍ଲକ ବିଡିଓ ଅମୂଲ୍ୟ କୁମାର ସାହୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଅନ୍ୟ ଅତିଥି ମାନଙ୍କ ମଧ୍ୟରେ ଚିତ୍ରକୋଣ୍ଡା ବିଧାୟକ ପ୍ରତିନିଧି ବିନାୟକ ପାତ୍ର, ମାଲକାନଗିରି ବିଧାୟକ ପ୍ରତିନିଧି ମୁଁୟା ମାଡକାମୀ, ଡାକ୍ତର ପ୍ରଶାନ୍ତ କୁମାର ସାହୁ, ଡାକ୍ତର ଅନିମେଷ କର, ବିପିଏମ କେ ମଣ୍ଟୁ ଙ୍କ ସମେତ ସ୍ୱାସ୍ଥ୍ୟ ବିଭାଗର କର୍ମଚାରୀମାନେ ଉପସ୍ଥିତ ଥିଲେ। ଜରାୟୁ ଗ୍ରୀବା କର୍କଟର ପ୍ରତିରୋଧ ନିମନ୍ତେ ଏହି ଟୀକା ୧୪ ରୁ ୧୫ ବର୍ଷ ବୟସ ମଧ୍ୟରେ ରହିଥିବା ସମସ୍ତ ବାଳିକାଙ୍କୁ ମାଗଣାରେ ଦିଆଯିବ। ପ୍ରଥମ ଦିନରେ ଆଜି ୧୩ ଜଣ ବାଳିକାଙ୍କୁ ଏହି ଟୀକା ଦିଆ ଯାଇଛି। ଟୀକା ଦେବାପରେ ସମସ୍ତଙ୍କୁ ୩୦ ମିନିଟ ନିରୀକ୍ଷଣ ରେ ରଖାଯାଇଥିଲା। ଟୀକା ନେବା ପରେ କୌଣସି ବାଳିକାଙ୍କ ମଧ୍ୟରେ କୌଣସି ପାଶ୍ୱର୍ ପ୍ରତିକ୍ରିୟା ଦେଖା ଯାଇନାହିଁ। ଆଜିର ଉଦ୍ଘାଟନୀ ସମାରୋହରେ ସ୍ୱାସ୍ଥ୍ୟ କେନ୍ଦ୍ରର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।

## ଚିତ୍ରକୋଣ୍ଡା ଉପଖଣ୍ଡ ଚିକିତ୍ସାଳୟରେ ଏଚ୍‌ପିଭି ଟୀକାକରଣ ଆରମ୍ଭ



ଚିତ୍ରକୋଣ୍ଡା,୨।୩ (ସମିସ): ମାଲକାନଗିରି ଜିଲ୍ଲା ଚିତ୍ରକୋଣ୍ଡା ଉପଖଣ୍ଡ ଚିକିତ୍ସାଳୟରେ ବ୍ଲକସ୍ତରୀୟ ଏଚପିଭି ଟୀକାକରଣ ଆଜି ଶୁଭାରମ୍ଭ ହୋଇଛି। ଚିତ୍ରକୋଣ୍ଡା ବ୍ଲକ ଅଧ୍ୟକ୍ଷା ରାଜେଶ୍ୱରି ଖିଲ୍ଲ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ। ଚିତ୍ରକୋଣ୍ଡା ଜିଲ୍ଲାପରିଷଦ ଜୋନ-୧ ସଭ୍ୟାଭିନମିତି ଖିଲ, ବିଧାୟକ ପ୍ରତିନିଧି ବିଦେଶୀ ଗୌଡ଼, ଗୋଷ୍ଠୀ ଶିକ୍ଷା ଅଧିକାରୀ ଗାୟତ୍ରୀ ଦେବୀ, ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା ସୌଭାଗ୍ୟ ରଞ୍ଜନ ରଣସିଂହ, ଜିଲ୍ଲା କାର୍ଯ୍ୟକ୍ରମ ପରିଚାଳକ ମୌଷୁମୀ ମିଶ୍ର, ଚିତ୍ରକୋଣ୍ଡା ସ୍ୱାସ୍ଥ୍ୟ କେନ୍ଦ୍ରର ଅଧକ୍ଷ କ୍ଷୀରୋଦ ଚନ୍ଦ୍ର ମହନ୍ତ, ସ୍ୱାସ୍ଥ୍ୟ ବିଭାଗର କର୍ମଚାରୀ ଉପସ୍ଥିତ ଥିଲେ। ଜରାୟୁ ଗ୍ରୀବା କର୍କଟରର ପ୍ରତିରୋଧ ନିମନ୍ତେ ଏହି ଟୀକା ୧୪ରୁ ୧୫ ବର୍ଷ ବୟସ ମଧ୍ୟରେ ରହିଥିବା ସମସ୍ତ ବାଳିକାଙ୍କୁ ମାଗଣାରେ ଦିଆଯିବ। ପ୍ରଥମ ଦିନରେ ୧୦ ଜଣ ବାଳିକାଙ୍କୁ ଏହି ଟୀକା ଦିଆ ଯାଇଛି। ଟୀକା ଦେବାପରେ ସମସ୍ତଙ୍କୁ ୩୦ ମିନିଟ ନିରୀକ୍ଷଣ ରେ ରଖାଯାଇଥିଲା। ଟୀକା ନେବାପରେ କହାପଖରେ ମଧ୍ୟ କୌଣସି ପାଶ୍ୱର୍ପ୍ରତିକ୍ରିୟା ଦେଖା ଯାଇନାହିଁ। ଉଦ୍ଘାଟନୀ ସମାରୋହରେ ସ୍ୱାସ୍ଥ୍ୟ କେନ୍ଦ୍ରର ସମସ୍ତ କର୍ମଚାରୀ ସୋହଯୋଗ କରିଥିଲେ।

## ରାମ ପ୍ରସାଦ ପାଢ଼ୀ ବ୍ଲକ୍ ପ୍ରାଥମିକ ଶିକ୍ଷକ ସଂଘ ସଭାପତି ମନୋନୀତ

ମାଲକାନଗିରି, ୨।୩(ସମିସ): ମାଲକାନଗିରି ସଦର ସ୍ଥିତ ଶିକ୍ଷକ ଭବନ ଠାରେ ମାଲକାନଗିରି ବ୍ଲକ ପ୍ରାଥମିକ ଶିକ୍ଷକ ସଂଘର ନିର୍ବାଚନ ନିମନ୍ତେ ସାମ୍ବିଧାନିକ ବୈଠକ ଅନୁଷ୍ଠିତ ହୋଇଥିଲା। ନିର୍ବାଚନକୁ ପରିଚାଳନା କରିବା ନିମନ୍ତେ ରାଜ୍ୟ ସଂଘର ଏସ୍ତ୍ରପିଟ ଏଫ୍ ଉପ ସଂଘର ସମ୍ପାଦକ ହିମାଂଶୁ ଶେଖର ପାଢ଼ୀ, ଲକ୍ଷ୍ମୀ ରାଓ ଓ ଜିଲ୍ଲା ସଂଘର କୋଷାଧ୍ୟକ୍ଷ ଚିର ରଞ୍ଜନ ସରକାର ପ୍ରମୁଖ ଉପସ୍ଥିତ ଥିଲେ। ସଂଘ ପୁନର୍ଗଠନ କାର୍ଯ୍ୟ ସୁଚାରୁ ରୂପେ ସମ୍ପାଦନ କରିଥିଲେ। ସବସମ୍ମତି କ୍ରିତିରେ ସଭ୍ୟ ସଭ୍ୟାଙ୍କୁ ନେଇ ମାଲକାନଗିରି ବ୍ଲକ ପ୍ରାଥମିକ ଶିକ୍ଷକ ସଂଘର ସଭାପତି ରୂପେ ରାମ ପ୍ରସାଦ ପାଢ଼ୀ ପୁନଃ ମନୋନୀତ ହୋଇଥିଲେ। ଉପ ସଭାପତି ସପନ କୁମାର ମଣ୍ଡଳ ଓ କାଳନ୍ଦ୍ରୀ ପୋଡ଼ୀଲ, ସମ୍ପାଦକ ରୂପେ ମୋନୋଜ କୁମାର ସେଠୀ, ସହ ସମ୍ପାଦକ ଉମାକାନ୍ତ ମୁଦୁଲି, ଡଲିଚନ୍ଦ୍ରଖରାଇ, ସନ୍ତୋଷପ୍ରଧାନ ମୋନୋନିତ ହୋଇଥିଲେ। ସଂଘ କୋର୍ଡିନେଟର ରୂପେ ହରି ପିଡ଼ିଆମି ଓ କୋଷାଧ୍ୟକ୍ଷ ରୂପେ ଶ୍ରୀ ଖଗେଶ୍ୱର ରାଉତ ମନୋନୀତ ହୋଇଥିଲେ। ସଭାଟିକୁ ସୁ ପରିଚାଳନା କରିବା ନିମନ୍ତେ ପୂର୍ଣ୍ଣ ଚନ୍ଦ୍ର ଷଡ଼ପାଣି



ସଭାପତି ରଞ୍ଜିତ ନାୟକ, ଜିଲ୍ଲା ପ୍ରାଥମିକ ଶିକ୍ଷକ ସଂଘର ସଭାପତି ତାରକ ମଣ୍ଡଳ, ସମ୍ପାଦକ ଦାମଦୋର ସାହୁ, ମାଥିଲି ବ୍ଲକ ସଭାପତି ଜୟରାମ ଭୁମିଆ, ସମ୍ପାଦକ ସଂଜୟ ରାଇସିଂ, ଖଇରପୁଟ ବ୍ଲକ ଓ ହରିବନ୍ଧୁ ବାଙ୍କିଆ ସହଯୋଗ କରି ସଂଘର ତାତ୍ପର୍ଯ୍ୟ ବିଷୟରେ ପ୍ରକାଶ କରିଥିଲେ। ସର୍ବଶେଷରେ ବରିଷ୍ଠ ଶିକ୍ଷକ ତଥା ପୂର୍ବ ସଂଘଟକ ମୋନୋରଞ୍ଜନ ବେହେରା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଜିଲ୍ଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି

ମାଲକାନଗିରି, ୨।୩(ସମିସ): ମାଲକାନଗିରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ଏଫଏଲସି ହଲ୍‌ଠାରେ ଜିଲ୍ଲାପାଳ ସୋମେଶ କୁମାର ଉପାଧ୍ୟାୟଙ୍କ ଅଧ୍ୟକ୍ଷତାରେ ଯୁଗ୍ମ ଜନ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ସମୁଦାୟ ୩୩୪ ଟି ଅଭିଯୋଗ ଗୁଡ଼ିକର ଶୁଣାଣି ହୋଇଥିଲା। ତନ୍ମଧ୍ୟରୁ ୨୬ ଟି ବ୍ୟକ୍ତିଗତ ଓ ୮ ଟି ଗ୍ରାମ୍ୟ ସମସ୍ୟା ରହିଥିଲା। ଜିଲ୍ଲାପାଳ ସମସ୍ତ ଦରଖାସ୍ତ ଗ୍ରହଣ ପରେ ସେଗୁଡ଼ିକୁ ତଦନ୍ତ କରି ତୁରନ୍ତ ପଦକ୍ଷେପ ନେବା ନିମନ୍ତେ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ଦରଖାସ୍ତ ଗୁଡ଼ିକ ପ୍ରଦାନ କରିବା ସହ ଗ୍ରହଣ କରିଥିବା ପଦକ୍ଷେପର ବିବରଣୀ ଜିଲ୍ଲାପାଳଙ୍କ ଅବଗତ ନିମନ୍ତେ ନିର୍ଦ୍ଦେଶ ଦେଇଥିଲେ। ଏହି ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରରେ ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ସୋମନାଥ ପ୍ରଧାନ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ବାଣନାଥ୍ ସରାବୁ, ଉପ ଜିଲ୍ଲାପାଳ ଦୁର୍ଯୋଧନ ଭୋଇଙ୍କ ସମେତ ଜିଲ୍ଲା ସ୍ତରୀୟ ଅଧିକାରୀ, ବିଡିଓ ଓ ତହସିଲଦାର ମାନେ ଉପସ୍ଥିତ ଥିଲେ।

ଜାତୀୟ ରାଜପଥ ମରାମତି

# ଚଳାଚଳ ସ୍ୱାଭାବିକ; ପିଚୁ କାମ ଅଧୁରା

ଏମ୍‌ଭି-୭୯,୨।୩(ସମିସ): ମାଲକାନଗିରି, କାଲିମେଳା ବ୍ଲକ୍ ଏମ୍‌ଭି-୭୯ ମୁଖ୍ୟ ଛକରେ ୩୨୬ ନମ୍ବର ଜାତୀୟ ରାଜପଥର ମଝିରେ ସୃଷ୍ଟି ହୋଇଥିବା ଗାତ ସମସ୍ୟାରେ ବିଭାଗ ପକ୍ଷରୁ ଦିନ ତମାମ ଖୋଳାଖୋଳି କାମ କରାଯାଇ ପାନୀୟ ଜଳ ପାଇପ୍ ଲାଇନ୍‌ର ସଠିକ୍ ମରାମତି କରାଯାଇଛି। ପାଇପ୍ ଫାଟିବା ଫଳରେ ବାରମ୍ବାର ପାଣି ଜମି ରାସ୍ତା ଧସିଯାଉଥିବା ମୂଳ ସମସ୍ୟାକୁ ଏଥର ସୁଧାରାଯାଇଥିବା ଦେଖିବାକୁ ମିଳିଛି। ପାଇପ୍ ଲାଇନ୍ ମରାମତି ପରେ ଗର୍ତ୍ତରେ କଂକ୍ରିଟ୍ ଓ ମାଟି ପକାଇ ଭର୍ତ୍ତି କରାଯାଇଥିଲା। ପରେ ଭାଇବ୍ରେଟର ଯନ୍ତ୍ର ଦ୍ୱାରା ଏହାକୁ ସମାନ କରାଯାଇ ରାସ୍ତାକୁ ଚଳାଚଳ ଯୋଗ୍ୟ



କରାଯାଇଛି। ଏହା ପରେ ଏମ୍‌ଭି-୭୯ ଛକରେ ଯାନଚଳାଚଳ ପୁନର୍ବାର ସ୍ୱାଭାବିକ ହୋଇଥିବା ଦେଖାଯାଇଛି ଓ ଟ୍ରାଫିକ୍ ଜାମ୍ ସମସ୍ୟା ହ୍ରାସ ପାଇଛି। ତଥାପି ଏପର୍ଯ୍ୟନ୍ତ ରାସ୍ତା ଉପରେ ପିଚୁ ପକାଇ ସମ୍ପୂର୍ଣ୍ଣ ମରାମତି କାମ ସମାପ୍ତ କରାଯାଇନାହିଁ। ଫଳରେ କଂକ୍ରିଟ୍ ଭାଗ ଅସ୍ଥାୟୀ ଭାବରେ ରହିଛି ଓ ଭାରି ଯାନ ଚଳାଚଳ ଦୃଷ୍ଟିରେ ଏହା କେତେଦୂର ଦୀର୍ଘସ୍ଥାୟୀ ହେବ ସେଥିପାଇଁ ସନ୍ଦେହ ରହିଛି। "ସ୍ଥାନୀୟ ଲୋକମାନଙ୍କ ମତାନୁସାରେ, ମୂଳ ପାଇପ୍ ଲାଇନ୍ ସମସ୍ୟା ସମାଧାନ ହୋଇଥିବାରୁ ଏହା ସକାରାତ୍ମକ ପଦକ୍ଷେପ। କିନ୍ତୁ ବଜାର ମଝିରେ ଥିବା ଏହି ଗୁରୁତ୍ୱପୂର୍ଣ୍ଣ ଛକରେ ଶୀଘ୍ର ପିଚୁ ପକାଇ ରାସ୍ତାକୁ ସମ୍ପୂର୍ଣ୍ଣ ମରାମତି କରାଯିବା ଆବଶ୍ୟକ ବୋଲି ଦାବି କରାଯାଇଛି। ଯଦି ସମୟମଧ୍ୟରେ ପିଚୁ କାମ ସମାପ୍ତ ନ ହୁଏ, ଆଗାମୀ ଦିନରେ ପୁନର୍ବାର ରାସ୍ତା କ୍ଷତିଗ୍ରସ୍ତ ହେବା ଆଶଙ୍କା ଦେଖାଦେଇଛି। ଏହିପରି ସ୍ଥିତିରେ ବିଭାଗ ପକ୍ଷରୁ ଶୀଘ୍ର ସମ୍ପୂର୍ଣ୍ଣ ପିଚୁ ମରାମତି କାମ ସମାପ୍ତ କରାଯିବାକୁ ସାଧାରଣରେ ଦାବି ଜୋରଦାର ହୋଇଛି।

● ଜାତୀୟ ଶିକ୍ଷାନୀତି ସମୀକ୍ଷା ସମ୍ମିଳନୀ ୨୦୨୬

# ଶିକ୍ଷକ ପ୍ରଶାନ୍ତ ସରଦାରଙ୍କୁ ଗୋପବନ୍ଧୁ ଶିକ୍ଷା ଗୌରବ ସମ୍ମାନ

ଏମ୍‌ଭି-୭୯,୨।୩(ସମିସ): କୈବଲ୍ୟ ସାହିତ୍ୟ ସଂସଦ ନବ କିଶୋର ସାମନ୍ତରାୟ ସ୍ମୃତି ସଂସଦ, କଟକଙ୍କ ପକ୍ଷରୁ ଆୟୋଜିତ ଜାତୀୟଶିକ୍ଷାନୀତି ସମୀକ୍ଷା ସମ୍ମିଳନୀ ୨୦୨୬ ଅବସରରେ ଶିକ୍ଷା, ସାହିତ୍ୟ ଓ ସମାଜସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ମାଲକାନଗିରି ଜିଲ୍ଲା ଏମ୍‌ଭି୮୦ ଗ୍ରାମର ପ୍ରତିଭାଶାଳୀ ଶିକ୍ଷକ ପ୍ରଶାନ୍ତ ସରଦାରଙ୍କୁ ଗୋପବନ୍ଧୁ ଶିକ୍ଷା ଗୌରବ ସମ୍ମାନ୨୦୨୬ ପ୍ରଦାନ କରାଯାଇଛି। ଏହି ରାଜ୍ୟସ୍ତରୀୟ ସମ୍ମିଳନୀର ଉଦ୍‌ଘାଟନ କରିଥିଲେ କଟକ ମହାନଗର ନିଗମର ମେୟର ସୁଭାଷ ସିଂହ। ମୁଖ୍ୟ ଅତିଥି ଭାବେ ପରମହଂସ ବ୍ରହ୍ମାନନ୍ଦ ସରସ୍ୱତୀ ମହାରାଜ ଉପସ୍ଥିତ ଥିଲେ। ବିଶିଷ୍ଟ ଅତିଥି ଭାବେ ପ୍ରାକ୍ତନ ମାନବାଧିକାର ସଦସ୍ୟ ଅସୀମ ଅମିତାଭ ଦାଶ ଯୋଗ ଦେଇଥିଲେ। ବାରେଣ୍ୟ ଅତିଥି ଭାବେ



ବନ ବିହାରୀ ମିଶ୍ର, କିସ୍ ବିଶ୍ୱବିଦ୍ୟାଳୟର ପ୍ରଫେସର ଉପସ୍ଥିତ ଥିଲେ। ସମ୍ମାନିତ ଅତିଥି ଭାବେ ପ୍ରାକ୍ତନ ବିଜେପି କଟକ ସଭାପତି ଲିଲାଧର ବେହୁରା ମଞ୍ଚାସୀନ ଥିଲେ। ସମ୍ମିଳନୀରେ ନୂତନ ଜାତୀୟ ଶିକ୍ଷାନୀତିର କାର୍ଯ୍ୟାନ୍ୱୟ, ଗୁଣାତ୍ମକ ଶିକ୍ଷାର ପ୍ରସାର ଏବଂ ମାତୃଭାଷା ଆଧାରିତ ଶିକ୍ଷା ବ୍ୟବସ୍ଥା ଉପରେ ବିସ୍ତୃତ ଆଲୋଚନା ହୋଇଥିଲା। ସଂସଦ ପକ୍ଷରୁ ଜଣାଯାଇଛି ଯେ, ୨୦୨୧ରୁ ୨୦୨୬ ପର୍ଯ୍ୟନ୍ତ ବିଭିନ୍ନ ସାହିତ୍ୟ ଓ ଶିକ୍ଷାକ୍ଷେତ୍ରରେ ଆୟୋଜିତ କାର୍ଯ୍ୟକ୍ରମ ମାଧ୍ୟମରେ ରାଜ୍ୟସ୍ତରରେ ୯୧ଟି କାର୍ଯ୍ୟକ୍ରମ ସଫଳତାର ସହ ଆୟୋଜନ କରାଯାଇଛି ଏବଂ ବହୁ ପ୍ରତିଭାଙ୍କୁ ସମ୍ମାନିତ କରାଯାଇଛି। ସମ୍ମାନିତ ଶିକ୍ଷକ ପ୍ରଶାନ୍ତ ସରଦାର ଦୀର୍ଘ ବର୍ଷ ଧରି ଶିକ୍ଷାଦାନ କ୍ଷେତ୍ରରେ ନିଷ୍ଠା ଓ ଆଦର୍ଶର ସହ କାର୍ଯ୍ୟ କରୁଛନ୍ତି। ଅତିଥିବୃନ୍ଦ ତାଙ୍କ ଶିକ୍ଷାସେବାର ପ୍ରଶଂସା କରି କହିଥିଲେ ଯେ, ଏମିତି ଆଦର୍ଶ ଶିକ୍ଷକମାନେ ରାଷ୍ଟ୍ର ଗଠନର ମୂଳ ଭିତ୍ତି। ସମାରୋହର ଶେଷରେ ସଂସଦ ପକ୍ଷରୁ ସମ୍ମାନପତ୍ର ଓ ଉପହାର ପ୍ରଦାନ କରାଯାଇଥିଲା।

ସକାଳ THE SAKALA



www.sakalaepaper.com

**ମୁଦ୍ରା ବିନିମୟ ମୂଲ୍ୟ**



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୯୦.୯୮ ● ପାଉଣ୍ଡ ୧୨୨.୮୭
- ୟୁରୋ ୧୦୭.୭୫ ● ୟେନ୍ ୦.୫୮

**ସୁନା, ରୁପା ଦର (ଟଙ୍କାରେ)**



୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)
- ସୁନା: ୧,୫୬,୪୫୦ (ନୂଆଦିଲ୍ଲୀ)
- ରୁପା : ୩,୩୦,୦୦୦ (କେଜି)



**ଷ୍ଟକ୍ ମାର୍କେଟ୍**

ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୮୦,୨୩୮.୦୦
- ନିଫ୍ଟି ୨୪,୮୬୫.୦୦



**ପେଟ୍ରୋଲ-ଡିଜେଲ୍**

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୧.୨୯ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୦



## ମଧ୍ୟପ୍ରାଚ୍ୟରେ ଯୁଦ୍ଧ ବିଭୀଷିକା
## ସାଉଦି ଆରାମ୍‌କୋ ଉପରେ ଆକ୍ରମଣ

# ତେଲ, ଗ୍ୟାସ୍ ମହଙ୍ଗା

**ଏଲ୍‌ଏନ୍‌ଜି ମୂଲ୍ୟ ୧୩୦% ବଢ଼ିପାରେ**
**ବଢ଼ୁଛି ତୈଳ ଦର, ଖସିଲା ସେୟାର ବଜାର**
**ସେନ୍‌ସେକ୍ସରେ ୧୦୪୮ ପଏଣ୍ଟ ହ୍ରାସ**

ନୂଆଦିଲ୍ଲୀ,୨।୩(ଏଜେନ୍ସି)

ମଧ୍ୟପ୍ରାଚ୍ୟରେ ଇସ୍ରାଏଲ ଏବଂ ଇରାନ ମଧ୍ୟରେ ଚାଲିଥିବା ଯୁଦ୍ଧ ବିଶ୍ୱ ଶକ୍ତି ଏବଂ ଆର୍ଥିକ ବଜାରକୁ ଏକ ଗଭୀର ସଙ୍କଟ ମଧ୍ୟକୁ ଠେଲିଦେଇଛି। ଏଥିଯୋଗୁ ସୋମବାର ତେଲଠାରୁ ଆରମ୍ଭ କରି ସୁନା, ରୂପା, ଆମେରିକୀୟ ଡଲାର ଏବଂ ଷ୍ଟକ୍ ବଜାର ପର୍ଯ୍ୟନ୍ତ ସବୁକିଛିରେ ଉତ୍ଥାନ-ପତନ ଦେଖାଦେଇଛି। ତେଲ, ସୁନା, ରୂପା ଏବଂ ଆମେରିକୀୟ ଡଲାର ବୃଦ୍ଧି ପାଇଥିଲେ ମଧ୍ୟ ଷ୍ଟକ୍ ବଜାର କ୍ରାସ୍ କରିଯାଇଛି। ମଧ୍ୟପ୍ରାଚ୍ୟରେ ଉତ୍ତେଜନାରେ ବୃଦ୍ଧି ଦେଶରେ ମୁଦ୍ରାସ୍ଫୀତି ଆଶଙ୍କା ବଢ଼ାଇଦେଇଛି। ସାଉଦି ଆରବର ରିଫାଇନାରୀ ଉପରେ ଡ୍ରୋନ ଆକ୍ରମଣ ଗ୍ୟାସ (ଏଲ୍‌ଏନ୍‌ଜି) ମୂଲ୍ୟରେ ତୀବ୍ର ବୃଦ୍ଧି ଘଟାଇଛି। ଏହା ପରିସ୍ଥିତିକୁ ଆହୁରି ଖରାପ କରିଛି। ସତର୍କତାମୂଳକ ପଦକ୍ଷେପ ସ୍ୱରୂପ ସାଉଦି ଆରାମକୋର ରାସ ଟାନୁରା ରିଫାଇନାରୀରେ କାର୍ଯ୍ୟ ସ୍ଥଗିତ ରଖାଯାଇଛି। ଏହି ରିଫାଇନାରୀର କ୍ଷମତା ଦୈନିକ ୫୫୦,୦୦୦ ବ୍ୟାରେଲ ରହିଛି, ଯାହା ମଧ୍ୟପ୍ରାଚ୍ୟର ସବୁଠାରୁ ବଡ଼ ଏବଂ ସାଉଦି ଅଶୋଧିତ ତୈଳ ପାଇଁ ଏକ ପ୍ରମୁଖ ରପ୍ତାନି ଟର୍ମିନାଲ। ଏହି ଆକ୍ରମଣ ଏବଂ ହର୍ମୁଜ୍ ପ୍ରଣାଳୀରେ ପରିବହନ ବାଧାପ୍ରାପ୍ତ ହେବା ଯୋଗୁଁ ସୋମବାର ବ୍ରେଣ୍ଟ ଅଶୋଧିତ ତୈଳ ଫ୍ୟୁଚର୍ସରେ ମୂଲ୍ୟରେ ପ୍ରାୟ ୧୦% ର ଏକ ବଡ଼ ବୃଦ୍ଧି ରେକର୍ଡ ହୋଇଛି। ଅଶୋଧିତ ତୈଳ ବ୍ୟତୀତ ବିଶ୍ୱ ଗ୍ୟାସ ବଜାର ଏବେ ଏକ ଗୁରୁତ୍ୱପୂର୍ଣ୍ଣ ବିପଦର ସମ୍ମୁଖୀନ ହେଉଛି। ଗୋଲ୍ଡମ୍ୟାନ୍ ସ୍ୟାଚ୍‌ର ଏକ ସାମ୍ପ୍ରତିକ ରିପୋର୍ଟ ଅନୁଯାୟୀ, ହର୍ମୁଜ୍ ପ୍ରଣାଳୀ ଦେଇ ଗ୍ୟାସ ଯୋଗାଣ ବାଧାପ୍ରାପ୍ତ ହେବା ଫଳରେ ଏସିଆ ଏବଂ ୟୁରୋପରେ ସ୍ପଟ୍ ଏଲ୍‌ଏନ୍‌ଜି ମୂଲ୍ୟ ୧୩୦% ପର୍ଯ୍ୟନ୍ତ ବୃଦ୍ଧି ପାଇପାରେ। ବିଶ୍ଳେଷକମାନେ ଆକଳନ କରିଛନ୍ତି ଯେ ଯଦି ଯୋଗାଣ ଗୋଟିଏ ମାସ ପାଇଁ ମଧ୍ୟ ବାଧାପ୍ରାପ୍ତ ହୁଏ, ତେବେ ମୂଲ୍ୟ ପ୍ରତି ଏମ୍‌ଏମ୍‌ବିଟିୟୁ ୨୫ ଡଲାର ପର୍ଯ୍ୟନ୍ତ ପହଞ୍ଚିପାରେ। କତାର ଏବଂ ୟୁଏଇ ପରିବହନରେ ବିଳମ୍ବ ଏବଂ ଇସ୍ରାଏଲର ଏହାର ଅଫଶୋର ଗ୍ୟାସ କ୍ଷେତ୍ରରୁ ଉତ୍ପାଦନ ହ୍ରାସ ଯୋଗୁଁ ଏହି ପରିସ୍ଥିତି ସୃଷ୍ଟି ହୋଇଛି।




ଯୁଦ୍ଧ ଅନିଶ୍ଚିତତା ଏବଂ ଶକ୍ତି ସଙ୍କଟ ଯୋଗୁଁ ସୋମବାର ଭାରତୀୟ ଷ୍ଟକ୍ ବଜାରରେ ଏକ ଐତିହାସିକ ବିକ୍ରିବଟା ଦେଖିବାକୁ ମିଳିଛି। ବେଞ୍ଚମାର୍କ ଆଜି ଦିନର କାରବାରରେ ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ) ସେନସେକ୍ସରେ ୨,୭୦୦ ପଏଣ୍ଟରୁ ଅଧିକ ହ୍ରାସ ଘଟିଥିବାବେଳେ ଏବଂ ନିଫ୍ଟିରେ ୩୧୨ ପଏଣ୍ଟ ହ୍ରାସ ଘଟିଛି। ବଜାର ଖୋଲିବା ମାତ୍ରେ ଭୟଭୀତ ନିବେଶକମାନେ ପ୍ରାୟ ୮ ଲକ୍ଷ କୋଟି ଟଙ୍କା ହରାଇଛନ୍ତି। ୩୦-ସେୟାର ବିଏସଇ ସେନସେକ୍ସ ୧,୦୪୮.୩୪ ପଏଣ୍ଟ କିମ୍ବା ୧.୨୯ ପ୍ରତିଶତ ହ୍ରାସ ପାଇ ୮୦,୨୩୮.୮୫ ରେ ବନ୍ଦ ହୋଇଛି। ୫୦-ସେୟାର ଏନଏସଇ ନିଫ୍ଟି ୩୧୨.୯୫ ପଏଣ୍ଟ କିମ୍ବା ୧.୨୪ ପ୍ରତିଶତ ହ୍ରାସ ପାଇ ୨୪,୮୬୫.୭୦ ରେ ବନ୍ଦ ହୋଇଛି। ସୋମବାର ଭାରତୀୟ ସେୟାର ବଜାରରେ ନିବେଶକମାନେ ୮ ଲକ୍ଷ କୋଟି ଟଙ୍କା ହରାଇଛନ୍ତି।

ଏହାଛଡ଼ା ଆଜି ହଠାତ୍ ସୁନା ମୂଲ୍ୟରେ ୧୦ ଗ୍ରାମ ପିଛା ୭୫୦୦ ଟଙ୍କା ଏବଂ ରୁପା କିଲୋ ପିଛା ୧୪ ହଜାର ଟଙ୍କା ବୃଦ୍ଧି ଘଟିଛି। ୟୁରୋ ଏବଂ ପାଉଣ୍ଡ ଉଭୟ ପ୍ରାୟ ୦.୭% ହ୍ରାସ ପାଇଥିଲା। ଭାରତୀୟ ଟଙ୍କା ମଧ୍ୟ ଡଲାର ତୁଳନାରେ ହ୍ରାସ ଘଟିଛି। ମଧ୍ୟପ୍ରାଚ୍ୟରେ ଚାଲିଥିବା ସଂଘର୍ଷ ବିଶ୍ୱ ବଜାରରେ ଅନିଶ୍ଚିତତା ବୃଦ୍ଧି କରିଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ସୂଚାଇ ଦେଇଛନ୍ତି ଯେ ଆମେରିକା-ଇସ୍ରାଏଲର ସାମରିକ କାର୍ଯ୍ୟାନୁଷ୍ଠାନ ୪ ସପ୍ତାହ ପର୍ଯ୍ୟନ୍ତ ଚାଲିପାରେ। ବଜାର ବିଶେଷଜ୍ଞମାନେ ଚେତାବନୀ ଦେଇଛନ୍ତି ଯେ ଦୀର୍ଘକାଳୀନ ଉତ୍ତେଜନା ତୈଳ ମୂଲ୍ୟ ପ୍ରତି ବ୍ୟାରେଲ ୧୦୦ ଡଲାର କିମ୍ବା ୧୨୦ ଡଲାରକୁ ଠେଲିପାରେ, ଯାହା ସମ୍ଭାବ୍ୟ ଭାବରେ ବିଶ୍ୱବ୍ୟାପୀ ମୁଦ୍ରାସ୍ଫୀତିର ପୁନରୁତ୍ଥାନକୁ ତ୍ୱରାନ୍ୱିତ କରିପାରେ।

ଅପରପକ୍ଷେ ଇସ୍ରାଏଲ ଏବଂ ଆମେରିକା ମିଳିତ ଭାବରେ ଇରାନ ଉପରେ ଆକ୍ରମଣ କରିବା ପରେ ଗଲ୍ଫ ସହଯୋଗ ପରିଷଦ (ଜିସିସି) ସଦସ୍ୟ ରାଷ୍ଟ୍ରଗୁଡ଼ିକ ରବିବାର ଦିନ ଏହି ଅଞ୍ଚଳର ସୁରକ୍ଷା ପରିସ୍ଥିତି ଏବଂ ସମ୍ପ୍ରତି ଆକ୍ରମଣ ଯୋଗୁଁ ହୋଇଥିବା କ୍ଷତି ବିଷୟରେ ଆଲୋଚନା କରିବା ପାଇଁ ଏକ ଜରୁରୀ ବୈଠକ କରିଥିଲେ। ଏହି ବୈଠକ ଏପରି ସମୟରେ ହୋଇଥିଲା ଯେତେବେଳେ ମଧ୍ୟପ୍ରାଚ୍ୟରେ ବୃଦ୍ଧି ପାଉଥିବା ଉତ୍ତେଜନା ଉପସାଗରୀୟ ଦେଶମାନଙ୍କ ମଧ୍ୟରେ ଚିନ୍ତା ବଢ଼ାଇଛି।

## ଦୁବାଇରେ ବଢ଼ିଲା ହୋଟେଲ ଚାହିଦା



**ନୂଆଦିଲ୍ଲୀ,୨।୩(ଏଜେନ୍ସି):** ଇରାନ-ଇସ୍ରାଏଲ ଆକ୍ରମଣର ପ୍ରଭାବ ଇରାନର ପଡ଼ୋଶୀ ୟୁଏଇରେ ମଧ୍ୟ ଅନୁଭୂତ ହେଉଛି। ଦୁବାଇରେ ଇରାନ ଆକ୍ରମଣର ଅନେକ ଭିଡିଓ ଭାଇରାଲ ହୋଇଛି। ଦୁବାଇର ଅନ୍ତର୍ଜାତୀୟ ବିମାନବନ୍ଦର ବନ୍ଦ ରହିଛି, ଯାହା ଫଳରେ ଭାରତ ସମେତ ଅନେକ ଦେଶର ଲୋକେ ସେଠାରେ ଫସ ରହିଛନ୍ତି। ଏବେ ବି ଅନେକ ଲୋକ ହୋଟେଲରେ ରହିଛନ୍ତି। ତେବେ ଆଶ୍ଚର୍ଯ୍ୟକର କଥା ହେଉଛି ଏହି ସମୟରେ ଦୁବାଇରେ ହୋଟେଲ ଚାହିଦା ବୃଦ୍ଧି ପାଇବା ଯୋଗୁଁ ରୁମ୍ ଭଡ଼ା ବୃଦ୍ଧି ପାଉଛି। ଜଣେ ଗ୍ରାହକଙ୍କ ସୂଚନା ଅନୁସାରେ, ଦୁବାଇରେ ଏବେ ଗୋଟିଏ ରାତିର ହେଟେଲ ଭଡ଼ା ୬୧ହଜାର ଟଙ୍କାରୁ ଅଧିକକୁ ବୃଦ୍ଧି ଘଟିଛି। ସାଧାରଣତଃ ହୋଟେଲ ଭଡ଼ା ୨୦୦୦ରୁ ୬୦୦୦ ଟଙ୍କା ମଧ୍ୟରେ ରହିବା କଥା। କେତେକ ଲୋକ କ୍ଷେପଣାସ୍ତ୍ର ଆକ୍ରମଣରୁ ବର୍ତ୍ତିବାକୁ ହୋଟେଲରେ ଯାଇ ରହିଥିଲେ। ଫଳରେ ଯୁଦ୍ଧ ସମୟରେ ବି ହୋଟେଲ ରହଣୀ ମହଙ୍ଗା ହୋଇଯାଇଛି।

କ୍ଷେପଣାସ୍ତ୍ର ଆକ୍ରମଣ ପରେ ହୋଟେଲ କର୍ମଚାରୀମାନେ ଲୋକମାନଙ୍କୁ ମଧ୍ୟରାତ୍ରିରେ ବେସମେଣ୍ଟକୁ ନେଇଯାଇଥିଲେ। ସେତେବେଳେ ହୋଟେଲ ବେସମେଣ୍ଟର ଦୃଶ୍ୟ ସମ୍ପୂର୍ଣ୍ଣ ଭିନ୍ନ ଥିବା ଜଣେ ଗ୍ରାହକ କହିଛନ୍ତି। ବେସମେଣ୍ଟରେ କଂକ୍ରିଟ୍ ମହଲାରେ ଲୋକମାନେ ବସିଥିଲେ, ଏବଂ ବୟସ୍କ ଲୋକଙ୍କ ପାଇଁ ଚେୟାର ବ୍ୟବସ୍ଥା କରାଯାଇଥିଲା। କର୍ମଚାରୀମାନେ ତକିଆ ଏବଂ କମ୍ବଳ ଯୋଗାଇ ଲୋକଙ୍କୁ ଶାନ୍ତ ରହିବାକୁ କହୁଥିଲେ। ଇରାନ ଆକ୍ରମଣ ପରେ ହୋଟେଲରେ ରହୁଥିବା ବିଦେଶୀ ପର୍ଯ୍ୟଟକଙ୍କୁ ରହିବା ଏବଂ ଖାଦ୍ୟ ପାଇଁ ବହୁତ ଟଙ୍କା ଖର୍ଚ୍ଚ କରିବାକୁ ପଡୁଛି। ବିମାନ ବାତିଲ କିମ୍ବା ବିଳମ୍ବ ହେଲେ, ବିମାନ କମ୍ପାନୀ ସମସ୍ତ ଖର୍ଚ୍ଚ ବହନ କରେ। ତଥାପି, ଦୁବାଇର ବର୍ତ୍ତମାନର ପରିସ୍ଥିତିକୁ ଦୃଷ୍ଟିରେ ରଖି ବିମାନ କମ୍ପାନୀ କିମ୍ବା ସରକାର ଖର୍ଚ୍ଚ ବହନ କରିବେ କି ନାହିଁ ସେ ବିଷୟରେ ଏ ପର୍ଯ୍ୟନ୍ତ କୌଣସି ସ୍ପଷ୍ଟ ସୂଚନା ନାହିଁ।

## ପାଡ଼ୀସ୍ ଟ୍ୟୁଟୋରିଆଲରେ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ



ଭୁବନେଶ୍ୱର, ୨।୩(ସମିସ): ପାଡ଼ୀସ୍ ଟ୍ୟୁଟୋରିଆଲରେ ଛାତ୍ରଛାତ୍ରୀଙ୍କ ପାଇଁ ସୋମବାର ଏକ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଏକାମ୍ର ବିଧାୟକ ବାବୁ ସିଂହ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଏଥିରେ ଟ୍ୟାଲେଣ୍ଟ ସର୍ଚ୍ଚ ୨୦୨୬ ଆଚିଭରଙ୍କୁ ସମ୍ମାନୀତ କରାଯାଇଛି। ଏହାଛଡା ନିଟ୍‌ରେ କୃତକାର୍ଯ୍ୟ ହୋଇଥିବା ଶୁଭଶ୍ରୀ ଶୁଭସ୍ମିତା ସୁବୁଦ୍ଧି, ବର୍ଷା ପ୍ରିୟଦର୍ଶିନୀ ସ୍ୱାଇଁ ଏବଂ ସୌମ୍ୟାରାଣୀ ସାହୁ ଏବଂ ବିଦିଶା ମିଶ୍ରଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। କାର୍ଯ୍ୟକ୍ରମରେ ୧୦ମ ବୋର୍ଡ ପରୀକ୍ଷାରେ ୯୦ ପ୍ରତିଶତ କିମ୍ବା ତାଠାରୁ ଅଧିକ ନମ୍ବର ରଖିଥିବା ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିରେ ସମ୍ମାନୀତ ଅତିଥି ଭାବେ ପୂର୍ବତନ ମୁଖ୍ୟ ଶାସନ ସଚିବ ବିଜୟ କୁମାର ପଟ୍ଟନାୟକ ଏବଂ ପୁରୀ ଗୋବର୍ଦ୍ଧନ ମଠର ମୁଖ୍ୟ ସଚିବ ଇଂ ପ୍ରଶାନ୍ତ କୁମାର ଆଚାର୍ଯ୍ୟ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ପାଡ଼ୀସ୍ ଟ୍ୟୁଟୋରିଆଲର ନିର୍ଦ୍ଦେଶକ ମନୋରଞ୍ଜନ ହୋତା, କର୍ପୋରେଟର ରାମଚନ୍ଦ୍ର ରଣସିଂହ ଏବଂ ପାଡ଼ୀସ୍ ଟ୍ୟୁଟୋରିଆଲର ପୂର୍ବତନ ଛାତ୍ର ସୌମ୍ୟ ରଞ୍ଜନ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ଇରାନ-ଇସ୍ରାଏଲ ଯୁଦ୍ଧରେ ପାକିସ୍ତାନ ଦେବାଳିଆ

**ଇସ୍‌ଲାମାବାଦ୍,୨।୩(ଏଜେନ୍ସି):** ଇରାନ ଉପରେ ଇସ୍ରାଏଲ୍ ଏବଂ ଆମେରିକାର ଆକ୍ରମଣ ସମ୍ପ୍ରତି ସାରା ଦୁନିଆକୁ ଦୋହଲାଇଦେଇଛି। ଏହି ଉତ୍ତେଜନାର ବିନାଶକାରୀ ପ୍ରଭାବ ସୋମବାର ସାରା ବିଶ୍ୱର ସେୟାର ବଜାରରେ ଅନୁଭୂତ ହୋଇଥିଲା। ଭାରତରେ ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ସେନସେକ୍ସ) ରେ ପ୍ରାୟ ୨% ହ୍ରାସ ଘଟିଛି। ହେଲେ ଏଥିରେ ସବୁଠାରୁ ଅଧିକ କ୍ଷତି ସହିଛି ପାକିସ୍ତାନୀ ସେୟାର ବଜାର। ସେଠାକାର ସେୟାର ବଜାର ସୋମବାର ଅଶାନ୍ତ ରହିଥିଲା। କରାଚୀ ଷ୍ଟକ୍ ଏକ୍ସଚେଞ୍ଜରେ ଏପରି ଭୂକମ୍ପ ହୋଇଥିଲା ଯେ ମୁହୂର୍ତ୍ତକ ମଧ୍ୟରେ କୋଟି କୋଟି ଟଙ୍କା ବୁଡିଯାଇଥିଲା। ପରିସ୍ଥିତି ଏତେ ଅନିୟନ୍ତ୍ରିତ ହୋଇଗଲା ଯେ ବ୍ୟାପକ ଆତଙ୍କ ଯୋଗୁଁ ସମ୍ପୂର୍ଣ୍ଣ ଏକ ଘଣ୍ଟା ପାଇଁ ବାଣିଜ୍ୟ କାରବାର ବନ୍ଦ ହୋଇଥିଲା। ସୋମବାର ସକାଳ ପାକିସ୍ତାନୀ ସେୟାର ବଜାର ପାଇଁ 'କଳା ସୋମବାର' ପ୍ରମାଣିତ ହୋଇଛି। ପ୍ରାରମ୍ଭିକ କାରବାରରେ, କରାଚୀ ଷ୍ଟକ୍ ଏକ୍ସଚେଞ୍ଜର ମୁଖ୍ୟ ସୂଚକାଙ୍କ କେଏସ୍‌ଇ-୩୦ରେ ପ୍ରାୟ ୯.୮% ହ୍ରାସ ଘଟିଛି। ଏହା ପାକିସ୍ତାନର ଷ୍ଟକ୍ ବଜାର ଇତିହାସରେ ଏକ ଦିନରେ ସର୍ବାଧିକ ହ୍ରାସ ବୋଲି କୁହାଯାଉଛି। ଏକ୍ସଚେଞ୍ଜରେ ବିକ୍ରି ଚାପ ଏତେ ତୀବ୍ର ଥିଲା ଯେ ଶେଷରେ ଏକ ଘଣ୍ଟା ପାଇଁ ଟ୍ରେଡିଂ ବନ୍ଦ ରଖାଯାଇଥିଲା। ଗୋଟିଏ ଘଣ୍ଟା ପରେ ବାଣିଜ୍ୟ ପୁନର୍ବାର ଆରମ୍ଭ ହେବା ପରେ ହ୍ରାସ ୭.୩% ପ୍ରତିଶତକୁ ଖସିଆସିଥିଲା।

ତଥ୍ୟ ଅନୁଯାୟୀ, ପୂର୍ବ ଅଧିବେଶନରେ ବଜାର ୧୬୮,୦୬୨ ପଏଣ୍ଟରେ ବନ୍ଦ ହୋଇଥିଲା। ପୁଞ୍ଜି ବଜାରରେ ପଦଏହି ବଡ଼ ହ୍ରାସ ପାକିସ୍ତାନୀ ବଜାରକୁ ବଡ଼ ବିପଦ ବଜାରକୁ ଠେଲି ଦେଇଛି, କାରଣ ବଜାର ଏବେ ଜାନୁଆରୀର ସର୍ବୋଚ୍ଚ ସ୍ତରରୁ ୨୦ ପ୍ରତିଶତରୁ ଅଧିକ ଖସିଯାଇଛି। ପାକ୍ ସେୟାର ବଜାରରେ ଏହି ଆର୍ଥିକ କ୍ଷୟକ୍ଷତି କେବଳ ଅନ୍ତର୍ଜାତୀୟ କାରଣ ଯୋଗୁଁ ନୁହେଁ, ବରଂ ପାକିସ୍ତାନର ଆଭ୍ୟନ୍ତରୀଣ ପରିସ୍ଥିତି ଏବଂ ସୀମା ବିବାଦ ପାଇଁ ମଧ୍ୟ। ସପ୍ତାହାନ୍ତରେ ଇରାନ ଉପରେ ଆମେରିକା ଏବଂ ଇସ୍ରାଏଲର ଆକ୍ରମଣ ପରେ ପାକିସ୍ତାନରେ ଇରାନ ସମର୍ଥକ ପ୍ରଦର୍ଶନକାରୀମାନେ ରାସ୍ତାକୁ ଓହ୍ଲାଇଛନ୍ତି। ରବିବାର କରାଚୀରେ ଆମେରିକୀୟ କନସୁଲ୍ ଫାଟକରେ ପ୍ରଦର୍ଶନକାରୀ ଏବଂ ପୋଲିସ ମଧ୍ୟରେ ହୋଇଥିବା ହିଂସାତ୍ମକ ସଂଘର୍ଷରେ ପ୍ରାୟ ୩୦ ଜଣ ପ୍ରାଣ ହରାଇଛନ୍ତି। ସେହିପରି ଆଫଗାନିସ୍ତାନ ସହିତ ପାକିସ୍ତାନର ସମ୍ପର୍କ ଏକ ଅତ୍ୟନ୍ତ ବିପଜ୍ଜନକ ସ୍ଥିତିରେ ପହଞ୍ଚିଛି। ପାକିସ୍ତାନ ଆଫଗାନିସ୍ତାନ ସହିତ ଖୋଲା ଯୁଦ୍ଧ ଘୋଷଣା କରିଛି। ଏହାର ପ୍ରଭାବ ମଧ୍ୟ ପାକ୍ ପୁଞ୍ଜି ବଜାର ଉପରେ ପଡୁଛି। ଏହି ଯୁଦ୍ଧର ପ୍ରଭାବ କେବଳ ପାକିସ୍ତାନ ପର୍ଯ୍ୟନ୍ତ ସୀମିତ ନାହିଁ। ଯୁଦ୍ଧର ଆଶଙ୍କା ଅନ୍ତର୍ଜାତୀୟ ଅଶୋଧିତ ତୈଳ ମୂଲ୍ୟକୁ ହ୍ରାସ କରିଛି, ଯାହାର ସିଧାସଳଖ ଭାରତ ସମେତ ବିଶ୍ୱ ଅର୍ଥନୀତିକୁ ପ୍ରଭାବିତ କରୁଛି।

- ମଧ୍ୟପ୍ରାଚ୍ୟରେ ଯୁଦ୍ଧର ପ୍ରଭାବ
- ପାକିସ୍ତାନ ସେୟାର ବଜାରରେ ଐତିହାସିକ ହ୍ରାସ
- କେଇସିରେ ୧୦ ପ୍ରତିଶତ ହ୍ରାସ
- ଘଣ୍ଟାଏ ବନ୍ଦ ରହିଲା ଟ୍ରେଡିଂ






ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍‌ର ମୁଖ୍ୟ ମୁକେଶ ଅମ୍ବାନୀ ଏବଂ ରିଲାଏନ୍ସ ଫାଉଣ୍ଡେସନ୍‌ର ଅଧ୍ୟକ୍ଷା ତଥା ପ୍ରତିଷ୍ଠାତା ନୀତା ଅମ୍ବାନୀ କାନାଡା ପ୍ରଧାନମନ୍ତ୍ରୀ ମାର୍କ କାର୍ନି ଏବଂ ଡାଏନା ଫକ୍ସ କାର୍ନିଙ୍କୁ ମୁମ୍ବାଇସ୍ଥିତ ତାଙ୍କ ଘରେ ଆତିଥେୟତା ପ୍ରଦାନ କରିଛନ୍ତି। ଏହି ସମାବେଶ ଲୋକ ସଙ୍ଗୀତ ଏବଂ ଶାସ୍ତ୍ରୀୟ ନୃତ୍ୟ ପ୍ରଦର୍ଶନ ମାଧ୍ୟମରେ ଭାରତର ସମୃଦ୍ଧ କଳାତ୍ମକ ପରମ୍ପରାକୁ ପାଳନ କରିଥିଲା, ଯାହା ଐତିହ୍ୟ, ବନ୍ଧୁତା ଏବଂ ସାଂସ୍କୃତିକ ଆଦାନପ୍ରଦାନ ପ୍ରତି ଥିବା କୃତଜ୍ଞତାକୁ ପ୍ରତିଫଳିତ କରୁଛି।

## ଭାରତ-କାନାଡ଼ା ଐତିହାସିକ ୟୁରାନିୟମ୍ ଚୁକ୍ତି

ନୂଆଦିଲ୍ଲୀ,୨।୩(ଏଜେନ୍ସି)

ଭାରତ ଏବଂ କାନାଡା ସୋମବାର (ମାର୍ଚ୍ଚ ୨, ୨୦୦୬) ୟୁରାନିୟମ୍ ଏବଂ ଗୁରୁତ୍ୱପୂର୍ଣ୍ଣ ଖଣିଜ ପଦାର୍ଥ ଯୋଗାଣ ଉପରେ ଚୁକ୍ତି ସ୍ୱାକ୍ଷର କରିଛନ୍ତି। ଶୀଘ୍ର ଏକ ବ୍ୟାପକ ଆର୍ଥିକ ସହଭାଗୀତା ଚୁକ୍ତିନାମା ସମାପ୍ତ କରିବାକୁ ଲକ୍ଷ୍ୟ ରଖିଛନ୍ତି ଦୁଇ ଦେଶ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ତାଙ୍କ କାନାଡା ପ୍ରତିପକ୍ଷ ମାର୍କ କାର୍ନି ୨୦୩୦ ସୁଦ୍ଧା ଦ୍ୱିପାକ୍ଷିକ ବାର୍ଷିକ ବାଣିଜ୍ୟକୁ ୫୦ ବିଲିୟନ ଡଲାରକୁ ବଢ଼ାଇବା ସହିତ ସମ୍ପର୍କକୁ ସୁଦୃଢ଼ କରିବା ପାଇଁ ଏକ ନୂତନ ଢାଞ୍ଚାକୁ ଚୂଡ଼ାନ୍ତ କରିଥିବା ଜଣାପଡ଼ିଛି।

**୨୦୩୦ ସୁଦ୍ଧା ବାର୍ଷିକ**
**୫୦ ବିଲିୟନ ଡଲାର ବାଣିଜ୍ୟ ଲକ୍ଷ୍ୟ**

ଦୁଇ ନେତାଙ୍କ ମଧ୍ୟରେ ପ୍ରତିରକ୍ଷା, ଗୁରୁତ୍ୱପୂର୍ଣ୍ଣ ପ୍ରଯୁକ୍ତିବିଦ୍ୟା, କ୍ଷୁଦ୍ର ଏବଂ ମଡ୍ୟୁଲାର୍ ପରମାଣୁ ରିଆକ୍ଟର (ଏସ୍‌ଏମ୍‌ଆର୍), ଶିକ୍ଷା ଏବଂ ନବୀକରଣ ଶକ୍ତି କ୍ଷେତ୍ରରେ ସହଯୋଗ ବୃଦ୍ଧି ପାଇଁ ମଧ୍ୟ ଆଲୋଚନା ହୋଇଛି। ମଧ୍ୟପ୍ରାଚ୍ୟ ଉତ୍ତେଜନା ଉପରେ ପ୍ରଧାନମନ୍ତ୍ରୀ ମୋଦୀ କହିଛନ୍ତି ଯେ, ଭାରତ ଏବଂ କାନାଡା ମଧ୍ୟରେ ଦ୍ୱିପାକ୍ଷିକ ସମ୍ପର୍କ ଏବେ 'ନୂତନ ଶକ୍ତି, ପାରସ୍ପରିକ ବିଶ୍ୱାସ ଏବଂ ସକାରାତ୍ମକତା'ରେ ପରିପୂର୍ଣ୍ଣ। କାନାଡା ୨.୬ ବିଲିୟନ ଡଲାରର ୟୁରାନିୟମ ଯୋଗାଣ ଚୁକ୍ତିନାମା ଅଧୀନରେ ଭାରତର ବେସାମରିକ ପରମାଣୁ ଶକ୍ତି କ୍ଷେତ୍ରକୁ ସମର୍ଥନ କରିବ। ମୋଦୀ କହିଛନ୍ତି, 'ବେସାମରିକ ପରମାଣୁ ଶକ୍ତି କ୍ଷେତ୍ରକୁ ଦୀର୍ଘକାଳୀନ ୟୁରାନିୟମ ଯୋଗାଣ ଉପରେ ଏକ ଐତିହାସିକ ଚୁକ୍ତି ହୋଇଛି। ଆମେ ଛୋଟ ମଡ୍ୟୁଲାର ଏବଂ ଉନ୍ନତ ରିଆକ୍ଟର ଉପରେ ମଧ୍ୟ ଏକାଠି କାମ କରିବୁ। ପ୍ରଧାନମନ୍ତ୍ରୀ କହିଛନ୍ତି, ପଶ୍ଚିମ ଏସିଆର ବର୍ତ୍ତମାନର ପରିସ୍ଥିତି ଆମ ପାଇଁ ଗମ୍ଭୀର ଚିନ୍ତାର ବିଷୟ। ଭାରତ ସମସ୍ତ ବିବାଦର ସମାଧାନ ପାଇଁ ଆଲୋଚନା ଏବଂ କୂଟନୀତିକୁ ସମର୍ଥନ କରେ ଏବଂ ଏହି ଅଞ୍ଚଳରେ ଭାରତୀୟ ନାଗରିକଙ୍କ ସୁରକ୍ଷା ପାଇଁ ପ୍ରତିବଦ୍ଧ। ଏକ ପ୍ରେସ୍ ବିବୃତ୍ତିରେ ମୋଦୀ କହିଛନ୍ତି ଯେ, ୨୦୩୦ ସୁଦ୍ଧା ଭାରତ ଏବଂ କାନାଡା ମଧ୍ୟରେ ଦ୍ୱିପାକ୍ଷିକ ବାଣିଜ୍ୟକୁ ୫୦ ବିଲିୟନ ଡଲାରକୁ ବୃଦ୍ଧି କରିବା ଲକ୍ଷ୍ୟ। ବର୍ତ୍ତମାନ ଏହା ପ୍ରାୟ ୧୩ ବିଲିୟନ ଡଲାରରେ ପହଞ୍ଚିଛି। ସେପଟେ ପିଏମ କାର୍ନି କହିଛନ୍ତି ଯେ, ଆତଙ୍କାବାଦ, ଉଗ୍ରବାଦ ଏବଂ କଟ୍ଟରପନ୍ଥୀ, କେବେଳ ଭାରତ କିମ୍ବା କାନାଡା ନୁହେଁ ସମଗ୍ର ବିଶ୍ୱ ପାଇଁ ଚିନ୍ତାର କାରଣ। ସମଗ୍ର ମାନବ ସମାଜ ପାଇଁ ଏହା ଏକ ବଡ଼ ଚ୍ୟାଲେଞ୍ଜ । ବିଶ୍ୱରେ ଶାନ୍ତି ଏବଂ ସ୍ଥିରତା ଲାଗି ଆମର (ଭାରତ ଏବଂ କାନାଡା) ସହଭାଗୀତା ଜରୁରୀ। ତେବେ ମୋଦୀ ଏବଂ କାର୍ନିଙ୍କ ମଧ୍ୟରେ ଏହି ଆଲୋଚନା ଦୁଇ ଦେଶ ମଧ୍ୟ ବାଣିଜ୍ୟ ବୃଦ୍ଧି ଦିଗରେ ବେଶ ଗୁରୁତ୍ୱପୂର୍ଣ୍ଣ। ଏହି ଚୁକ୍ତି ଉଭୟ ଭାରତ ଏବଂ କାନାଡାରେ ନିବେଶ ଓ ରୋଜଗାର ବୃଦ୍ଧି କରିବ ବୋଲି ପିଏମ ମୋଦୀ କହିଛନ୍ତି।



**କେନ୍ଦ୍ରୀୟ ଟ୍ରଷ୍ଟି ବୋର୍ଡ ବୈଠକ**

## ଇପିଏଫ୍ ଜମା ଉପରେ ୮.୨୫% ସୁଧ

**ନୂଆଦିଲ୍ଲୀ,୨।୩(ଏଜେନ୍ସି):** କର୍ମଚାରୀ ଭବିଷ୍ୟନିଧି ପାଣ୍ଠି ସଂଗଠନ (ଇପିଏଫ୍‌ଓ) ଆର୍ଥିକ ବର୍ଷ ୨୦୨୫-୨୬ ପାଇଁ ଏହାର ଇପିଏଫ୍ ଜମା ଉପରେ ୮.୨୫ ପ୍ରତିଶତ ସୁଧ ହାରକୁ ଅନୁମୋଦନ କରିଛି। ଏହା ଲଗାତାର ଦ୍ୱିତୀୟ ବର୍ଷ ଯେଉଁଠାରେ ସୁଧ ହାର ଅପରିବର୍ତ୍ତିତ ରହିଛି। ନୂଆଦିଲ୍ଲୀରେ ଅନୁଷ୍ଠିତ କେନ୍ଦ୍ରୀୟ ଟ୍ରଷ୍ଟି ବୋର୍ଡ (ସିବିଟି)ର ୨୩୯ତମ ବୈଠକରେ ଇପିଏଫ୍ ସୁଧ ହାର ସମ୍ପର୍କରେ ଏହି ନିଷ୍ପତ୍ତି ନିଆଯାଇଛି। ଏହି ବୈଠକ କେନ୍ଦ୍ର ଶ୍ରମ ଏବଂ ନିଯୁକ୍ତି ମନ୍ତ୍ରୀ ମନସୁଖ ମାଣ୍ଡଭିଆଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା।

ସିବିଟିର ନିଷ୍ପତ୍ତି ପରେ ପ୍ରସ୍ତାବିତ ସୁଧ ହାରକୁ ଚୂଡ଼ାନ୍ତ ଅନୁମୋଦନ ପାଇଁ ଅର୍ଥ ମନ୍ତ୍ରଣାଳୟ ନିକଟକୁ ପଠାଯିବ। ଆନୁଷ୍ଠାନିକ ଅନୁମୋଦନ ପରେ, ନୂତନ ସୁଧ ହାର ୭ କୋଟିରୁ ଅଧିକ ଇପିଏଫ୍‌ଓ ସଦସ୍ୟଙ୍କ ଆକାଉଣ୍ଟରେ ଜମା କରାଯିବ। ଇପିଏଫ୍ ଉପରେ ସୁଧ ପ୍ରତି ମାସରେ ଗଣନା କରାଯାଏ, କିନ୍ତୁ ଆର୍ଥିକ ବର୍ଷ ଶେଷରେ ଆକାଉଣ୍ଟରେ ଜମା କରାଯାଏ। ତଥାପି, ୩୬ ମାସ ପାଇଁ ନିଷ୍କ୍ରିୟ ରହୁଥିବା ଆକାଉଣ୍ଟଗୁଡ଼ିକ ଆଉ ସୁଧ ପାଇପାରିବେ ନାହିଁ ଏବଂ ସେଗୁଡିକୁ ନିଷ୍କ୍ରିୟ ବୋଲି ବିବେଚନା କରାଯିବ। ସିବିଟି ବୋର୍ଡ ଆୟକର-ସ୍ୱୀକୃତିପ୍ରାପ୍ତ ଟ୍ରଷ୍ଟଗୁଡ଼ିକ ସହିତ ଜଡିତ ଅନୁପାଳନ ସମସ୍ୟାର ସମାଧାନ ପାଇଁ ଏକକାଳୀନ କ୍ଷମା ଯୋଜନାକୁ ମଧ୍ୟ ଅନୁମୋଦନ କରିଛି। ଏହି ଯୋଜନା କର୍ମଚାରୀ ଭବିଷ୍ୟନିଧି ପାଣ୍ଠି ଏବଂ ବିବିଧ ବ୍ୟବସ୍ଥା ଆଇନ, ୧୯୫୨ର ବ୍ୟବସ୍ଥା ଅନୁଯାୟୀ କାର୍ଯ୍ୟକାରୀ କରାଯିବ। ପ୍ରସ୍ତାବିତ ଯୋଜନା ଅନୁଯାୟୀ, ପ୍ରତିଷ୍ଠାନ ଏବଂ ଟ୍ରଷ୍ଟଗୁଡ଼ିକୁ ୬ ମାସର ଏକ ନିର୍ଦ୍ଦିଷ୍ଟ ଅବଧି ମଧ୍ୟରେ ପାଳନ କରିବାର ସୁଯୋଗ ଦିଆଯିବ। ଯେଉଁ ପ୍ରତିଷ୍ଠାନଗୁଡ଼ିକ ବୈଧାନିକ ଯୋଜନା ସହିତ ସମାନ କିମ୍ବା ତା'ଠାରୁ ଭଲ ସୁବିଧା ପ୍ରଦାନ କରନ୍ତି ସେମାନେ କ୍ଷତିପୂରଣ, ସୁଧ ଏବଂ ଦଣ୍ଡ ଛାଡ଼ ପାଇଁ ଯୋଗ୍ୟ ହେବେ। ଏହି ପଦକ୍ଷେପ ଦ୍ୱାରା ୧୦୦ ରୁ ଅଧିକ ବିଚାରାଧୀନ ଆଇନଗତ ମାମଲାର ସମାଧାନ ହେବ, ଯାହା ହଜାର ହଜାର ଟ୍ରଷ୍ଟ ସଦସ୍ୟଙ୍କୁ ଲାଭ ଦେବ।





## ଆଜିର ରାଶିଫଳ

**ମେଷ:** ନୂଆ କାମ ପାଇଁ ଯୋଜନା ପ୍ରସ୍ତୁତ କରିବେ। ବିଦ୍ୟାର୍ଥୀ ପଢ଼ାରେ ଧ୍ୟାନ ଦେବେ। ଆୟ ଅନୁସାରେ ବ୍ୟୟ ହେବ। ପୈତୃକ ସମ୍ପତ୍ତିକୁ ନେଇ ବିବାଦ ଦେଖାଦେଇପାରେ।

**ବୃଷ:** ଦାମ୍ପତ୍ୟ ଜୀବନ ସୁଖମୟ ହେବ। ପିତାମାତାଙ୍କ ଆଶୀର୍ବାଦରୁ ନୂତନ ବ୍ୟବସାୟ ଆରମ୍ଭ କରିପାରନ୍ତି। ଦୂରସ୍ଥାନକୁ ଯାତ୍ରା ଯୋଗ ରହିଛି। ମହିଳାମାନେ ସାମାଜିକ କାର୍ଯ୍ୟକ୍ରମରେ ସାମିଲ ରହିବେ।

**ମିଥୁନ:** ଦୀର୍ଘ ଦିନର ଆଶା ପୂରଣ ହେବ। ପ୍ରଭାବଶାଳୀ ବ୍ୟକ୍ତିଙ୍କ ସାହାଯ୍ୟ ମିଳିପାରେ। ବିଦ୍ୟାର୍ଥୀ କ୍ୟାରିୟରକୁ ନେଇ ଚିନ୍ତିତ ରହିପାରନ୍ତି। କ୍ରୋଧ ଉପରେ ନିୟନ୍ତ୍ରଣ ରଖନ୍ତୁ।

**କର୍କଟ:** ସଠିକ୍ ସମୟରେ ନିଷ୍ପତ୍ତି ନେବା ଜରୁରି। ଦୂରସ୍ଥାନକୁ ଯାତ୍ରା କରିପାରନ୍ତି। ଆତ୍ମବିଶ୍ୱାସ ବୃଦ୍ଧି ପାଇବ। ଯାନବାହନ କିଣି ପାରନ୍ତି। ପ୍ରେମିକ ପ୍ରେମିକାଙ୍କ ପାଇଁ ଦିନଟି ଭଲ।

**ସିଂହ:** ଅଟକି ରହିଥିବା କାମ ପୂରା ହେବ। ନିଜ ଲୋକ ଶତ୍ରୁ ସାଜି ପାରନ୍ତି। ପିଲାମାନେ ଖେଳକୁଦରେ ସମୟ ଅତିବାହିତ କରିବେ। ଅବିବାହିତଙ୍କ ପାଇଁ ବିବାହ ପ୍ରସ୍ତାବ ଆସିପାରେ।

**କନ୍ୟା:** ଯୋଜନା ମୁତାବକ କାମ କରନ୍ତୁ। ବୁଝି ବିଚାରି ଠିକ୍ ନିଷ୍ପତ୍ତି ନିଅନ୍ତୁ। ବନ୍ଧୁଙ୍କୁ ସାହାଯ୍ୟ କରିବେ। ଉଦ୍ଧାର ଦେଇଥିବା ଟଙ୍କା ଫେରି ପାଇବେ। ପରଚର୍ଚ୍ଚାଠାରୁ ଦୂରେଇ ରୁହନ୍ତୁ।

**ତୁଳା:** ଆପଣଙ୍କ ପରିଶ୍ରମର ଫଳ ମିଳିବ। ଦୀର୍ଘ ଦିନର ଆଶା ପୂରଣ ହେବ। ପରିବାର ସଦସ୍ୟଙ୍କ ସହିତ ସମୟ ଅତିବାହିତ ହେବ। ଅତ୍ୟଧିକ କାମକୁ ନେଇ ଚିନ୍ତା ବଢ଼ିପାରେ।

**ବିଛା:** ସାମାଜିକ କାର୍ଯ୍ୟକ୍ରମରେ ସାମିଲ ରହିବେ। ଲକ୍ଷ୍ୟ ପୂରା ହେବ। କଣ୍ଠଶିଳ୍ପୀଙ୍କ ପାଇଁ ଆଜି ଦିନଟି ବହୁତ ଭଲ। ପୁରୁଣା ନିବେଶରୁ ଲାଭ ମିଳିବ। ପତିପତ୍ନୀଙ୍କ ମଧ୍ୟରେ ଭୁଲ ବୁଝାମଣା ହୋଇପାରେ।

**ଧନୁ:** ଆଜିର ଦିନରେ ବ୍ୟସ୍ତ ରହିପାରନ୍ତି। ଅଟକି ଥିବା ଧନ ଫେରି ପାଇବେ। ବିଦ୍ୟାର୍ଥୀ ଉଚ୍ଚଶିକ୍ଷା ପାଇଁ ବିଦେଶ ଯାତ୍ରା କରିପାରନ୍ତି। ଅତ୍ୟଧିକ କାମ ଚାପ ଚିନ୍ତା ବଢ଼ାଇପାରେ।

**ମକର:** ଦିନଟି ସୁଖପ୍ରଦାନ କରିବ। ଭାବିଚିନ୍ତି ନିଷ୍ପତ୍ତି ନିଅନ୍ତୁ। ଆୟ ଅନୁସାରେ ଅଧିକ ଖର୍ଚ୍ଚ ହେବ। ଲୋକସମ୍ପର୍କ ବୃଦ୍ଧି ପାଇବ। ଅଫିସ୍ କାମ ପାଇଁ ଦୂରସ୍ଥାନକୁ ଯାତ୍ରା କରିପାରନ୍ତି।

**କୁମ୍ଭ:** ବର୍ତ୍ତମାନ ସମୟ ଅନୁକୂଳ। ଅଟକି ଥିବା କାମ ପୂରା ହେବ। ଅଚାନକ ଖୁସି ଖବର ମିଳିପାରେ। ପିଲାମାନେ ଖେଳକୁଦରେ ସମୟ ଅତିବାହିତ କରିବେ।

**ମୀନ:** ସଫଳତା ପାଇବା ପାଇଁ କଠିନ ପରିଶ୍ରମ କରିବାକୁ ପଡ଼ିପାରେ। ଘର ପାଇଁ ମୂଲ୍ୟବାନ ସାମଗ୍ରୀ କିଣିବେ। ଅଯଥା ଖର୍ଚ୍ଚ କରି ପାରନ୍ତି। କ୍ରୋଧ ଉପରେ ନିୟନ୍ତ୍ରଣ ରଖନ୍ତୁ।

## ଆଜିର ଇତିହାସ

- ୧୯୭୪- ତୁର୍କୀ ଏୟାରଲାଇନ୍ସର ଡିସି ୧୦ ବିମାନ ଦୁର୍ଘଟଣାଗ୍ରସ୍ତ ହେବାରୁ ୩୪୫ ଲୋକଙ୍କ ମୃତ୍ୟୁ।
- ୨୦୦୯ - ପାକିସ୍ତାନର ଲାହୋରରେ ମ୍ୟାଚ୍ ଖେଳିବାକୁ ଯାଇଥିବା ଶ୍ରୀଲଙ୍କା କ୍ରିକେଟ୍ ଟିମ୍ ଉପରେ ଆତଙ୍କବାଦୀ ଆକ୍ରମଣ।
- ୨୦୧୩- ମିଳିତ ଜାତିସଂଘ ମାର୍ଚ୍ଚ ୩ ତାରିଖକୁ ବିଶ୍ୱ ବନ୍ୟପ୍ରାଣୀ ଦିବସ ଭାବେ ପାଳନ କରିବା ପାଇଁ ଘୋଷଣା କଲା।

# ବଦଳିବନି 'ଭୂତ ବଙ୍ଗଲା'ର ରିଲିଜ୍ ଡେଟ୍



ବଲିଉଡ୍ ଅଭିନେତା ଅକ୍ଷୟ କୁମାର ଦୀର୍ଘ ୧୪ ବର୍ଷ ପରେ 'ଭୂତବଙ୍ଗଲା' ଫିଲ୍ମରେ ନିର୍ଦ୍ଦେଶକ ପ୍ରିୟଦର୍ଶନଙ୍କ ସହ କାମ କରୁଛନ୍ତି। ଅତୀତରେ ଏହି ଯୋଡ଼ି 'ହେରାଫେରି', 'ହଙ୍ଗାମା', 'ଭୁଲଭୁଲୈୟା' ଭଳି ହିଟ୍ ଫିଲ୍ମ ଦେଇଥିଲେ। ବାଲାଜୀ ମୋସନ୍ ପିକଚର୍ସ 'ଭୂତବଙ୍ଗଲା' ଫିଲ୍ମର ନିର୍ମାଣ କରୁଛି। ଇତିମଧ୍ୟରେ ଏହି ଫିଲ୍ମର ପୋଷ୍ଟର୍ ରିଲିଜ୍ ହୋଇଛି। ପୋଷ୍ଟର୍‌ରେ ଅକ୍ଷୟଙ୍କ ଲୁକ୍ ଦର୍ଶକଙ୍କୁ ଖୁବ୍ ପସନ୍ଦ ଆସିଛି। ଏହା ସହ ଫିଲ୍ମର ପ୍ରଥମ ଗୀତ 'ରାମ ଜୀ ଆକେ ଭଲା କରେଙ୍ଗେ' ଗୀତ ବି ରିଲିଜ୍ ହୋଇଛି। ଏହି ଗୀତରେ ଦର୍ଶକେ ଅକ୍ଷୟଙ୍କ ହାଇ ଏନର୍ଜି ସହ ଫିଲ୍ମର ମଜାଦାର ଦୁନିଆର ଏକ ଝଲକ ଦେଖିବାକୁ ପାଇଛନ୍ତି। ତେବେ ମାର୍ଚ୍ଚ ୧୯ ରେ ରକିଂ ଷ୍ଟାର୍ ଯଶ୍‌ଙ୍କ ଫିଲ୍ମ 'ଟକ୍ସିକ୍' ଓ ରଣବୀର ସିଂହଙ୍କ 'ଧୁରନ୍ଧର ୨' ପରଦାକୁ ଆସୁଥିବାରୁ 'ଭୂତବଙ୍ଗ୍ଲା'ର ରିଲିଜ୍‌କୁ ଘୁଞ୍ଚାଇ ଦିଆଯାଇପାରେ ବୋଲି ଚର୍ଚ୍ଚା ହେଉଥିଲା। ଏବେ ପୂର୍ବ ନିର୍ଦ୍ଧାରିତ ଦିନରେ ହିଁ ଏହି ଫିଲ୍ମକୁ ରିଲିଜ୍ କରିବାକୁ ଏକତା କପୁର ନିଷ୍ପତ୍ତି ନେଇଥିବା ଜଣାପଡ଼ିଛି। ନିକଟରେ ଏକତା ଏନେଇ ଗଣମାଧ୍ୟମରେ ତାଙ୍କର ପ୍ରତିକ୍ରିୟା ରଖିଛନ୍ତି। ଏକତାଙ୍କ କହିବା ଅନୁଯାୟୀ, 'ଭୂତବଙ୍ଗଲା' ରିଲିଜ୍ ହେବା ବେଳକୁ ଉଭୟ ଆକ୍ସନ୍ ଫିଲ୍ମ ଭଲ ବିଜିନେସ୍ କରି ସାରିଥିବ। ଆମ ଫିଲ୍ମ ଯୋଉ ସମୟରେ ରିଲିଜ୍ ହେବ ସେହି ସମୟରେ ପିଲାମାନଙ୍କର ପରୀକ୍ଷା ସରି ଛୁଟି ହୋଇଯାଇଥିବ। ଲୋକେ ପରିବାର ସହ ଥିଏଟର୍‌କୁ ଯାଇ ସିନେମା ଦେଖିପାରିବେ।' ଏଥିରେ ଅକ୍ଷୟଙ୍କ ସହ ୱାମିକା ଗବ୍ବି, ପରେଶ ରାୱେଲ, ତବୁ, ରାଜପାଲ ଯାଦବ, ମିଥିଲା ପାଲକର ପ୍ରମୁଖ ଦେଖାଯିବେ। ଏହା ଆସନ୍ତା ୧୦ ଏପ୍ରିଲ୍‌ରେ ପରଦାକୁ ଆସିବ।

# ବିଶ୍ୱ ବନ୍ୟପ୍ରାଣୀ ଦିବସ



ପ୍ରକୃତି ସହ କେବଳ ମନୁଷ୍ୟର ନୁହେଁ ବରଂ ଗଛଲତା, ଜୀବଜନ୍ତୁ ସମସ୍ତଙ୍କର ନିବିଡ଼ ସମ୍ପର୍କ ରହିଛି । ପ୍ରକୃତିର ସନ୍ତୁଳନ ରକ୍ଷା ନିମନ୍ତେ ସମସ୍ତଙ୍କର ପ୍ରମୁଖ ଭୂମିକା ରହିଛି। ତେଣୁ ବନ୍ୟପ୍ରାଣୀଙ୍କ ସଂରକ୍ଷଣ ତଥା ସେମାନଙ୍କୁ ସୁରକ୍ଷା ପ୍ରଦାନ କରିବା ନିମନ୍ତେ ପ୍ରତିବର୍ଷ ମାର୍ଚ୍ଚ ୩ ତାରିଖକୁ ବିଶ୍ୱ ବନ୍ୟପ୍ରାଣୀ ଦିବସ ଭାବେ ପାଳନ କରାଯାଉଛି । ଜଙ୍ଗଲ କ୍ଷୟ ହେତୁ ବନ୍ୟପ୍ରାଣୀମାନେ ଖାଦ୍ୟ ଅନ୍ୱେଷଣରେ ଏବେ ସହରମୁହାଁ। ଫଳରେ ସେମାନେ ମଣିଷର ଆକ୍ରୋଶର ଶିକାର ହେଉଛନ୍ତି। ଏହାର ଫଳସ୍ୱରୂପ ପୃଥିବୀପୃଷ୍ଠରେ କ୍ରମଶଃ ବନ୍ୟପ୍ରାଣୀଙ୍କ ସଂଖ୍ୟା ଲୋପ ପାଇବାକୁ ବସିଲାଣି। କେତେକ ବନ୍ୟପ୍ରାଣୀ ଆଜି ଇତିହାସ ମଧ୍ୟ ପାଲଟିଗଲେଣି। ଏଣୁ ବନ୍ୟପ୍ରାଣୀଙ୍କ ସୁରକ୍ଷା ନିମନ୍ତେ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ବନ୍ୟପ୍ରାଣୀ ଦିବସ ପାଳନ କରାଯାଉଛି। ଏହି ଦିବସ ପାଳନ ଅବସରରେ ଲୋକଙ୍କୁ ବନ୍ୟଜନ୍ତୁଙ୍କୁ ଶିକାର ନ କରି ସେମାନଙ୍କ ସୁରକ୍ଷା ଦିଗରେ ଦୃଷ୍ଟି ଦେବା ପାଇଁ ପ୍ରବର୍ତ୍ତା ଯାଇଥାଏ। ବନ୍ୟ ଜୀବମାନଙ୍କର ଶରୀରର ବିଭିନ୍ନ ଅଂଶକୁ ବେଆଇନ ଭାବେ ଚାଲାଣ କରିବା ଏବେ ବିଶ୍ୱର ଅନ୍ୟତମ ଲାଭଦାୟକ ବ୍ୟାପାର ପାଲଟିଛି। ସେ ହାତୀଦାନ୍ତ ହେଉ ବା ଗଣ୍ଡା ଶିଙ୍ଗ କିମ୍ବା ବାଘ ଶରୀରର ବିଭିନ୍ନ ଅଂଶ। ଚୋରା ଚାଲାଣକାରୀମାନେ ଏହାକୁ ବିକ୍ରି କରି ପ୍ରଚୁର ଅର୍ଥ ରୋଜଗାର କରୁଛନ୍ତି। ବିଶେଷ କରି ଏସିଆ ଏବଂ ଆଫ୍ରିକାରେ ଏହି ବ୍ୟବସାୟର ବଜାର ଖୁବ୍ ବ୍ୟାପକ। ଏପରିସ୍ଥଳେ ବିପଦରେ ଥିବା ବନ୍ୟପ୍ରାଣୀଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ୨୦ ଡିସେମ୍ବର, ୨୦୧୩ରେ ମିଳିତ ଜାତିସଂଘ ସାଧାରଣ ସଭା ଏହାର ୬୮ ତମ ଅଧିବେଶନରେ ମାର୍ଚ୍ଚ ୩ ତାରିଖକୁ ବିଶ୍ୱ ବନ୍ୟପ୍ରାଣୀ ଦିବସ ରୂପରେ ପାଳନ କରିବା ପାଇଁ ଘୋଷଣା କରିଥିଲା। ପ୍ରଥମ ଥର ପାଇଁ ବିଶ୍ୱ ବନ୍ୟପ୍ରାଣୀ ଦିବସ ୨୦୧୪ରେ ପାଳନ କରାଯାଇଥିଲା। ସେବେଠାରୁ ମାର୍ଚ୍ଚ୩କୁ ବିଶ୍ୱ ବନ୍ୟପ୍ରାଣୀ ଦିବସ ଭାବେ ପାଳନ କରାଯାଉଛି। ଏହିଦିନ ବିଲୁପ୍ତ ହୋଇ ଆସୁଥିବା ବନ୍ୟପ୍ରାଣୀଙ୍କ ସମ୍ପର୍କରେ ସଚେତନତା ସୃଷ୍ଟି କରାଯିବା ସହିତ ବନ୍ୟପ୍ରାଣୀ ଅପରାଧ ବିରୋଧରେ ଲଢ଼ିବାକୁ ଲୋକମାନଙ୍କୁ ପ୍ରେରିତ କରାଯାଏ। ଏହି ଅବସରରେ ଜାତିସଂଘ, ବିଭିନ୍ନ ସଂଗଠନ ପକ୍ଷରୁ କାର୍ଯ୍ୟକ୍ରମମାନ ଆୟୋଜନ କରାଯାଇଥାଏ। ବର୍ତ୍ତମାନ ପରିସ୍ଥିତିରେ ବନ୍ୟପ୍ରାଣୀଙ୍କ ସୁରକ୍ଷା ଆମ ସମସ୍ତଙ୍କ ପାଇଁ ଏକ ବଡ଼ ଆହ୍ୱାନ। ଏ କ୍ଷେତ୍ରରେ ବନ ବିଭାଗର ମଧ୍ୟ ଗୁରୁ ଦାୟିତ୍ୱ ରହିଛି। ଯେପରି ବନ୍ୟପ୍ରାଣୀ ସୁରକ୍ଷିତ ରହିପାରିବେ ସେକ୍ଷେତ୍ରରେ ସମସ୍ତେ ସଂକଳ୍ପବଦ୍ଧ ହେବା ଦରକାର। ଏହିଦିନ ବିଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମରେ ବନ୍ୟଜନ୍ତୁଙ୍କ ଆବାସସ୍ଥଳୀ ସୁରକ୍ଷା ଏବଂ ଶିକାର ରୋକିବା ପାଇଁ ବାର୍ତ୍ତା ଦିଆଯାଏ।

# ୨୦୦ ବର୍ଷ ହେଲାଣି ଖେଳିନାହାନ୍ତି ହୋଲି



ହୋଲିକୁ ନେଇ ସାରା ଦେଶ ଉତ୍ସବମୁଖର ଥିବାବେଳେ ଝାଡ଼ଖଣ୍ଡ ବୋକାରୋ ଜିଲ୍ଲା ଦୁର୍ଗାପୁର ଗାଁରେ ଏକ ନିଆରା ପରମ୍ପରା ଦେଖିବାକୁ ମିଳିଥାଏ। ଏହି ଗାଁରେ ୧୭୦୦ ଲୋକ ବାସ କରୁଥିଲେ ବି ହୋଲି ଦିନ ଏଠାରେ ଖୁସିର ମାହୋଲ ନଥାଏ। ଗାଁ ଲୋକେ ନା ପରସ୍ପରକୁ ରଙ୍ଗ ଲଗାନ୍ତି ନା କାହାରି ଘରେ ସୁସ୍ୱାଦୁ ବ୍ୟଞ୍ଜନ ପ୍ରସ୍ତୁତ କରାଯାଏ। ସ୍ଥାନୀୟ ମାନ୍ୟତା ଅନୁସାରେ, ଏଠାରେ ଯଦି କେହି ହୋଲି ଖେଳନ୍ତି ତେବେ ଗାଁକୁ ଅନେକ ବିପତ୍ତି ମାଡ଼ି ଆସେ। ଏନେଇ ଗାଁର ପୁରୁଖା ଲୋକେ କୁହନ୍ତି, ଦୁଇ ଶହ ବର୍ଷ ପୂର୍ବେ ଦୁର୍ଗାପୁରର ରାଜା ଦୁର୍ଗାପ୍ରସାଦ ରାମଗଡ଼ର ରାଜା ଦଲେଲ ସିଂହଙ୍କ ସେନାପତିଙ୍କୁ ବନ୍ଦୀ ବନାଇ ଦେଇଥିଲେ। ସେନାପତି ଜଣଙ୍କ ରାଣୀଙ୍କ ପାଇଁ ଶାଢ଼ି କିଣି ପଶ୍ଚିମବଙ୍ଗରୁ ଫେରୁଥିଲେ। ରାଜା ସେନାପତିଙ୍କୁ ସନ୍ଦେହରେ ବନ୍ଦୀ ବନାଇବା ସହ ରାଣୀଙ୍କ ଶାଢ଼ିକୁ ଜଣେ ନର୍ତ୍ତକୀଙ୍କୁ ଦେଇଥିଲେ। ଏଥିରେ ରାମଗଡ଼ର ରାଜା ରାଗିଯାଇ ଦୁର୍ଗାପୁରର ରାଜା ଦୁର୍ଗାପ୍ରସାଦଙ୍କୁ ହତ୍ୟା କରିଥିଲେ। ଏହି ଲଢ଼େଇରେ ଅନେକ ନିରୀହ ଲୋକଙ୍କ ପ୍ରାଣ ମଧ୍ୟ ଯାଇଥିଲା। ଏହି ଘଟଣାର ଶୋକରେ ଗାଁରେ ହୋଲି ପାଳନ ବନ୍ଦ ହୋଇଥିଲା। ସେହିଭଳି ବାଦଲୀ ଦେବୀ ନାମ୍ନୀ ଗାଁର ଜଣେ ବୃଦ୍ଧାଙ୍କ କହିବା ଅନୁଯାୟୀ, ଗ୍ରାମ ଦେବତା ବଡ଼ରାବ ପହାଡ଼ୀ ବାବାଙ୍କୁ ଅବିର, ଧୂଳି ଆଦି ପସନ୍ଦ ନୁହେଁ। ଏହି କାରଣରୁ ଏହାର ବିପରୀତରେ ଯାଇ ଗ୍ରାମବାସୀ ହୋଲି ପାଳନ କରିବାକୁ ଡରନ୍ତି।

# ତରଭୁଜର ଉନ୍ନତ କିସମ



ବର୍ତ୍ତମାନର ଶୁଷ୍କ ଓ ଉଷ୍ମ ଜଳବାୟୁ ତରଭୁଜଚାଷ ପାଇଁ ଉପଯୁକ୍ତ ସମୟ। ଏହି ଚାଷ ପାଇଁ ଉନ୍ନତ କିସମ ହେଉଛି, ସୁଗାର ବେବି, ଅର୍କ ମାଣିକ, ଲାଲ ସୋନା ଇତ୍ୟାଦି। ଏହାର ୧୦ ଗ୍ରାମ୍ ପ୍ୟାକେଟ୍‌କୁ ୧୫୦ ଟଙ୍କା। ଶଙ୍କର କିସମ ଯଥା - ମାଧୁରୀ, ମାୟା, ସୁଇଟି, ରୁବି, ବ୍ଲାକ୍ ମ୍ୟାଜିକ୍ ଓ ସୁଗାର ପ୍ୟାକ୍ ଆଦି ଲଗାଇ ପାରିବେ। ଏହି ଶଙ୍କର କିସମ ୫୦ ଗ୍ରାମ୍‌କୁ ୨୦୦୦ ଟଙ୍କା ହୋଇଥାଏ। ଏକ ଏକର ପାଇଁ ୩୫୦ରୁ ୫୦୦ ଗ୍ରାମ ବିହନ ଆବଶ୍ୟକ ହୋଇଥାଏ। ବିହନ ଲଗାଇବା ପୂର୍ବରୁ ପ୍ରତି କିଗ୍ରା ବିହନକୁ ୧ ଗ୍ରାମ କାର୍ବେଣ୍ଡାଜିମ୍‌ରେ ବିଶୋଧନ କରନ୍ତୁ।




# ବତକ ପାଳନ ସହ ମାଛ ଚାଷ



ବତକ ସହିତ ମାଛ ପାଳନ ଏକ ଲାଭଜନକ ସମନ୍ୱିତ ଚାଷ ପ୍ରଣାଳୀ। ବତକ ପୋକଜୋକ, ଜିଆ, ଗେଣ୍ଡା, ଛୋଟ ଛୋଟ ମାଛ ପ୍ରଭୃତି ସଂଗ୍ରହ କରି ସେମାନଙ୍କ ଖାଦ୍ୟ ଚାହିଦା ପୂରଣ କରିଥା'ନ୍ତି। ଏହି ପଦ୍ଧତିରେ ଚାଷ ପାଇଁ ପୋଖରୀ କୂଳରେ ବତକ ରହିବା ପାଇଁ ସ୍ୱତନ୍ତ୍ର ଘର ତିଆରି କରାଯାଏ। ଏହି ପଦ୍ଧତିରେ ରୋଗ ନିୟନ୍ତ୍ରଣ ପାଇଁ ବତକର ସ୍ୱାସ୍ଥ୍ୟ ଏବଂ ପୋଖରୀ ପାଣିର ସ୍ୱଚ୍ଛତାକୁ ଧ୍ୟାନ ଦିଆଯାଏ। ବତକ ପାଳନ ସହିତ ମାଛ ଚାଷ କରିଲେ କମ୍ ଖର୍ଚ୍ଚ ଓ କମ୍ ସ୍ଥାନରେ ମାଛ, ମାଂସ ଓ ଅଣ୍ଡା ଉତ୍ପାଦନ ସମ୍ଭବ ହୋଇଥାଏ।

ଅଣ୍ଡା ଉତ୍ପାଦନ ଓ ମାଂସ ପାଇଁ ବତକ ପାଳନ କରାଯାଏ। ଅଣ୍ଡା ଉତ୍ପାଦନ ପାଇଁ ଖାକି କ୍ୟାମ୍ପବେଲ୍ ଏବଂ ଇଣ୍ଡିଆନ୍ ରନର୍ ଓ ମାଂସ ପାଇଁ ଧଳା ପେକିନ୍ ବତକ ପାଳନ କରାଯାଏ। ଖାକି କ୍ୟାମ୍ପବେଲ୍ ପ୍ରଜାତିର ବତକ ୨୬୦ରୁ ୨୮୦ ଗୋଟି ଅଣ୍ଡା ଦେଇଥାଏ। ଧଳା ପେକିନ୍ ବତକ ୮ ସପ୍ତାହରେ ପ୍ରାୟ ୩ କେଜି ଓଜନ ବଢ଼ିଥାଏ। ବତକ ପାଳନ ପାଇଁ ଅଧା ଆବଦ୍ଧ ଓ ଅଧା ଖୋଲା ଘର ଦରକାର ହୋଇଥାଏ। ମାଛ ଚାଷ ପାଇଁ ପୋଖରୀରେ ୪ ସେମିରୁ ଊର୍ଦ୍ଧ୍ୱ ଏବଂ ୫ଗ୍ରାମ ଓଜନବିଶିଷ୍ଟ ମାଛ ଯାଆଁଳ ଛାଡ଼ିବା ଆବଶ୍ୟକ। ବତକର ମଳ ପୋଖରୀରେ ପ୍ଲାଙ୍କଟନ୍ ବୃଦ୍ଧି କରେ। ଏହା ମାଛ ପାଇଁ ଖାଦ୍ୟ ଏବଂ ସାର ଭାବେ କାର୍ଯ୍ୟ କରିଥାଏ। ଫଳରେ ଅତିରିକ୍ତ ଖାଦ୍ୟ ଖର୍ଚ୍ଚ କମିଯାଏ। ଏକ ଏକର ପୋଖରୀ ପାଇଁ ପ୍ରାୟ ୮୦ରୁ ୧୦୦ ବତକ ଆବଶ୍ୟକ ହୁଏ। ବତକ ପହଁରିବା ଦ୍ୱାରା ପୋଖରୀ ପାଣିରେ ଅମ୍ଳଜାନ ପରିମାଣ ବଢ଼ିଥାଏ। ବତକ ଛୁଆକୁ ତିନି ସପ୍ତାହ ପର୍ଯ୍ୟନ୍ତ ପୁରୁଣା ଖବରକାଗଜ ବହଳ ଆକାରରେ ବିଛାଇ ତାହା ଉପରେ ବ୍ରୁଡିଂ କରାଯାଏ। ସୁଜିଦାନା ପରି ଷ୍ଟାର୍ଟର୍ ଖାଦ୍ୟ ଦିଆଯାଏ। ବିଜୁଳି ଆଲୁଅ ସାହାଯ୍ୟରେ ଉତ୍ତାପ ଦେଇ ବତକ ପାଳନ କରାଯାଏ। ଏହି ସମନ୍ୱିତ ମାଛଚାଷରୁ ବିନା ଖାଦ୍ୟ ଓ ଖତସାର ପ୍ରୟୋଗ କରି ଏକର ପିଛା ବର୍ଷକୁ ୧୬ କ୍ୱିଣ୍ଟାଲ ମାଛ ଉତ୍ପାଦନ କରାଯାଇପାରିବ।

# ବର୍ଜ୍ୟବସ୍ତୁରୁ କୁଣ୍ଡ



ଅଧୁନା ଅଧିକାଂଶ ଲୋକ ନିଜ ଘର ଚାରିପଟେ କିମ୍ବା ଛାତ ଉପରେ କିଛି ନା କିଛି ଗଛ ଲଗାଉଛନ୍ତି। ଏଥିପାଇଁ ଡିଜାଇନ୍ ଓ ଆକର୍ଷଣୀୟ କୁଣ୍ଡ, ଗ୍ରୋବ୍ୟାଗ୍ ଆଦି ବ୍ୟବହାର କରାଯାଏ। ହେଲେ କମ୍ ଖର୍ଚ୍ଚରେ ଘରର ବର୍ଜ୍ୟବସ୍ତୁ ଯଥା ପୁରୁଣା ବୋତଲ, ଟାୟାର, ନଡ଼ିଆ ଖୋଳ, ମାଠିଆକୁ ନୂଆ ରୂପ ଦେଇ କୁଣ୍ଡ ପ୍ରସ୍ତୁତ କରାଯାଇପାରିବ।

ପ୍ଲାଷ୍ଟିକ୍ ବୋତଲକୁ ବର୍ଜ୍ୟଭାବି ଅନେକ ଏହାକୁ ଫିଙ୍ଗିଦିଅନ୍ତି। ହେଲେ ୨.୫ ଲିଟରର ପ୍ଲାଷ୍ଟିକ୍ ବୋତଲରେ ଛୋଟ କଣା କରି ଏଥିରେ ହ୍ୟାଙ୍ଗିଙ୍ଗ କୁଣ୍ଡ ବନାଯାଇପାରିବ। ଏଥିପାଇଁ ବୋତଲ ମଝିରେ କାଟି ଛୋଟ ଫୁଲଗଛରେ ବଗିଚାକୁ ସଜାଯାଏ। ଏଥିରେ ଏକ୍ରିଲିକ୍ ରଙ୍ଗ ଦେଇ ଡିଜାଇନ୍ କରି ପାରିବେ। ସେହିପରି ଶୁଖିଲା ନଡ଼ିଆ ଖୋଳକୁ ପଲିସ୍ କରି ରଙ୍ଗ ଦେଇ ବାଲକୋନିରେ ଓହଳାଇ ଗଛ ଲଗାଇପାରିବେ।

ପୁରୁଣା ଡବା କିମ୍ବା ବାଲ୍‌ଟିକୁ ରଙ୍ଗୀନ କପଡ଼ା କିମ୍ବା ଆକର୍ଷଣୀୟ ରସିରେ ସଜାଇ ଏଥିରେ ବିଭିନ୍ନ ଗଛ ଲଗାଇପାରିବେ। ସୋଲ ପେଟିରେ ଗଛ ଲଗାଯାଏ। ସିମେଣ୍ଟ ଟାଙ୍କିରେ ପାଣି ରଖି ପଦ୍ମଫୁଲ, କଇଁ, ଜଳଜାତୀୟଫୁଲ ଫୁଟାଇ ପାରିବେ।

# ଏ ମାସର ଚାଷ

**ବର୍ତ୍ତମାନ ସମୟରେ ତାପମାତ୍ରା କ୍ରମାଗତ ବୃଦ୍ଧି ପାଉଛି। ଏହି ସମୟଟି ଖରାଟିଆ ପନିପରିବା ଚାଷ ପାଇଁ ଉପଯୁକ୍ତ ସମୟ। ଏବେଠୁ ଚାଷୀଭାଇମାନେ କିଛି ପନି ପରିବା ଚାଷ କଲେ ଏପ୍ରିଲ ମାସରେ ବଜାରରେ ଲାଭ ପାଇ ପାରିବେ।**


ବର୍ତ୍ତମାନ ସିମ୍‌ଲା ଲଙ୍କା, ପୋଟଳ ଆଦି ଲଗାଇବାର ଉପଯୁକ୍ତ ସମୟ। ଚାଷ ପୂର୍ବରୁ ପ୍ରଥମେ ଜମିକୁ ୨ରୁ ୩ଥର ହଳ କରାଯାଏ। ଏହାଦ୍ୱାରା ରୋଗ ପୋକ ଲାଗିବା ଆଶଙ୍କା ହ୍ରାସ ପାଏ। ଏକର ପ୍ରତି ୮ରୁ ୧୦ ଟନ୍ ଖତ କିମ୍ବା ଜିଆଖତ ପ୍ରୟୋଗ କରିପାରିବେ। ମାଟିକୁ ସମତଳ କରି ବିହନ ଲଗାଇ ପାରିବେ। ପାଣିକଖାରୁ ଲଗାଉଥିଲେ ବାଉଁଶରୁ ରଞ୍ଚା ବନାନ୍ତୁ। ସେହିପରି ୨ ସେମି ଗଭୀରରେ କାକୁଡ଼ି ମଞ୍ଜି ଲଗାଇ ପାରିବେ। ବୁନ୍ଦାଜଳସିଞ୍ଚନ ଏବଂ ମଲଚିଂ ବ୍ୟବହାର କରିଲେ ମାଟିର ଆର୍ଦ୍ରତା ଠିକ୍ ରୁହେ। ଗଛ ବୃଦ୍ଧି ହୋଇଥାଏ। ସେହିପରି ସିମ୍‌ଲାଲଙ୍କା ମଞ୍ଜିକୁ ଉପଯୁକ୍ତ ଗଭୀରରେ ଲଗାଇ ଜଳସିଞ୍ଚନ କରିବା ଆବଶ୍ୟକ। ମକା ଓ ଚିନାବାଦମ ଫସଲରେ ମାଟିର ବତରକୁ ଦେଖି ଜଳସେଚନ କରନ୍ତୁ।



# କୃଷି ପାଣିପାଗ

## ଏ ସପ୍ତାହ ପାଇଁ କେତେକ ପରାମର୍ଶ

- ବର୍ତ୍ତମାନ ଝୁଡ଼ଙ୍ଗ, ଗୁଆଁର, କଖାରୁ, କାକୁଡ଼ି ଏବଂ ତରଭୁଜ ଲଗାଇବାର ଉପଯୁକ୍ତ ସମୟ।
- କାଜୁବାଦାମ ଫସଲରେ ଚେର ଏବଂ କାଣ୍ଡ ବିନ୍ଧା ପୋକର ନିୟନ୍ତ୍ରଣ ପାଇଁ କ୍ଷତିଗ୍ରସ୍ତ କିମ୍ବା ସୁଡ଼ଙ୍ଗ ହୋଇଥିବା ଗଛ ଛାଲକୁ ହଟାଇ ଦିଅନ୍ତୁ।
- ଆଳୁ ଲଗାଇବାର ୭୫ରୁ ୮୫ ଦିନ ପରେ ଏହାକୁ ଅମଳ କରି ଦିଅନ୍ତୁ। ଧ୍ୟାନ ଦେବେ ଜମିରେ ଅଧିକାଂଶ ପତ୍ରଗୁଡ଼ିକ ହଳଦିଆରୁ ବାଦାମି ରଙ୍ଗ



ହୋଇଯାଇଥିବ। ଅମଳ କରିବାର ୧୫ ଦିନ ପୂର୍ବରୁ ଜଳସେଚନକୁ ବନ୍ଦ କରିଦିଅନ୍ତୁ। ସମସ୍ତ ଅମଳ କରାଯାଇଥିବା ଆଳୁକୁ ଛାଇରେ ୨୪ ଘଣ୍ଟା ପାଇଁ ରଖନ୍ତୁ। ସମସ୍ତ କ୍ଷତିଗ୍ରସ୍ତ ଏବଂ ପଚା ଆଳୁକୁ ଅଲଗା କରିଦିଅନ୍ତୁ।
- ବର୍ତ୍ତମାନ ଜଳବାୟୁରେ ପିଜୁଳି ଓ ଆମ୍ବରେ ଦହିଆ ପୋକ ଲାଗିବାର ସମ୍ଭାବନା ଅଛି। ଏହାର ନିୟନ୍ତ୍ରଣ ପାଇଁ ମାର୍ଚ୍ଚ ମାସରେ ଡାଇମିଥୋଏଟ୍ ୩୦ ଇସି @ ୨ ମିଲି ପ୍ରତି ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ।
- ବର୍ତ୍ତମାନ ତାପମାତ୍ରା ବୃଦ୍ଧି ପାଉଥିବାରୁ ଗାଈଗୋରୁଙ୍କୁ ପର୍ଯ୍ୟାପ୍ତ ପରିମାଣର ପିଇବା ପାଣିରେ ଲୁଣ ମିଶାଇ ଦିଅନ୍ତୁ। ଗାଈଗୋରୁ ମାନେ ଯେପରି ଛାଇ ସ୍ଥାନରେ ରହିବେ ସେଥିପ୍ରତି ଦୃଷ୍ଟି ଦିଅନ୍ତୁ।

## ଟି-୨୦ ବିଶ୍ୱକପ୍ କ୍ରିକେଟ ସେମିଫାଇନାଲରେ ଭାରତ

# ଖେଳିଛି ୫: ଜିତିଛି ୩, ହାରିଛି ୨

ଭୁବନେଶ୍ୱର,୨।୩(ସମିସ)

୨ ଥରର ଚାମ୍ପିଅନ ୱେଷ୍ଟଇଣ୍ଡିଜ୍‌କୁ ୫ ୱିକେଟରେ ପରାସ୍ତ କରି ଡିଫେଣ୍ଡିଂ ଚାମ୍ପିଅନ ଭାରତ ଟି-୨୦ ବିଶ୍ୱକପ୍‌ର ୧୦ମ ସଂସ୍କରଣରେ ଷଷ୍ଠଥର ଲାଗି ସେମିଫାଇନାଲ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଛି। ସେମିଫାଇନାଲରେ ଭାରତର ମୁକାବିଲା ହେବ ସବୁଠାରୁ ସ୍ଥିର ଖେଳ ପ୍ରଦର୍ଶନ କରୁଥିବା ଇଂଲଣ୍ଡ ସହ। ୨୦୨୨ରେ ଇଂଲଣ୍ଡଠାରୁ ସେମିଫାଇନାଲରେ ପରାଜିତ ହୋଇଥିବା ଭାରତ ଏହି ମୁକାବିଲାରେ ବିଜୟୀ ହୋଇ ପୂର୍ବ ପରାଜୟର ପ୍ରତିଶୋଧ ନେବା ଲକ୍ଷ୍ୟରେ ରହିଛି।

ଏବେ ଭାରତ ଓ ଶ୍ରୀଲଙ୍କାରେ ଚାଲିଛି ଟି-୨୦ ବିଶ୍ୱକପ୍‌ର ୧୦ମ ସଂସ୍କରଣ। ଏହା ପୂର୍ବରୁ ଶେଷ ହୋଇଥିବା ୯ଟି ବିଶ୍ୱକପ୍ ମଧ୍ୟରୁ ଭାରତ ୫ଥର ସେମିଫାଇନାଲ ଖେଳିଛି। ୨୦୦୭, ୨୦୧୪, ୨୦୧୬, ୨୦୨୨ ଓ ୨୦୨୪ରେ ଦଳ ସେମିଫାଇନାଲରେ ପ୍ରବେଶ କରିଛି। ଏହା ମଧ୍ୟରୁ ୨୦୦୭, ୨୦୧୬ ଓ ୨୦୨୪ରେ ଦଳ ସେମିଫାଇନାଲରେ ବିଜୟୀ ହୋଇଛି। ଅନ୍ୟ ଦୁଇଥର ସେମିଫାଇନାଲ ମୁକାବିଲାରେ ପରାଜିତ ହୋଇଛି। ଯେଉଁ ୩ଥର ଦଳ ଫାଇନାଲ ଖେଳିଛି ତାହା ମଧ୍ୟରୁ ୨୦୦୭ ଓ ୨୦୨୪ରେ ଦଳ ଚାମ୍ପିଅନ ହୋଇଥିଲାବେଳେ ୨୦୧୬ରେ ଶ୍ରୀଲଙ୍କା ନିକଟରୁ ପରାଜିତ ହୋଇ ରନର୍ସଅପ୍‌ରେ ସନ୍ତୁଷ୍ଟ ହୋଇଛି। ଭାରତ ଖେଳିଥିବା ସେମିଫାଇନାଲ ମୁକାବିଲାର ସଂକ୍ଷିପ୍ତ ବିବରଣୀ ନିମ୍ନରେ ସୂଚିତ କରାଗଲା।



**୧-୨୦୦୭**: ଏହି ବର୍ଷ ପ୍ରଥମଥର ଟି-୨୦ କ୍ରିକେଟରେ ବିଶ୍ୱକପ୍ ଆରମ୍ଭ ହୋଇଥିଲା। ଏଥିରେ ମହେନ୍ଦ୍ର ସିଂ ଧୋନିଙ୍କ ନେତୃତ୍ୱରେ ଭାରତ ଫାଇନାଲରେ ପାକିସ୍ତାନକୁ ୫ ରନ୍‌ରେ ଚାମ୍ପିଅନ ହୋଇଥିଲା। ଫାଇନାଲ ପୂର୍ବରୁ ଦଳ ସେମିଫାଇନାଲରେ ଅଷ୍ଟ୍ରେଲିଆକୁ ୧୫ ରନ୍‌ରେ ହରାଇଥିଲା। ଡର୍ବାନରେ ଖେଳାଯାଇଥିବା ଏହି ମ୍ୟାଚ୍‌ରେ ଭାରତ ୫ ୱିକେଟରେ ୧୮୮ ରନ୍ କରିବା ପରେ ଅଷ୍ଟ୍ରେଲିଆକୁ ୭/୧୭୩ ରନ୍‌ରେ ସୀମିତ ରଖିଥିଲା। ଭାରତର ଯୁବରାଜ ସିଂହ ମାତ୍ର ୩୦ ବଲ୍‌ରେ ୭୦ ରନ୍ କରି ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ।

**୨-୨୦୧୪**: ଚାମ୍ପିଅନ ହେବା ପରେ ଭାରତ କ୍ରମାଗତ ୩ଟି ସଂସ୍କରଣରେ ପ୍ରଥମ କିମ୍ବା ଦ୍ୱିତୀୟ ରାଉଣ୍ଡରୁ ବିଦା ହୋଇଥିଲା। କିନ୍ତୁ ୨୦୧୪ରେ ଦଳ ସମସ୍ତ ସୁପର-୧୦ ମ୍ୟାଚ୍‌ରେ ବିଜୟୀ ହୋଇ ଦକ୍ଷିଣ ଆଫ୍ରିକା ସହ ସେମିଫାଇନାଲ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଥିଲା। ସେମିରେ ଭାରତ ବିରାଟ କୋହଲିଙ୍କ ୪୪ ବଲ୍‌ରେ ଅପରାଜିତ ୭୨ ରନ୍ ଫଳରେ ଦଳ ୬ ୱିକେଟରେ ଦକ୍ଷିଣ ଆଫ୍ରିକାକୁ ହରାଇ ଫାଇନାଲରେ ପ୍ରବେଶ କରିଥିଲା। କିନ୍ତୁ ଫାଇନାଲରେ ଶ୍ରୀଲଙ୍କା ନିକଟରୁ ୪ ରନ୍‌ରେ ହାରିଯାଇଥିଲା।

**୩-୨୦୧୬**: ଗ୍ରୁପ୍-୨ରେ ନ୍ୟୁଜିଲାଣ୍ଡ ପଛକୁ ଦ୍ୱିତୀୟ ଦଳ ଭାବେ ଭାରତ ସେମିଫାଇନାଲ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଥିଲା। କିନ୍ତୁ ସେମିଫାଇନାଲରେ ଦଳକୁ ପରାଜୟର ମୁହଁ ଦେଖିବାକୁ ପଡ଼ିଥିଲା। ମୁମ୍ବଇର ୱାଙ୍ଖେଡେ ଷ୍ଟାଡିୟମ୍‌ରେ ଖେଳାଯାଇଥିବା ଏହି ସେମିଫାଇନାଲରେ ଭାରତ ୭ ୱିକେଟରେ ୱେଷ୍ଟଇଣ୍ଡିଜ୍‌ଠାରୁ ହାରିଯାଇଥିଲା। ଲେଣ୍ଡଲ ସିମନ୍ସ ୫୧ ବଲ୍‌ରେ ଅପରାଜିତ ୮୨ ରନ୍ କରି ବିରାଟ କୋହଲିଙ୍କ ୪୭ ରନ୍‌ରେ ଅପରାଜିତ ୮୯ ରନ୍‌କୁ ଫିକା କରିଦେଇଥିଲେ।

**୪- ୨୦୨୨** : ଭାରତ ସୁପର ୧୨ ଗ୍ରୁପ-୧ରେ ୫ଟି ମୁକାବିଲାରୁ ୪ଟିରେ ଜିତି ସେମିଫାଇନାଲ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଥିଲା। ସେମିରେ ଇଂଲଣ୍ଡ ସହ ମୁକାବିଲାରେ ଭାରତକୁ ପରାଜୟ ସ୍ୱୀକାର କରିବାକୁ ପଡ଼ିଥିଲା। ଆଲେକ୍ସ ହେଲ୍ସଙ୍କ ୪୭ବଲ୍‌ରେ ୮୬ ଓ ଜୋସ୍ ବଟଲରଙ୍କ ୪୯ ବଲ୍‌ରେ ୮୦ ରନ୍ ସହାୟତାରେ ଇଂଲଣ୍ଡ ଏହି ମୁକାବିଲାକୁ ୧୦ ୱିକେଟରେ ଜିତି ଫାଇନାଲରେ ପ୍ରବେଶ କରିବା ସହ ଟାଇଟଲ ଜିତିନେଇଥିଲା।

**୫-୨୦୨୪**: ଏହି ଟୁର୍ଣ୍ଣାମେଣ୍ଟରେ ଭାରତ ଗ୍ରୁପ୍-ଏ'ରେ ପ୍ରଥମସ୍ଥାନରେ ରହିବା ପରେ ସୁପର ଏଇଟ୍ ଗ୍ରୁପ୍-୧ରେ ସମସ୍ତ ୩ଟି ଯାକ ମ୍ୟାଚ୍ ଜିତି ସେମିଫାଇନାଲରେ ପ୍ରବେଶ କରିଥିଲା। ଭାରତ ଓ ଇଂଲଣ୍ଡ ମଧ୍ୟରେ ଦ୍ୱିତୀୟ ସେମିଫାଇନାଲ ମୁକାବିଲା ଖେଳାଯାଇଥିଲା। କୁଲଦୀପ ଯାଦବ ଓ ଅକ୍ଷର ପଟେଲ ୩ଟି ଲେଖାଏଁ ୱିକେଟ ନେବା ଫଳରେ ଭାରତ ଏହି ମ୍ୟାଚ୍‌କୁ ୬୮ ରନ୍‌ର ବଡ଼ ବ୍ୟବଧାନରେ ବିଜୟୀ ହୋଇ ଫାଇନାଲରେ ପ୍ରବେଶ କରିଥିଲା। ରୋମାଞ୍ଚକ ଫାଇନାଲରେ ଦକ୍ଷିଣ ଆଫ୍ରିକାକୁ ୭ ରନ୍‌ରେ ହରାଇ ଭାରତ ଦ୍ୱିତୀୟଥର ଚାମ୍ପିଅନ ହୋଇଥିଲା।

---

## ମଧ୍ୟପ୍ରାଚ୍ୟରେ ଯୁଦ୍ଧ ସ୍ଥିତି

### ଭାରତରେ ରହିବ ଜିମ୍ବାୱେ ଦଳ

ନୂଆଦିଲ୍ଲୀ, ୨।୩ (ଏଜେନ୍ସି): ଇରାନ ଓ ଇସ୍ରାଏଲ୍ ମଧ୍ୟରେ ଉତ୍ତେଜନାକୁ ନେଇ ମଧ୍ୟପ୍ରାଚ୍ୟରେ ଯୁଦ୍ଧସ୍ଥିତି ସୃଷ୍ଟି ହୋଇଛି। ଯାହାର ପ୍ରଭାବ ସିଧାସଳଖ ଚଳିତ ଟି-୨୦ ବିଶ୍ୱକପ୍ ଉପରେ ପଡ଼ିଛି। ବିଶ୍ୱକପ୍‌ର ସୁପର-୮ରୁ ବିଦାୟ ନେଇଥିବା ଜିମ୍ବାୱେ ଦଳର ଖେଳାଳିମାନେ ଏବେ ସ୍ୱଦେଶ ଫେରିବା ଲାଗି ସମସ୍ୟା ସୃଷ୍ଟି ହୋଇଛି। ସିକନ୍ଦର ରାଜାଙ୍କ ନେତୃତ୍ୱାଧୀନ ଜିମ୍ବାୱେ ଖେଳାଳିମାନେ ଏକାଧିକ ଗ୍ରୁପ୍ ହୋଇ ନୂଆଦିଲ୍ଲୀରୁ ଦୁବାଇ ଯାଇଥାନ୍ତେ। ସେଠାରୁ କନେକ୍ଟିଂ ବିମାନ ଯୋଗେ ସ୍ୱଦେଶ ପ୍ରତ୍ୟାବର୍ତ୍ତନ କରିଥାନ୍ତେ। କିନ୍ତୁ ଯୁଦ୍ଧ ଲାଗି ଦୁବାଇ ବିମାନବନ୍ଦର ଦୁଇଦିନ ହେଲା ବନ୍ଦ ରହିଛି। ଯାହା ଫଳରେ ବିଶ୍ୱର ସବୁଠୁ ବ୍ୟସ୍ତବହୁଳ ବିମାନବନ୍ଦର ଭାବେ ପରିଚିତ ଦୁବାଇରେ ଏବେ ଶହ ଶହ ବିମାନ ଉଡ଼ାଣ କରି ନ ପାରି ଫଶି ରହିଛନ୍ତି। ଏଥିଲାଗି ଜିମ୍ବାୱେ ଖେଳାଳି ଓ ସପୋର୍ଟ ଷ୍ଟାଫ ବର୍ତ୍ତମାନ ଭାରତରେ ରହିବାକୁ ଉଚିତ ମଣିଛନ୍ତି। ଦଳର ମୁଖ୍ୟକୋଚ୍ ଜଷ୍ଟିନ ସିମନ୍ସ କହିଛନ୍ତି ଯେ ବର୍ତ୍ତମାନର ପରିସ୍ଥିତିକୁ ନଜରରେ ରଖି ଆମେ ଆମର ସ୍ୱଦେଶ ଫେରିବା ଯାତ୍ରାକୁ ସ୍ଥଗିତ ରଖିଛୁ।

### ଫିଫା ବିଶ୍ୱକପ୍‌ରେ ଇରାନର ଖେଳିବା ନେଇ ସନ୍ଦେହ

ତେହେରାନ୍,୨।୩(ଏଜେନ୍ସି): ଆମେରିକା, ମେକ୍ସିକୋ ଓ କାନାଡାରେ ଚଳିତବର୍ଷ ଫିଫା ପୁରୁଷ ବିଶ୍ୱକପ୍ ଖେଳାଯିବ। ଏବେ ଇରାନ ଓ ଆମେରିକା ମଧ୍ୟରେ ଯୁଦ୍ଧ ଚାଲିଛି। ଏହି ଯୁଦ୍ଧର ସ୍ଥିତି ଯୋଗୁଁ ଆମେରିକାରେ ଖେଳାଯିବାକୁ ଥିବା ଫିଫା ବିଶ୍ୱକପ୍ ଖେଳିବା ନେଇ ସନ୍ଦେହ ରହିଛି ବୋଲି ଇରାନ ଫୁଟବଲ ସଂଘ ସଭାପତି କହିଛନ୍ତି। ଇରାନ ବିଶ୍ୱକପ୍ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଛି। କିନ୍ତୁ ଆମେରିକାରେ ଆମ ଦେଶ ଖେଳିବ କି ନାହିଁ ତାହା ମୋତେ ଜଣାନାହିଁ ବୋଲି ସଭାପତି କହିଛନ୍ତି।

### ଆଶଙ୍କାରେ ପାକିସ୍ତାନ-ବାଂଲା ସିରିଜ୍

ଢାକା,୨।୩(ଏଜେନ୍ସି): ମଧ୍ୟ ପ୍ରାଚ୍ୟରେ ଯୁଦ୍ଧ ସ୍ଥିତି ଯୋଗୁ ଆସନ୍ତା ସପ୍ତାହରେ ବାଂଲାଦେଶ ସହ ପାକିସ୍ତାନ ଖେଳିବାକୁ ଥିବା ୩ ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜ୍ ମଧ୍ୟ ଆଶଙ୍କା ମଧ୍ୟରେ ରହିଛି। ଏହି ମ୍ୟାଚ୍ ଗୁଡ଼ିକ ଢ଼ାକାରେ ମାର୍ଚ୍ଚ ୧୧, ୧୩ ଓ ୧୫ରେ ଖେଳାଯିବାର କାର୍ଯ୍ୟକ୍ରମ ରହିଛି। ଆସନ୍ତାବର୍ଷ ଖେଳାଯିବାକୁ ଥିବା ଦିନିକିଆ ବିଶ୍ୱକପ୍ ପୂର୍ବରୁ ଏହା ଉଭୟ ଦଳ ଲାଗି ଭଲ ପ୍ରସ୍ତୁତି ହେବ। କିନ୍ତୁ ପାକିସ୍ତାନ ଉପରେ ଇରାନ ଯେ କୌଣସି ମୁହୂର୍ତ୍ତରେ ଆକ୍ରମଣ କରିବାର ସମ୍ଭାବନା ରହିଛି। ଏଣୁ ଏହି ସିରିଜ୍‌ର ଆୟୋଜନ ଆଶଙ୍କା ମଧ୍ୟକୁ ଚାଲିଯାଇଛି ବୋଲି ପାକିସ୍ତାନ ଗଣମାଧ୍ୟମରେ ପ୍ରକାଶ ପାଇଛି।

### ଭାରତରେ ଗୋଟିଏ ଟେଷ୍ଟ, ୩ ଦିନିକିଆ ଖେଳିବ ଆଫଗାନିସ୍ତାନ

ନୂଆଦିଲ୍ଲୀ, ୨।୩ (ଏଜେନ୍ସି): ଭ୍ରମଣକାରୀ ଆଫଗାନିସ୍ତାନ ଦଳ ଆସନ୍ତା ଜୁନ୍ ମାସରେ ଭାରତ ଗସ୍ତରେ ଆସି ଗୋଟିଏ ଟେଷ୍ଟ ଓ ୩ଟି ଦିନିକିଆ ମ୍ୟାଚ୍ ଖେଳିବ। ଜୁନ୍ ୬ରୁ ନ୍ୟୁ ଚଣ୍ଡିଗଡ଼ରେ ଏକମାତ୍ର ଟେଷ୍ଟମ୍ୟାଚ୍ ଖେଳାଯିବ। ଭାରତ ବିପକ୍ଷରେ ଏହା ଆଫ୍‌ଗାନିସ୍ତାନର ଦ୍ୱିତୀୟ ଟେଷ୍ଟମ୍ୟାଚ୍ ହେବ। ଉଭୟ ଦଳଙ୍କ ମଧ୍ୟରେ ପ୍ରଥମ ଟେଷ୍ଟମ୍ୟାଚ୍ ୨୦୧୮ ରେ ଖେଳା ଯାଇଥିଲା। ଏହା ପରେ ଭାରତ ଓ ଆଫ୍‌ଗାନିସ୍ତାନ ମଧ୍ୟରେ ପ୍ରଥମ ଦ୍ୱିପାକ୍ଷିକ ଦିନିକିଆ ଶୃଙ୍ଖଳା ଖେଳାଯିବ। ପୂର୍ବରୁ କେବଳ ଆଇସିସି ଟୁର୍ଣ୍ଣାମେଣ୍ଟ ଓ ଏସିଆ କପ୍‌ରେ ଉଭୟ ଦଳଙ୍କ ମଧ୍ୟ ମ୍ୟାଚ୍ ଖେଳାଯାଇଛି। ଏହି ଶୃଙ୍ଖଳାର ୩ଟି ମ୍ୟାଚ୍ ଜୁନ୍ ୧୪ରେ ଧର୍ମଶାଳା, ୧୭ରେ ଲକ୍ଷ୍ନୌ ଓ ୨୦ରେ ଚେନ୍ନଇରେ ଖେଳାଯିବ। ଆଫ୍‌ଗାନିସ୍ତାନ ଶୃଙ୍ଖଳା ପରେ ଭାରତୀୟ ଦଳ ଇଂଲଣ୍ଡ ଗସ୍ତରେ ଯିବ। ଜୁଲାଇ ୧ରୁ ୧୯ ମଧ୍ୟରେ ଘରୋଇ ଇଂଲଣ୍ଡ ବିପକ୍ଷରେ ଭାରତ ୫ଟି ଟି-୨୦ ଓ ୩ଟି ଦିନିକିଆ ମ୍ୟାଚ୍‌ର ଶୃଙ୍ଖଳା ଖେଳିବ।

---

■ ଭାରତ ନିକଟରୁ ହାରିବା ପରେ ପିସିବି କ୍ରୋଧିତ

## ପ୍ରତି ପାକିସ୍ତାନ ଖେଳାଳିଙ୍କୁ ୧୬ ଲକ୍ଷ ଜରିମାନା

ନୂଆଦିଲ୍ଲୀ, ୨।୩ (ଏଜେନ୍ସି): ଚଳିତ ଆଇସିସି ଟି-୨୦ ବିଶ୍ୱକପ୍‌ରେ ନୈରାଶ୍ୟଜନକ ପ୍ରଦର୍ଶନ କରି ସୁପର୍-୮ରୁ ବିଦାୟ ନେଇଥିବା ପାକିସ୍ତାନ ଖେଳାଳିଙ୍କ ଉପରେ ବଡ଼ ଜରିମାନା ଲାଗିଛି। ପାକିସ୍ତାନ କ୍ରିକେଟ୍ ବୋର୍ଡ (ପିସିବି) ଏହି ଜରିମାନା ଲଗାଇଥିବା ରିପୋର୍ଟ ପ୍ରକାଶ ପାଇଛି। ବିଶେଷ କରି ଗ୍ରୁପ୍ ପର୍ଯ୍ୟାୟରେ ଚିରପ୍ରତିଦ୍ୱନ୍ଦ୍ୱୀ ଭାରତ ନିକଟରୁ ୬୧ ରନରେ ପାକିସ୍ତାନ ଦଳ ପରାଜୟବରଣ କରିବାକୁ ପିସିବି ସହଜରେ ହଜମ କରିପାରିନାହିଁ। ତେଣୁ ସଲମାନ ଆଘାଙ୍କ ନେତୃତ୍ୱାଧୀନ ପ୍ରତି ଖେଳାଳିଙ୍କ ଉପରେ ୫ ମିଲିୟନ ପାକିସ୍ତାନ ଟଙ୍କା (ଭାରତୀୟ ମୁଦ୍ରାରେ ୧୬.୩୦ ଲକ୍ଷ) ଲେଖାଏ ଜୋରିମାନ ପିସିବି ଲଗାଇଛି। ପିସିବି ଅଧ୍ୟକ୍ଷ ମୋହସିନ ନକଭୀ ଖେଳାଳିଙ୍କ ପ୍ରଦର୍ଶନରେ କ୍ଷୁବ୍ଧ ହୋଇ ଏଭଳି କଠୋର ନିଷ୍ପତ୍ତି ନେଇଥିବା ରିପୋର୍ଟରୁ ଜଣାପଡ଼ିଛି। ଭାରତ ନିକଟରୁ ପରାଜୟ ପରେ ତୁରନ୍ତ ଏହି ଜରିମାନା ଲଗାଇବା ଲାଗି ନିଷ୍ପତ୍ତି ହୋଇଥିଲା। ପିସିବି ଅଧିକାରୀମାନେ ଯୁକ୍ତି ବାଢ଼ିଛନ୍ତି ଯେ ଯଦି ଦେଶର ଖେଳାଳିମାନେ ବିଜୟ ପାଇଁ ଯଥେଷ୍ଟ ଆର୍ଥିକ ସହାୟତା ଓ ବୋନସ ପାଉଛନ୍ତି ତାହାଲେ କୌଣସି ଟୁର୍ଣ୍ଣାମେଣ୍ଟରେ ଖରାପ ପ୍ରଦର୍ଶନ କଲେ ସମାନ ଭାବେ ଦଣ୍ଡର ସମ୍ମୁଖୀନ ହେବା ମଧ୍ୟ ଉଚିତ। ଉଲ୍ଲେଖଯୋଗ୍ୟ ପାକିସ୍ତାନ ଦଳ ଗ୍ରୁପ୍ ପର୍ଯ୍ୟାୟରେ ୪ଟି ମ୍ୟାଚରୁ ୩ଟି ବିଜୟ ହାସଲ କରିଥିଲା। କିନ୍ତୁ ସୁପର-୮ ରେ ୩ଟି ମ୍ୟାଚ୍ ଖେଳି ଗୋଟିଏ ଲେଖାଏ ବିଜୟ, ପରାଜୟ ବରଣ କରିଥିଲା ବର୍ଷା ଲାଗି ଗୋଟିଏ ମ୍ୟାଚ୍ ବାତିଲ ହୋଇଥିଲା। ଯାହା ଫଳରେ ଦଳ ସେମିଫାଇନାଲ ଦୌଡ଼ରୁ ବାଦ୍ ପଡ଼ିଥିଲା।

## ଦିଲ୍ଲୀରେ ହେବ ଏସ୍‌ଜେଏଫ୍‌ଆଇ ସୁବର୍ଣ୍ଣ ଜୟନ୍ତୀ ଜାତୀୟ ସମ୍ମିଳନୀ

ଭୁବନେଶ୍ୱର,୨।୩ (ସମିସ): ଏଆଇପିଏସ ଅନୁବନ୍ଧିତ ଭାରତୀୟ କ୍ରୀଡ଼ା ସାମ୍ବାଦିକ ମହାସଂଘ (ଏସଜେଏଫ୍‌ଆଇ)ର ଆଗାମୀ ଜାତୀୟ ସମ୍ମିଳନୀ ମାର୍ଚ୍ଚ ୧୩ରୁ ୧୬ ତାରିଖ ପର୍ଯ୍ୟନ୍ତ ନୂଆଦିଲ୍ଲୀରେ ଅନୁଷ୍ଠିତ ହେବ। ଦୀର୍ଘ ୨୩ ବର୍ଷର ବ୍ୟବଧାନ ପରେ ଏହି ସମ୍ମାନଜନକ ବାର୍ଷିକ ସମାବେଶ ଜାତୀୟ ରାଜଧାନୀରେ ଆୟୋଜିତ ହେବାକୁଯାଉଛି। ଦିଲ୍ଲୀ କ୍ରୀଡ଼ା ସାମ୍ବାଦିକ ସଂଘ (ଡିଏସ୍‌ଜେଏ) ଦ୍ୱାରା ଆୟୋଜିତ ହେବାକୁ ଥିବା ଏହି ସମ୍ମିଳନୀ ମଧ୍ୟ ଏଥର ସୁବର୍ଣ୍ଣ ଜୟନ୍ତୀ ପୂର୍ତ୍ତିପାଳନ କରୁଛି। ଏସଜେଏଫ୍‌ଆଇର ଏହି ୪ ଦିବସୀୟ ସ୍ମରଣୀୟ ସମ୍ମିଳନୀରେ ସାରା ଭାରତ ବର୍ଷରୁ ଶତାଧିକ କ୍ରୀଡ଼ା ସାମ୍ବାଦିକଙ୍କ ସମେତ ଭାରତୀୟ କ୍ରୀଡ଼ାର ଚର୍ଚ୍ଚିତ ଚେହେରା ଓ ପ୍ରମୁଖ କ୍ରୀଡ଼ା ପ୍ରଶାସକ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଏହି ଅବସରରେ ଜେକେ ବୋଷ ଆନ୍ତଃଜୋନାଲ ଟି-୨୦ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ (ରୋଶନାରା ଗ୍ରାଉଣ୍ଡ), ଏସି ବାଲି ଟିଟି ଟୁର୍ଣ୍ଣାମେଣ୍ଟ (ଜବାହରଲାଲ ନେହରୁ ଷ୍ଟାଡିୟମ), ପେନାଲ୍ଟି କିକ୍ ଖେଳାଯିବ। ସେହିଭଳି ଏକ କ୍ରୀଡ଼ା କନକ୍ଲେଭ ମଧ୍ୟ ଆୟୋଜିତ ହେବ। ଯେଉଁଥିରେ ଅଲିମ୍ପିଆନ ପିଟି ଉଷା, ଆଇସିସି ଅଧ୍ୟକ୍ଷ ଜୟ ଶାହ, ଅନୁରାଗ ଠାକୁର, କ୍ରିକେଟର ଋଷଭ ପନ୍ତ, ସୁରେଶ ରାଇନା ପ୍ରମୁଖ ଅଂଶଗ୍ରହଣ କରିବେ। ଏହି ଜାତୀୟ ସମ୍ମିଳନୀକୁ ସଫଳତାର ସହ ଆୟୋଜନ କରି ସ୍ମରଣୀୟ କରିବା ଲାଗି ଏସଜେଏଫ୍‌ଆଇ ସଭାପତି ସରଜୁ ଚକ୍ରବର୍ତ୍ତୀ, ସମ୍ପାଦକ ଭି. ରମେଶ ଓ ଡିଏସଜେଏ ସଭାପତି ଅଭିଷେକ ତ୍ରିପାଠୀ ଆଶାବାଦୀ ରହିଛନ୍ତି। ଓଡ଼ିଶା କ୍ରୀଡ଼ା ସାମ୍ବାଦିକ ସଂଘର ସଭାପତି ସନ୍ଦୀପ ମିଶ୍ର, ସମ୍ପାଦକ ସୁରେଶ ସ୍ୱାଇଁଙ୍କ ସମେତ ଦୀପ୍ତରଞ୍ଜନ ସାମଲ, ବିମଳ ରାଉଳ ଓ ତୁଷାର ସେନାପତି ଏହି ସମ୍ମିଳନୀରେ ଅଂଶଗ୍ରହଣ କରିବେ।

## ଦୁବାଇରେ ଫସିଛନ୍ତି ସିନ୍ଧୁ

### ଅଲ୍ ଇଂଲଣ୍ଡ ଚାମ୍ପିଅନସିପ୍‌ରେ ଖେଳିବା ନେଇ ସନ୍ଦେହ



ଲଣ୍ଡନ, ୨।୩ (ଏଜେନ୍ସି): ବିଶ୍ୱର ଅନ୍ୟତମ ସମ୍ମାନଜନକ ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତା ଅଲ୍ ଇଂଲଣ୍ଡ ଚାମ୍ପିଅନସିପ୍‌ର ୧୧୬ତମ ସଂସ୍କରଣ ମଙ୍ଗଳବାରଠାରୁ ଏଠାରେ ଆରମ୍ଭ ହେବାକୁଯାଉଛି। ତେବେ ଏଥିରେ ଦୁଇଥରର ପଦକ ବିଜୟିନୀ ପିଭି ସିନ୍ଧୁଙ୍କ ଅଂଶଗ୍ରହଣ ନେଇ ଆଶଙ୍କା ପ୍ରକାଶ ପାଇଛି। ମଧ୍ୟପ୍ରାଚ୍ୟରେ ଯୁଦ୍ଧ ସ୍ଥିତି ଗମ୍ଭୀର ଥିବାରୁ ଅଧିକାଂଶ ରାଷ୍ଟ୍ରରେ ବିମାନ ଚଳାଚଳ ଉପରେ ସାମୟିକ ରୋକ୍ ଲାଗିଛି। ଫଳରେ ଏହି ସମ୍ମାନଜନକ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବା ଲାଗି ବିମାନ ଯୋଗେ ଲଣ୍ଡନ ଯାତ୍ରା କରୁଥିବା ସିନ୍ଧୁ ଦୁବାଇରେ ଦୁଇଦିନ ହେବ ଫଶି ରହିଛନ୍ତି। ପ୍ରତିଶୋଧ ପରାୟଣ ହୋଇ ସାଉଦୀ ଆରବ ଉପରେ ମଧ୍ୟ ଇରାନ ଆକ୍ରମଣ କରିଛି। ତେଣୁ ବିଶ୍ୱର ସବୁଠୁ ବ୍ୟସ୍ତବହୁଳ ଦୁବାଇ ବିମାନ ବନ୍ଦର ଦୁଇଦିନ ହେବ ବନ୍ଦ ରହିଛି। ଫଳରେ ସେଠାରେ ଫଶି ରହିଥିବା ସିନ୍ଧୁ ଏବେ ଏହି ସୁପର୍-୧୦୦୦ ଇଭେଣ୍ଟରେ ଅଂଶଗ୍ରହଣ କରିବା ନେଇ ଆଶଙ୍କା ପ୍ରକାଶ ପାଇଛି। କୋଚ୍ ଇରୱାନସି ଆଦି ପ୍ରତମଙ୍କ ସହ ସିନ୍ଧୁ ଏକ ସୁରକ୍ଷିତ ସ୍ଥାନରେ ଦୁବାଇରେ ରହିଛନ୍ତି। ସିନ୍ଧୁ ତାଙ୍କ ପ୍ରଥମ ମ୍ୟାଚରେ ମଙ୍ଗଳବାର ଥାଇଲାଣ୍ଡର ସୁପାନିଦାଙ୍କ ସହ ଖେଳିବାର କାର୍ଯ୍ୟସୂଚୀ ରହିଛି। ଯଦି ଦୁବାଇ ବିମାନବନ୍ଦର ଚଳାଚଳ ସ୍ୱାଭାବିକ ନ ହୁଏ ତେବେ ସିନ୍ଧୁ ବାଧହୋଇ ପ୍ରତିଯୋଗିତାରୁ ଓହରିଯିବେ ବୋଲି ଜଣାପଡ଼ିଛି।

---

## ଏଓସିଏ ସଭାପତି ଓ ସମ୍ପାଦକ ପରସ୍ପରକୁ କଲେ ବହିଷ୍କାର

# ଓଡ଼ିଶା ଚେସ୍‌ରେ ନେତୃତ୍ୱର ସଙ୍କଟ

ଭୁବନେଶ୍ୱର,୨।୩(ସମିସ)

ଓଡ଼ିଶାରେ ଚେସ୍ ଖେଳର ଇତିହାସ କିମ୍ବା ସଫଳତାକୁ ଖୋଜିଲେ ସମର୍ଥକଙ୍କୁ ବିଶେଷ ଖୁସି ହେବାକୁ ପଡ଼ିବ ନାହିଁ। କାଁ ଭାଁ ସଫଳତାକୁ ଛାଡିଦେଲେ ଜାତୀୟ କିମ୍ବା ଅନ୍ତର୍ଜାତୀୟସ୍ତରରେ ଓଡ଼ିଶାର ଖେଳାଳିମାନେ ଦମ୍ ଦେଖାଇବାରେ ଅସମର୍ଥ ହୋଇଛନ୍ତି। ଏବେ ସରକାରଙ୍କ ସହଯୋଗରେ ଓଡ଼ିଶାରେ ଚେସ୍ ପ୍ରଶିକ୍ଷଣ ଲାଗି ଏକ କେନ୍ଦ୍ର 'ପ୍ରୋ-ଚେଷ୍ଟା' ଖୋଲାଯାଇଛି। ତୃଣମୂଳ ସ୍ତରରୁ କିପରି ଖେଳାଳିମାନେ ଅନ୍ତର୍ଜାତୀୟସ୍ତରରେ ଲଢ଼େଇ କରିବାର କୌଶଳ ଜାଣିବେ ତାହା ଏହି କେନ୍ଦ୍ରରେ ପ୍ରଶିକ୍ଷଣ ଦିଆଯାଉଛି। ଏହା ଛଡ଼ା ବେସରକାରୀ ସ୍ତରରେ ଏକାଧିକ ପ୍ରଶିକ୍ଷଣ କେନ୍ଦ୍ର, ବ୍ୟକ୍ତିଗତ ଭାବେ ଏକ ଡଜନରୁ ଅଧିକ ନାମୀଦାମୀ ଖେଳାଳି ତଥା କୋଚ୍ ଓଡ଼ିଶା ଚେସ୍‌ର ଉନ୍ନତିରେ ଲାଗିଛନ୍ତି। କିନ୍ତୁ ଏହାକୁ ସଂଗଠିତ କରିବା, ଖେଳାଳିଙ୍କୁ ଅନ୍ତର୍ଜାତୀୟସ୍ତରରେ ପ୍ରତିଷ୍ଠା କରାଇବା, ପ୍ରତିଯୋଗୀତାମୂଳକ ଲଢ଼େଇ ଲାଗି ପ୍ରସ୍ତୁତି କରାଇବାରେ ନିଖିଳ ଓଡ଼ିଶା ଚେସ ସଂଘ ବା ଏଓସିଏ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବା କଥା। କିନ୍ତୁ ଚଳିତ ନିର୍ବାଚନରେ ସଭାପତି ଭାବେ ବିଶିଷ୍ଟ ଚେସ୍ ପ୍ରଶିକ୍ଷକ ତଥା ଏସ୍‌ଆର୍ ଚେସ ସେଣ୍ଟରର ସମ୍ପାଦକ ସତ୍ୟରଞ୍ଜନ ପଟ୍ଟନାୟକ ଓ ପୂର୍ବତନ ସମ୍ପାଦକ ଦେବବ୍ରତ ଭଞ୍ଜ ନିର୍ବାଚିତ ହେବା ପରେ ଓଡ଼ିଶା ଚେସ୍‌ରେ ଏକପ୍ରକାର ନେତୃତ୍ୱର ସଙ୍କଟ ସୃଷ୍ଟି ହୋଇଛି ବୋଲି ଚେସ ବିଶାରଦମାନେ ଅନୁଭବ କରୁଛନ୍ତି। ଉଭୟ କଡ଼ା ପ୍ରତିଦ୍ୱନ୍ଦ୍ୱିତାର ସମ୍ମୁଖୀନ ହୋଇ ନିର୍ବାଚନ ବୈତରଣୀ ପାର ହୋଇଥିଲେ। ସତ୍ୟରଞ୍ଜନଙ୍କ ଗୋଷ୍ଠୀର ସମ୍ପାଦକ ପ୍ରାର୍ଥୀ ଓ ଦେବବ୍ରତଙ୍କ ସଭାପତି ପ୍ରାର୍ଥୀ ହାରିଯିବା ପରେ ଏହି ସଙ୍କଟ ଲାଗି ବାଟ କଢ଼ାଇଛି।



ସତ୍ୟରଞ୍ଜନ ପଟ୍ଟନାୟକ



ଦେବବ୍ରତ ଭଞ୍ଜ

ପୂର୍ବରୁ ଉଭୟ ସତ୍ୟରଞ୍ଜନ ଓ ଦେବବ୍ରତ ଏକତ୍ର ହୋଇ କାମ କରୁଥିଲେ। ଏଭଳି କି ପରିସ୍ଥିତି ସୃଷ୍ଟି ହେଲା ଯେ ଉଭୟ ଉଭୟଙ୍କ ପ୍ରତିଦ୍ୱନ୍ଦ୍ୱୀ ପାଲଟିଗଲେ। ତାହାର ଉତ୍ତର ଦେବାକୁ କାଦୁଅ ଫିଙ୍ଗା ଚାଲିଛି।

ନିର୍ବାଚିତ ହେବା ପରେ ଉଭୟ କିଛି ଦିନ ଚୁପ୍ ରହିଲେ। ଆଶା କରାଯାଉଥିଲା ପୂର୍ବ ଶତ୍ରୁତା ଭୁଲି ସତ୍ୟରଞ୍ଜନ-ଦେବବ୍ରତଙ୍କ ଯୋଡି ଓଡ଼ିଶା ଚେସ୍‌ରେ ନୂଆ ଇତିହାସ ସୃଷ୍ଟି କରିବେ। କିନ୍ତୁ ସେ ଆଶା ଦିବାସ୍ୱପ୍ନରେ ପରିଣତ ହୋଇଗଲା। ଓଡ଼ିଶା ରାଜ୍ୟ ଚେସ ସଂଘକୁ ପଛରେ ପକାଇ ଅଲ ଓଡ଼ିଶା ଚେସ୍ ସଂଘ ବା ଏଓସିଏ ଯେଉଁ ଉଦ୍ଦେଶ୍ୟରେ ଗଠିତ ହୋଇଥିଲା ତାହା ଏହି ଯୋଡି ନିର୍ବାଚିତ ହେବା ପରେ ସାଧିତ ହୋଇ ପାରିଲା ନାହିଁ। ଏପରି ଉଭୟଙ୍କୁ କୌଣସି ଗୋଟିଏ ଟୁର୍ଣ୍ଣାମେଣ୍ଟ ହେଉ କିମ୍ବା ଉତ୍ସବରେ ଏକାଠି ଦେଖିବାକୁ ମିଳିଲା ନାହିଁ। ଏହା ପରେ ଗୋଷ୍ଠୀ ବିବାଦ ସୃଷ୍ଟି ହେଲା ଓ ଉଭୟ ଟୁର୍ଣ୍ଣାମେଣ୍ଟ ଆୟୋଜନ ଉପରେ ଗୁରୁତ୍ୱ ଦେଲେ। ଟୁର୍ଣ୍ଣାମେଣ୍ଟ ଆୟୋଜନ କରିବା ନିଶା ହେଉ କିମ୍ବା ଜିଦ୍ ଯୋଗୁଁ ଏମାନେ ସବୁକିଛି ଭୁଲିଯାଇ ଓଡ଼ିଶାର ଖେଳାଳିଙ୍କୁ ଗୋଟିକ ପରେ ଗୋଟିଏ ଟୁର୍ଣ୍ଣାମେଣ୍ଟ ଭେଟିଦେଇଥିଲେ। ଦିନେ ଓଡ଼ିଶାର ଖେଳାଳିମାନେ ରେଟିଂ ଟୁର୍ଣ୍ଣାମେଣ୍ଟ ଖେଳିବାକୁ ରାଜ୍ୟ ବାହାରକୁ ଯିବାକୁ ପଡୁଥିଲା, ଏବେ ଏହି ଟୁର୍ଣ୍ଣାମେଣ୍ଟ ଖେଳିବାକୁ କେବଳ ଦେଶ ନୁହେଁ ବିଦେଶରୁ ଖେଳାଳି ଆସୁଛନ୍ତି। ଏହା ସତ୍ତ୍ୱେ ଓଡ଼ିଶା ଖେଳାଳିଙ୍କର କିଛି ଉନ୍ନତି ହେଲା ନାହିଁ। ପଦ୍ମିନୀ ରାଉତଙ୍କ ପରେ ଆଉ ଜଣେ ଓଡ଼ିଶା ଖେଳାଳି ଯେ କୌଣସି କାଟାଗୋରୀରେ ବିଶ୍ୱ ଚାମ୍ପିଅନ ହୋଇ ପାରିଲେ ନାହିଁ। କିରଣ ମନୀଷା ମହାନ୍ତି ଓ ପଦ୍ମିନୀଙ୍କ ପରେ ଆଉ କେହି ମହିଳା ଗ୍ରାଣ୍ଡ ମାଷ୍ଟର ହୋଇପାରିଲେ ନାହିଁ। ଦେବାଶିଷ ଦାସ ଓ ସ୍ୱୟମ୍ଭ ମିଶ୍ରଙ୍କ ପରେ ଆଉ କେହି ଗ୍ରାଣ୍ଡମାଷ୍ଟର ଟାଇଟଲ ହାସଲ କରିପାରିଲେ ନାହିଁ। ଏଭଳି ସ୍ଥିତିରେ ଓଡ଼ିଶା ଚେସ୍‌ର ଉନ୍ନତି ହୋଇଛି ନା ଅବନତି ହୋଇଛି ତାହା ସତ୍ୟରଞ୍ଜନ-ଦେବବ୍ରତ କହିବେ କି?

ରାଜ୍ୟର ଚେସ ପ୍ରଶାସନରେ ଏବେ ଯେଉଁ ଧାରା ଏଓସିଏରେ ଚାଲିଛି ତାହା ଓଡ଼ିଶା ଖେଳାଳିଙ୍କ ଭବିଷ୍ୟତକୁ ଅନ୍ଧାର ମଧ୍ୟକୁ ନେଇଯିବ ବୋଲି ଆଶଙ୍କା ସୃଷ୍ଟି ହେଲାଣି। ଉଭୟଙ୍କ ମଧ୍ୟରେ ଅର୍ନ୍ତଦ୍ୱନ୍ଦ୍ୱ ଏତେ ବଢ଼ିଗଲାଯେ ଗୋଟିଏ ଗୋଷ୍ଠୀ ଅନ୍ୟକୁ ଅସୁବିଧାରେ ପକାଇବାକୁ କୁ-ଚେଷ୍ଟା କଲେ। ସମ୍ପାଦକଙ୍କ ଅଭିଯୋଗ ଅନୁଯାୟୀ ସଭାପତିଙ୍କ ଗୋଷ୍ଠୀ ଏଓସିଏର ବ୍ୟାଙ୍କ ଆକାଉଣ୍ଟକୁ ଫ୍ରିଜ୍ କରିଦେଲେ। ଯାହା ଫଳରେ ଦୈନନ୍ଦିନ କାର୍ଯ୍ୟକଳାପରେ ପ୍ରତିବନ୍ଧକ ଲାଗିଲା। ଏହା ମଧ୍ୟରେ ପରସ୍ପର ପକ୍ଷ ଛେଦନ ପ୍ରକ୍ରିୟା ଆରମ୍ଭ ହୋଇଗଲା। ସଭାପତି ସତ୍ୟରଞ୍ଜନଙ୍କ ଗୋଷ୍ଠୀ ଏକ ଜେନେରାଲ ବଡି ମିଟିଂ ଡକାଇ ସମ୍ପାଦକ ଦେବବ୍ରତଙ୍କୁ ଏଓସିଏରୁ ବହିଷ୍କାର କଲେ। ଏହାର କିଛି ଦିନ ପରେ ସମ୍ପାଦକ ଦେବବ୍ରତ ମଧ୍ୟ ଜେନେରାଲ ବଡି ମିଟିଂ ଡକାଇ ସଭାପତି ସତ୍ୟରଞ୍ଜନଙ୍କୁ ବହିଷ୍କାର କଲେ। ଆମେ ଯଦି ନିରପେକ୍ଷ ଭାବେ ଏହି ଘଟଣାକୁ ଅନୁଧ୍ୟାନ କରିବା ଓଡ଼ିଶାରେ ଏବେ ଗୋଟିଏ ଏଓସିଏ ନାହିଁ। ଆଇନଗତ ଭାବେ ଯାହା ହେଉନା କାହିଁକି ଉଭୟ ଗୋଷ୍ଠୀଙ୍କର ରାଜ୍ୟ ଚେସ ଉପରେ ପ୍ରଭାବ ରହିଛି। କିନ୍ତୁ ଗୋଷ୍ଠୀ ସୃଷ୍ଟି ହେଲେ ଜାତୀୟ ପ୍ରତିଯୋଗିତାରେ କେଉଁ ଗୋଷ୍ଠୀର ଖେଳାଳି ଭାଗନେବେ? ଅବଶ୍ୟ ଏଭଳି ପରିସ୍ଥିତି ଏବେ ସୃଷ୍ଟି ହୋଇନାହିଁ। ଭବିଷ୍ୟତରେ ଏହା ଯେ ନ ହେବ ତାହା ମଧ୍ୟ କହିହେବ ନାହିଁ। ଏପରି ବି ହୋଇପାରେ ରାଜ୍ୟ ସରକାରଙ୍କ କ୍ରୀଡ଼ା ଓ ଯୁବସେବା ବିଭାଗ ଏବଂ ଓଡ଼ିଶା ଅଲିମ୍ପିକ୍ ସଂଘ ଉଭୟ ଗୋଷ୍ଠୀ ଉପରୁ ବା ଏଓସିଏ ଉପରୁ ସ୍ୱୀକୃତି ପ୍ରତ୍ୟାହାର କରିନେଇ ଏହାକୁ ଅଚଳ କରିଦେଇପାରନ୍ତି। ପୂର୍ବରୁ ଓଡ଼ିଶା ଚେସ୍‌ରେ ଏଭଳି ଘଟଣା ଘଟିଛି ଓ ଖେଳାଳିମାନେ କ୍ଷତିଗ୍ରସ୍ତ ହୋଇଛନ୍ତି। ଏହାକୁ ଗୁରୁତ୍ୱ ଦେଇ ସଭାପତି ବା ବିଜୁ ପଟ୍ଟନାୟକ ପୁରସ୍କାର ବିଜେତା ଚେସ୍ ଗୁରୁ ସତ୍ୟରଞ୍ଜନ ପଟ୍ଟନାୟକ କିମ୍ବା ପେସାରେ ଇଞ୍ଜିନିୟର ଦେବବ୍ରତ ଭଞ୍ଜ ଯେତେ ଶୀଘ୍ର ନିଜ ନିଜ ମଧ୍ୟରେ ଥିବା ବିବାଦକୁ ସୁଧାରିନେବେ ସେତେଶୀଘ୍ର ରାଜ୍ୟ ଚେସ୍‌ର ଗାରିମା ତିଷ୍ଠି ରହିବ। ନଚେତ ପୁଣିଥରେ ଓଡ଼ିଶା ଚେସର କୃଷ୍ଣ ଭାବେ ବିବେଚିତ ବିବେକ ତିବରୱାଲଙ୍କୁ ଏହି ଚେସ-ଯୁଦ୍ଧରେ ଅବତୀର୍ଣ୍ଣ ହୋଇ ଏହାର ସମାଧାନ କରିବାକୁ ପଡ଼ିବ। ବିବାଦ ନ ତୁଟିଲେ ଉଭୟ ଗୋଷ୍ଠୀଙ୍କୁ ହଟାଇ ଏକ କାମଚଳା କମିଟି ହାତରେ ଓଡ଼ିଶା ଚେସ ପରିଚାଳନା ଭାର ଯେ ନ୍ୟସ୍ତ ନ ହେବ ତାହା ଜୋର ଦେଇ କହିହେବ ନାହିଁ।

■ କଳାହାଣ୍ଡି କପ୍ କ୍ରିକେଟ

## ବିଶ୍ୱଜିତ୍, ଶୁଭମ୍, ସ୍ୱୟଂଶୁଙ୍କ ବୋଲିଂ ସଫଳତା



ସ୍ୱୟଂଶୁ ପଟ୍ଟନାୟକ



ଶୁଭମ ନାୟକ



ଶୁଭମ ଦାସ

ଭୁବନେଶ୍ୱର, ୨।୩ (ସମିସ): ଆନ୍ତଃଜିଲ୍ଲା ସିନିଅର କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ କଳାହାଣ୍ଡି କପ୍‌ର ଗ୍ରୁପ- ଡି, ଇ ଓ ଏଫ୍ ପର୍ଯ୍ୟାୟ ଖେଳ ଜାରି ରହିଛି। ଏହିକ୍ରମରେ ସୋମବାର କଟକ ଓ ଭୁବନେଶ୍ୱରର ଅନୁଷ୍ଠିତ ମ୍ୟାଚରେ ଭୁବନେଶ୍ୱର-ବି'ର ବିଶ୍ୱଜିତ ମଲ୍ଲିକ, କେନ୍ଦୁଝରର ସ୍ୱୟଂଶୁ ପଟ୍ଟନାୟକ ଓ କଟକ-ଏ'ର ଶୁଭମ ନାୟକ ୫ ୱିକେଟ୍ ସଫଳତା ପାଇଛନ୍ତି। ଫଳରେ ଡ୍ରିମ୍ସ ଗ୍ରାଉଣ୍ଡରେ ଅନୁଷ୍ଠିତ ମ୍ୟାଚରେ କଟକ-ଏ ୧୦ ୱିକେଟରେ ରାୟଗଡ଼ାକୁ, ଜଟଣୀ ରେଲୱେ ଗ୍ରାଉଣ୍ଡରେ କେନ୍ଦୁଝର ୧୦୯ ରନରେ କନ୍ଧମାଳକୁ ଏବଂ ସେଞ୍ଚୁରିୟନ ବିଶ୍ୱବିଦ୍ୟାଳୟ ଗ୍ରାଉଣ୍ଡରେ ଭୁବନେଶ୍ୱର-ବି ୭ ୱିକେଟରେ ମୟୂରଭଞ୍ଜକୁ ପରାସ୍ତ କରିଛି।

ଦିବସରେ ଅନୁଷ୍ଠିତ ଅନ୍ୟ ମ୍ୟାଚ୍‌ଗୁଡ଼ିକରେ ଭଦ୍ରକ ୬ ୱିକେଟରେ ପୁରୀକୁ, ଅନୁଗୋଳ ୧୦୪ ରନରେ ବରଗଡ଼କୁ, ବାଲେଶ୍ୱର ୬ ୱିକେଟରେ ନୂଆପଡ଼ାକୁ, କଳାହାଣ୍ଡି ୩୧ ରନରେ ରାଉରକେଲାକୁ, କିଟ୍ ୭୯ ରନରେ ପାରାଦୀପକୁ, ଝାରସୁଗୁଡ଼ା ୯ ୱିକେଟରେ ଗଜପତିକୁ ପରାସ୍ତ କରିଛି। ଝାରସୁଗୁଡ଼ାର ତପନ ଗୁପ୍ତା (୩ ୱିକେଟ), କିଟ୍‌ର ପାର୍ଥସାରଥୀ ନାୟକ (୪୬ ରନ ଓ ୨ ୱିକେଟ), କଳାହାଣ୍ଡିର ଶୁଭମ ଦାସ (୪ ୱିକେଟ), ବାଲେଶ୍ୱରର ମାନସ ପାତ୍ର (୪ ୱିକେଟ), ଅନୁଗୋଳର ଆକାଶ ପ୍ରଧାନ (୨ ୱିକେଟ) ଓ ଭଦ୍ରକର କ୍ଷମାସାଗର ବଳ (୩ ୱିକେଟ) ଶ୍ରେଷ୍ଠ ପ୍ରଦର୍ଶନ କରିଥିଲେ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, PLOT NO.125, IRRIGATION COLONY, JEYPORE-764001, DIST: KORAPUT, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS